ବର୍ଷ-୫୬ : ସଂଖ୍ୟା-୫ ମେ, ୨୦୨୫ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ମେ, ୨୦୨୫


| | | | | |
|---|---|---|---|---|
| ପ୍ରାର୍ଥନା | ··· | ଶ୍ରୀମା | ··· | ୩ |
| ମାତୃବାଣୀ | ··· | ଶ୍ରୀମା | ··· | ୪ |
| ମନ୍ତ୍ରମୟୀ ସାବିତ୍ରୀ | ··· | ଶ୍ରୀଅରବିନ୍ଦ | ··· | ୫ |
| ଆଧ୍ୟାତ୍ମିକ ଅଭିଜ୍ଞତା | ··· | ଶ୍ରୀମା | ··· | ୬ |
| ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ (ଦ୍ୱାବିଂଶ ପରିଚ୍ଛେଦ) ଆଧ୍ୟାତ୍ମିକ ରୂପାନ୍ତରର ପ୍ରୟୋଜନ - (୨) | ··· | ଶେଖ ଅବଦୁଲ କାଶମ | ··· | ୭ |
| ଶୋକ ଓ ପାପ ପ୍ରତି ଆକୃଷ୍ଟ ମଣିଷ | ··· | ମନୋଜ ଦାସ | ··· | ୧୧ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୪୨) | ··· | ··· | ··· | ୧୪ |
| ପୂର୍ଣ୍ଣଯୋଗରେହିଁ ଜୀବନ ପୂର୍ଣ୍ଣ | ··· | ରାମକୃଷ୍ଣ ଦାସ | ··· | ୧୮ |
| ଭୟ ଦୂର କରିବା ଉଚିତ | ··· | ପ୍ରପତ୍ତି | ··· | ୨୨ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୯୭) | ··· | ମହେନ୍ଦ୍ରନାଥ ସ୍ୱାଇଁ | ··· | ୨୪ |
| କାରା-ଜୀବନୀ (୨) | ··· | ଉଲ୍ଲାସକର ଦତ୍ତ | ··· | ୨୮ |
| ନୂତନ ଶିକ୍ଷାର ଆହ୍ୱାନ (୨୦) | ··· | ଗୟାଧର ଦାଶ | ··· | ୩୧ |
| ସେଇ ଦୃଶ୍ୟ (କବିତା) | ··· | ଶରତ କୁମାରୀ ସ୍ୱାଇଁ | ··· | ୩୩ |
| ଦଶକର୍ମଧାରା (୫) | ··· | ପ୍ରସାଦ ତ୍ରିପାଠୀ | ··· | ୩୪ |
| ବୀର ସୈନିକ ପ୍ରପତ୍ତି | ··· | ବେଲା ଘୋଷ | ··· | ୩୭ |
| ନିର୍ବାଣ (କବିତା) | ··· | ଶ୍ରୀଅରବିନ୍ଦ | ··· | ୩୮ |
| ନୂତନ ଶିକ୍ଷାର ଅନ୍ୱେଷାରେ | ··· | ଗୀତାଞ୍ଜଳି ଦାଶ | ··· | ୩୯ |
| ଆଗମନୀ (କବିତା) | ··· | ଗୋପାଳକୃଷ୍ଣ ପଟ୍ଟନାୟକ | ··· | ୪୪ |
| ବିସ୍ମୃତ ବ୍ରତ | ··· | ମନୋଜ ଦାସ | ··· | ୪୫ |
| ମହାରାଜ ଅମ୍ବରୀଷ | ··· | ବନମାଳୀ ଆଚାର୍ଯ୍ୟ | ··· | ୪୭ |
| କୁହୁକ-ବର୍ଗରେ ୨୦୨୫ | ··· | ଧର୍ମକୁମାର ଶତପଥି | ··· | ୫୦ |
| ଅତୀନ୍ଦ୍ରିୟ ଜଗତର ଏକ ବିମର୍ଷକର ବାସ୍ତବତା | ··· | ମନୋଜ ଦାସ | ··· | ୫୩ |


❖

# ପ୍ରାର୍ଥନା

ତୁମ ମଧ୍ୟରେ, ତୁମ କାର୍ଯ୍ୟ ମଧ୍ୟରେ ଯୁଗପତ୍ ନିମଗ୍ନ ରହିବାକୁ ... ବ୍ୟକ୍ତିବିଶେଷ ରୂପେ ସୀମାବଦ୍ଧ ହୋଇ ନ ରହିବାକୁ ... ଗୋଟିଏ ବିନ୍ଦୁକୁ ଆଶ୍ରୟ କରି ତୁମର ଅସୀମ ଶକ୍ତିସିନ୍ଧୁ ହୋଇ ଉଠିବାକୁ ... ସକଳ ଶୃଙ୍ଖଳ ଓ ସକଳ ସଂକୀର୍ଣ୍ଣତା ହସ୍ତରୁ ମୁକ୍ତିଲାଭ କରିବାକୁ ... ସକଳ ବାଧକ ଚିନ୍ତାର ଊର୍ଦ୍ଧ୍ୱକୁ ଉଠିଯିବାକୁ ... କର୍ମ ବାହାରେ ଥାଇ କର୍ମ କରିବାକୁ ... ବ୍ୟକ୍ତି ସହ ଏବଂ ବ୍ୟକ୍ତି ସକାଶେ କର୍ମ କରିବାକୁ କିନ୍ତୁ ସେହି ଅଦ୍ୱିତୀୟ ଏକତ୍ୱର ବୋଧ ରଖିବାକୁ – ପ୍ରେମର ଏକତ୍ୱ, ଜ୍ଞାନର ଏକତ୍ୱ, ସତ୍ତାର ଏକତ୍ୱ – ମୁଁ ଚାହେଁ । ହେ ମୋର ଦିବ୍ୟ ପ୍ରଭୁ, ଶାଶ୍ୱତ ଗୁରୁ, ଏକମାତ୍ର ସଦ୍‌ବସ୍ତୁ, ଏହି ଆଧାରରୁ ସକଳ ଅନ୍ଧକାର ଦୂର କର, ଏହାକୁ ତୁମେ ଗଢ଼ିଛ ତୁମର ସେବା ସକାଶେ, ଜଗତରେ ତୁମର ଅଭିବ୍ୟକ୍ତି ସକାଶେ । ଏହା ମଧ୍ୟରେ ଗଢ଼ିତୋଳ ସେହି ବାସ୍ତବ ପରାଚେତନା ଯାହାଠାରୁ ସର୍ବତ୍ର ଅନୁରୂପ ଚେତନା ଜନ୍ମଗ୍ରହଣ କରିବ ।

ହେ ଭଗବାନ୍, ଏହାହିଁ କର, ନିତ୍ୟପରିବର୍ତ୍ତନଶୀଳ ଏହି ବାହ୍ୟ ଦୃଶ୍ୟାବଳିକୁ ଆଉ ଯେପରି ନଦେଖେ; ବରଂ ତୁମର ଏକମାତ୍ର ଅପରିବର୍ତ୍ତନୀୟ ଏକତ୍ୱକୁହିଁ ସର୍ବତ୍ର ଓ ସକଳ ବସ୍ତୁରେ ଦେଖିପାରେ !

ହେ ଭଗବାନ୍, ଅପ୍ରତିହତ ମିନତି ସହ ମୋର ସମସ୍ତ ସତ୍ତା ତୁମକୁ ଆହ୍ୱାନ କରୁଛି; ତୁମେ କ'ଣ ଚାହୁଁ ନାହଁ ମୁଁ ମୋର ସର୍ବାଙ୍ଗ ଚେତନାରେ ତୁମେହିଁ ହୋଇ ଉଠିବାକୁ, ଯେହେତୁ ମୂଳତଃ ମୁଁହିଁ ତୁମେ ଏବଂ ତୁମେହିଁ ମୁଁ ?

ମେ ୪, ୧୯୧୪ — ଶ୍ରୀମା



# ମାତୃବାଣୀ

We must go farther on, we must advance, climb greater heights and go beyond the arid search for pleasure and personal welfare, not through fear of punishment, even punishment after death, but through the development of a new sense of beauty, a thirst for truth and light, through understanding that it is only by widening yourself, illumining yourself, setting yourself ablaze with the ardour for progress, that you can find both integral peace and enduring happiness.

One must rise up and widen — rise up ... and widen.

(CWM, Vol. 3, pp. 236 ) – The Mother

ଆମକୁ ଆହୁରି ଦୂରକୁ ଯିବାକୁ ହେବ, ଆମକୁ ଅଗ୍ରସର ହେବାକୁ ହେବ, ବିଶାଳତର ଉଚ୍ଚତା ଅଭିମୁଖରେ ଉତ୍ଥିତ ହେବାକୁ ହେବ, ସୁଖ ଓ ନିଜର ବ୍ୟକ୍ତିଗତ କୁଶଳ ପାଇଁ ସମସ୍ତ କ୍ଷୁଧାତୁର ବାସନାକୁ ଅତିକ୍ରମ କରିବାକୁ ହେବ, କୌଣସି ଶାସ୍ତି, ଏପରିକି ପାରଲୌକିକ ଶାସ୍ତିର ଭୟରେ ନୁହେଁ – ଏହା କରିବାକୁ ହେବ ଏକ ନୂତନ ସୌନ୍ଦର୍ଯ୍ୟବୋଧର ବିକାଶ ଦ୍ୱାରା, ସତ୍ୟ ଓ ଆଲୋକର ଏକ ପିପାସା ଦ୍ୱାରା ଏବଂ ଏହା ବୁଝିବା ଦ୍ୱାରା ଯେ କେବଳ ନିଜକୁ ପ୍ରସାରିତ କରିବା ଦ୍ୱାରା, ନିଜକୁ ଆଲୋକିତ କରିବା ଦ୍ୱାରା, ଅଗ୍ରଗତି ପାଇଁ ଆବେଗପୂର୍ଣ୍ଣ ଉତ୍ସାହର ଆଲୋକ ଜାଳି ନିଜକୁ ଉଦ୍ଭାସିତ କରିବା ଦ୍ୱାରାହିଁ ଆମେ ତହିଁ ସଙ୍ଗେ ସଙ୍ଗେ ଯୁଗପତ୍ ଆନ୍ତର ଶାନ୍ତି ଓ ଦୀର୍ଘସ୍ଥାୟୀ ଆନନ୍ଦ ପାଇ ପାରିବୁ ।

ଆମକୁ ଉର୍ଦ୍ଧ୍ୱୋତ୍ଥିତ ହେବାକୁ ହେବ ଏବଂ ନିଜକୁ ପ୍ରସାରିତ କରିବାକୁ ହେବ – ଉର୍ଦ୍ଧ୍ୱୋତ୍ଥିତ ହେବାକୁ ହେବ ... ପ୍ରସାରିତ କରିବାକୁ ହେବ ।

– ଶ୍ରୀମା



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଏକାଦଶ ସର୍ଗ, ବୃହତ୍ତର ମାନସର ରାଜ୍ୟସକଳ ଓ ଦେବବୃନ୍ଦ

**(The Kingdoms and Godheads of the Greater Mind)**

**(୧୭)**

## ଶ୍ରୀଅରବିନ୍ଦ

In the wide sequence of Necessity's steps
Predicted, every act and thought of God,
Its values weighed by the accountant Mind,
Checked in his mathematised omnipotence,
Lost its divine aspect of miracle
And was a figure in a cosmic sum.

ଅନିବାର୍ଯ୍ୟ ବିଶ୍ୱବିଧାନର ପଦକ୍ଷେପସକଳର ସୁବିସ୍ତୃତ କ୍ରମବିନ୍ୟାସରେ ପୂର୍ବଘୋଷିତ, ଈଶ୍ୱରଙ୍କର ପ୍ରତିଟି କର୍ମ ଓ ଭାବନା ହରାଇ ବସିଥିଲା ତା'ର ଅଲୌକିକତାର ଦିବ୍ୟ ବିଭାବ ଏବଂ ମହାଜାଗତିକ ସମଷ୍ଟିର ଏକ ସଂଖ୍ୟା ରୂପେ ତାହା ତିଷ୍ଠି ରହିଥଲା । ହିସାବ-ରକ୍ଷକ ମାନସ ଦ୍ୱାରା ତାହାର ମୂଲ୍ୟଚୟର ଓଜନ ନିର୍ଦ୍ଧାରିତ ହେଉଥିଲା, ତାହାର ଗଣିତସିଦ୍ଧ ସର୍ବଶକ୍ତିମତ୍ତାରେ ହେଉଥିଲା ସେସବୁର ତନଖି ।

The mighty Mother's whims and
lightning moods
Arisen from her all-wise unruled delight
In the freedom of her sweet and
passionate breast,
Robbed of their wonder were chained
to a cause and aim;
An idol of bronze replaced her mystic shape
That captures the movements of
the cosmic vasts,
In the sketch precise of an ideal face
Forgotten was her eyelashes' dream-print
Carrying on their curve infinity's dreams,
Lost the alluring marvel of her eyes;
The surging wave-throbs of her vast sea-heart
They bound to a theorem of ordered beats:
Her deep designs which from herself
she had veiled
Bowed self-revealed in their confessional.

ଶକ୍ତିମୟୀ ବିଶ୍ୱଜନନୀଙ୍କର ସୁମଧୁର ତଥା ଆବେଗଭରା ବକ୍ଷସ୍ଥଳର ବିମୁକ୍ତତାରେ ତାଙ୍କର ସର୍ବଜ୍ଞାନମୟ ଅବାଧ ଆନନ୍ଦରୁ ଉତ୍ସାରିତ ଖିଆଲ ଓ ବିଦ୍ୟୁତ୍-ବେଗଯୁକ୍ତ ମିଜାଜସକଳ ଏକ କାରଣ ଓ ଲକ୍ଷ୍ୟ ସହିତ ଶିକୁଳିବଦ୍ଧ ହୋଇ ରହିଥିଲେ, ସେଗୁଡ଼ିକର ବିସ୍ମୟ ହୋଇଥିଲା ବିଲୁଣ୍ଠିତ; ତାଙ୍କର (ବିଶ୍ୱମାତାଙ୍କର) ସେହି ମରମୀ ରୂପାକୃତି ଯାହା ମହାଜାଗତିକ କେତେ କେତେ ବିଶାଳତାକୁ କରାୟତ୍ତ କରୁଥାଏ, ତାହାକୁ ସ୍ଥାନାପନ୍ନ କରିଥିଲା କାଂସ୍ୟର ଏକ ପ୍ରତିମା, ଏକ ଆଦର୍ଶ ମୁଖମଣ୍ଡଳର ସୁନିର୍ଦ୍ଦିଷ୍ଟ ରେଖାଚିତ୍ରରେ ବିସ୍ମୃତ ହୋଇଥିଲା ତାଙ୍କ ଚକ୍ଷୁପକ୍ଷ୍ମଯୁଗଳର ସ୍ୱପ୍ନ-ଲିପି ଯାହା ଆପଣାର ବକ୍ରତାରେ ବହନ କରୁଥିଲା ଅସୀମତାର ସ୍ୱପ୍ନାବଳୀ, ହଜିଯାଇଥିଲା ତାଙ୍କ ନୟନର ପ୍ରଲୁବ୍ଧକାରୀ ଚମତ୍କାରିତା; ତାଙ୍କ ବିପୁଳ ସାଗର-ହୃଦୟର ଉତ୍ତାଳ ତରଙ୍ଗ-ସ୍ପନ୍ଦନମାଳାକୁ ସେମାନେ (ଅର୍ଥାତ୍ ମନୋମୟ ଲୋକର ଦେବଗଣ) ଏକ ଶୃଙ୍ଖଳାବଦ୍ଧ ଛନ୍ଦାବଳିର ଉପପାଦ୍ୟ ସହିତ ବାନ୍ଧି ଦେଇଥିଲେ : ଆପଣାର ଗଭୀର ପରିକଳ୍ପନାରାଜି ଯାହାକୁ ସେ ଆପଣାଠାରୁ ଅବଗୁଣ୍ଠିତ କରି ରଖିଥିଲେ, ସେଗୁଡ଼ିକ ସେମାନଙ୍କ ସ୍ୱୀକାରୋକ୍ତି ମଧ୍ୟରେ ଅବନତ ଭଙ୍ଗୀରେ ସ୍ୱୟଂପ୍ରକାଶିତ ହୋଇଯାଉଥିଲେ ।

For the birth and death of the worlds they
fixed a date,
The diameter of infinity was drawn,
Measured the distant arc of the unseen heights

*(ଅବଶିଷ୍ଟାଂଶ ପୃଷ୍ଠା ୧୦ରେ ଦେଖନ୍ତୁ)*

# ଆଧ୍ୟାତ୍ମିକ ଅଭିଜ୍ଞତା

## ଶ୍ରୀମା

### ଆଧ୍ୟାତ୍ମିକ ଅଭିଜ୍ଞତା

*ପ୍ରଶ୍ନ: ମା ! ଆପଣ ଆଧ୍ୟାତ୍ମିକ ଅଭିଜ୍ଞତାର କଥା କହନ୍ତି । ସେହି ଅଭିଜ୍ଞତାଟି କ'ଣ ଏବଂ ତାହା କିପରି ଲାଭ କରାଯାଏ ?*

ଉତ୍ତର: ଏହା ଏପରି ଏକ ଅଭିଜ୍ଞତା ଯାହାକି ତୁମେ ସାଧାରଣତଃ ଯେଉଁ ଚେତନାର ସ୍ତରରେ ଥାଅ ତା'ଠାରୁ ବହୁ ଊର୍ଦ୍ଧ୍ୱରେ ଏକ ଚେତନା ସହିତ ତୁମକୁ ସଂପର୍କିତ କରାଇ ଥାଏ । ତୁମ ନିଜ ସମ୍ବନ୍ଧେ ତୁମର ଏକ ନିର୍ଦ୍ଦିଷ୍ଟ ଅନୁଭବ ଥାଏ, ତୁମେ ନିଜେ ବି ସେ ସମ୍ବନ୍ଧେ ଜାଣିପାରି ନଥାଅ, ତୁମେ ବୁଝିଥାଅ ଯେ ଏହା ହେଉଛି ତୁମ ପାଇଁ ଏକ ସାଧାରଣ ଅବସ୍ଥା । ଆଚ୍ଛା, ଯଦି ହଠାତ୍ ଏକ ସମୟରେ ତୁମ ଭିତରେ ତୁମେ ସଚେତନ ହୋଇଉଠିଲ ଯେ କିଛି ଗୋଟାଏ ଖୁବ୍ ସ୍ୱତନ୍ତ୍ର ଅନୁଭବ, ଖୁବ୍ ଊର୍ଦ୍ଧ୍ୱସ୍ତରର ଅନୁଭବ, ଯାହା ତୁମ ଭିତରକୁ ଆସି ଯାଇଛି ତା'ହେଲେ ସେ ଯାହା ହେଉ ପଛକେ ଏହା ନିଶ୍ଚୟ ଏକ ଆଧ୍ୟାତ୍ମିକ ଅଭିଜ୍ଞତା । ତୁମେ ସେହି ଅନୁଭବଟିକୁ ତୁମର ମାନସିକ ଧାରଣା ଦେଇ ଗୋଟିଏ ରୂପ ଦେଇପାର କିଂବା ରୂପ ଦେଇ ନପାର; ତୁମେ ତୁମ ନିକଟରେ ତାକୁ ବ୍ୟାଖ୍ୟା କରିପାର ବା କରି ନପାର; ସେହି ଅନୁଭବଟି ତୁମ ଭିତରେ ରହିପାରେ ବା ଚାଲି ଯାଇପାରେ, ଏହା ମୁହୂର୍ତ୍ତକ ମଧ୍ୟରେ ସଂଘଟିତ ହୋଇ ଥାଇପାରେ । କିନ୍ତୁ ତୁମ ଚେତନାରେ ଯେତେବେଳେ ତୁମେ ଏହି ମୌଳିକ ପାର୍ଥକ୍ୟଟି ଲକ୍ଷ୍ୟ କରିବ, ଏବଂ ଯେତେବେଳେ, ସ୍ୱାଭାବିକ ରୂପେ, ଚେତନାରେ ସେହି ବିଶେଷ ଗୁଣଟି ... ଖୁବ୍ ଊର୍ଦ୍ଧ୍ୱସ୍ତରର ହୋଇଥିବ, ଅଧିକ ସ୍ପଷ୍ଟ ବା ପରିଚ୍ଛନ୍ନ ହୋଇଥିବ, ଅଧିକ ଶୁଦ୍ଧ ପବିତ୍ର ହୋଇଥିବ, ଯାହାକି ଜଣଙ୍କର ପୂର୍ବର ଅଭିଜ୍ଞତା ଠାରୁ ଅଧିକ, ତା'ହେଲେ ତୁମେ ତାକୁ ଆଧ୍ୟାତ୍ମିକ ଅଭିଜ୍ଞତା କହିପାର । ଏହାର ଅର୍ଥ, ଏହିପରି ହଜାର ହଜାର ଅନୁଭବକୁ ଆଧ୍ୟାତ୍ମିକ ଉପଲବ୍ଧି ବୋଲି ମନେ କରାଯାଇପାରେ ।

### ଶବ୍ଦମାନଙ୍କ ଭିତରୁ ବାହାରି ଆସ

ସବୁଠାରୁ ବଡ଼ ଅସୁବିଧାଟି ହେଲା ତୁମେ ଶବ୍ଦମାନଙ୍କ ସାହାଯ୍ୟରେ ଚିନ୍ତା କରୁଥାଅ, କିନ୍ତୁ ଏହି ଶବ୍ଦଗୁଡ଼ିକ ଫମ୍ପା, ଅର୍ଥହୀନ ; ଅଧିକାଂଶ ସମୟରେ ସେଗୁଡ଼ିକ କେବଳ ଶବ୍ଦମାତ୍ର — ତୁମେ **ଈଶ୍ୱର**ଙ୍କ ସମ୍ପର୍କରେ କହିଥାଅ, ତୁମେ **ପରମ** ଓ **ଯୋଗ** ସମ୍ବନ୍ଧେ କହିଥାଅ, ତୁମେ ଏମିତି ବହୁକଥା କହିଥାଅ, କିନ୍ତୁ ସେହି ଶବ୍ଦଗୁଡ଼ିକୁ କହିଲା ବେଳେ ସେଗୁଡ଼ିକ ତୁମ ମୁଣ୍ଡ ଭିତରେ କିଛି ଗୋଟାଏ ବାସ୍ତବ ବସ୍ତୁ ସହିତ ସମ୍ପର୍କିତ ହୋଇଛନ୍ତି କି ? କୌଣସି ଏକ ନିର୍ଦ୍ଦିଷ୍ଟ ଚିନ୍ତା, ଅନୁଭୂତି କିଂବା ଏକ ସ୍ପଷ୍ଟ ଧାରଣା, ଏକ ଅଭିଜ୍ଞତା, ଏସବୁ ସହିତ ତୁମ ଉଚ୍ଚାରିତ ଶବ୍ଦଗୁଡ଼ିକର କିଛି ସଂପର୍କ ଥାଏ କି ? କିଂବା ସେଗୁଡ଼ିକ କେବଳ ଶବ୍ଦମାତ୍ର ? ...

ତୁମେ ବିଷୟଟିକୁ ଅବଶ୍ୟ ଦେଖିବା ଉଚିତ, ଶବ୍ଦମାନଙ୍କ ପଛରେ ଥିବା ଅଭିଜ୍ଞତା ସହ ପରିଚିତ ହେବା ଉଚିତ । ଏଠାରେ ଆମେ **'ଯୋଗ'** ବିଷୟରେ କଥାବାର୍ତ୍ତା ହେଉ । କିନ୍ତୁ ଅନ୍ୟଠାରେ ଆଉ ଜଣେ ତାକୁ ଅନ୍ୟପ୍ରକାରେ କହିପାରେ; କେହି ହୁଏତ କହିବ, ''ମୁଁ ମୋର **ଜୀବନର ଉଦ୍ଦେଶ୍ୟ** କ'ଣ ତାହା ଖୋଜୁଛି'', ବା ଏହିପରି ଆଉ କିଛି କହିପାରେ । ଯାହାର ଧର୍ମାନୁରାଗ ରହିଛି, ସେ ହୁଏତ କହିବ, ''ମୁଁ ଦିବ୍ୟ ଉପସ୍ଥିତି ଚାହେଁ'' । ସେଇ କଥାକୁ ପଚାଶ ପ୍ରକାରେ କହି ହୁଏ କିନ୍ତୁ ଏଠାରେ **ଯାହା** ବିଷୟରେ କୁହାଯାଏ, ସେ ବିଷୟଟି ଗୁରୁତ୍ୱପୂର୍ଣ୍ଣ । ତାହା ତୁମେ ତୁମର ମୁଣ୍ଡ ଭିତରେ ଅନୁଭବ କରିବା ଉଚିତ, ତୁମ ହୃଦୟରେ ଅନୁଭବ କରିବା ଉଚିତ, ସବୁ କ୍ଷେତ୍ରରେ । ମୋଟ ଉପରେ ତୁମର ଅଭିଜ୍ଞତାଟି ବାସ୍ତବ, ଜୀବନ୍ତ ହେବା ଉଚିତ, ତା' ନହେଲେ ତୁମେ ଅଗ୍ରଗତି କରିପାରିବ ନାହିଁ । ଶବ୍ଦମାନଙ୍କ ଭିତରୁ ତୁମେ ବାହାରି ଆସିବା ଉଚିତ ଓ କାର୍ଯ୍ୟରେ ସାମିଲ ହେବା ଉଚିତ — ଅଭିଜ୍ଞତା ଭିତରେ ଓ ଜୀବନ ଭିତରେ ପ୍ରବେଶ କରିବା ଉଚିତ ।

(The Great Adventure
*A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ

## (ଦ୍ୱାବିଂଶ ପରିଚ୍ଛେଦ)

## ଆଧ୍ୟାତ୍ମିକ ରୂପାନ୍ତରର ପ୍ରୟୋଜନ - (୨)

ଶେଖ ଅବଦୁଲ କାଶମ

ଜୀବନ ଓ ଆଧ୍ୟାତ୍ମିକତା ମଧ୍ୟରେ ବିଭାଜନ ସୃଷ୍ଟି କରିବା ବା ସେ ଦୁଇଟି ମଧ୍ୟରେ କୌଣସି ସାଲିସ କରିବା ଅଥବା ଗୋଟିକୁ ପରିତ୍ୟାଗ କରି ଅନ୍ୟଟିକୁ ଆବୋରି ବସିବା – ଏଗୁଡ଼ିକ ଆମକୁ ଯଥାର୍ଥ ପଥରୁ ବିଚ୍ୟୁତ କରି ନିଏ । ପଥରୁ ମୁହଁ ମୋଡ଼ି ବିପଥରେ ଚାଲିଯିବା ଦ୍ୱାରା ଯେଉଁ ଭୁଲ୍ ହୁଏ, ପଥଟିରେ ଚାଲୁ ଚାଲୁ ଆମେ କରି ବସୁଥିବା ଭୁଲ୍ ଆମକୁ ତା' ଅପେକ୍ଷା ଅଧିକ ବେଶୀ ଶିକ୍ଷା ଦେଇଥାଏ । ଆଧ୍ୟାତ୍ମିକ ଜୀବନ ବା ଆଧ୍ୟାତ୍ମିକ ଧାରଣାକୁ ଆଣି ମନୋମୟ, ପ୍ରାଣଗତ ଓ ଭୌତିକ ସ୍ୱଭାବ ଉପରେ ଲଦି ଦେବା ଦ୍ୱାରା ବିଶେଷ କିଛି ସୁଫଳ ମିଳେ ନାହିଁ । ବେଳେ ବେଳେ ଆଧ୍ୟାତ୍ମିକତାକୁ ଗୁରୁତ୍ୱ ଦେବା ନାମରେ ଭୌତିକ, ପ୍ରାଣଗତ ଓ ମନୋଗତ ଜୀବନକୁ ଦୁର୍ବଳ ଓ କ୍ଷୀଣ କରି ଦିଆଯାଏ କିଂବା କୌଣସି ସ୍ୱାର୍ଥସିଦ୍ଧି ପାଇଁ ଏଗୁଡ଼ିକ ମଧ୍ୟରେ ସାଲିସ ମଧ୍ୟ କରାଯାଏ । ନିମ୍ନତର ପ୍ରକୃତି ଆପଣା କ୍ଷେତ୍ରରେ ନିରଙ୍କୁଶ ହେବା ଲାଗି ଆଧ୍ୟାତ୍ମିକତାକୁ ସର୍ବୋଚ୍ଚ ସିଦ୍ଧି ବୋଲି ନାମକୁ ମାତ୍ର ସ୍ୱୀକାର କରିନିଏ ଏବଂ ତାକୁ ସମ୍ମାନ ମଧ୍ୟ ଦିଏ । ଅତୀତରେ ସମାଜର ଅଗ୍ରଗତି ଏତିକି ଦୂର ଯାଏ ହୋଇଛି । ଏହାଠାରୁ ଅଧିକ ଉପଲବ୍ଧି ତା' ଦ୍ୱାରା ସମ୍ଭବ ହୋଇ ନାହିଁ ।

ଆମକୁ ସମ୍ପୂର୍ଣ୍ଣ ପଥଟିଏ ଗ୍ରହଣ କରିବାକୁ ହେବ । କୌଣସି ଆଂଶିକ ପଥ ବା ଆଂଶିକ ସିଦ୍ଧିରେ ସନ୍ତୁଷ୍ଟ ହୋଇ ରହିଗଲେ ଆମେ ଜୀବନର ଅସଲ ମହତ୍ତ୍ୱ ଓ ଉଦ୍ଦେଶ୍ୟକୁ ହରାଇ ବସିବା । କେବଳ କିଛି କ୍ଷଣ ଲାଗି ଆଧ୍ୟାତ୍ମିକତାର ସ୍ପର୍ଶ ପାଇଗଲେ ତା' ଦ୍ୱାରା ଜୀବନର ମୌଳିକ ପରିବର୍ତ୍ତନ ଘଟିବ ନାହିଁ । ଆଧ୍ୟାତ୍ମିକତାର କେବଳ ସାମାନ୍ୟ କିଛି ପ୍ରଭାବ ଗ୍ରହଣ କରିଥିବା ଏକ ନିତ୍ୟନୈମିତ୍ତିକ ସାଧାରଣ ଜୀବନ ଭିତରେ ଆମେ ଅଟକି ରହିଯିବା ଉଚିତ ନୁହେଁ । ତା' ପରିବର୍ତ୍ତେ ଆମେ ଦିବ୍ୟ ବିଧାନ ପ୍ରତି ସର୍ବାନ୍ତଃକରଣରେ ଏଭଳି ଆସ୍ପୃହା କରିବା ଉଚିତ ଯଦ୍ୱାରା ଆମର ସମଗ୍ର ଜୀବନ ଆଧ୍ୟାତ୍ମିକତା ଆଡ଼କୁ ଉତ୍ତୋଳିତ ହୋଇଯିବ ଏବଂ ତାହା ପରିପୂର୍ଣ୍ଣ ତଥା ରୂପାନ୍ତରିତ ହୋଇଯିବ ।

ଆଧ୍ୟାତ୍ମିକ ରୂପାନ୍ତରକୁ ସମ୍ଭବ କରିବାକୁ ହେଲେ ଆମକୁ ଆମର ବର୍ତ୍ତମାନର ଜୀବନରେ ପ୍ରଧାନ ପ୍ରେରକ ଶକ୍ତି ହୋଇ କାର୍ଯ୍ୟ କରୁଥିବା ପ୍ରାଣିକ ଇଚ୍ଛାଶକ୍ତି ପରିବର୍ତ୍ତେ ଆଧ୍ୟାତ୍ମିକ ଇଚ୍ଛାଶକ୍ତିକୁହିଁ ଜୀବନର କେନ୍ଦ୍ରୀୟ ଶକ୍ତି ଓ କେନ୍ଦ୍ରୀୟ ପ୍ରେରଣା ରୂପେ ଗ୍ରହଣ କରିବାକୁ ହେବ । ବର୍ତ୍ତମାନ ଏହି ଆଧ୍ୟାତ୍ମିକ ଇଚ୍ଛାଶକ୍ତିର ଅତ୍ୟନ୍ତ କ୍ଷୀଣ ଓ ଅସ୍ପଷ୍ଟ ଅନୁଭବ ମାତ୍ର ଆମେ ପାଇ ପାରୁଛୁ । ତାହା ଆପଣାର ସ୍ୱକୀୟ ପ୍ରକୃତିରେ ସର୍ବଦା ଅତିମାନସ ହୋଇ ରହିଛି । ଯେଉଁ ମୂଳ ଇଚ୍ଛାଶକ୍ତି ପ୍ରାଣ ଓ ଜଡ଼ ସ୍ତରରେ ପ୍ରାଣପ୍ରଧାନ ଇଚ୍ଛା ରୂପେ କାର୍ଯ୍ୟ କରୁଥିଲା ତାହା ମନସ୍ତରରେ ବର୍ତ୍ତମାନ ମନୋଗତ ଧାରଣାର ଛଦ୍ମବେଶରେ କାର୍ଯ୍ୟ କରୁଛି । ପ୍ରକୃତି ଇତର ପ୍ରାଣୀ ସ୍ତରର ଭୌତିକ ମନର ସୋପାନରୁ ଲମ୍ଫ ପ୍ରଦାନ କରି ମନନଶୀଳ ମନ(thinking mind)ରେ ଆସି ପହଞ୍ଚିଛି । ବର୍ତ୍ତମାନ ତାହା ଆଉ ଏକ ଲମ୍ଫ ପ୍ରଦାନ ପାଇଁ ପ୍ରସ୍ତୁତ ହେଉଛି, ଅର୍ଥାତ୍ ଅତିମାନସ ଭୂମିରେ ପହଞ୍ଚିବା ଲାଗି ଉଦ୍ୟତ ହେଉଛି । ସୁତରାଂ ପ୍ରକୃତିର ନିମ୍ନତର ପ୍ରାଣଗତ ଆବେଗଟିହିଁ ଆଉ ଆମ ଜୀବନର ପ୍ରଧାନତମ ପ୍ରେରକ ଶକ୍ତି ରୂପେ ରହିପାରିବ ନାହିଁ । ପ୍ରକୃତି ସେଇ ଆବେଗଟିକୁ ଆମ ଭିତରେ ସିଦ୍ଧ କରି ସାରିଛି ଏବଂ ବର୍ତ୍ତମାନ ତାହା ଆଧ୍ୟାତ୍ମିକ ଇଚ୍ଛାକୁହିଁ ଜୀବନର ମୂଳ ପ୍ରେରକ ଶକ୍ତି ରୂପେ ଉପଯୋଗ କରିବାକୁ ଚେଷ୍ଟା କରିବ । ବର୍ତ୍ତମାନ ସେଇ ପ୍ରାଣଗତ ଆବେଗଟି ଆମର ଅହଂ କେନ୍ଦ୍ରଟିର ଚାରି ପାଖରେ କେବଳ ଘୂରି ବୁଲୁଛି ଏବଂ ଆମେ ଏହାକୁ ଆମ ଜୀବନର କେନ୍ଦ୍ରୀୟ ଶକ୍ତି ରୂପେ ଆଉ ବ୍ୟବହାର କରିବା ନାହିଁ । ଅହଂକୁ ଅତିକ୍ରମ କରି ଆମକୁ ମୂଳ ଆଧ୍ୟାତ୍ମିକ ଇଚ୍ଛାଶକ୍ତି ପାଖରେ ପହଞ୍ଚିବାକୁ ହେବ ଯାହାକି ଆମ ସତ୍ତାର ଅତ୍ୟନ୍ତ ଗଭୀରରେ ନିଗୂଢ଼ ହୋଇ ରହିଛି । ସେଇ ଆଧ୍ୟାତ୍ମିକ ଇଚ୍ଛା ବା ଶକ୍ତିକୁ ଆବିଷ୍କାର କରିପାରିଲେ ତାହାରି ବିଶ୍ୱାତ୍ମକତା ମାଧ୍ୟମରେ ଆମେ ଅନ୍ୟ ସମସ୍ତଙ୍କ ସହିତ ଏକାତ୍ମ ହୋଇ ପାରିବା ।

ଆଧ୍ୟାତ୍ମିକ ଇଚ୍ଛାଶକ୍ତି ବା ସାମର୍ଥ୍ୟକୁ ମନୋଭୂମି ପର୍ଯ୍ୟନ୍ତ

ନେଇ ଆସିବାକୁହିଁ ଏପର୍ଯ୍ୟନ୍ତ ଆମର ସମସ୍ତ ଉଦ୍ୟମ ନିୟୋଜିତ ହୋଇଛି । ମନ ହେଉଛି ଏକ ମଧ୍ୟବର୍ତ୍ତୀ ତତ୍ତ୍ୱ ବା ସୋପାନ । ଏହା କେବଳ ଅନ୍ୟ ଏକ ଶକ୍ତିର ସାଧନ ରୂପେହିଁ କାର୍ଯ୍ୟ କରି ଆସିଛି, ଅନ୍ୟ ଗୋଟିଏ ତତ୍ତ୍ୱ ଉପରେ ନିର୍ଭର କରି ଆସିଛି । ସ୍ୱତନ୍ତ୍ର ହୋଇ ରହିବାର ସାମର୍ଥ୍ୟ ଏହାର ନାହିଁ । ସୁତରାଂ ଯଦିଓ ଏହା ସାମୟିକ ଭାବେ ଆପଣାର ସନ୍ତୋଷକୁ ସ୍ୱତନ୍ତ୍ର ଭାବରେ ଖୋଜିବାକୁ ଚେଷ୍ଟା କରେ ତଥାପି ସେତିକିରେ ସେ ସନ୍ତୁଷ୍ଟ ହୋଇ ରହିପାରେ ନାହିଁ । ଫଳରେ ଏହା ପାଖରେ ଦୁଇଟି ବିକଳ୍ପ ରହିଛି । ଏହା ନିମ୍ନମୁଖୀ ଓ ବହିର୍ମୁଖୀ ହୋଇ ପ୍ରାଣଗତ ତଥା ଭୌତିକ ଜୀବନ ପ୍ରତି ଆକର୍ଷିତ ହୋଇଯିବ ଅଥବା ଏହାକୁ ଉର୍ଦ୍ଧ୍ୱମୁଖୀ ଓ ଅନ୍ତର୍ମୁଖୀ କରି ଆଧ୍ୟାତ୍ମିକ ଶକ୍ତି ଆଡ଼କୁ ଉତ୍ତୋଳିତ ହୋଇଯିବାକୁ ପଡ଼ିବ ।

ଏହି କାରଣରୁ ଆମର ଭାବନା, କଳାକୃତି, ଆଚରଣ ତଥା ଜୀବନର କ୍ଷେତ୍ରରେ ଆମେ ଆଦର୍ଶବାଦୀ ଓ ବାସ୍ତବବାଦୀ ଏହିପରି ଦୁଇଟି ପ୍ରବୃତ୍ତି ମଧ୍ୟରେ ବିଭକ୍ତ ହୋଇ ରହିଛୁ । ଭୌତିକ, ପ୍ରାଣଗତ ଓ ମନୋଗତ ଗତିବୃତ୍ତିକୁ ନେଇ ଆମର ଯେଉଁ ବାସ୍ତବ ଜୀବନଟି ଗଠିତ, ତା' ସହିତ ଆମେ ଚିର ଅଭ୍ୟସ୍ତ ଓ ଚିର ପରିଚିତ । ତାହା ଆମ ଜୀବନରେ ସମ୍ପନ୍ନ ହୋଇ ସାରିଛି । ତାହା ଆମର ପ୍ରତ୍ୟକ୍ଷୀଭୂତ ଓ ଇନ୍ଦ୍ରିୟବୋଧ । ତେଣୁ ତାହା ଆମକୁ ଅଧିକ ବାସ୍ତବ ବୋଲି ମନେ ହୁଏ । ଅନ୍ୟପକ୍ଷରେ ଆଦର୍ଶବାଦୀ ପ୍ରବୃତ୍ତିଟି ଆମକୁ ଅବାସ୍ତବ ବୋଲି ମନେ ହେଉଛି, କାରଣ ତାହା କେବଳ ଆମ ଭାବନାରେ, କଳ୍ପନାରେ ତଥା କଥାରେହିଁ ରହିଛି । ଆମର ଇନ୍ଦ୍ରିୟଗୋଚର ହୋଇ ନାହିଁ, ସ୍ଥୂଳରେ ପ୍ରକାଶିତ ହୋଇ ନାହିଁ । ଯେଉଁ ସତ୍ୟ ବା ଆଦର୍ଶଟିକୁ ପାଇବା ଲାଗି ଆମର ଆଦର୍ଶବାଦୀ ପ୍ରବୃତ୍ତିଟି କାର୍ଯ୍ୟ କରୁଛି ତାହା ଏପର୍ଯ୍ୟନ୍ତ ଉପଲବ୍ଧ ହୋଇ ନାହିଁ । ତାହା ଆମର ବାହ୍ୟ ଜୀବନକୁ ଆସି ତହିଁର ଅପୂର୍ଣ୍ଣତାଗୁଡ଼ିକ ସହିତ ନିଜକୁ ଖାପ ଖୁଆଇ ପାରି ନାହିଁ ବା ସେଗୁଡ଼ିକୁ ବଦଳାଇ ପାରି ନାହିଁ ।

ଆଦର୍ଶଟି ଆମ ଜୀବନରେ ବାସ୍ତବିକତାରେ ପରିଣତ ନହେବା ପର୍ଯ୍ୟନ୍ତ ତାହା ସତେ ଯେପରି ଦୁଇଟି ପୃଥିବୀ ମଧ୍ୟରେ ଝୁଲନ୍ତା ଅବସ୍ଥାରେ ରହିଯିବ, ଅର୍ଥାତ୍ ଉର୍ଦ୍ଧ୍ୱସ୍ଥିତ ଆଲୋକ ବା ନିମ୍ନସ୍ଥ ଅନ୍ଧକାର କୌଣସିଟିକୁ ବି ଜୟ କରିପାରି ନଥିବ । ବାସ୍ତବ ଜୀବନରେ ଯାହା ଯେମିତି ରହିଛି ତା'ରି ସହିତ ସାଲିସ କରିନେଇ ତା'ର ବଶୀଭୂତ ହୋଇ ରହିବା ଏକ ସହଜ ମାର୍ଗ, ମାତ୍ର ଅଧ୍ୟାତ୍ମ ସତ୍ୟକୁ ଆବିଷ୍କାର କରି ତାହାରି ଦ୍ୱାରା ଆମ ଜୀବନ ବଞ୍ଚିବାର ଶୈଳୀକୁ ରୂପାନ୍ତରିତ କରିବା ପ୍ରକୃତରେ ଏକ କଷ୍ଟକର କାର୍ଯ୍ୟ । ଯଦି ମନୁଷ୍ୟ ନିଜର ଯଥାର୍ଥ ପ୍ରକୃତିକୁ ଆବିଷ୍କାର କରି ତାହାକୁ ପରିପୂର୍ଣ୍ଣ କରିବାକୁ ଚାହେଁ ତାହାହେଲେ ତାହାକୁ ସେହି କଷ୍ଟକର କାର୍ଯ୍ୟଟିକୁ କରିବାକୁହିଁ ପଡ଼ିବ । ଆଦର୍ଶଟି କେବଳ ମନରେ ଧାରଣାଟିଏ ହୋଇ ରହିଥିଲେ ତାହା ଫଳପ୍ରଦ ହୁଏ ନାହିଁ । ଆଦର୍ଶକୁ ଏକ ଆଧ୍ୟାତ୍ମିକ ବାସ୍ତବ ସତ୍ୟରେ ରୂପାନ୍ତରିତ କରିବା ଆବଶ୍ୟକ । ତାହାହେଲେ ଯାଇ ତାହା ଆମ ଜୀବନକୁ ଆଧ୍ୟାତ୍ମିକତା ଦ୍ୱାରା ପରିପୂର୍ଣ୍ଣ କରିପାରିବ । ଏପରିକି ଆମର ଭୌତିକ ଓ ପ୍ରାଣଗତ ପ୍ରକୃତି ମଧ୍ୟରେ ବି ଆଧ୍ୟାତ୍ମିକ ସତ୍ୟକୁ ତାହା ପ୍ରତିଷ୍ଠିତ କରିପାରିବ ।

ଆମ ପରିପୂର୍ଣ୍ଣତାର ମୂଳନୀତି ହେବ ଆମ ଭିତରେ କାର୍ଯ୍ୟ କରୁଥିବା ବଞ୍ଚିବାର ଇଚ୍ଛା ତଥା ପ୍ରାଣ-ସାମର୍ଥ୍ୟକୁ ଉର୍ଦ୍ଧ୍ୱସ୍ତରକୁ ଉତ୍ତୋଳିତ କରିନେବା । ଆମେ ଆମ ଭିତରର ପ୍ରାଣିକ ଅଂଶର ଅଧୀନରେ ରହିବା ନା ଚିନ୍ମୟତାର ଅଧୀନରେ ରହିବା, ସେକଥା ସେଇ ଇଚ୍ଛାଶକ୍ତିହିଁ ଆମ ପାଇଁ ନିର୍ଣ୍ଣୟ କରିଦେବ । ପ୍ରକୃତି ପ୍ରାଣସତ୍ତାର ସୀମା ମଧ୍ୟରେ ଏକ ପ୍ରକାର ପରିପୂର୍ଣ୍ଣତା ଗଢ଼ି ଦେଇ ସନ୍ତୁଷ୍ଟ ରହିପାରେ, ମାତ୍ର ତାହା ଏକ ବ୍ୟାହତ ବିକାଶର ପରିପୂର୍ଣ୍ଣତା । ଉଦ୍ଭିଦ ଓ ଇତର ପ୍ରାଣୀର ସ୍ତରରେ ପ୍ରକୃତି ଏ ପ୍ରକାର ଖଣ୍ଡିତ ପରିପୂର୍ଣ୍ଣତାର କାମ ଚଳେଇ ନେଉଛି । କାରଣ ସେଠାରେ ଦେହ ଓ ପ୍ରାଣ ନିଜେ ଏକାଧାରରେ ଗୋଟିଏ ଗୋଟିଏ ସାଧନ । ସେମାନେ ନିଜର ସୀମାଗୁଡ଼ିକୁ ଡେଇଁ ଆହୁରି ଉର୍ଦ୍ଧ୍ୱକୁ ଅନାଇ ପାରନ୍ତି ନାହିଁ । କିନ୍ତୁ ମନୁଷ୍ୟର କ୍ଷେତ୍ରରେ ଏକଥା କେବେହେଲେ ଘଟିବ ନାହିଁ । କାରଣ ମନୁଷ୍ୟ ଭିତରେ ମନର ବିକାଶ ଘଟିଛି ଯାହାକି ପ୍ରାଣ ଓ ଦେହକୁ ସାଧନ ରୂପେ ବ୍ୟବହାର କରି ପାରୁଛି ଏବଂ ନିଜେ ମଧ୍ୟ ଏକ ସାଧନ ରୂପେ କାର୍ଯ୍ୟ କରୁଛି । ମନର ଆଉ ଏକ ବିଶେଷତ୍ୱ ହେଲା ଏହା ନିଜର ସୀମାକୁ ଡେଇଁ ଆହୁରି ବୃହତ୍ତର ଓ ଉଚ୍ଚତର ସତ୍ୟର ଅନ୍ୱେଷଣ କରି ପାରୁଛି । କେବଳ ଭୌତିକ, ପ୍ରାଣଗତ ଓ ମନୋଗତ ଜୀବନର ଅନୁଧାବନ କଲେ ଆମେ ପରିପୂର୍ଣ୍ଣତା ଲାଭ କରିପାରିବା ନାହିଁ । ସେଥିପାଇଁ ମନର ସୀମାକୁ ଡେଇଁ ଏକ ଉଚ୍ଚତର ସତ୍ୟ ପାଖରେ ପହଞ୍ଚିବାକୁ ହେବ । ଅତିମାନସ ହେଉଛି ସେଇ ସର୍ବୋଚ୍ଚ ସତ୍ୟ ଯାହା ସଦା ପରିପୂର୍ଣ୍ଣ ଏକ ପରମ ଚେତନା । ଏହାକୁ ଆମ ଭିତରେ ଉନ୍ମୋଚିତ କରିପାରିଲେ ବା ଉର୍ଦ୍ଧ୍ୱରୁ ଏହି ଚେତନାକୁ ଆଣି ଆମ ଜୀବନରେ

ପ୍ରତିଷ୍ଠିତ କରି ପାରିଲେ ଆମର ଜୀବନ ପରିପୂର୍ଣ୍ଣତା ଲାଭ କରିବ ।

ଉଦ୍ଭିଦ ଓ ଇତର ପ୍ରାଣୀଙ୍କ ଭିତରେ ପ୍ରତ୍ୟେକ ଗତିବୃତ୍ତି କେବଳ ଏକ ମୂଳ ପ୍ରବୃତ୍ତି ଦ୍ୱାରା ପ୍ରେରିତ ହୋଇ ଘଟିଥାଏ । ତାହା ଅବଚେତନ ଭାବେ ତଥା ଯନ୍ତ୍ରବତ୍ ସଂଘଟିତ ହୋଇଥାଏ । ସେଇ ପ୍ରବୃତ୍ତି ପ୍ରତ୍ୟେକ ବସ୍ତୁକୁ ସତ୍ତା ମଧ୍ୟସ୍ଥ ପ୍ରାଣଗତ ସତ୍ତା ପ୍ରତି ଆଜ୍ଞାବହ ଓ ଅନୁଗତ ରହିବାକୁ ବାଧ୍ୟ କରେ । ତେଣୁ ସେ କ୍ଷେତ୍ରରେ ପ୍ରକୃତିର ଏକ ନିମ୍ନସ୍ତରୀୟ ପରିପୂର୍ଣ୍ଣତା ସମ୍ଭବ ହୋଇପାରେ ।

ଅନ୍ୟ ପକ୍ଷରେ ମନୁଷ୍ୟ ଯେତେବେଳେ ସ୍ୱେଚ୍ଛାରେ ଆଧ୍ୟାତ୍ମିକ ପଥ ଅନୁସରଣ କରି ନିଜ ଭିତରର ଅସଲ ଓ ବାସ୍ତବ ସତ୍ୟକୁ ଉପଲବ୍ଧି କରିବ ଏବଂ ଯେତେବେଳେ ସ୍ୱତଃସ୍ଫୂର୍ତ୍ତଭାବେ ସେହି ଉପଲବ୍ଧ ସତ୍ୟ ପ୍ରତି ସେ ଅନୁଗତ ରହିପାରିବ କେବଳ ସେତିକିବେଳେହିଁ ଆଧ୍ୟାତ୍ମିକ ଜୀବନର ଉଚ୍ଚତର ପରିପୂର୍ଣ୍ଣତା ହାସଲ ହୋଇପାରିବ । ଏହି ସ୍ୱତଃସ୍ଫୂର୍ତ୍ତତା ପ୍ରବୃତ୍ତି ଦ୍ୱାରା ପ୍ରେରିତ ନହୋଇ ସଂବୋଧି ଦ୍ୱାରା ପ୍ରେରିତ ହେବ, ତାହା ଅବଚେତନ ଭାବେ ସମ୍ଭବ ନହୋଇ ସମ୍ପୂର୍ଣ୍ଣ ସଚେତନ ଭାବେ ସମ୍ଭବ ହେବ । ମନୁଷ୍ୟ ଖୁସିରେ ଆଧ୍ୟାତ୍ମିକ ଆଲୋକର ନିର୍ଦ୍ଦେଶ ପାଳନ କରିବ । ସମଗ୍ର ଉଚ୍ଚତମ ସତ୍ୟ, କଲ୍ୟାଣ, ସାମର୍ଥ୍ୟ, ଆନନ୍ଦ, ପ୍ରେମ ଓ ଏକତ୍ୱର ଉଚ୍ଚତମ ଶକ୍ତି ପାଖରେ ସେ ଅନୁଗତ ତଥା ବିଶ୍ୱସ୍ତ ହୋଇ ରହିବ ।

ଜୀବନରେ କ୍ରିୟାଶୀଳ ସେଇ ଶକ୍ତିଟି ଅଭିବୃଦ୍ଧି, ଅଧିକାର ଲାଭ ଓ ଉପଭୋଗ ଉଦ୍ଦେଶ୍ୟରେ ମଧ୍ୟ କାର୍ଯ୍ୟ କରିବ, ମାତ୍ର ଏହି ଅଧିକାର ଲାଭ ଓ ଉପଭୋଗ ଆଧ୍ୟାତ୍ମିକ ହୋଇଥିବ, ଅର୍ଥାତ୍ ସକଳବସ୍ତୁରେ ଚିନ୍ମୟତାକୁହିଁ ଅଧିକାର ବା ଉପଭୋଗ କରୁଥିବ । ଏହି ଆଧ୍ୟାତ୍ମିକ ଉପଭୋଗ ଶରୀର, ପ୍ରାଣ ଓ ମନକୁ ବ୍ୟବହାର କରିବ, ମାତ୍ର ସେଗୁଡ଼ିକ ଉପରେ ନିର୍ଭର କରିବ ନାହିଁ । ଏହା ଦ୍ୱାରା ଯେଉଁ ପରିପୂର୍ଣ୍ଣତା ସମ୍ଭବ ହେବ ତା'ର କୌଣସି ସୀମା ବା ଅନ୍ତ ରହିବ ନାହିଁ । ତାହା ତା'ର ରୂପାୟନଗୁଡ଼ିକରେ ଅନନ୍ତ ବୈଚିତ୍ର୍ୟ ସୃଷ୍ଟି କରିପାରିବ । କାରଣ ପରମ ଚେତନା ଅଗଣିତ ଓ ଅନନ୍ତ ରୀତିରେ କାର୍ଯ୍ୟ କରିପାରନ୍ତି । ମାତ୍ର ସକଳ ବୈଚିତ୍ର୍ୟ ମଧ୍ୟରେ ତଥା ଅନନ୍ତ ଅଭିବ୍ୟକ୍ତି ମଧ୍ୟରେ ସେଇ ମୂଳ ପରିପୂର୍ଣ୍ଣତା ବା ମୂଳ ଚିନ୍ମୟ ସତ୍ୟ ତଥାପି ଏକ ହୋଇ ରହିଥିବ ।

ମାନସିକ କସରତ ବା ମାନସିକ ଧାରଣା ଦ୍ୱାରା ଏହି ପରିପୂର୍ଣ୍ଣତା ସମ୍ଭବ ହେବ ନାହିଁ । ପରମ ଚେତନାର କ୍ଷେତ୍ରରେ ମନ ଯଦି କିଛି କାର୍ଯ୍ୟ କରିବାକୁ ଚେଷ୍ଟା କରିବ ତାହା ସର୍ବଦା ସୀମାବଦ୍ଧ ଓ ଅଜ୍ଞାନତାପୂର୍ଣ୍ଣ ହେବ । ମନ କଦାପି ଆପଣାର ଧାରଣାଗୁଡ଼ିକ ଦ୍ୱାରା ପରମ ଚେତନାକୁ ପରିଚାଳିତ କରିପାରିବ ନାହିଁ ବା ତାକୁ ଦିଗ୍‌ଦର୍ଶନ ଦେଇ ପାରିବ ନାହିଁ । ପରମ ଚେତନାକୁ କୌଣସି ମାନସିକ ଧାରଣା ବା ଧର୍ମମତ ସହିତ ବାନ୍ଧି ରଖି ହେବ ନାହିଁ । ସୌନ୍ଦର୍ଯ୍ୟବୋଧଗତ କୌଣସି ମାନଦଣ୍ଡ ଓ ନୀତିଗତ କୌଣସି ବିଧାନ ଦ୍ୱାରା ମଧ୍ୟ ପରମ ଚେତନାକୁ ସୀମିତ କରି ହେବ ନାହିଁ । ଏପରି କୌଣସି ନିମ୍ନତର ତତ୍ତ୍ୱକୁ ଆଧ୍ୟାତ୍ମିକତା ବୋଲି ମନେ କରିବା ଦ୍ୱାରା ପରିପୂର୍ଣ୍ଣତା ହାସଲ ଦିଗରେ ବାଧା ସୃଷ୍ଟି ହୋଇଥାଏ । ଏହି ଭୁଲ୍ ଯୋଗୁଁ ଏସିଆରେ ଆଧ୍ୟାତ୍ମିକତାର ବିକାଶ ବାଧା ପ୍ରାପ୍ତ ହୋଇଥିଲା । ଉଚ୍ଚତର ତତ୍ତ୍ୱକୁ ନିମ୍ନତର ତତ୍ତ୍ୱର ଅଧୀନ କରି ରଖିଲେ ଆଧ୍ୟାତ୍ମିକ ଅଗ୍ରଗତି ସମ୍ଭବ ହେବ ନାହିଁ । ପରମ ଚିନ୍ମୟତାକୁ ଆଣି ମନୋଗତ ଓ ପ୍ରାଣଗତ ପ୍ରକୃତି ସହିତ ଏକ ଅସ୍ଥାୟୀ ସାଲିସ ଭିତରେ ବାନ୍ଧି ରଖିଲେ ଆମେ ପରିପୂର୍ଣ୍ଣତାକୁ ଉପଲବ୍ଧି କରିପାରିବା ନାହିଁ ।

ଅନ୍ୟ ପକ୍ଷରେ ଯେତେବେଳେ ମନ ଓ ପ୍ରାଣର ବାହ୍ୟରୂପଗୁଡ଼ିକ ମଧ୍ୟରୁ ଅନ୍ତର୍ନିହିତ ଚିନ୍ମୟ ତତ୍ତ୍ୱ ସ୍ୱତଃ ଫୁଟି ବାହାରି ଆସିବ ଏବଂ ଆପଣାର ବିଜ୍ଞାନମୟ ଉଚ୍ଚତାକୁ ଉଠିଯାଇ ତାହା ପୁଣି ନିମ୍ନଭୂମିକୁ ଫେରି ଆସିବ ଏବଂ ଯେତେବେଳେ ତାହା ସେଇ ନିମ୍ନ ଭୂମିର ବସ୍ତୁସକଳକୁ ଉଚ୍ଚତମ ଶିଖରର ତତ୍ତ୍ୱ ଦ୍ୱାରା ରୂପାନ୍ତରିତ କରିଦେବ, ସେତିକିବେଳେ ଯାଇ ମନୁଷ୍ୟ ଯଥାର୍ଥ ଭାବରେ ସ୍ୱାଧୀନ ଓ ପରିପୂର୍ଣ୍ଣ ହେବ ।

ଏକଥା ସ୍ପଷ୍ଟ ହୋଇ ସାରିଛି ଯେ ମନ କିଂବା ବୁଦ୍ଧି ଆମ ଜୀବନର ମୂଳ ପରିଚାଳକ ଶକ୍ତି ନୁହଁନ୍ତି । କାରଣ ସେମାନେ କେତେକ ଅର୍ଦ୍ଧସତ୍ୟ ଓ ଅନିଶ୍ଚୟତାକୁହିଁ ଜାବୁଡ଼ି ଧରିଥା'ନ୍ତି । ମାତ୍ର ଆମର ମନ ଓ ପ୍ରାଣର ଅତ୍ୟନ୍ତ ଗଭୀରରେ ଏପରି ଏକ ଶକ୍ତି ଲୁଚି ରହିଛି ଯାହାକି ତାଦାତ୍ମ୍ୟ ଓ ସଂବୋଧି ଦ୍ୱାରାହିଁ ସବୁକିଛିକୁ ଦେଖୁଛି । ସେହି ଶକ୍ତି ଆମର ବୌଦ୍ଧିକ, ସୌନ୍ଦର୍ଯ୍ୟବୋଧଗତ, ସଂବେଗଗତ, ଇନ୍ଦ୍ରିୟାନୁଭବଗତ, ନୀତିବୋଧଗତ, ପ୍ରାଣିକ ତଥା ଭୌତିକ ସତ୍ତାର ସକଳ କ୍ରିୟାରେ ସତ୍ୟ, ନିଶ୍ଚୟତା ଓ ସ୍ଥାୟିତ୍ୱ ଆଣି ଦେଉଛି । ଆମର ବିଜ୍ଞାନ, ଦର୍ଶନ ଓ ଅନ୍ୟାନ୍ୟ କ୍ରିୟାକଳାପ ପଛରେ ଆମେ ଏବେ ସେହି

ଗୁପ୍ତ ଶକ୍ତିର କିଛିନା କିଛି ଆଭାସ ପାଇବାକୁ ଆରମ୍ଭ କଲୁଣି । ମାତ୍ର ଏହି ଶକ୍ତିଟି ବର୍ତ୍ତମାନ କେବଳ ମନ ଓ ପ୍ରାଣ ପାଇଁହିଁ କାର୍ଯ୍ୟ କରୁଛି, ନିଜ ପାଇଁ ବା ନିଜର ସ୍ୱତଃସ୍ଫୂର୍ତ୍ତ ଆଲୋକ ପାଇଁ କାର୍ଯ୍ୟ କରୁ ନାହିଁ । ଏଥିଯୋଗୁଁ ତାହା ଆମର ଯଥାର୍ଥ କାମରେ ଲାଗିପାରୁ ନାହିଁ । ସେହି ପ୍ରଚ୍ଛନ୍ନ ଅନ୍ତର୍ନିହିତ ଶକ୍ତି ଆମ ଜୀବନ ଓ ସତ୍ତାର ପୃଷ୍ଠଭାଗରେ ନରହି ସମ୍ମୁଖ ଭାଗକୁ ଚାଲି ଆସିବା ଉଚିତ । ତାହା ଆପଣାର ସ୍ୱରୂପ ନେଇ ଆମ ଭିତରେ ସ୍ୱତଃସ୍ଫୂର୍ତ୍ତ ଭାବରେ ପ୍ରକାଶିତ ହୋଇଗଲେ ଆମର ସମଗ୍ର ଜୀବନ ନିଶ୍ଚିତ ରୂପେ ବଦଳିଯିବ ।

ମନୁଷ୍ୟ ପାଇଁ ଆଧ୍ୟାତ୍ମିକ ଅତିମାନବତ୍ୱର ପଥ ସେହିଦିନ ଉନ୍ମୁକ୍ତ ହୋଇଯିବ ଯେଉଁଦିନ ସେ ଦୃଢ଼ଭାବେ ଘୋଷଣା କରିବ ଯେ ବୁଦ୍ଧି ଓ ଅନ୍ୟାନ୍ୟ ଯାହାକିଛିର ବିକାଶ ସେ ଏପର୍ଯ୍ୟନ୍ତ କରିଛି ସେସବୁ ତା' ପାଇଁ ଆଦୌ ଯଥେଷ୍ଟ ନୁହେଁ ଏବଂ ଅନ୍ତରସ୍ଥ ଦିବ୍ୟ ଆଲୋକଟିକୁ ଆବିଷ୍କାର କରିବାହିଁ ଏଣିକି ତା' ପାଇଁ ସର୍ବପ୍ରଥମ କାର୍ଯ୍ୟ ହେବ । ପରମ ଦିବ୍ୟ ଆଲୋକ ଆମ ଭିତରେ ଆବୃତ ଓ ସଂଗୁପ୍ତ ହୋଇ ରହିଛି । ତାହାକୁ ଅନାବୃତ କରିବା, ଆବିଷ୍କାର କରିବା ତଥା ମୁକ୍ତ କରି ଆଣିବାହିଁ ଆମ ଜୀବନର ପରମ କର୍ତ୍ତବ୍ୟ ଓ ପରମଧ୍ୟେୟ । ଯେତେବେଳେ ଆମେ ଏହା କରିପାରିବା ସେତେବେଳେ ଆମ ଦର୍ଶନ, କଳା, ବିଜ୍ଞାନ, ନୀତିଶାସ୍ତ୍ର, ସାମାଜିକ ଜୀବନ ଓ ପ୍ରାଣଗତ କ୍ରିୟାକଳାପ ଆଉ ମନ ଓ ପ୍ରାଣର କସରତ ହୋଇ ରହିବ ନାହିଁ । ମନୁଷ୍ୟ ଆଉ କଳା ପାଇଁ କଳାକୁ ବା ବିଜ୍ଞାନ ପାଇଁ ବିଜ୍ଞାନକୁ ଖୋଜିବ ନାହିଁ । କଳା, ବିଜ୍ଞାନ, ଦର୍ଶନ, ନୀତିଶାସ୍ତ୍ର – ଏଗୁଡ଼ିକ ଏକ ବୃହତ୍ତର ସତ୍ୟର ସାଧନ ହୋଇ କାର୍ଯ୍ୟ କରିବେ । ସେହି ସତ୍ୟର ଶକ୍ତିକୁ ମନୁଷ୍ୟ-ଜୀବନ ମଧ୍ୟକୁ ଉତାରି ଆଣିବା ପାଇଁ ସେଗୁଡ଼ିକ ସହାୟକ ହେବେ । ସେତେବେଳେ ଆମର ଯଥାର୍ଥ ସ୍ୱରୂପକୁ ଉପଲବ୍ଧି କରିବା ପାଇଁ ବାଟ ଫିଟି ଯିବ ଏବଂ ଆମେ ଦିବ୍ୟ ପ୍ରକୃତି ଓ ଦିବ୍ୟ ପରିପୂର୍ଣ୍ଣତାକୁ ପ୍ରାପ୍ତ କରି ଯଥାର୍ଥ ଓ ପୂର୍ଣ୍ଣ ପରିତୃପ୍ତ ଜୀବନଟିଏ ବଞ୍ଚି ପାରିବା । ବୁଦ୍ଧି-ଆଶ୍ରିତ ଜୀବନକୁ ନେଇ ବୃଥା ଗର୍ବ କରିବାର ପ୍ରୟୋଜନ ନାହିଁ । ପ୍ରୟୋଜନ ଅଛି ଆଧ୍ୟାତ୍ମିକ ରୂପାନ୍ତର ।

(ଦ୍ୱାବିଂଶ ପରିଚ୍ଛେଦ ସମାପ୍ତ) ❑

---

*(ପୃଷ୍ଠା ୫ର ଅବଶିଷ୍ଟାଂଶ)*

And visualised the plumbless viewless depths,
Till all seemed known that in
all time could be.

ଜଗତସକଳର ଜନ୍ମ ଓ ମୃତ୍ୟୁ ନିମିତ୍ତ ସେମାନେ ଏକ ଦିନାଙ୍କ ଧାର୍ଯ୍ୟ କରିଥିଲେ, ଅଙ୍କିତ ହୋଇଥିଲା ଅନନ୍ତଙ୍କର ବ୍ୟାସରେଖା, ଅଦୃଷ୍ଟ ଉଚ୍ଚତାଚୟର ସୁଦୂର ଚାପ ପରିମାପିତ ହୋଇଥିଲା ଏବଂ ଅତଳ ଦୃଶ୍ୟାତୀତ ଗଭୀରତାମାନ ସେପର୍ଯ୍ୟନ୍ତ ପରିଦୃଷ୍ଟ ହୋଇ ଚାଲିଥିଲା ଯେପର୍ଯ୍ୟନ୍ତ କାଳର ଗତିଧାରାରେ ଯେତେ ଯାହା ସମ୍ଭବ ତାହା ବିଜ୍ଞାତ ନ ହୋଇଛି ।

(କ୍ରମଶଃ)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ

❑❑❑

ତୁମର କାର୍ଯ୍ୟରେ ଯେତେବେଳେ ତୁମେ ଦେଖ ଯେ ବାହାରର କିଛି ତୁମ ପାଇଁ ଅସୁବିଧା ସୃଷ୍ଟି କରୁଛି, ସେତେବେଳେ ନିଜ ଭିତରକୁ ନିରୀକ୍ଷଣ କର ଏବଂ ତୁମେ ଦେଖିବ ତୁମ ଭିତରେହିଁ ସେହି ବାଧାବିଘ୍ନର ଅନୁରୂପଟି ରହିଛି । ନିଜକୁ ବଦଳାଇ ଦିଅ ଏବଂ ପରିସ୍ଥିତିଟି ବଦଳି ଯିବ ।

(ପୂର୍ଣ୍ଣଯୋଗ : ବାସ୍ତବ ଦିଗ୍‌ଦର୍ଶନ, ପୃଷ୍ଠା ୧୬୭) – ଶ୍ରୀମା

# ଶୋକ ଓ ପାପ ପ୍ରତି ଆକୃଷ୍ଟ ମଣିଷ

## ମନୋଜ ଦାସ

### ଜ୍ଞାନ ପର୍ଯ୍ୟାୟ

### କାରିକା - ୩୫

'Men are still in love with grief; when they see one who is too high for grief or joy, they curse him and cry, "O thou insensible !" Therefore Christ still hangs on the cross in Jerusalem.'

(Thoughts and Aphorisms) – Sri Aurobindo

'ମଣିଷ ଅଦ୍ୟାବଧି ଶୋକକୁ ଭଲପାଏ । ସେ ଯେତେବେଳେ ଦେଖେ ଜଣେ ଶୋକ ବା ଆନନ୍ଦର ବହୁ ଊର୍ଦ୍ଧ୍ୱରେ, ସେତେବେଳେ ସେ ତାକୁ ଅଭିସଂପାତ ଦେଇ କହେ, ''ତୁମେ କେଡ଼େ ସମ୍ବେଦନହୀନ !'' ତେଣୁ କରି ଏବେ ବି ଯିଶୁଖ୍ରୀଷ୍ଟ ଜେରୁଜେଲମ୍‌ରେ କ୍ରୁଶବିଦ୍ଧ ହୋଇ ରହିଛନ୍ତି ।'

### କାରିକା - ୩୬

'Men are in love with sin; when they see one who is too high for vice or virtue, they curse him and cry, "O thou breaker of bonds, thou wicked and immoral one !" Therefore Sri Krishna does not live as yet in Brindavan.'

(Thoughts and Aphorisms) – Sri Aurobindo

'ମଣିଷ ଅଦ୍ୟାବଧି ପାପ ପ୍ରତି ପ୍ରେମାସକ୍ତ । ସେ ଯେତେବେଳେ ଦେଖେ ଜଣେ ପାପପୁଣ୍ୟର ବହୁ ଊର୍ଦ୍ଧ୍ୱରେ, ସେତେବେଳେ ସେ ତାକୁ ଅଭିସଂପାତ ଦେଇ କହେ, ''ଆରେ ଖଳ, ଦୁଷ୍ଟ, ନୀତିହୀନ !'' ସେଥିପାଇଁ ଏପର୍ଯ୍ୟନ୍ତ ଶ୍ରୀକୃଷ୍ଣ ବୃନ୍ଦାବନରେ ରହି ନାହାନ୍ତି ।'

*

ଏ କାରିକା ଦୁଇଟି ଏକ ଗୂଢ଼ ମନସ୍ତାତ୍ତ୍ୱିକ ସତ୍ୟ ପ୍ରକଟ କରୁଛି । ଆମେ ଅନାବିଳ ଆନନ୍ଦ ଅନୁଭବ କରିବାକୁ, ଏପରିକି ତାକୁ ସ୍ୱୀକାର କରିବା ଭଳି ଚେତନା ଆୟତ୍ତ କରିପାରି ନାହୁଁ । ଆମେ ଦୁଃଖର ପଚ୍ଛଭୂମିରେହିଁ ଆନନ୍ଦ ଅନୁଭବ କରିବାକୁ ସକ୍ଷମ । ସବୁଦିନିଆ ସୂର୍ଯ୍ୟୋଦୟର ସୌନ୍ଦର୍ଯ୍ୟ ଆମକୁ ବିଶେଷ ଆକର୍ଷିତ କରେ ନାହିଁ । କେତେଦିନ ଧରି ଝଡ଼ବର୍ଷା ଲାଗି ରହିବା ଉତ୍ତାରୁ ଯଦି ଦିନକର ପ୍ରଭାତରେ ଆକାଶ ମେଘମୁକ୍ତ ରହେ ଏବଂ ବିମଳ ସୂର୍ଯ୍ୟୋଦୟ ଆମ ଆଖିରେ ପଡ଼େ, ତେବେ ତାହା ଆମକୁ ମୁଗ୍ଧ କରେ ।

ଆମେ ଯେ ଶୋକ ଓ ବେଦନା ପ୍ରତି ଆସକ୍ତ, ତା'ର ଏକ ପ୍ରମାଣ ହେଲା, ଜଣେ ପ୍ରିୟ ପରିଜନର ଦୁଃଖରେ ଆମେ ଯେତେ ସହାନୁଭୂତି ଅନୁଭବ କରୁ, ତା'ର ସୁଖ ସମୃଦ୍ଧିରେ ସମପରିମାଣ ସହାନୁଭୂତି ଅନୁଭବ କରୁନା; ତା' ଦୁଃଖରେ ଦୁଃଖୀ ହୋଇ ପାରୁ, କିନ୍ତୁ ତା' ଆନନ୍ଦରେ ସମାନ ଭାବରେ ଆମେ ଆନନ୍ଦିତ ହେବାକୁ ଅକ୍ଷମ ।

ଯିଶୁଖ୍ରୀଷ୍ଟ ଅଦ୍ୟାବଧି କ୍ରୁଶବିଦ୍ଧ ହୋଇ ରହିଛନ୍ତି – ଏକଥାର ତାତ୍ପର୍ଯ୍ୟ ହେଲା, ମଣିଷ ତାଙ୍କୁ ସେହି ଯାତନାଗ୍ରସ୍ତ ଅବସ୍ଥାରେ ଦେଖେ ବୋଲି ତାଙ୍କ ପ୍ରତି ଆକର୍ଷିତ ହୁଏ । ''ଆହା ! ଆମ ଅଜ୍ଞାନତା ଯୋଗୁଁ ପ୍ରଭୁ କେତେ କଷ୍ଟ ଭୋଗୁଛନ୍ତି !'' ଏହି ସହାନୁଭୂତି ଆମକୁ ଯେତେ ବିଗଳିତ କରେ, ତାଙ୍କ ପ୍ରବର୍ତ୍ତିତ ମହାନ୍ ଆଦର୍ଶ ସେତିକି ମାତ୍ରାରେ ଅନୁପ୍ରାଣିତ କରିପାରେ ନାହିଁ ।

ଅଜ୍ଞାନ-ଅନ୍ଧାର ମଣିଷର ଚେତନାକୁ କବଳିତ କରି ରଖିଛି । ଆଜିର ସଭ୍ୟଭବ୍ୟ ପାଶ୍ଚାତ୍ୟର କେତେକ ଦେଶରେ ମଧ୍ୟଯୁଗରେ ଜଣେ ତଥାକଥିତ 'ପାପୀ'କୁ ପ୍ରକାଶ୍ୟରେ ସମସ୍ତେ ଢେଲା ମାରି ମାରି ହତ୍ୟା କରୁଥିଲେ । ଏହାକୁ ଅବଶ୍ୟ 'ହତ୍ୟା' କୁହାଯାଉ ନଥିଲା, କୁହାଯାଉଥିଲା ସାମାଜିକ ନ୍ୟାୟ । ଯେଉଁମାନେ ଢେଲା ମାରୁଥିଲେ, ସେମାନେ କ'ଣ ପୁଣ୍ୟ ପ୍ରତି ସେମାନଙ୍କର ଏକାନ୍ତ ପ୍ରେମ ଓ ଶ୍ରଦ୍ଧା ଯୋଗୁଁ ପାପୀକୁ ଦଣ୍ଡ ଦେଉଥିଲେ ? ଅବସ୍ଥାକୁ ନିର୍ମମ ଭାବରେ ବିଶ୍ଳେଷଣ କଲେ ଜଣାଯିବ, 'ପାପୀ'ଜଣକ ଯେଉଁ ପାପରୁ ଆମୋଦ ପାଇଛି,

ସେମାନେ ତାହା ପାଇ ନ ଥିବା ଯୋଗୁଁ 'ପାପୀ' ପ୍ରତି ଈର୍ଷ୍ୟା ସହିତ ''ଆମେ କେଡ଼େ ଭଲ !'' ଏହି ଛଳନାତ୍ମକ ଅହଂଭାବହିଁ ସେମାନଙ୍କୁ ସେଭଳି ଦଣ୍ଡଦାନ କର୍ମରେ ପ୍ରବୃତ୍ତ କରୁଥିଲା ।

ବୃନ୍ଦାବନରେ ଶ୍ରୀକୃଷ୍ଣଙ୍କ ପ୍ରେମରେ ପାଗଳ ହୋଇ ଗୋପୀମାନେ ନିଜ ନିଜ ସାଂସାରିକ ବନ୍ଧନକୁ ବେଖାତର କରୁଥିଲେ । (ଏକ ପୌରାଣିକ ତତ୍ତ୍ୱ ଅନୁସାରେ ଏ ଗୋପୀମାନେ ଥିଲେ ବସ୍ତୁତଃ ମୁକ୍ତିପ୍ରାପ୍ତ ଆତ୍ମାସକଳ । ଅବତାରଙ୍କ ସ୍ଥୂଳ ସାନ୍ନିଧ୍ୟର ଆନନ୍ଦ ଉପଭୋଗ ନିମନ୍ତେ ସେମାନେ ବୃନ୍ଦାବନରେ ଜନ୍ମ ଗ୍ରହଣ କରିଥିଲେ । ତେବେ ତାହା ଭିନ୍ନ ପ୍ରସଙ୍ଗ ।) କହିବା ବାହୁଲ୍ୟ, ଗଳ୍ପ ଉପନ୍ୟାସର ଇନ୍ଦ୍ରିୟ-ଆବେଗ-ସଂଜାତ ପ୍ରେମ ସେମାନଙ୍କୁ ପାଗଳ କରୁ ନଥିଲା । ସେମିତି ହୋଇଥିଲେ ସେମାନେ ଅବଶ୍ୟ ଅନୈତିକ ଆଚରଣ ଦୋଷରେ ଅଭିଯୁକ୍ତ ହୋଇ ପାରନ୍ତେ । ବାସ୍ତବରେ ସେ ମହାନ୍ ଭକ୍ତମାନଙ୍କୁ ଯାହା ଉଦ୍‌ବୁଦ୍ଧ କରୁଥିଲା, ତାହା ଦିବ୍ୟ-ଚେତନାର ଆହ୍ୱାନ । ସେ ଆହ୍ୱାନର ଉତ୍ତର ଦେବା ନିମନ୍ତେ ଜଣେ କୁଳ, ଜ୍ଞାତି-କୁଟୁମ୍ବ, ସମାଜ – ଏସବୁ ପ୍ରତିବନ୍ଧନରୁ ନିଜକୁ ଛିନ୍ନ କରିନେଇ ପାରେ । କିନ୍ତୁ ଅଦ୍ୟାବଧି ସମାଜ ସେଭଳି ଆଲୋକିତ ଚେତନାର ଅଧିକାରୀ ହୋଇପାରି ନାହିଁ । ଆଜି ବି ସାମାଜିକ ଓ ସାମୂହିକ ଭଲ ମନ୍ଦର ମାନଦଣ୍ଡରେ ସବୁ ବ୍ୟାପାରକୁ ବିଚାର କରାଯାଏ । ଯିଏ ସେସବୁର ଊର୍ଦ୍ଧ୍ୱରେ, ତା' ପ୍ରତି ମଧ୍ୟ ସେହି ମାନଦଣ୍ଡ ପ୍ରଯୁକ୍ତ ହୁଏ । ଆଲୋଚିତ କାରିକାର 'ବୃନ୍ଦାବନ'କୁ ପୃଥିବୀର ପ୍ରତୀକ ଭାବରେ ଧରାଯାଇପାରେ । ଅଦ୍ୟାବଧି ଶ୍ରୀକୃଷ୍ଣଙ୍କୁ, ଅର୍ଥାତ୍ ସମସ୍ତ ଧର୍ମ, ନୀତିନିୟମର ଊର୍ଦ୍ଧ୍ୱସ୍ଥ ସତ୍ୟକୁ ସହ୍ୟ କଲା ଭଳି ଭାବଗତ ପ୍ରଗତି ମଣିଷ ପକ୍ଷରେ ସମ୍ଭବପର ହୋଇ ନାହିଁ ।

ଯିଏ ପାପ-ପୁଣ୍ୟ ମୂଲ୍ୟବୋଧର ଊର୍ଦ୍ଧ୍ୱରେ, ତା'ର ଆଚରଣ ବିଚିତ୍ର ଲାଗିପାରେ । ସାଧାରଣ ମଣିଷଟିଏ ନିଜ ଆଚରଣରେ ନୀତିବାନ୍ ହେଲେ ମଧ୍ୟ ତା' ଚେତନା ହୋଇପାରେ ମାମୁଲି । ଜଣେ ମୁକ୍ତାତ୍ମା ପୁରୁଷ ଆଚରଣରେ ନୀତିଭଙ୍ଗ କଲେ ମଧ୍ୟ ଚେତନାରେ ରହିପାରେ ନିର୍ଲିପ୍ତ । ତଥାକଥିତ ନୀତି ଭଙ୍ଗ ରୂପକ କର୍ମର ଫଳ ତାକୁ ଲଭିବାକୁ ପଡ଼ିବ ନାହିଁ । ଏ ତତ୍ତ୍ୱ-ଆଧାରିତ କାହାଣୀଟିଏ ଏଠାରେ ପ୍ରାସଙ୍ଗିକ ହୋଇପାରେ :

କଳାହାଣ୍ଡିଆ ମେଘ ଉଠାଇଥାଏ । ପବନ ଶୀତଳରୁ ଶୀତଳତର ହେଉଥାଏ । ତଥାପି ନାଉରିର ଦେଖା ନାହିଁ । କୂଳରେ ଅପେକ୍ଷା କରିଥା'ନ୍ତି ବ୍ରତଚାରୀଗଣ । ସାରାଦିନ ସେମାନେ ଉପବାସ ରହିଛନ୍ତି । ନଈ ସେପାରି ମନ୍ଦିରରେ ପୂଜା ଦେବା ଅନ୍ତେ ବ୍ରତ ଉଦ୍‌ଯାପନ ହେବ । ତା'ପରେ ଯାଇ ସେମାନେ ଖିଆପିଆ କରିବାକୁ ହକଦାର ହେବେ ।

ନଈକୂଳରେ ଗୋଟାଏ ଛୋଟ ପାହାଡ଼ । ତହିଁ ଉପରେ, ଗୁମ୍ଫାରେ ରହନ୍ତି ଜଣେ ସନ୍ନ୍ୟାସୀ । ବ୍ରତଧାରୀ ଯାତ୍ରୀମାନେ ନୌକାକୁ ଅପେକ୍ଷା କରିବା ଅବସରରେ ଜଣେ ଜଣେ ଯାଇ ସନ୍ନ୍ୟାସୀଙ୍କୁ ପ୍ରଣାମ ପକାଇ ଆସୁଥା'ନ୍ତି । ହାତରେ ଯଦି ସମୟ ଅଛି, ଏତିକି ଅଧିକା ପୁଣ୍ୟ ଗୋଟାଇ ଆଣିବାଟା ବୁଦ୍ଧିମାନର କାମ ନୁହେଁ କି ? କେହି କେହି ସନ୍ନ୍ୟାସୀଙ୍କୁ କିଛି କିଛି ଫଳମୂଳ ବି ଭେଟି ଦେଇଥା'ନ୍ତି । ସନ୍ନ୍ୟାସୀ ସେସବୁ ନିର୍ବିକାରରେ ଖାଉଥା'ନ୍ତି ।

ନୌକା ଆସିଗଲା । ଯାତ୍ରୀମାନେ ହରଷରେ ନାଉରିକୁ ସ୍ୱାଗତ କରି ନୌକାରୋହଣ କରୁ କରୁ କହିଲେ, ''ଆରେ, ତୁମେ ଥିଲ କୁଆଡ଼େ ? ମେଘର ଅବସ୍ଥା ଦେଖୁଛଟି ? ମଝି ନଈରେ ଝଡ଼ ନ ହେଲେ ହେଲା । ଚାଲ ଶୀଘ୍ର !''

ଗମ୍ଭୀର ଭାବରେ ନାଉରି କହିଲା, ''ଝଡ଼ ନ ହେଲେ ହେଲା ବୋଲି କହୁଛ ଯେ, କିନ୍ତୁ ଯଦି ଝଡ଼ ହେଲା ? ନା, ଆଜି ମୁଁ ଆଉ ନୌକା ବାହୁ ନାହିଁ ।''

ଯାତ୍ରୀମାନେ ବିଷମ ଅଡୁଆରେ ପଡ଼ିଲେ । ସାରାଦିନ ଉପବାସ । ପୂଜା ନ ଦେଇ ଉପବାସ ଭାଙ୍ଗିଲେ ବ୍ୟର୍ଥ ହେବ ଉପବାସର ଆଭିମୁଖ୍ୟ । ସେମାନେ ନାଉରିକୁ ନେହୁରା ହେଲେ ।

ନାଉରି କହିଲା, ''ସତ କଥା କହିବି ? କିନ୍ତୁ ଅପ୍ରିୟ ସତ । ତୁମେମାନେ ଯଦି ସତରେ ଉପବାସ କରିଥା'ନ୍ତ, ତେବେ ମୋଟେ ଝଡ଼ ଆସନ୍ତା ନାହିଁ । ତୁମେମାନେ କେହି ବ୍ରତ ଉପବାସ କରି ନାହଁ ।''

''ଆରେ ଭାଇ, ତୁମେ ଏମିତି କହିଲେ ହେବ ? ଆମେ ବ୍ରତ କରିଛୁ ନିଜ ନିଜ ପୁଣ୍ୟ ପାଇଁ । ଛଳନା କରିବୁ କାହା ପାଖରେ ?'' ଯାତ୍ରୀମାନେ ପ୍ରତିବାଦ କରି କହିଲେ ।

''କ୍ଷମା କରିବ ! ମଣିଷ ସବୁଠୁ ବେଶୀ ମାତ୍ରାରେ ଛଳନା କରେ କାହା ପାଖରେ ?'' – ନାଉରି ପ୍ରଶ୍ନ କଲା ।

''ନାଉରି ହେଲେ ବି ତୁମେ ବିଚକ୍ଷଣ ଲୋକ ବୋଲି ଆମେ ଜାଣୁ । ତୁମେହିଁ ପ୍ରଶ୍ନଟିର ଉତ୍ତର ଦିଅ ।''

''ବେଶ୍ । ଦେଉଛି । ମଣିଷ ସବୁଠୁଁ ଅଧିକ ଛଳନା

କରେ ନିଜ ପାଖରେ । ତୁମେମାନେ ଜରୁର ଖାଇଛ । ପେଟେ ପେଟେ ଖାଇଛ । ସମ୍ଭବତଃ ଆହୁରି ଅଧିକ । ଯାଅ, ସତରେ ବ୍ରତଧାରୀ, ସତରେ ଉପବାସୀ, ଅନ୍ତତଃ ଜଣକୁ ଡାକି ନେଇ ଆସ । ତା'ହେଲେ ହୁଏତ ଆସନ୍ନ ଝଡ଼ କବଳରୁ ନିରାପଦ ରହି ନୌଯାତ୍ରା କରିପାରିବ ।'' ନାଉରି ରୋକଠୋକ ଶୁଣାଇଦେଲା ।

ଯାତ୍ରୀମାନେ ବଡ଼ ଅଡୁଆରେ ପଡ଼ିଲେ । ସେମାନେ କେହି ଚାମୁଚାଏ ଖାଦ୍ୟ ବି ଭକ୍ଷଣ କରି ନାହାନ୍ତି । ଅଥଚ ନାଉରି ବାପୁଡ଼ା ସେମାନଙ୍କୁ ଅବିଶ୍ୱାସ କରୁଛି । ସେମାନେ ଆଉ କୌଣସି ବ୍ରତଚାରୀକୁ ନେଇ ଆସିଲେ ନାଉରି ତାକୁ ବା କାହିଁକି ବିଶ୍ୱାସ କରିବ ?

ନାଉରି ସେମାନଙ୍କ ମନ କଥା ବୁଝି ପାରିଲା । ''ଯାଅ, ସେ ସନ୍ନ୍ୟାସୀଙ୍କୁ କହି ଦେଖ ।'' ସେ ପରାମର୍ଶ ଦେଲା ।

ଯାତ୍ରୀମାନେ ପରସ୍ପରକୁ ଅନାଇଲେ । ସନ୍ନ୍ୟାସୀଙ୍କୁ ସେମାନେହିଁ ଖୁଆଇଛନ୍ତି । ସେମାନେ ସେକଥା ନାଉରିକୁ ଜଣାଇଲେ ନାହିଁ । ନାଉରିର ଜିଦ୍ ରହୁ ।

ସେମାନେ ପାହାଡ଼ ଚଢ଼ି ସନ୍ନ୍ୟାସୀଙ୍କୁ କହିଲେ, ''ଆଜ୍ଞା, ଆପଣ ଥରେ ଆମ ସହ ନୌକା ଚଢ଼ି ସେପାରିକୁ ଯାଆନ୍ତେ ନାହିଁ । ଆଜି ପୁଣ୍ୟତିଥିରେ ଆମେ ସତ୍‌ସଙ୍ଗ ଲାଭ କରନ୍ତୁ ।''

ସନ୍ନ୍ୟାସୀ ବିନା ବାକ୍ୟବ୍ୟୟରେ ଅବତରଣ କଲେ ଓ ନୀରବରେ ନୌକା ଚଢ଼ି ବସିଲେ । ବ୍ରତଚାରୀ-ଯାତ୍ରୀମାନେ ତାଙ୍କୁ ଅନୁସରଣ କଲେ । ନୌକା ଛାଡ଼ିଲା । କ୍ରମେ ହ୍ରାସ ହେଲା ମେଘମାଳାର ଗାମ୍ଭୀର୍ଯ୍ୟ । ଆକାଶ ଧୀରେ ଧୀରେ ପରିଷ୍କାର ହୋଇଗଲା ।

ଯାତ୍ରୀମାନଙ୍କୁ ଆରପାରିରେ ପହଞ୍ଚାଇ ଦେଇ ନାଉରି ସନ୍ନ୍ୟାସୀଙ୍କୁ ଆଣି ପୁଣି ଏ ପାରିରେ ଛାଡ଼ିଦେଲା । କିଛି ସମୟ ପରେ ବ୍ରତଚାରୀମାନଙ୍କୁ ଫେରାଇ ଆଣିବା ନିମନ୍ତେ ପୁଣି ନୌକା ବାହି ଆରପାରିରେ ପହଞ୍ଚିଲା ।

ବ୍ରତ ଉଦ୍‌ଯାପନ ଅନ୍ତେ ଯାତ୍ରୀମାନେ ମନ୍ଦିର ଆଖପାଖ ଦୋକାନରେ ପେଟ ପୂରାଇ ଖାଇସାରିଥା'ନ୍ତି । ନୌକା ଚଢ଼ିବା ପରେ ଜଣେ କହିଲେ, ''ନାଉରିଭାଇ, ତୁମେ ଆଜି ଏମିତି ତାଜୁବ ଆଚରଣ କଲ କିଆଁ ? ଆଜି ମୋର ଦୁଇ ଶଳା ଆସି ମୋ ଘରେ ପହଞ୍ଚିଛନ୍ତି ଯେ ଦିନ ସାରା ସେ ଶଳାଙ୍କୁ ଭଉଣୀଟି ନାନା ସୁସ୍ୱାଦୁ ଚିଜ ରନ୍ଧନ କରି ସେମାନଙ୍କୁ ଗିଳାଉଛି । ମୁଁ ଖାଲି ଆଘ୍ରାଣ ପାଉଛି, ଦେଖୁଛି, ହା'ହୁତାଶ ହେଉଛି । କିନ୍ତୁ ବ୍ରତ ଭାଙ୍ଗି କାଣିଚାଏ ହେଲେ ଚାଖିଛି ? ତୁମେ କିନ୍ତୁ ମୋ ବଚନରେ ପରତେ ଗଲ ନାହିଁ ।''

''ହଁ, ନାଉରିଭାଇ, ସତରେ ତୁମେ ବଡ଼ ଅଖାଡୁଆ ମଣିଷ । ଭୋକରେ ମୋ ହଁସା ଉଡ଼ି ଯାଉଥାଏ । କେମିତି ବ୍ରତ ଉଦ୍‌ଯାପନ ହେବ, ମୁଁ ମନ୍ଦିର ପଛପଟ ଦୋକାନକୁ ଯାଇ ତା' ରସାଳ ଦହିବରା ଓ ଗରମ ଜିଲିପି ଖାଇବି, ସେ ମୁହୂର୍ତ୍ତକୁ ଅପେକ୍ଷା କରିଥାଏ । ଅଥଚ ତୁମ ଧାରଣା ମୁଁ ଘରୁ ଖାଇପିଇ ଆସିଛି ।'' ମନ୍ତବ୍ୟ ଦେଲେ ଆଉ ଜଣେ । ତୃତୀୟଜଣକ କହିଲେ, ''ଅସଲ ମଜା ହେଲା, ଆମେ ନିଜେ ସନ୍ନ୍ୟାସୀଙ୍କୁ ଖୁଆଇଥିଲୁ । କିନ୍ତୁ ତୁମ ମନେ ମନେ ସେ ଉପବାସୀ ।''

ନାଉରି ନାଆ ବାହୁ ଥାଏ; ସବୁ ଶୁଣୁ ଥାଏ । ଅବଶେଷରେ ସେ କହିଲା, ''ତୁମମାନଙ୍କ ପ୍ରଶ୍ନର ପ୍ରଥମ ଭାଗର ଉତ୍ତର ତୁମେମାନେ ନିଜେ ନିଜେ ଦେଇସାରିଛ । ତୁମେମାନେ ଉପବାସ କରି ନ ଥିଲ, ଭୋଜନ ପକାଇବାକୁ ଅଧୀର ଭାବରେ ଅପେକ୍ଷା କରିଥିଲ ମାତ୍ର । ସାରାଦିନ ଯେଉଁ ସବୁ ଖାଦ୍ୟରୁ ନିଜକୁ ବଞ୍ଚିତ କରି ରଖିଛ, ମନ ଧ୍ୟାନ ଥିଲା ସେଥିରେ । ବ୍ରତରେ ଧ୍ୟାନ ନଥିଲା । ତେଣୁ ସେ ବ୍ରତ, ସେ ଉପବାସ ବିଡ଼ମ୍ବନା ମାତ୍ର । ସନ୍ନ୍ୟାସୀଙ୍କୁ ଜାଣେ । ସେ ଯେପରି ନ ଖାଇବାର ଛଳନା କରନ୍ତି ନାହିଁ, ଖାଇବାର ଆସକ୍ତି ମଧ୍ୟ ପୋଷଣ କରନ୍ତି ନାହିଁ । ସେ ନିୟତ ବ୍ରତଚାରୀ । ତେଣୁ ତାଙ୍କ ସତ୍‌ସଙ୍ଗରେ ତୁମ ଦୁର୍ଯୋଗ ଦୂର ହେଲା ।''

ଯାତ୍ରୀମାନେ ବିଦାୟ ନେଲା ବେଳେ ପ୍ରଥମେ ନାଉରିକୁ ନମସ୍କାରଟିମାନ ପକାଇ ପାହାଡ଼ ଉପରକୁ ଯାଇ ସନ୍ନ୍ୟାସୀଙ୍କୁ ପ୍ରଣାମ କରି ଘରକୁ ବାହୁଡ଼ିଲେ ।

['ପ୍ରଜ୍ଞା-ପ୍ରଦୀପିକା'ପୁସ୍ତକରୁ ସଂଗୃହୀତ,
ପୃଷ୍ଠା : ୭୮ - ୮୨] ❑

ଯଥାର୍ଥ ମନୋଭାବ ନେଇ କର୍ମ କରିବାହିଁ ହେଉଛି ଧ୍ୟାନ ।
— ଶ୍ରୀମା

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୪୨)

### ଅନ୍ତରାଳରୁ 'ବିଶ୍ୱଯୁଦ୍ଧ'ର ପରିଚାଳନା (ଖ) :

ଦ୍ୱିତୀୟ ବିଶ୍ୱଯୁଦ୍ଧର ଅନ୍ତର୍ନିହିତ କାରଣ ଏବଂ ଏହାର ସୁନିର୍ବାଚିତ ଶକ୍ତିଶାଳୀ ମାଧ୍ୟମ ସମ୍ବନ୍ଧେ ସାରା ପୃଥିବୀ ଅବଗତ ହେବା ପୂର୍ବରୁ ଶ୍ରୀମାଶ୍ରୀଅରବିନ୍ଦ ଏକଥା ସ୍ପଷ୍ଟ ରୂପେ ଜାଣି ପାରିଥିଲେ । ପୃଥିବୀପୃଷ୍ଠରେ ବିବର୍ତ୍ତନ ଧାରାର କ୍ରିୟାରେ ଶ୍ରୀମାଶ୍ରୀଅରବିନ୍ଦଙ୍କର ଅବଦାନ ସମ୍ବନ୍ଧେ ସମ୍ପ୍ରତି ଆମେ ଊଣାଧିକେ ସୁପରିଚିତ । ଶ୍ରୀମା ତାଙ୍କର ବିଶ୍ୱାତୀତ, ବିଶ୍ୱଗତ ଏବଂ ବ୍ୟକ୍ତିଗତ ସ୍ୱରୂପରେ ସମ୍ପୂର୍ଣ୍ଣ ରୂପେ କ୍ରିୟାରତ ଥିବାବସ୍ଥାରେ ଆସୁରିକ ଶକ୍ତିରାଜି ଦ୍ୱିତୀୟ ବିଶ୍ୱଯୁଦ୍ଧ ଘଟାଇ ତାଙ୍କର ସେହି ଦିବ୍ୟ କର୍ମକୁ ଏକେବାରେ ବିପନ୍ନ କରି ପକାଇଥିଲା । ଏହି ଯୁଦ୍ଧର ପ୍ରାରମ୍ଭ-କାଳରେ ଆସୁରିକ ଶକ୍ତିର ଏକ ବଳିଷ୍ଠ ମାଧ୍ୟମ ହିଟ୍‌ଲର ନିଜକୁ 'ପୃଥିବୀର ଏକଛତ୍ର ଶାସନକର୍ତ୍ତା' ବୋଲି ସ୍ୱପ୍ନ ଦେଖୁଥିଲା । ଶ୍ରୀଅରବିନ୍ଦ ସକ୍ରିୟ ଥିବା ଦିବ୍ୟଶକ୍ତି ସହ (ତା'ର) ହାରିବା ଓ ଜିତିବାର ସମାନ ସମ୍ଭାବନା ସୂଚାଉଥିବା ବେଳେ ହିଟ୍‌ଲରକୁ ପରିଚାଳିତ କରୁଥିବା 'ମିଥ୍ୟାଚାରର ପ୍ରଭୁ' ଶ୍ରୀମା'ଙ୍କୁ ବାରଂବାର ଭେଟି ଯୁଦ୍ଧରେ ମିତ୍ର ଶକ୍ତି (Allies)*କୁ କେତେ ହଇରାଣରେ ପକାଉଛି ଏବଂ ପରାଜୟର ସମ୍ମୁଖୀନ କରାଉଛି – ଏ ସମ୍ବନ୍ଧରେ ବଢ଼େଇ କରି ବଖାଣୁ ଥିଲା । ଶ୍ରୀମା ନିଜେ ଜନୈକ ସାଧକଙ୍କୁ କଥାଛଳରେ ଉପରୋକ୍ତ ପରିପ୍ରେକ୍ଷୀରେ କହିଥିଲେ, ''ଯାହାହେଲେ ବି ମୁଁ ତା'ର ମାଆ ଏବଂ ଆମ ଦୁହିଁଙ୍କ ମଧ୍ୟରେ ଗଭୀର ରହସ୍ୟାବୃତ ସମ୍ପର୍କ ରହିଛି ।'' ...

୨୨ ଅକ୍‌ଟୋବର ୧୯୩୮ରେ ଶ୍ରୀମା ତାଙ୍କ ପୁତ୍ର ଆଁନ୍ଦ୍ରେଙ୍କୁ ଏହି ମର୍ମରେ ଲେଖିଥିଲେ : ''ସାମ୍ପ୍ରତିକ ବିଶ୍ୱ ଘଟଣାସବୁ ସମ୍ବନ୍ଧରେ ତୁ ମୋତେ ପଚାରିଛୁ ଯେ ଏହା 'ଏକ ଭୟଙ୍କର ପ୍ରତାରଣା' ନା 'ଆକସ୍ମିକ ବିପର୍ଯ୍ୟୟରୁ ଅଳ୍ପକେ ରକ୍ଷା ପାଇଯାଇଥିବା'ର ଘଟଣା । ଯୁଗପତ୍ ଦୁଇଟି ଘଟଣା ବୋଲି ଗ୍ରହଣ କରିନେବାହିଁ ହେଉଛି ନିକଟତର ସତ୍ୟ । ନିଶ୍ଚିତ ରୂପେ ହିଟ୍‌ଲର 'ମ୍ୟୁନିକ୍ ଚୁକ୍ତି'ରେ ନିଜର ଶକ୍ତି ସାମର୍ଥ୍ୟକୁ ବଢ଼େଇ କରି କହି ଅନ୍ୟମାନଙ୍କୁ ପ୍ରତାରଣା କରିଛି ... ଏଥିରେ ଚାତୁରୀ, କୂଟନୀତି ଆଦିର ବ୍ୟବହାର କରାଯାଇଛି । କିନ୍ତୁ ଅନ୍ୟ ପକ୍ଷରେ, ପ୍ରତିଟି ମାନୁଷୀ ଇଚ୍ଛାର ପଶ୍ଚାତରେ କ୍ରିୟାରତ ଥିବା ଶକ୍ତିରାଜି ରହିଛି ଯେଉଁସବୁର ମୂଳଉତ୍ସ ମାନୁଷିକ ନୁହେଁ ଏବଂ ଯାହା ସଚେତନ ଭାବରେ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଦିଗରେ ଅଗ୍ରଗତି କରି ଚାଲିଛି । – ଏହିସବୁ ଶକ୍ତିରାଜିର ଲୀଳା ଅତ୍ୟନ୍ତ ଜଟିଳ ଏବଂ ସାଧାରଣତଃ ମାନୁଷୀ ଚେତନାକୁ ଏଡ଼ାଇ ଦେଇଥାଏ । କିନ୍ତୁ ଯଥାର୍ଥ ଅର୍ଥବୋଧକ ବ୍ୟାଖ୍ୟା ଏବଂ ବୋଧଗମ୍ୟ ହେବା ସକାଶେ ସେସବୁ ଶକ୍ତିରାଜିକୁ ପ୍ରଧାନତଃ ବିରୋଧାତ୍ମକ ସ୍ୱାଭାବିକ ପ୍ରବୃତ୍ତିସବୁ ଥିବା ଦୁଇଟି ଶକ୍ତି ରୂପେ ବିଭକ୍ତ କରାଯାଇଥାଏ – ପ୍ରଥମଟି ପୃଥିବୀପୃଷ୍ଠରେ ଦିବ୍ୟ କର୍ମ ସଂସ୍ଥାପନାରେ କ୍ରିୟାରତ ଥିବା ଶକ୍ତିରାଜି ଏବଂ ଅନ୍ୟଟି ହେଉଛି ଏହି ଦିବ୍ୟକର୍ମ ସଂସ୍ଥାପନାରେ ବିରୋଧ କରୁଥିବା ଶକ୍ତିରାଜି । ପ୍ରଥମଟି କ୍ଷେତ୍ରରେ ଖୁବ୍ କମ୍ ସଂଖ୍ୟକ ସଚେତନ ଓ ଗ୍ରହଣଶୀଳ ସୁଲଭ୍ୟ ମାଧ୍ୟମ ରହିଥା'ନ୍ତି । ଏହା ସତ୍ୟ ଯେ ଏହି କ୍ଷେତ୍ରରେ ଗୁଣାତ୍ମକ ଉତ୍କର୍ଷ ଥିବା କତିପୟ ମାଧ୍ୟମ ବହୁଳ ଭାବରେ ସଂଖ୍ୟାଧିକ ସାଧାରଣ ମାଧ୍ୟମସବୁର ମଧ୍ୟରେ ଭାରସାମ୍ୟ ରକ୍ଷା କରିଥାଏ । ଆସୁରିକ ଶକ୍ତିର ମାଧ୍ୟମ ରୂପେ ନିର୍ବାଚନ କରିବା ସକାଶେ ପ୍ରଚୁର ମାଧ୍ୟମ ମିଳିଥା'ନ୍ତି ଏବଂ ସର୍ବଦା ସେହିସବୁ ମସ୍ତିଷ୍କ ଥିବା ବ୍ୟକ୍ତିଙ୍କୁ ବିରୋଧୀ ଶକ୍ତିରାଜି ନିର୍ବାଚନ କରିବାକୁ

* 'ମିତ୍ର ଶକ୍ତି' (Allies) କହିଲେ ସାଧାରଣତଃ ଗ୍ରେଟ୍ ବ୍ରିଟେନ୍, ଫ୍ରାନ୍ସ, ଆମେରିକା ଏବଂ ରୁଷିଆକୁ ବୁଝାଇଥାଏ ଏବଂ 'ଅକ୍ଷ ଶକ୍ତି' (Axis Power) କହିଲେ ଜର୍ମାନୀ, ଇଟାଲୀ ଓ ଜାପାନକୁ ବୁଝାଏ । 'ଅକ୍ଷ ଶକ୍ତି'ର ପ୍ରଧାନ ଅଧିନାୟକ ଥିଲା ହିଟ୍‌ଲର ଏବଂ ତା'ର ନାଜିବାଦ ଥିଲା 'ଅସୁର ଶକ୍ତି'ର ଏକ ବଳିଷ୍ଠ ନିର୍ବାଚିତ ମାଧ୍ୟମ । ଅନ୍ୟ ପକ୍ଷରେ 'ମିତ୍ର ଶକ୍ତି'ର ପ୍ରଧାନ ଅଧିନାୟକତ୍ୱ କରୁଥିଲେ ଗ୍ରେଟ୍ ବ୍ରିଟେନ୍‌ର ପ୍ରଧାନ ମନ୍ତ୍ରୀ ଉଇନ୍‌ଷ୍ଟନ୍ ଚର୍ଚ୍ଚିଲ୍ । ସେ ଥିଲେ 'ଦିବ୍ୟ ଶକ୍ତି'ର ଏକ ବଳିଷ୍ଠ ମାଧ୍ୟମ, ବୋଧହୁଏ ତାଙ୍କର ଅଜ୍ଞାତସାରରେ ସେ ଏହି ଦିବ୍ୟ ଶକ୍ତି ଦ୍ୱାରା ସମ୍ପୂର୍ଣ୍ଣ ରୂପେ ପରିଚାଳିତ ହେଉଥିଲେ ।

ପସନ୍ଦ କରିଥା'ନ୍ତି ଯେଉଁମାନଙ୍କୁ ନିଜର କ୍ରୀତଦାସ ରୂପେ ବ୍ୟବହାର କରି ପାରିବେ ଏବଂ ଏପରି ବ୍ୟକ୍ତିତ୍ୱସବୁକୁ ଗ୍ରହଣ କରିଥା'ନ୍ତି ଯେଉଁମାନଙ୍କୁ ସେମାନେ ବଶୀଭୂତ କରିପାରିବେ, କହିବାକୁ ଗଲେ ସେମାନଙ୍କୁ ସର୍ବଦା ବୁଦ୍ଧିବିବେକହୀନ ହାତବାରସି ସଦୃଶ ନିଜ କାର୍ଯ୍ୟରେ ଲଗାଇ ପାରିବେ। ହିଟ୍‌ଲର ହେଉଛି ଏହିସବୁ ଆସୁରିକ ଶକ୍ତିର ଏକ ସୁନିର୍ବାଚିତ ମାଧ୍ୟମ। ଏହିସବୁ ଶକ୍ତି ହିଂସ୍ର ଆଚରଣ, ବିଭିନ୍ନ ଧରଣର ବୈପ୍ଳବିକ ଆନ୍ଦୋଳନ ତଥା ଯୁଦ୍ଧ ଘଟାଇବାକୁ ଚାହିଁଥା'ନ୍ତି; କାରଣ ସେମାନେ ଭଲ ଭାବରେ ଏ ବିଷୟରେ ଅବଗତ ରହିଥା'ନ୍ତି ଯେ ସେମାନଙ୍କର ଏହି ଧରଣର କ୍ରିୟା-କଳାପ ଦିବ୍ୟ ଶକ୍ତିରାଜିର କ୍ରିୟାକୁ ବିଳମ୍ବିତ କରିଦେବ ଏବଂ ସେଥିରେ ବ୍ୟାଘାତ ସୃଷ୍ଟି କରିବ। ସେଇଥିପାଇଁ ନିକଟ ଭବିଷ୍ୟତରେ ଆକସ୍ମିକ ଦୁର୍ବିପାକ ଘଟିବା ଅବଶ୍ୟମ୍ଭାବୀ, ଯଦିଓ କୌଣସି ମାନୁଷିକ ସରକାର ସଚେତନ ଭାବରେ ଏହା ଚାହାଁନ୍ତି ନାହିଁ। କିନ୍ତୁ ଯେକୌଣସି ପ୍ରକାରେହିଁ ଏହି ମୁହୂର୍ତ୍ତରେ ଯୁଦ୍ଧ ଘଟାଇବାକୁ ଦିଆଯିବ ନାହିଁ ଏବଂ ଏହି କାରଣରୁହିଁ ଯୁଦ୍ଧକୁ କିଛି ସମୟ ନିମିତ୍ତ ଏଡ଼ାଇ ଦିଆଯାଇଛି।''

(MCW, Vol. 16, pp. 9 - 10)

ପ୍ରକାଶ ଥାଉକି ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଯୁଦ୍ଧକୁ କିଛି ସମୟ ନିମିତ୍ତ ଏଡ଼ାଇ ଦିଆଯିବାର ପ୍ରକ୍ରିୟାରେ ଶ୍ରୀମାଶ୍ରୀଅରବିନ୍ଦଙ୍କର ଥିଲା ପ୍ରଥମ ଦିବ୍ୟ ହସ୍ତକ୍ଷେପ (occult divine intervention)। ତେଣୁ 'ଅସୁର'ଟି ପ୍ରବଳ କ୍ରୋଧାନ୍ୱିତ ହୋଇ ପରିଶେଷରେ ଶ୍ରୀମାଶ୍ରୀଅରବିନ୍ଦଙ୍କ କର୍ମରେ ବାଧା ଘଟାଇବାକୁ ଆସିଥିଲା ଏବଂ ନଭେମ୍ବର ୧୯୩୮ରେ ପ୍ରତ୍ୟକ୍ଷ ଭାବରେ ଶ୍ରୀଅରବିନ୍ଦଙ୍କର ଦୁର୍ଘଟଣା ଘଟାଇଥିଲା।

ଏହି ଅଧ୍ୟାୟରେ ଆମେ ସେହି 'ଅସୁର'ର ବଳିଷ୍ଠ ଓ ନିର୍ବାଚିତ ମାଧ୍ୟମ ହିଟ୍‌ଲର ସମ୍ବନ୍ଧେ ପଦେ-ଅଧେ କହିବୁ। ହେର୍ ଆଡ଼ୋଲ୍‌ଫ ହିଟ୍‌ଲର (Herr Adolf Hitler, 1889-1945) : ୧୯୩୩ ଜାନୁଆରୀରୁ ଜର୍ମାନୀର ମୁଖ୍ୟ ଅଧିନାୟକ (Chanceller) ଏବଂ ଅଗଷ୍ଟ ୧୯୩୪ର ନାଜି ପ୍ରଶାସକ (Third Reich) କାଳର ବୀର ଅଗ୍ରଣୀ ନେତା ତଥା ପଥପ୍ରଦର୍ଶକ ଥିଲା। ଅଷ୍ଟ୍ରିଆର ଯେଉଁ ସ୍ଥାନରେ ସେ ଜନ୍ମଗ୍ରହଣ କରିଥିଲା, ସେହି ଅଞ୍ଚଳଟି 'ଆସୁରିକ ଶକ୍ତିର ମାଧ୍ୟମ ହୋଇ ଉଠିବାର ଉତ୍ପତ୍ତିସ୍ଥଳ' (cradle of mediums) ରୂପେ ସର୍ବଜନବିଦିତ ଥିଲା।

ହିଟ୍‌ଲର ସମ୍ବନ୍ଧେ ଶ୍ରୀମା ତାଙ୍କର 'ପ୍ରଶ୍ନୋତ୍ତର' କ୍ଲାସରେ କହିଥିଲେ : ''... ହିଟ୍‌ଲର ଥିଲା ଏକ ସାଧାରଣ ମଣିଷ, ଜଣେ ମଣିଷ ହିସାବରେ ସେ ଥିଲା ଅତି ଦୁର୍ବଳମନା ଓ ଅତ୍ୟନ୍ତ ଭାବପ୍ରବଣ – ଏବଂ ଜଣେ ସାମାଜିକ ମଣିଷ ହିସାବରେ ତା'ର ଥିଲା ଏକ ତୁଚ୍ଛ କର୍ମୀ (କେତେକଙ୍କ ମତରେ ସେ ଥିଲା ଜଣେ ନଗଣ୍ୟ ମୋଚି)ର ସାଧାରଣ ହିତାହିତ ଜ୍ଞାନ ଓ ବିବେକ। ଯାହା ବି ହୋଇ ଥାଉନା କାହିଁକି, ଜଣେ ସାମାନ୍ୟ କର୍ମୀ ବା ଜଣେ ସାଧାରଣ ସ୍କୁଲ ମାଷ୍ଟର – ଏହିପରି କିଛି ହୋଇ ରହିଥିବା ବେଳେ ତା'ର ଥିଲା ସାମାନ୍ୟ ବିବେକ ଓ ଭାବପ୍ରବଣତା, ଯାହାକୁ କୁହାଯାଏ 'ଅତି ଦୁର୍ବଳ'।

''କିନ୍ତୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ଉପୁଜାଇବାରେ ସେ ଅନ୍ୟ ଶକ୍ତି ଦ୍ୱାରା ଅଧୀକୃତ ହୋଇ ରହିଥିଲା। ସେ ତା'ର ପ୍ରକୃତିରେ ସାଧାରଣ, ଅତି ସାଧାରଣ, ଭଲ ନୁହେଁ କି ମନ୍ଦ ନୁହେଁ, ମଧ୍ୟମ ଗୁଣ ବିଶିଷ୍ଟ ଥିଲା। କିନ୍ତୁ ସେ ଥିଲା ଅସୁର-ଶକ୍ତିର ଏକ ମାଧ୍ୟମ, ଉତ୍ତମ ମାଧ୍ୟମ – ଅଧିକନ୍ତୁ ଅଶରୀରୀ ସତ୍ତାଗଣଙ୍କ ସହ ସଂଯୋଗ ସ୍ଥାପନ ଉଦ୍ଦେଶ୍ୟରେ ଅନୁଷ୍ଠିତ କ୍ରିୟାନୁଷ୍ଠାନରେ ଉପସ୍ଥିତ ଥିବା ବେଳେ ସେହି ସତ୍ତାଗଣ ତାକୁ ସମ୍ପୂର୍ଣ୍ଣ ରୂପେ ଆୟତ୍ତ କରି ନେଉଥିଲେ। ଏହି ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ସେ ଆକସ୍ମିକ ଭାବରେ ମୂର୍ଚ୍ଛା ଯାଉଥିଲା; ଯାହାକୁ ସାଧାରଣତଃ ଅପସ୍ମାର ବା ମୂର୍ଚ୍ଛା ରୋଗ ରୂପେ ସୂଚିତ କରାଯାଇଥାଏ। କିନ୍ତୁ ତା'ର ସେଇ ଧରଣର ମୂର୍ଚ୍ଛାରୋଗ ନଥିଲା, ସେସବୁ ଥିଲା ତାକୁ ପରାଭୂତ କରିବାର ପୂର୍ବ-ମୁହୂର୍ତ୍ତ। ଏହିସବୁ କ୍ରିୟାର ବଶୀଭୂତ ହୋଇ ତା'ର ଗୋଟିଏ ପ୍ରକାର ଶକ୍ତି-ସାମର୍ଥ୍ୟ ଆସୁଥିଲା, ଅଥଚ ଯାହାକି ସେତେ ଅସାଧାରଣ ସାମର୍ଥ୍ୟ ବିଶିଷ୍ଟ ନଥିଲା। କିନ୍ତୁ ସେ ନିଜେ ଯେତେବେଳେ ସେହି ଅସୁର-ଶକ୍ତି ପାଖରୁ କିଛି ଜାଣିବା ସକାଶେ, ଅର୍ଥାତ୍ ଏକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ନିଜର କ'ଣ କରିବା ସମୀଚୀନ ସେ ସମ୍ବନ୍ଧେ ସ୍ପଷ୍ଟ ଇଙ୍ଗିତ ଲାଭ କରିବା ସକାଶେ ଚାହୁଁଥିଲା, ସେ ତା'ର 'ଦୁର୍ଗ' (castle)*କୁ (ନିଃସନ୍ଦେହରେ ଶ୍ରୀମା ହିଟ୍‌ଲରର ସ୍ୱତନ୍ତ୍ର ବଗିଚା-ଗୃହ ସମ୍ବନ୍ଧେ

* ଏହି ସ୍ୱତନ୍ତ୍ର ବଗିଚା ଗୃହ(Berghof)ଟି ଜର୍ମାନୀ ଓ ଇଟାଲୀ ମଧ୍ୟରେ ଥିବା ଏକ ଉଚ୍ଚ ପର୍ବତ (Alps) ଶିଖରରେ ଅବସ୍ଥିତ। ଏହା ଥିଲା ହିଟ୍‌ଲରର 'ହଠାତ୍ ପ୍ରେରଣା ଲାଭ କରୁଥିବାର ପ୍ରାସାଦ'।

ସୂଚାଇଛନ୍ତି) ଯାଇ 'ଧ୍ୟାନସ୍ଥ' ହେଉଥିଲା ଏବଂ ସେଠାରେ ସେ ପ୍ରକୃତରେ ଆନ୍ତରିକ ଭାବରେ ଗଭୀର ଧ୍ୟାନସ୍ଥ ଅବସ୍ଥାରେ ତା'ର 'ଈଶ୍ୱର'ଙ୍କୁ ପ୍ରାର୍ଥନା ଜଣାଉଥିଲା, ତା'ର 'ପରମୋଚ୍ଚ ପ୍ରଭୁ'ଙ୍କୁ ଆବାହନ କରୁଥିଲା । ଏହି 'ପ୍ରଭୁ'ଟି ଥିଲା 'ରାଷ୍ଟ୍ରସମୂହର ପ୍ରଭୁ' ('Lord of Nations') ଏବଂ ଏହି ସ୍ଥିତିରେ ତାକୁ ସବୁକିଛି ଚମତ୍କାର ପ୍ରତୀୟମାନ ହେଉଥିଲା । ତା'ର ଏହି 'ପ୍ରଭୁ' ଜଣଙ୍କ ଥିଲା ଏକ ଅଶରୀରୀ ସତ୍ତା ... ଆକୃତିରେ ଛୋଟ ଥିଲା ସତ, ରୌପ୍ୟ କବଚାବୃତ ହୋଇ ତା'ର ଝଟକୁଥିବା ମୁକୁଟ ସଦୃଶ ଶିରସ୍ତ୍ରାଣ ଏବଂ ତା'ର ଚୂଡ଼ାରେ ଶୋଭା ପାଉଥିବା ସୁଶୋଭିତ ସୁବର୍ଣ୍ଣ ପକ୍ଷଯୁକ୍ତ ମୂର୍ତ୍ତିରେ ସେ ତା' ସାମନାରେ ଉଭା ହେଉଥିଲା । ଏହା ପ୍ରକୃତରେ ଥିଲା ଚମତ୍କାର । ଏବଂ ସେହି ମୂର୍ତ୍ତିଟିର ଅବୟବରୁ ଏପରି ଉଜ୍ଜ୍ୱଳ ଜ୍ୟୋତି ଝଟକୁ ଥିଲା ଯେ ତାକୁ ଚାହିଁ ହେବ ନାହିଁ, ଆଖି ବୁଜି ହୋଇ ଯାଉଥିଲା । ସେହି ଜ୍ୟୋତିର ପ୍ରଜ୍ୱଳିତ ପ୍ରଭା ଥିଲା ଅସହ୍ୟ । ସ୍ୱଭାବତଃ ସେହି ମୂର୍ତ୍ତିଟି ଭୌତିକ ଅବୟବରେ ଉଭା ହେଉ ନଥିଲା । ଯେହେତୁ ହିଟ୍‌ଲର ଏହି 'ଈଶ୍ୱର'ଟିର ବଶୀଭୂତ ହୋଇ ତା'ର ଏକ ବଳିଷ୍ଠ ମାଧ୍ୟମ ସ୍ୱରୂପ ହୋଇ ଉଠିଥିଲା, ତେଣୁ ସେ ତୀବ୍ର ଭାବରେ ବିସ୍ମୟାଭୂତ ହୋଇ ସେହି ମୂର୍ତ୍ତିଟିକୁ ଦେଖି ପାରୁଥିଲା ଏବଂ ହିଟ୍‌ଲରର ଥିଲା ଏକ ପ୍ରକାର ଅତୀନ୍ଦ୍ରିୟ ଶକ୍ତି (clairvoyance) ଏବଂ ଏହି ଦର୍ଶନର ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେହିଁ ସେ ମୂର୍ଚ୍ଛା ହୋଇ ଯାଉଥିଲା : ସେ ଚଟାଣରେ ଗଡ଼ି ଯାଉଥିଲା, ନିର୍ବୋଧ ସଦୃଶ ବ୍ୟବହାର କରୁଥିଲା ଏବଂ ଏଣୁ-ତେଣୁ ବାଜେ କଥାସବୁ ଗପି ଯାଉଥିଲା, ଗାଲିଚାକୁ ଟାଣିଓଟାରି ଛିଣ୍ଡାଇ ପକାଉ ଥିଲା । ପ୍ରକୃତରେ କହିବାକୁ ଗଲେ ତା'ର ଏହି ସ୍ଥିତିଟି ଥିଲା ଏକ ଭୟଙ୍କର ସ୍ଥିତି । ତା' ଚାରି ପାଖରେ ଉପସ୍ଥିତ ବ୍ୟକ୍ତିଗଣ ଏ ସମ୍ବନ୍ଧେ ଜାଣିଥିଲେ । ଯାହାହେଉ ସେହି ଅଶରୀରୀ ସତ୍ତାଟି ଥିଲା 'ରାଷ୍ଟ୍ରସବୁର ପ୍ରଭୁ'; ସେ ପ୍ରକୃତରେ 'ରାଷ୍ଟ୍ରସବୁର ପ୍ରଭୁ'ର ଅସଲ ମୂଳଉତ୍ସ ନଥିଲା; ଏହା ଥିଲା ସେଇଟିର ଏକ ବିଭୂତି (emanation), ଏକ ବଳିଷ୍ଠ ବିଭୂତି ।''

(MCW, Vol. 5, pp 378-79)

ଏହି ପରିପ୍ରେକ୍ଷୀରେ ହିଟ୍‌ଲରକୁ ସ୍ୱଚକ୍ଷୁରେ ଦେଖିଥିବା ତା'ର ଜଣେ ଜୀବନୀ-ଲେଖକଙ୍କର ବର୍ଣ୍ଣନାରୁ ଉଦ୍ଧୃତି : ''ଅତ୍ୟନ୍ତ ଭାବପ୍ରବଣ ହୋଇ ଅର୍ଦ୍ଧରାତ୍ରିରେ ହିଟ୍‌ଲର ନିଦରୁ ଉଠି ପଡୁଥିଲା, ତା'ର ବିଛଣାର ଗୋଟିଏ ପାଖରେ ବସି ସାହାଯ୍ୟ ଭିକ୍ଷା କରୁଥିଲା, ଜଣା ପଡୁଥିଲା ସେ ଯେମିତି କୌଣସି ପ୍ରକାରେ ହଲଚଲ ହେବାକୁ ଅକ୍ଷମ । ସେ ଯେପରି ଏକ ଆକସ୍ମିକ ବିପଦର କବଳରେ ପଡ଼ି ଆତଙ୍କିତ ହୋଇଉଠିଛି, ଯାହାକି ତାକୁ ଭୟଙ୍କର ଭାବରେ ଥରାଇ ଦେଉଥିଲା ଏବଂ ସେ ଏପରି ଭାବରେ ଥରୁଥିଲା ଯେ ବିଛଣାଟିରେ ବି କମ୍ପନ ସୃଷ୍ଟି ହେଉଥିଲା । ସେ ବାଉଳା ହୋଇ ଉଚ୍ଚସ୍ୱରରେ ଅବୋଧ କଥାସବୁ ଆଉଡ଼ାଉ ଥିଲା । ଶ୍ୱାସରୋଧରେ ଯନ୍ତ୍ରଣା ପାଇବା ସଦୃଶ ଧଇଁସଇଁ ହୋଇ ସେ ଅତିକଷ୍ଟରେ ପ୍ରଶ୍ୱାସ ନେଉଥିବାର ଅବସ୍ଥା ଭୋଗୁଥିଲା । ... ଥରେ ଏପରି ଘଟିଥିଲା ଯେ ସେ ତା' କକ୍ଷରେ ଦଣ୍ଡାୟମାନ ରହି ଦୋହଲୁ ଥିଲା, ବାଉଳା ହୋଇ ତା'ର ଚାରିପାଖକୁ ଅନାଉ ଥିଲା ଏବଂ ମୃଦୁ-ଗର୍ଜନ କରି କହି ଉଠୁଥିଲା, 'ହେଇ ତ, ସେଇଠି ଛିଡ଼ା ହୋଇଛି ! ସେଇଠି ଛିଡ଼ା ହୋଇଛି ! ସେ ଏଠାକୁ ଆସିଛି !' ତା'ର ଓଷ୍ଠାଧର ଶେତା ପଡ଼ି ଯାଉଥିଲା, ତା' ଦେହରୁ ବଡ଼ ବଡ଼ ଟୋପା ଝାଳ ନିଗାଡ଼ି ହୋଇ ଯାଉଥିଲା । ହଠାତ୍ ସେ କୌଣସି ଅର୍ଥ ନଥିବା ସଂଖ୍ୟାସବୁ ଉଚ୍ଚାରଣ କରିବାକୁ ଲାଗିଲା, ତା'ପରେ ଶବ୍ଦାବଳୀ, ତା'ପରେ ଖଣ୍ଡବାକ୍ୟସବୁ । ଏହା ଏକ ଭୟଙ୍କର ଦୃଶ୍ୟ ଥିଲା । ଅଦ୍ଭୁତ ଭାବରେ କୌଣସି ଅର୍ଥ ନଥିବା ବା ଭାବ ପ୍ରକାଶ କରୁ ନଥିବା କଥାସବୁକୁ ସେ ଏକା ସାଥିରେ କହି ଚାଲୁଥିଲା । ତା'ପରେ ଠିକ୍ ପର ମୁହୂର୍ତ୍ତରେ ସେ ଏକେବାରେ ନୀରବ ହୋଇଯାଉଥିଲା; ତଥାପି ତା'ର ଓଷ୍ଠାଧର କମ୍ପୁଥିଲା । କିଛି ସମୟ ଅପେକ୍ଷା କରିବା ପରେ ତାକୁ କିଛି ଖବର ଦିଆ ଯାଉଥିଲା ଏବଂ କିଛି ପିଇବାକୁ ଦିଆ ଯାଉଥିଲା । ଏବଂ ଠିକ୍ ପର ମୁହୂର୍ତ୍ତରେ ବିଭିନ୍ନ ପ୍ରକାର କାଠଖଣ୍ଡ ଦ୍ୱାରା ନିର୍ମିତ ସୁସଜ୍ଜିତ ଘରର ଚଟାଣ ଉପରେ ଜୋର୍‌ରେ ପଦାଘାତ କରି ସେ ଚିତ୍କାର କରି କହିଉଠୁଥିଲା : 'ସେଇଠି, ସେଇଠି ଘର କୋଣରେ ସେ ରହିଛି ! ସେ ସେଇଠି ରହିଛି !' ...''

ଶ୍ରୀଅରବିନ୍ଦଙ୍କ ଉକ୍ତିରେ : ''ଆମେ ଯେତେବେଳେ କହିଥାଉ ଯେ ହିଟ୍‌ଲର ଏକ ଶକ୍ତିଶାଳୀ ପ୍ରାଣିକ ଶକ୍ତି (Vital Power) ଦ୍ୱାରା ବଶୀଭୂତ ହୋଇ ରହିଛି, ଏହା ଏକ ବାସ୍ତବ ଉକ୍ତି; ଏହା ଏକ ନୈତିକ ଧାରଣା ଉପରେ ପର୍ଯ୍ୟବସିତ ନିଷ୍ପତ୍ତି (judgement) ନୁହେଁ ।''

(ଜାନୁଆରୀ, ୧୯୩୯)

ଶ୍ରୀଅରବିନ୍ଦ ଅନ୍ୟତ୍ର ମଧ୍ୟ ଉଲ୍ଲେଖ କରିଛନ୍ତି : ''ହିଟ୍‌ଲର ସଦୃଶ ଏପରି କୌଣସି ବ୍ୟକ୍ତିକୁ ମୁଁ ଜାଣି ନାହିଁ ଯିଏକି 'ଅସୁର' (ନିଜକୁ 'ରାଷ୍ଟ୍ରସବୁର ପ୍ରଭୁ' ବୋଲାଉଥିବା 'ମିଥ୍ୟାଚାରର

ପ୍ରଭୁ')ର ନିର୍ଦ୍ଦେଶକୁ ଏତେ ବିଶ୍ୱସ୍ତ ଭାବରେ ଅନୁସରଣ କରୁଥିଲା ।''

ଶ୍ରୀଅରବିନ୍ଦ ତାଙ୍କର 'The Dwarf Nepoleon' ପଦ୍ୟରେ ଲେଖିଛନ୍ତି :

"In his high villa on the fatal hill
Alone he listens to that sovereign Voice,
Dictator of his action's sudden choice,"

(SABCL, Vol. 5, p. 111)

କଥିତ ଅଛି ଯେ ହିଟ୍‌ଲର ତା'ର ବିଶ୍ୱସ୍ତତା ଯୋଗୁଁ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମରେ ଘଟିଥିବା ମରଣୋନ୍ମୁଖ ଅବସ୍ଥାରେ ସେ ଆକସ୍ମିକ ଭାବରେ ଅଳ୍ପକେ ରକ୍ଷା ପାଇଯାଇଛି । ତା' ନିଜସ୍ୱ ଉକ୍ତିରେ : ''ସେହି ସଂକଟ ମୁହୂର୍ତ୍ତର ଅବ୍ୟବହିତ ପୂର୍ବରୁ ଏକ କଣ୍ଠସ୍ୱର ମୋତେ ନିର୍ଦ୍ଦେଶ ଦେଉଥିଲା, 'ଉଠି ଛିଡ଼ା ହୁଅ, ସେଠାକୁ ପଳାଇ ଯାଅ !' ଏବଂ ପର ମୁହୂର୍ତ୍ତରେ ପୂର୍ବର ସେହି ନିର୍ଦ୍ଦିଷ୍ଟ ସ୍ଥାନରେ ବୋମା ପଡ଼ିଛି ! ଏହି କଣ୍ଠସ୍ୱର ଏତେ ସ୍ପଷ୍ଟ ଓ ଦୃଢ଼ ଥିଲା ଯେ ମୁଁ ଅନ୍ୟ କିଛି କଥାକୁ ମୁଣ୍ଡରେ ନ ପୂରାଇ ତତ୍‌କ୍ଷଣାତ୍ ଯନ୍ତ୍ରବତ୍ ସେହି ନିର୍ଦ୍ଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରୁଥିଲି, ଏହା ଥିଲା ଯେମିତି ଏକ ସାମରିକ ନିର୍ଦ୍ଦେଶ । ...'' ଅନ୍ୟତ୍ର ବର୍ଣ୍ଣିତ ହୋଇଛି ଯେ ଏହି ଦୁଃସାହସିକ କାୟିକ-ସ୍ୱତନ୍ତ୍ର ବାର୍ତ୍ତାବହକାରୀ (corporal-courier) ହିଟ୍‌ଲରକୁ ସମଗ୍ର ଯୁଦ୍ଧକାଳ ମଧ୍ୟରେ ସେ ଶକ୍ତି କବଚାବୃତ କରି ରଖିଥିଲା । ବାରଂବାର ଏପରି ଘଟିଛି, ଯେପରିକି ସେ ଅନୁଭବ କରୁଥିଲା ହଠାତ୍ ଏକ ଆନ୍ତର ପ୍ରେରଣାର ତାଡ଼ନାରେ ଯନ୍ତ୍ରବତ୍ ଚାଳିତ ହୋଇ ଏକ ନିର୍ଦ୍ଦିଷ୍ଟ ସ୍ଥାନରୁ ତୁରନ୍ତ ଅପସରି ଯିବାର ଠିକ୍ ପର ମୁହୂର୍ତ୍ତରେହିଁ ସେଇ ସ୍ଥାନରେ ବୋମା ବର୍ଷଣ ହୋଇଛି । ...

ଏହି ନିର୍ଦ୍ଦିଷ୍ଟ ଅସୁର ('ମିଥ୍ୟାଚାରର ପ୍ରଭୁ')ଟି ନିଶ୍ଚିତ ରୂପେ ନିଜ ସ୍ୱରୂପରେ, ଅର୍ଥାତ୍ ତା'ର ମୂଳଉତ୍ସର ସ୍ୱରୂପରେ ବଦଳିଯିବାକୁ ମନା କରି ଦେଇଥିଲା ଏବଂ ଶପଥ ନେଇଥିଲା ଯେ ପୃଥିବୀପୃଷ୍ଠରେ ତା'ର ବିନାଶ ଘଟିବା ପୂର୍ବରୁ ସେ ଏଠାରେ ସବୁଠାରୁ ଅଧିକ ସମ୍ଭାବ୍ୟ ଅନିଷ୍ଟ ଘଟାଇବ ।

ଶ୍ରୀମା ଥରେ ଏହି ମର୍ମରେ କହିଥିଲେ ଯେ ବିଂଶ ଶତାବ୍ଦୀର ସମସ୍ତ ଯୁଦ୍ଧ ହେଉଛି ପ୍ରକୃତରେ କେବଳ ଗୋଟିଏ ଯୁଦ୍ଧର ଧାରାବାହିକ ଘଟଣାବଳି ଏବଂ ସେସବୁ ସେହି ଗୋଟିଏ ମାତ୍ର ଅସୁରର କାଣ୍ଡ । ସମଗ୍ର ବ୍ୟାପାରଟି ହେଉଛି ପରସ୍ପର ବିରୋଧୀ କେବଳ ଦୁଇଟି ଶକ୍ତିରାଜି ମଧ୍ୟରେ ଯୁଦ୍ଧ । ଗୋଟିଏ ପକ୍ଷରେ ରହିଛନ୍ତି ପୃଥିବୀପୃଷ୍ଠରେ ଯୁଗ୍ମ ଅବତାରଙ୍କର ବିବର୍ତ୍ତନଧାରାର ଯୋଗରେ ଅଗ୍ରଗତି ଘଟାଉଥିବା ଜ୍ୟୋତିର୍ମୟ ଦିବ୍ୟଶକ୍ତିରାଜି ଏବଂ ଅନ୍ୟ ପକ୍ଷରେ ସମଗ୍ର ପୃଥିବୀରେ ଆଧିପତ୍ୟ ବିସ୍ତାର କରିବାରେ ସତତ କ୍ରିୟାଶୀଳ ଅନ୍ଧକାର ଶକ୍ତିରାଜି । ଏହି ଯୁଦ୍ଧର ଲକ୍ଷ୍ୟ ହେଉଛି ଯେତେଦୂର ସମ୍ଭବ ଏଥିରେ ଆସୁରିକ ଶକ୍ତିରାଜି ସଂପୃକ୍ତ ଥିବା ପର୍ଯ୍ୟନ୍ତ, ସର୍ବଦା ମାନବ ସଭ୍ୟତା ଅଦ୍ୟାବଧି ଲାଭ କରିଥିବା ସମସ୍ତ ଅଗ୍ରଗତିକୁ ସମୂଳେ ଧ୍ୱଂସ କରିଦେବା ଏବଂ ଏହାକୁ ବର୍ବରତାର ଘନକୃଷ୍ଣ ରାତ୍ରିର ଅତଳ ଗହ୍ୱର ମଧ୍ୟରେ ବଳପୂର୍ବକ ନିକ୍ଷେପ କରିଦେବା; ଯେଉଁ ବର୍ବରତାର ଚୂଡ଼ାନ୍ତ ନିଦର୍ଶନ ହେଉଛି ଜର୍ମାନୀର ନାଜିବାଦର ଶାସନ ପ୍ରଣାଳୀ ଏବଂ ରୁଷିଆର ଷ୍ଟାଲିନ୍‌ର ସାମ୍ପ୍ରଦାୟିକତା (Communism) ।

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑

**ତଥ୍ୟ ନିର୍ଦ୍ଦେଶିକା :**

(1) Georges V. Vrekhem : (a) '*Beyond Man*', ch. 16; (b) 'The Mother', Part Two ଦ୍ରଷ୍ଟବ୍ୟ ।

(2) Nirodbaran : (a) 'Talks with Sri Aurobindo'; (b) 'Twelve Years with Sri Aurobindo'; (c) 'Sri Aurobindo for All Ages' ଦ୍ରଷ୍ଟବ୍ୟ ।

ଯେଉଁମାନଙ୍କର ପତନ ହୁଏ, ପ୍ରାଣଶକ୍ତିର ଆକ୍ରମଣ ଯୋଗୁଁ ସେମାନଙ୍କର ପତନ ହୁଏ ନାହିଁ । ସେମାନଙ୍କର ପତନ ହୁଏ, କାରଣ ସେମାନେ ନିଜକୁ ବିରୋଧୀ ଶକ୍ତିମାନଙ୍କ ପକ୍ଷରେ ରଖିଥା'ନ୍ତି ଏବଂ ଆଧ୍ୟାତ୍ମିକ ସିଦ୍ଧି ଅପେକ୍ଷା ଏକ ପ୍ରାଣିକ ଉଚ୍ଚାଭିଳାଷ ବା କାମନାକୁ ଅଧିକ ମୂଲ୍ୟ ଦିଅନ୍ତି ।

- ଶ୍ରୀଅରବିନ୍ଦ

# ପୂର୍ଣ୍ଣଯୋଗରେହିଁ ଜୀବନ ପୂର୍ଣ୍ଣ

## ରାମକୃଷ୍ଣ ଦାସ

### ଯୋଗର ଅର୍ଥ ଓ ଉଦ୍ଦେଶ୍ୟ

ପୂର୍ଣ୍ଣଯୋଗର ଅର୍ଥ ହେଲା ବ୍ୟକ୍ତିର ସମସ୍ତ ସତ୍ତାରେ ଭଗବାନଙ୍କ ସହିତ ଏକତ୍ୱ ସ୍ଥାପନ ତଥା ଉଦ୍ଦେଶ୍ୟ ହେଲା ମନ-ପ୍ରାଣ-ଶରୀର ତା'ର ମୂଳ ଚିନ୍ମୟ ତତ୍ତ୍ୱରେ ରୂପାନ୍ତର ଏବଂ ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ଭଗବାନଙ୍କୁ ଉପଲବ୍ଧି । ପ୍ରତ୍ୟେକ ବ୍ୟକ୍ତି ଅଜ୍ଞାତ ରୂପେ ଏହି ଲକ୍ଷ୍ୟ ଆଡ଼କୁ ପ୍ରକୃତି ଦ୍ୱାରା ବହୁତ ମନ୍ଥର ଗତିରେ କ୍ରମ-ବିବର୍ତ୍ତନ ଧାରାରେ ମହାନ୍ ଦୁଃଖ-କଷ୍ଟ, ଉତ୍ଥାନ-ପତନ ମଧ୍ୟ ଦେଇ ଅଗ୍ରସର ହେଉ ଅଛନ୍ତି । ପ୍ରକୃତିର ଏହି ମନ୍ଥର ଗତିକୁ ତୀବ୍ର କରିବା ଏବଂ ଏହି ଲକ୍ଷ୍ୟ ସମ୍ବନ୍ଧେ ସଚେତନ ହୋଇ ଏହାକୁ ପ୍ରାପ୍ତ ହେବା ନିମିତ୍ତ ଯଥାର୍ଥ ପ୍ରଣାଳୀରେ ପ୍ରଯତ୍ନ କରିବା ଅର୍ଥହିଁ ଯୋଗ । ଯୋଗରେହିଁ ବ୍ୟକ୍ତି ଦୁଃଖ, କଷ୍ଟ, ଦ୍ୱନ୍ଦ୍ୱ, ଜନ୍ମ, ମରଣରୁ ମୁକ୍ତ ହୁଏ ଏବଂ ପ୍ରକୃତିର ଦାସ ନ ହୋଇ ଭାଗବତୀ ଶକ୍ତିର ଯନ୍ତ୍ର ହୁଏ । ବ୍ୟକ୍ତିର ଏହାହିଁ ଯଥାର୍ଥ ଏବଂ ଶୁଦ୍ଧ ସ୍ୱରୂପ । ପ୍ରତ୍ୟେକ ବ୍ୟକ୍ତି ଜ୍ଞାତ ବା ଅଜ୍ଞାତରେ ଏହାକୁହିଁ ଚାହେଁ । ଅତଏବ ପ୍ରତ୍ୟେକ ବ୍ୟକ୍ତି ସକାଶେ ଏହି ପୂର୍ଣ୍ଣଯୋଗ ଆବଶ୍ୟକ । ଏଥିରେହିଁ ହୁଏ ଜୀବନ-ସମସ୍ୟାର ସମାଧାନ ।

ଯୋଗ ବିନା ଜୀବନ ଅପୂର୍ଣ୍ଣ, ଦୁଃଖପୂର୍ଣ୍ଣ, ଦ୍ୱନ୍ଦ୍ୱଭରା, ଯାତନାମୟ । ଏହି ପୂର୍ଣ୍ଣତାବିହୀନ, ଦୁଃଖଶୋକପୂର୍ଣ୍ଣ ଜୀବନ ମନୁଷ୍ୟର କ୍ରମ-ବିବର୍ତ୍ତନ ଧାରାରେ ମଧ୍ୟବର୍ତ୍ତୀ ସ୍ତର, ଲକ୍ଷ୍ୟ ନୁହେଁ । ତା'ର ଲକ୍ଷ୍ୟ ଦିବ୍ୟ ଜୀବନ । ସେ ପ୍ରକୃତି ଦ୍ୱାରା ପରିଚାଳିତ ହୋଇ ଜଡ଼ରୁ ମନୋମୟ ସ୍ତରରେ ଉପନୀତ ହୋଇଅଛି । ଏହି ସ୍ତରକୁ ଅତିକ୍ରମ କରି ଅତିମାନସ ସ୍ତରକୁ ଉନ୍ନୀତ ହେବା ମନୁଷ୍ୟ ପକ୍ଷେ ଅବଶ୍ୟମ୍ଭାବୀ । ବିକାଶ କେବେ ବି ସ୍ଥଗିତ ହେବ ନାହିଁ । ବର୍ତ୍ତମାନ ବ୍ୟକ୍ତି ଅନ୍ଧକାର-ଅଜ୍ଞାନ, ଦୁଃଖ-କଷ୍ଟରୁ ଜ୍ଞାନ-ଆଲୋକ, ସୁଖ-ଶାନ୍ତି ଦିଗରେ ଅଗ୍ରସର ହେଉଅଛି । ଏହି ବିକାଶ ଦୁଃଖ-କଷ୍ଟରେ ପୂର୍ଣ୍ଣ । ଏହି ପୃଥିବୀରେ ଅତିମାନବ ଜାତି ପ୍ରତିଷ୍ଠିତ ହେବା ପରେ ବ୍ୟକ୍ତି ଜ୍ଞାନ, ଆନନ୍ଦ, ଶାନ୍ତିରୁ ଅନନ୍ତ ଜ୍ଞାନ, ଅକଳ୍ପନୀୟ ଆନନ୍ଦ, ଅସୀମ ଶାନ୍ତି ଆଡ଼କୁ ଚିରଦିନ ଅବିରାମ ଗତିରେ ଅଗ୍ରସର ହେଉଥିବ । ଏହାର ସୀମା ନାହିଁ । ଭଗବାନ୍ ଯେପରି ଅନନ୍ତ; ଜ୍ଞାନ, ଆନନ୍ଦ, ଶାନ୍ତି ମଧ୍ୟ ସେହିପରି ଅନନ୍ତ । ଏହି ବିକାଶ ଆନନ୍ଦମୟ । ମା'ଙ୍କୁ ପ୍ରଶ୍ନ କରାହୋଇଥିଲା :

*"Will you say something to us about Yoga?"*

ଅର୍ଥାତ୍, *''ଯୋଗ ସମ୍ବନ୍ଧରେ କିଛି କହିବେ କି ?''* ମା' ତାହାର ଉତ୍ତରରେ କହିଥିଲେ :

"What do you want the Yoga for? To get power? To attain to peace and calm? To serve humanity? None of these motives is sufficient to show that you are meant for the Path.

"The question you are to answer is this: Do you want the Yoga for the sake of the Divine? Is the Divine the supreme fact of your life, so much so that it is simply impossible for you to do without it? Do you feel that your very *raison d' ètre* is the Divine and without it there is no meaning in your existence? If so, then only can it be said that you have a call for the Path."

*7 April, 1929* (CWM, Vol. 3, p. 1)

ଅର୍ଥାତ୍, ''ତୁମର ଯୋଗ କରିବାର ଉଦ୍ଦେଶ୍ୟ କ'ଣ ? ଶକ୍ତି ପାଇବାକୁ ? ଶାନ୍ତି ଓ ସ୍ଥିରତା ପାଇବାକୁ ? ମାନବଜାତିର କଲ୍ୟାଣ କରିବାକୁ ? ଏଥିରୁ କୌଣସି ଉଦ୍ଦେଶ୍ୟ ବୁଝାଉ ନାହିଁ ଯେ ତୁମେ ଏହି ଯୋଗମାର୍ଗର ଅଧିକାରୀ ।

''ଯେଉଁ ପ୍ରଶ୍ନର ଉତ୍ତର ତୁମେ ଦେବ ତାହା ଏହିପରି : ତୁମେ କ'ଣ ଭଗବାନଙ୍କ ନିମିତ୍ତ ଯୋଗ କରିବାକୁ ଚାହଁ ? ତୁମ ଜୀବନର ଯଥାର୍ଥ କାରଣ କ'ଣ ଭଗବାନ୍ ଏବଂ ତାଙ୍କ ବ୍ୟତୀତ ତୁମର ବଞ୍ଚି ରହିବାର କୌଣସି ଅର୍ଥ ନାହିଁ ? ... ... ଯଦି ଏହାହିଁ ହୁଏ, ତେବେ କୁହାଯାଇପାରେ ଯେ ତୁମେ ଯୋଗ-ସାଧନା ସକାଶେ ଆହ୍ୱାନ ପାଇଅଛ ।''

ଶାନ୍ତି, ଶକ୍ତି ପାଇବା, ମନୁଷ୍ୟଜାତିର ସେବା କରିବା ଇତ୍ୟାଦି ଉତ୍ତମ କର୍ମ; ଏହି ସବୁର ଜୀବନରେ ଆବଶ୍ୟକତା ଅଛି; ଏହି ସବୁକୁ ଚାହୁଁଥିବା ବ୍ୟକ୍ତିକୁ ଯୋଗର ଅନଧିକାରୀ କହିବାର କାରଣ କ'ଣ ? ଏହା ସବୁ ଉତ୍ତମ କର୍ମ, କିନ୍ତୁ ଜୀବନର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟରେ କରାଯାଉ ନଥିବାରୁ ଏହା ଦ୍ୱାରା ଜୀବନ-ସମସ୍ୟାର ସମାଧାନ ହୁଏ ନାହିଁ କିଂବା ବ୍ୟକ୍ତି ଭଗବତ୍ ପ୍ରାପ୍ତି କରି ଜନ୍ମ-ମରଣ ରୂପକ ମହାଦ୍ୱନ୍ଦ୍ୱରୁ ମୁକ୍ତ ହୁଏ ନାହିଁ । ବରଂ ଏଥିରୁ ସୂକ୍ଷ୍ମ ଅହଂ ଉତ୍ପନ୍ନ ହୁଏ । ଏଥିରେ ବ୍ୟକ୍ତିକୁ ଭ୍ରମାତ୍ମକ ସନ୍ତୋଷ ମିଳେ; ତା' ଜୀବନର ଯଥାର୍ଥ ଲକ୍ଷ୍ୟରୁ ସେ ଦୂରକୁ ଚାଲିଯାଏ । ଏହି ବାଧାରୁ ନିବୃତ୍ତ ହେବା ସକାଶେ ଯୋଗର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ମାନି ଭଗବାନଙ୍କ ନିମିତ୍ତ ଭଗବତ୍ ସମର୍ପଣ ଭାବରେ ସମସ୍ତ କର୍ମ କରାହୁଏ, ଯଦ୍ଦ୍ୱାରା କର୍ମକର୍ତ୍ତାର ଅହଂ ଉତ୍ପନ୍ନ ହୁଏ ନାହିଁ ।

ଭଗବାନ୍ ହେଉଛନ୍ତି ସମସ୍ତ ଦିବ୍ୟଗୁଣର ବିଗ୍ରହ । ଯୋଗ ଦ୍ୱାରା ଭଗବାନଙ୍କ ସହିତ ପୂର୍ଣ୍ଣତଃ ଏକତ୍ୱ ପ୍ରାପ୍ତି ହେଲେ ବ୍ୟକ୍ତି ମଧ୍ୟରେ ଦିବ୍ୟଗୁଣ ପ୍ରତିଷ୍ଠିତ ହୁଏ । ସୂର୍ଯ୍ୟ ପାଖକୁ ଅନ୍ଧକାର ନ ଆସିବା ସଦୃଶ ଜ୍ଞାନ-ଆନନ୍ଦାଦି ଦିବ୍ୟଗୁଣ ପାଖକୁ ଅଜ୍ଞାନ, ମୋହାଦି ଅଦିବ୍ୟ ଦୁର୍ଗୁଣ ଆସିପାରନ୍ତି ନାହିଁ । ବ୍ୟକ୍ତି ପରମ ଆନନ୍ଦ ମଧ୍ୟରେ ନିବାସ କରେ । ଏଥିରେହିଁ ମନୁଷ୍ୟ ଜୀବନ ସମସ୍ୟାର ସମାଧାନ ହୁଏ, ଅର୍ଥାତ୍ ବ୍ୟକ୍ତି ଜନ୍ମ-ମରଣ ତଥା ସଂସାରର ସମସ୍ତ ପ୍ରକାର ଦୁଃଖ-ଦ୍ୱନ୍ଦ୍ୱରୁ ମୁକ୍ତ ହୁଏ ।

## ଯୋଗର ଆବଶ୍ୟକତା

ସକଳ ପ୍ରକାର ଦ୍ୱନ୍ଦ୍ୱରୁ ମୁକ୍ତ ହୋଇ ସ୍ଥାୟୀ ପରମାନନ୍ଦ, ପରମ ଶାନ୍ତିରେ ବାସ କରିବା ସକାଶେ ଯୋଗହିଁ ଅପରିହାର୍ଯ୍ୟ । କୌଣସି ବ୍ୟକ୍ତି ଭଗବତ୍ ପ୍ରାପ୍ତି ନକରି , ଭଗବତ୍ ଶକ୍ତିର ଯନ୍ତ୍ର ନହୋଇ, ମନ-ପ୍ରାଣ ଦ୍ୱାରା ପରିଚାଳିତ ହୋଇ ମାନସିକ ବିଚାରରେ ଯଦି ଶାନ୍ତି, ଦେଶସେବାଦି ଦିବ୍ୟଗୁଣ ଲାଭ କରିଥାଏ, ତାହା ଥାଏ କେବଳ ଉପରେ, ଚେତନାରେ ପ୍ରତିଷ୍ଠିତ ହୋଇ ନଥାଏ କିଂବା ହୃଦୟ, ମନ ରୂପାନ୍ତରିତ ହୋଇ ନଥାଏ । ମୂଥାମୂଳ ସଦୃଶ ତା' ଆଧାରରେ ଅହଂ, ସ୍ୱାର୍ଥ, ଅଭିମାନ, ଈର୍ଷା, ଦ୍ୱେଷାଦି ଦୁର୍ଗୁଣ ବିଦ୍ୟମାନ ଥାଏ । ହାତୀ ଉପରେ ଶ୍ୱେତରଙ୍ଗ ଲେପ ଦେଇ କୃତ୍ରିମ ଶ୍ୱେତହସ୍ତୀ ଦେଖାଇବା ପରି ବ୍ୟକ୍ତି ମାନସ-ବିଚାର ଦ୍ୱାରା ଶାନ୍ତି, ଶକ୍ତି ପ୍ରାପ୍ତ ହୋଇ ଦେଶସେବା ଏବଂ ମନୁଷ୍ୟର ଉପକାର ଆଦି ଉତ୍ତମ ବ୍ରତ ଅବଲମ୍ବନ କରେ । ସୁତରାଂ ନିଜ ମଧ୍ୟରେ ଲୁକ୍କାୟିତ ଭାବେ ଥିବା ଅହଂ-ସ୍ୱାର୍ଥାଦି ଦୁର୍ଗୁଣ ସୁଯୋଗ ପାଇ ଶୁଭକର୍ମ ମଧ୍ୟରେ ମିଶ୍ରିତ ହୋଇ ସେସବୁକୁ ନିଜ ପ୍ରଭାବରେ ବିକୃତ କରିଦିଏ । ଯେପର୍ଯ୍ୟନ୍ତ ମନୁଷ୍ୟର ସମସ୍ତ ସତ୍ତାରେ ଭଗବତ୍ ଜ୍ଞାନ, ଆନନ୍ଦ, ଭକ୍ତିରୂପକ ସୂର୍ଯ୍ୟ ପ୍ରକାଶ ନହୁଏ, ସେପର୍ଯ୍ୟନ୍ତ ଅଜ୍ଞାନ-ଅନ୍ଧକାର ରୂପକ ଦୁର୍ଗୁଣ ଦୂର ହୁଏ ନାହିଁ ! ଅଜ୍ଞାନାବସ୍ଥାରେ ମନୁଷ୍ୟ ସଦ୍‌ଗୁଣ ପ୍ରାପ୍ତି କରିପାରେ ନାହିଁ କିଂବା ଯଥାର୍ଥରେ ଦେଶସେବା, ପରୋପକାର ଆଦି କର୍ମ କରିପାରେ ନାହିଁ । ଭଗବାନଙ୍କ ସୃଷ୍ଟି ବ୍ୟବସ୍ଥିତ ହେଉଛି ଭଗବତ୍ ଶକ୍ତି ଦ୍ୱାରା । ମନୁଷ୍ୟ ଯେଉଁ ଉତ୍ତମ ତଥା ମନ୍ଦ କର୍ମ କରେ, ତାହା ଭଗବତ୍ ଶକ୍ତି କିଂବା ଅନ୍ଧକାର ଶକ୍ତି ଦ୍ୱାରା ପ୍ରେରିତ ହୋଇ କରେ । ଭଗବାନଙ୍କ ସଙ୍ଗେ ଏକତ୍ୱ ପ୍ରାପ୍ତି କରି ନଥିବାରୁ ତାକୁ ଜ୍ଞାନପ୍ରାପ୍ତ ହୋଇ ନଥାଏ, ସେ ଅଜ୍ଞାନତାବଶତଃ ଏହା ଦେଖିପାରେ ନାହିଁ, ସେ କର୍ମ କରୁଛି ବୋଲି ନିଜକୁ କର୍ତ୍ତା ମାନେ, ଦୁଃଖ-କଷ୍ଟ ଭୋଗେ । ନିଜକୁ କର୍ତ୍ତା ମନେ କରିବାହିଁ ଅଜ୍ଞାନତା । କିନ୍ତୁ ବ୍ୟକ୍ତି ଯୋଗ-ଜୀବନ ଗ୍ରହଣ କରି ଭଗବତ୍ ପ୍ରାପ୍ତି ଲକ୍ଷ୍ୟ ରଖି, ଭଗବତ୍ ପ୍ରାପ୍ତି ମାର୍ଗରେ ଅଗ୍ରସର ହେବା ଅନୁପାତରେ କ୍ରମଶଃ ତା' ଆଧାରରେ ଜ୍ଞାନ, ବିବେକ ଆଦି ଉଦୟ ହେଉଥାଏ । ସେ ଦେଖିପାରେ ଯେ ଭଗବାନଙ୍କ ବ୍ୟତୀତ ଅନ୍ୟ କୌଣସି ବସ୍ତୁର ଅସ୍ତିତ୍ୱ ନାହିଁ । ସେହି ସକାଶେ ସେ ସମସ୍ତ କର୍ମ କରେ ଭଗବାନଙ୍କର ଯନ୍ତ୍ର ହୋଇ, ଭଗବାନଙ୍କର ସେବା ଉଦ୍ଦେଶ୍ୟରେ । ଏହା ହୁଏ ଯୋଗ-ସାଧନା ଦ୍ୱାରା । ଏହି ବିଷୟ ଶ୍ରୀଅରବିନ୍ଦ ''ଯୋଗ ଓ ତାହାର ଉଦ୍ଦେଶ୍ୟ'' ଗ୍ରନ୍ଥର ପ୍ରାରମ୍ଭରେ କହିଅଛନ୍ତି, ''ଏହି ଯୋଗ ଆତ୍ମ ସକାଶେ ନୁହେଁ, ଭଗବାନଙ୍କ ସକାଶେ ।''

ପ୍ରତ୍ୟେକ ମନୁଷ୍ୟର ଯଥାର୍ଥ ଲକ୍ଷ୍ୟ — ରୋଗ-ଜରା-ମୃତ୍ୟୁରୁ ମୁକ୍ତି; ଆନନ୍ଦମୟ, ଜ୍ଞାନମୟ, ପ୍ରଶାନ୍ତ, ଶକ୍ତି-ସାମର୍ଥ୍ୟଯୁକ୍ତ ଦିବ୍ୟଜୀବନ । ଏହାକୁହିଁ ପ୍ରତ୍ୟେକ ବ୍ୟକ୍ତି ଜ୍ଞାତ ବା ଅଜ୍ଞାତ ଭାବରେ ବରାବର ଚାହିଁ ଆସୁଅଛନ୍ତି । ରୋଗ-ଜରା-ମୃତ୍ୟୁ, ଦୁଃଖ-କଷ୍ଟ, ଅଜ୍ଞାନତା, ଦୁର୍ବଳତା ସଂସାରରେ ବିଦ୍ୟମାନ ଅଛି, ପ୍ରତ୍ୟେକ ବ୍ୟକ୍ତି ଦେଖୁ ଅଛନ୍ତି କିନ୍ତୁ କୌଣସି ବ୍ୟକ୍ତି ସ୍ୱେଚ୍ଛାରେ, ସଦ୍‌ବୁଦ୍ଧିରେ ଏହିସବୁ ପ୍ରତିକୂଳ ବସ୍ତୁକୁ ଚାହୁଁ ନାହାନ୍ତି । ସ୍ୱତଃ ପ୍ରତ୍ୟେକେ ଏହିସବୁ ଦୁର୍ଗୁଣରୁ ମୁକ୍ତ ହେବାକୁ ଚାହୁଁ ଥିବାରୁ ଦିନେହିଁ ଏଥିରୁ ପୂର୍ଣ୍ଣ ରୂପେ ମୁକ୍ତ ହେବେ ଏବଂ ଏହାର ବିପରୀତ ଆନନ୍ଦମୟ ଦିବ୍ୟଜୀବନ ଅବଶ୍ୟ ଲାଭ

କରିବେ । କାରଣ ମନୁଷ୍ୟର ମୂଳ ସ୍ୱରୂପ ହେଉଛି ଏହି ଦିବ୍ୟଜୀବନ । ଏହି ଦିବ୍ୟ ଶରୀର ପ୍ରାପ୍ତ ହେବା ନିମିତ୍ତ ସେ ଭଗବାନଙ୍କ ବିଧାନରେ ଏହି ପୃଥିବୀକୁ ଆସିଅଛି । ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ । ଏହାହିଁ ଭଗବାନଙ୍କ ସୃଷ୍ଟିର ରହସ୍ୟ । ଏହି ଉଦ୍ଦେଶ୍ୟରେ ଭଗବାନ୍ ସୃଷ୍ଟି କରିଛନ୍ତି । ଏହା ସିଦ୍ଧ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ । ସୁତରାଂ ଶ୍ରୀଅରବିନ୍ଦ ତାଙ୍କ ଯୋଗର ଲକ୍ଷ୍ୟ ସମ୍ବନ୍ଧରେ ସ୍ୱୟଂ ତାଙ୍କର ଗ୍ରନ୍ଥାବଳିରେ ବିଶଦ ଭାବରେ ବେଦୋପନିଷଦ୍, ଶାସ୍ତ୍ର-ପୁରାଣ ତଥା କ୍ରମ ବିକାଶ ପଦ୍ଧତି ଅନୁସାରେ ଆଲୋଚନା କରିଅଛନ୍ତି । ଏଠାରେ ତାଙ୍କ ଦ୍ୱାରା ଲିଖିତ 'Lights on Yoga' ('ଯୋଗ-ପ୍ରଦୀପ')ପୁସ୍ତକରୁ ଗୋଟିଏ ପତ୍ର ଉଦ୍ଧାର କରାହେଲା :

''The way of Yoga followed here has a different purpose from others – for its aim is not only to rise out of the ordinary ignorant world-consciousness into the divine consciousness, but to bring the supramental power of that divine consciousness down into the ignorance of mind, life and body, to transform them, to manifest the Divine here and create a divine life in Matter. This is an exceedingly difficult aim and difficult Yoga; to many or most it will seem impossible. All the established forces of the ordinary ignorant world-consciousness are opposed to it and deny it and try to prevent it, and the sadhak will find his own mind, life and body full of the most obstinate impediments to its realisation. If you can accept the ideal whole-heartedly, face all the difficulties, leave the past and its ties behind you and are ready to give up everything and risk everything for this divine possibility, then only can you hope to discover by experience the truth behind it.''

ଅର୍ଥାତ୍, ''ଏଠାରେ ଯେଉଁ ଯୋଗ-ମାର୍ଗର ଅନୁସରଣ କରାହୁଏ, ତାହାର ଉଦ୍ଦେଶ୍ୟ ଅନ୍ୟାନ୍ୟ ଯୋଗମାର୍ଗର ଉଦ୍ଦେଶ୍ୟଠାରୁ ଭିନ୍ନ – କାରଣ ଏହାର ଲକ୍ଷ୍ୟ କେବଳ ସାଧାରଣ ଦୈହିକ ଚେତନାରୁ ଭାଗବତ୍ ଚେତନାକୁ ଉତ୍ଥାନ ନୁହେଁ, କିନ୍ତୁ ଏହାର ଲକ୍ଷ୍ୟ ମନ-ପ୍ରାଣ-ଦେହର ଅଜ୍ଞାନତା ମଧ୍ୟରେ ସେହି ଭଗବତ୍ ଚେତନାର, ଅତିମାନସ ଶକ୍ତିର ଅବତରଣ ଏବଂ ସେହି ଅତିମାନସ ଶକ୍ତି ଦ୍ୱାରା ମନ-ପ୍ରାଣ-ଦେହର ରୂପାନ୍ତର-ସାଧନ, ଏହି ମୃତ୍ୟୁଲୋକରେ ଭଗବାନଙ୍କର ଅଭିବ୍ୟକ୍ତି ଏବଂ ଜଡ଼ବସ୍ତୁ ମଧ୍ୟରେ ଦିବ୍ୟଜୀବନ-ସୃଜନ । ଏହି ଲକ୍ଷ୍ୟ ଅତ୍ୟନ୍ତ କଠିନ ଏବଂ ଏହି ଯୋଗମାର୍ଗ ଅତ୍ୟନ୍ତ ଦୁରୂହ; ବହୁତଙ୍କୁ ବା ଅଧିକାଂଶ ବ୍ୟକ୍ତିଙ୍କୁ ଏହା ଅସମ୍ଭବ ବୋଲି ମନେ ହେବ । କାରଣ ସାଧାରଣ ଅଜ୍ଞାନ, ପାର୍ଥିବ ଚେତନାରେ ପ୍ରତିଷ୍ଠିତ ଶକ୍ତିରାଜି ଏହି ଲକ୍ଷ୍ୟର ବିରୋଧୀ; ସେଗୁଡ଼ିକ ଏହି ଲକ୍ଷ୍ୟକୁ ସ୍ୱୀକାର କରନ୍ତି ନାହିଁ, ପ୍ରତିରୋଧ କରିବାକୁ ଚେଷ୍ଟା କରନ୍ତି । ସାଧକ ସ୍ୱୟଂ ଦେଖିପାରିବ ଯେ ତା'ର ମନ-ପ୍ରାଣ-ଦେହ ଏହି ଲକ୍ଷ୍ୟପ୍ରାପ୍ତିରେ ଦୁର୍ଦାନ୍ତ ରୂପେ ଘୋର ବାଧା ସୃଷ୍ଟି କରନ୍ତି । ଯଦି ତୁମେ ଏହି ଆଦର୍ଶକୁ ସର୍ବାନ୍ତଃକରଣରେ ଗ୍ରହଣ କରିପାର, ସକଳ ବାଧାବିଘ୍ନର ସମ୍ମୁଖୀନ ହୋଇପାର, ଅତୀତର ସବୁକିଛିକୁ ଛାଡ଼ିପାର, ଅତୀତର ସକଳ ବନ୍ଧନରୁ ମୁକ୍ତ ହୋଇପାର ଏବଂ ସେହି ଦିବ୍ୟ ସମ୍ଭାବନା ସକାଶେ ସର୍ବସ୍ୱ ତ୍ୟାଗ କରିବାକୁ ତଥା ବିପଦର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ରହ, ତେବେହିଁ ତା'ର ଅନ୍ତରାଳରେ ଅବସ୍ଥିତ ପରମ ସତ୍ୟକୁ ଅନୁଭୂତି ଦ୍ୱାରା ଆବିଷ୍କାର କରିବାର ଆଶା କରିପାରିବ ।''

ଶ୍ରୀଅରବିନ୍ଦ ଏଠାରେ ଯୋଗର ଲକ୍ଷ୍ୟ, ତାଙ୍କ ଯୋଗ ଯେ ପୁରାତନ ଯୋଗ ଠାରୁ ଭିନ୍ନ, ଯୋଗରେ ଭୟଙ୍କର ବାଧା, ଯୋଗ-ସାଧନାର ଅବସ୍ଥା ଏହିସବୁ ବିଷୟ ସଂକ୍ଷେପରେ ଆଲୋଚନା କରିଛନ୍ତି । ଏହି ପ୍ରବନ୍ଧରେ ସେହିସବୁ ବିଷୟ କ୍ରମଶଃ ସରଳ ଭାବରେ ବିଚାର କରିବା ।

ପୁନଶ୍ଚ ଶ୍ରୀଅରବିନ୍ଦ ତାଙ୍କ ଯୋଗର ଲକ୍ଷ୍ୟ ସମ୍ବନ୍ଧେ କହିଛନ୍ତି :

''ରୂପାନ୍ତର କହିଲେ ମୁଁ ବୁଝେ ନାହିଁ ପ୍ରକୃତିର ଆଂଶିକ ପରିବର୍ତ୍ତନ, ଏଥିରୁ ମୁଁ ବୁଝେ ନାହିଁ ସାଧୁ-ସନ୍ଥ ଜୀବନ ବା ନୈତିକ ଉତ୍କର୍ଷସାଧନ ଅଥବା ଯୌଗିକ ସିଦ୍ଧି (ତାନ୍ତ୍ରିକମାନଙ୍କ ପରି) ଅଥବା ଊର୍ଦ୍ଧ୍ୱତନ ଚିନ୍ମୟ ଦେହ ପ୍ରାପ୍ତି । ଏହି ଶବ୍ଦଟି ମୁଁ ବ୍ୟବହାର କରେ ଗୋଟିଏ ବିଶେଷ ଅର୍ଥରେ – ଚେତନାର ଆମୂଳ ଓ ସର୍ବାଙ୍ଗୀଣ ପରିବର୍ତ୍ତନ – ଏପରି ଗୋଟିଏ ବିଶିଷ୍ଟ ପରିବର୍ତ୍ତନ, ଯାହାଫଳରେ ସତ୍ତା ଆଧ୍ୟାତ୍ମିକ କ୍ରମବିକାଶ ପଥରେ

ସୁଦୃଢ଼ ଓ ସମର୍ଥ ଭାବରେ ଏକ ପାଦ ଅଗ୍ରସର ହେବ, ପୁରାତନ କାଳର ଜଡ଼-ପ୍ରାଣମୟ ଜୀବ-ଜଗତରେ ମନୋମୟ ସତ୍ତାର ପ୍ରଥମ ଆବିର୍ଭାବ ଅପେକ୍ଷା ଏହି ଅଗ୍ରଗତି ହେବ ଏକ ବୃହତ୍ତର, ମହତ୍ତର, ପୂର୍ଣ୍ଣତର ପରିବର୍ତ୍ତନ । ଯଦି ଏହା ଅପେକ୍ଷା କିଛି କମ୍ ଘଟେ ବା ଅନ୍ତତଃ ଯଦି ଏହି ଭିତ୍ତିରେ ଯାତ୍ରାରମ୍ଭ ନ ହୁଏ, ତାହାହେଲେ ଆମ୍ଭର ଉଦ୍ଦେଶ୍ୟ ସିଦ୍ଧ ହେଲା ନାହିଁ । ମୁଁ ଜୀବନ ଓ ଯୋଗ ପାଖରେ ଯେଉଁ ଦାବି କରୁଛି, ତାହା ଗୋଟିଏ ଆଂଶିକ, ମିଶ୍ରିତ ଅଥବା ଅନିର୍ଦ୍ଦିଷ୍ଟ ସିଦ୍ଧି ଦ୍ୱାରା ପୂର୍ଣ୍ଣ ହୋଇ ପାରିବ ନାହିଁ ।''

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ*, ପ୍ରଥମ ଖଣ୍ଡ, ପୃଷ୍ଠା : ୭୧୪ - ୭୧୭) ❑

## ଓଲଟି ଯାଅ

ଶ୍ରୀ ବାଳାନନ୍ଦ ବ୍ରହ୍ମଚାରୀ ମହାରାଜ ତାଙ୍କର ଭକ୍ତ ଶିଷ୍ୟମାନଙ୍କୁ ନାନା ଗଳ୍ପ ଛଳରେ ମୂଲ୍ୟବାନ୍ ଆଧ୍ୟାତ୍ମିକ ଉପଦେଶମାନ ଦେଉଥିଲେ । ସେ ସ୍ୱୟଂ ଏହି ଗଳ୍ପଗୁଡ଼ିକର ରଚୟିତା ନୁହନ୍ତି । ଶହ ଶହ ବର୍ଷ ଧରି ବହୁ ସାଧୁ, ସନ୍ଥ ଓ ପରିବ୍ରାଜକ ତଥା ଲୋକମୁଖରେ ପ୍ରଚାରିତ ହୋଇ ଆସୁଥିବା ଏହି କାହାଣୀଗୁଡ଼ିକର ମୂଳ ସ୍ୱରୂପରେ କିଛିଟା ପରିବର୍ତ୍ତନ ହୋଇଥିଲେ ମଧ୍ୟ ଏହାର ସାରମର୍ମ ସେହିପରି ଅକ୍ଷୁଣ୍ଣ ରହିଛି । ସେହିସବୁ ଗଳ୍ପ ଭିତରୁ ଗୋଟିଏ ନିମ୍ନରେ ପ୍ରଦତ୍ତ ହେଲା । ଗଳ୍ପଟି ଏହିପରି –

ଜଣେ ପଣ୍ଡିତ ବହୁଶାସ୍ତ୍ର ଅଧ୍ୟୟନ କରି ମଧ୍ୟ ତାଙ୍କ ମନରେ ଶାନ୍ତି ନ ଥାଏ । ସେ ଜଣେ ସାଧୁଙ୍କୁ ଭେଟି କହିଲେ ''ବାବା, ମୁଁ ଏତେ ଶାସ୍ତ୍ର ପଢ଼ିଲି କିନ୍ତୁ ମନରେ କୌଣସି ଶାନ୍ତି ପାଇଲି ନାହିଁ । ମୋତେ ଶାନ୍ତି ପାଇବାର ବାଟ ବତାଇ ଦିଅନ୍ତୁ ।'' ସାଧୁଜଣକ କହିଲେ, ''ଠିକ୍ ଅଛି, ଆଗେ ତୁମେ ସ୍ନାନ କରି ଆସ, ତା'ପରେ ମୁଁ ତୁମକୁ ଶାନ୍ତି ପାଇବାର ପ୍ରକୃତ ବାଟଟି ବତାଇ ଦେବି ।''

ପଣ୍ଡିତ ମହାଶୟ ନଦୀରେ ସ୍ନାନ କରୁଥିବା ବେଳେ ତାଙ୍କୁ ଗୋଟିଏ ମାଛ ଆସି କହିଲା, ''ପଣ୍ଡିତ ମହାଶୟ, ମୁଁ ସଦାସର୍ବଦା ଜଳରେ ରହୁଛି, ସେହି ଜଳ ପାନ କରୁଛି; କିନ୍ତୁ ତଥାପି ମୋର ପିପାସା ମେଣ୍ଟୁ ନାହିଁ । ଆପଣ ତ ବିଦ୍ୱାନ୍ ଓ ବହୁ ଶାସ୍ତ୍ରରେ ପାରଙ୍ଗମ, ଏପରି କିଛି ଉପାୟ କହି ଦିଅନ୍ତୁ ଯେଉଁଥିରେ ମୋର ତୃଷା ଶାନ୍ତ ହେବ ।'' ପଣ୍ଡିତ କହିଲେ, ''ତୋ'ର ଗଳାର ଦୁଇପାଖରେ ଯେଉଁ ଗାଲିର ଫାଟ ରହିଛି, ତୁ ପାଣି ପିଇଲା ବେଳେ ପାଣିତକ ସେହି ବାଟେ ବାହାରି ଯାଉଛି । ତୁ ଗୋଟିଏ କାମ କର । ପାଟିରେ ପାଣି ନେବା ସଙ୍ଗେ ସଙ୍ଗେ ତୁ ଓଲଟି ଯା', ତା' ଦ୍ୱାରା ଅନ୍ତତଃ କିଛିଟା ପାଣି ଆଉ ଗାଲିବାଟେ ବାହାରି ନଯାଇ ତୋ ପେଟ ଭିତରକୁ ଯିବ ଓ ତୋର ତୃଷା ମେଣ୍ଟିବ ।'' ପଣ୍ଡିତଙ୍କ ଉପଦେଶ ଅନୁସାରେ ମାଛଟି ମଧ୍ୟ ବାରଂବାର ଓଲଟିବାକୁ ଲାଗିଲା ଏବଂ ନିଜର ତୃଷା ନିବାରଣ ପାଇଁ ପ୍ରୟାସ କଲା । ତା'ପରେ ପଣ୍ଡିତ ମହାଶୟ କୂଳକୁ ଆସି ସାଧୁଙ୍କୁ ଶାନ୍ତି ପାଇବାର ଉପାୟ ପାଇଁ ଉପଦେଶ ଭିକ୍ଷା କଲେ । ସାଧୁ ଉତ୍ତର ଦେଲେ, ''ତୁମେ ମାଛକୁ ଯେଉଁ ଉପଦେଶ ଦେଲ, ତୁମ କ୍ଷେତ୍ରରେ ମଧ୍ୟ ତାହାହିଁ ପ୍ରଯୁଜ୍ୟ । ତୁମେ ମଧ୍ୟ ଓଲଟି ଯାଅ । ମାଛ ପରି ତୁମେ ଶାସ୍ତ୍ର ସମୁଦ୍ରରେ ବୁଡ଼ି ରହିଛ, କିନ୍ତୁ ଶାସ୍ତ୍ରର ବାଣୀ ଅନ୍ତରରେ ପ୍ରବେଶ କରୁ ନାହିଁ । ତେଣୁ ତୁମର ଶାନ୍ତିର ତୃଷା ମେଣ୍ଟିବ କିପରି ? ଶାସ୍ତ୍ର ଅଧ୍ୟୟନ କରିବା ସଙ୍ଗେ ସଙ୍ଗେ ତାହା ଅନ୍ତରକୁ ପ୍ରବେଶ କରିବା ଆବଶ୍ୟକ । ତେଣୁ ଆଉ ବହିର୍ମୁଖୀ ନ ରହି ଅନ୍ତର୍ମୁଖୀ ହୁଅ, ତା'ହେଲେ ଅନ୍ତରରେ ତୁମେ ଶାନ୍ତି ପାଇ ପାରିବ ।''

ଗଳ୍ପଟିର ମର୍ମବାଣୀ ହେଲା, ଖାଲି ଶାସ୍ତ୍ର ଅଧ୍ୟୟନ କଲେ ତାହା ଯଥେଷ୍ଟ ନୁହେଁ । ସେଥିପାଇଁ ସାଧନା, ଅନୁଭୂତି ଓ ଉପଲବ୍ଧି ଆବଶ୍ୟକ । ସମସ୍ତ ଶାନ୍ତି, ସମସ୍ତ ତୃପ୍ତି ରହିଛି ଭିତରେ, ଅନ୍ତରରେ; ବାହାରେ ନୁହେଁ । ସେଥିପାଇଁ ବହିର୍ମୁଖୀ ସଂସାରମୁଖୀ ମନକୁ ଅନ୍ତର୍ମୁଖୀ ଓ ଈଶ୍ୱରାଭିମୁଖୀ କରିବାକୁ ହେବ । ତେଣୁ ସମସ୍ତ ଆଧ୍ୟାତ୍ମିକ ସାଧନା ହେଉଛି ଚେତନାକୁ ଓଲଟାଇ ଦେବାର ସାଧନା ।

(ସଂଗୃହୀତ) ❑

# ଭୟ ଦୂର କରିବା ଉଚିତ

## ପ୍ରପତ୍ତି

ଯେକୌଣସି ପ୍ରକାରର ଭୟ ଗୋଟିଏ ମାରାତ୍ମକ ଅଶୁଦ୍ଧି । ଏହି ଅଶୁଦ୍ଧି ଯେତେଦିନ ପର୍ଯ୍ୟନ୍ତ ଥିବ ସେତେଦିନ ପର୍ଯ୍ୟନ୍ତ କୌଣସି ପ୍ରକାର ଭାଗବତ ଶକ୍ତି ଓ ତାଙ୍କର ସୁରକ୍ଷା ଶକ୍ତି କ୍ରିୟା କରିପାରିବ ନାହିଁ । ମନ-ପ୍ରାଣ ମଧ୍ୟରୁ ଭୟକୁ ପ୍ରତ୍ୟାଖ୍ୟାନ କରିବା ଏକାନ୍ତ ଆବଶ୍ୟକ । ଯେଉଁମାନେ ଏହି ଆତ୍ମ-ଶୁଦ୍ଧିର ପଥ ଗ୍ରହଣ କରିବାକୁ ଅସ୍ୱୀକାର କରନ୍ତି, ସେମାନଙ୍କୁ କୌଣସି ପ୍ରକାର ଭାଗବତ ଶକ୍ତି ବା କୃପା ରକ୍ଷା କରିପାରେ ନାହିଁ । ସକଳ ପ୍ରକାର ଅଶୁଦ୍ଧି, ମାନସିକ ଭୟ, ପ୍ରାଣଗତ ଅସ୍ଥିରତାଠାରୁ ଦୂରରେ ରହିବା ସକାଶେ ଉଦ୍ୟମ କରିବାକୁ ହେବ । ଯଥାର୍ଥ ଭଗବତ୍ ବିଶ୍ୱାସୀଙ୍କ ନିକଟରେ ଭୟ ରହେ ନାହିଁ । କାରଣ ଭୟ ଓ ଭଗବତ୍ ବିଶ୍ୱାସ ଏକ ସଙ୍ଗରେ ରହିପାରେ ନାହିଁ । ଏ ସମ୍ବନ୍ଧରେ ମା'ଙ୍କର ବାଣୀ ବିଶେଷ ପ୍ରଣିଧାନଯୋଗ୍ୟ :

"No protection, no Grace can save those who refuse the indispensable purification.

"And I would add this: that fear is an impurity, one of the greatest impurities, one of those which come most directly from the anti-divine forces which want to destroy the divine action on earth; and the first duty of those who really want to do yoga is to eliminate from their consciousness, with all the might, all the sincerity, all the endurance of which they are capable, even the shadow of a fear."

(CWM, Vol. 8, p. 260)

ଅର୍ଥାତ୍, ''କୌଣସି ଭାଗବତ ସୁରକ୍ଷା ବା କୃପା ସେମାନଙ୍କୁ ରକ୍ଷା କରିପାରିବ ନାହିଁ, ଯେଉଁମାନେ ସେହି ଅପରିହାର୍ଯ୍ୟ ବିଶୁଦ୍ଧିକୁ ଉପେକ୍ଷା କରନ୍ତି ।

''ଆଉ ମୁଁ କହିପାରେ : ଭୟ ଗୋଟାଏ ଅଶୁଦ୍ଧି, ଗୋଟାଏ ଅତି ଭୟଙ୍କର ଅଶୁଦ୍ଧି । ଏହା ସିଧାସିଧା ଭଗବତ୍-ବିରୋଧୀ ଶକ୍ତିଙ୍କଠାରୁ ଉତ୍ପନ୍ନ ହୁଏ, ଯାହା ପୃଥିବୀରେ ଭାଗବତ ସୃଷ୍ଟିକୁ ନଷ୍ଟ କରି ଦେବାକୁ ଚାହେଁ; ଆଉ ଯେଉଁମାନେ ଯୋଗ ସାଧନାର ପଥରେ ଅଗ୍ରସର ହେବାକୁ ଚାହାନ୍ତି, ସେମାନଙ୍କର ପ୍ରଥମ କର୍ତ୍ତବ୍ୟ ହେଲା ଯଥାସାଧ୍ୟ ସେମାନେ ସେମାନଙ୍କ ଚେତନାରୁ – ସକଳ ଆନ୍ତର ନିଷ୍ଠା, ସାମର୍ଥ୍ୟ ଓ ସହନଶୀଳତା ସହ ଏପରିକି ଭୟର ଛାୟାକୁ ମଧ୍ୟ ପ୍ରତ୍ୟାଖ୍ୟାନ କରିବାକୁ ହେବ ।''

ସୁତରାଂ ଯୋଗ-ସାଧନାର ପଥରେ ଅଗ୍ରସର ହେବାକୁ ହେଲେ ସାହସୀ, ବୀର ଯୋଦ୍ଧା ତୁଲ୍ୟ ହେବା ଦରକାର । ଅଦମ୍ୟ ଓ ଅପ୍ରତିହତ ସାହସ ଓ ଆନ୍ତର ନିଷ୍ଠା ଏ କ୍ଷେତ୍ରରେ ମନୁଷ୍ୟର ପ୍ରଧାନ ସହାୟକ ହୋଇ ଛିଡ଼ା ହୁଏ । କୌଣସି ପ୍ରକାରର ସନ୍ଦେହ – 'ଦୋଦୋପାଞ୍ଚ' ଅବା ଇତସ୍ତତଃ ମନୋଭାବ ଯଥାର୍ଥ ସଙ୍କଳ୍ପର ଲକ୍ଷଣ ନୁହେଁ । ମା'ଙ୍କ ଉକ୍ତି ଏ କ୍ଷେତ୍ରରେ ସର୍ବଦା ସ୍ମରଣୀୟ :

"To walk on the path you must have a dauntless intrepidity, you must never turn back upon yourself with this mean, petty, weak, ugly movement that fear is.

"An indomitable courage, a perfect sincerity, a total selfgiving to the extent that you do not calculate or bargain, you do not give with the idea of receiving, you do not offer yourself with the intention of being protected, you do not have a faith that needs proofs,– this is indispensable for advancing on the path,– this alone can shelter you against all dangers."

(CWM, Vol. 15, p. 190)

ଅର୍ଥାତ୍, ''ଯୋଗ-ମାର୍ଗରେ ଅଗ୍ରସର ହେବାକୁ ହେଲେ ନିର୍ଭୀକ ସାହସୀ ହେବାକୁ ହେବ, କେବେ ପଛଘୁଞ୍ଚା ଦେବା ଉଚିତ ନୁହେଁ; ସେହି କ୍ଷୁଦ୍ର, ସଂକୀର୍ଣ୍ଣ, ହୀନ, ଦୁର୍ବଳ ଭୟ ଯୋଗୁଁ ।

''ଗୋଟାଏ ଅଦମ୍ୟ ସାହସ, ପୂର୍ଣ୍ଣ ଆନ୍ତର ନିଷ୍ଠା, ଏକ ସରଳ ଅକପଟ ଆତ୍ମଦାନ – ଏତେ ପରିମାଣରେ ଆବଶ୍ୟକ ଯେ ସେଥିରେ ଯେପରି ତୁମର କୌଣସି ହିସାବ ବା ଦାନ-ପ୍ରତିଦାନର ଆଶା ନରହେ । ତୁମେ ନିଜକୁ ସମର୍ପଣ କର କିଛି ପାଇବା ଆଶାରେ ନୁହେଁ, ତୁମେ ନିଜକୁ ନିବେଦନ କର କେବଳ ସୁରକ୍ଷା ଆଶାରେ ନୁହେଁ, ଏପରିକି ତୁମେ ବିଶ୍ୱାସ କର କିନ୍ତୁ ଏଥିପାଇଁ ପ୍ରମାଣ ଚାହଁ ନାହିଁ, – ଏହିସବୁହିଁ ଯୋଗ ମାର୍ଗରେ ଚାଲିବା ନିମିତ୍ତ ଏକାନ୍ତ ଆବଶ୍ୟକ, – ଏହାହିଁ ଏକମାତ୍ର ବସ୍ତୁ ଯାହା ସମସ୍ତ ପ୍ରକାର ବିପଦରୁ ରକ୍ଷା କରିପାରେ ।''

ସବୁଠାରୁ ପ୍ରକୃଷ୍ଟ ଉପାୟ ହେଲା ମା'ଙ୍କୁ ସ୍ମରଣ କରି ଭୟ ଦୂର କରିବା । ମା' ସ୍ୱୟଂ ଏ ସମ୍ବନ୍ଧରେ ଅଭୟ ବାଣୀ ଦେଇ ଲେଖିଛନ୍ତି :

"With my name send the fear away. Fear is the worst thing. A child of mine must never fear."

(White Roses, p. 72)


ଅର୍ଥାତ୍, ''ମୋ ନାମ ସ୍ମରଣ କରି ଭୟ ଦୂର କର । ଭୟ ସବୁଠାରୁ ମାରାତ୍ମକ ବସ୍ତୁ । ମୋର ସନ୍ତାନମାନେ କେବେ ବି ଭୟ କରିବା ଉଚିତ ନୁହେଁ ।''

('ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ', ପ୍ରଥମ ଖଣ୍ଡ, ପୃ. ୩୨୨ - ୩୨୪)

❑❑❑

## ପ୍ରକାଶ ପାଇଲା

ଶ୍ରୀ ସୁବାସ ଚନ୍ଦ୍ର ପଟ୍ଟନାୟକଙ୍କ ଦ୍ୱାରା ସମ୍ପାଦିତ ଶ୍ରୀଅରବିନ୍ଦଙ୍କ ପବିତ୍ର ମହାକାବ୍ୟ '**ସାବିତ୍ରୀ**'ର ଓଡ଼ିଆ ଅନୁବାଦ (ପ୍ରଥମ ଭାଗ) ପ୍ରକାଶିତ ।




ଏହି ପୁସ୍ତକଟି ଶ୍ରୀମା'ଙ୍କ ପବିତ୍ର ଜନ୍ମ ତିଥି ଫେବ୍ରୁଆରୀ ୨୧, ୨୦୨୫ ଦିନ ପଣ୍ଡିଚେରୀ ଶ୍ରୀମା'ଙ୍କ କକ୍ଷରେ ତାଙ୍କ ଶ୍ରୀଚରଣରେ ସମର୍ପିତ ହୋଇଅଛି ।

ଦୀର୍ଘ ୧୬ ବର୍ଷ ଧରି ଖଣ୍ଡଗିରିଠାରେ ଅନୁଷ୍ଠିତ ହେଉଥିବା ରବିବାର ସାବିତ୍ରୀ ଆଲୋଚନା ଚକ୍ରରେ ଯେଉଁଭଳି ଭାବରେ ପ୍ରତ୍ୟେକ ଶବ୍ଦର ଯଥାର୍ଥ ଓଡ଼ିଆ ଅର୍ଥ ସଂଯୋଜନା ସହିତ ଉପସ୍ଥାପନ କରିବା ନିମିତ୍ତ ଚେଷ୍ଟା କରାଯାଇଥିଲା, ଠିକ୍ ସେହି ଧାରାରେ ଏହା ରଚିତ ହୋଇଛି ।

୫୦୦ ପୃଷ୍ଠା ସମ୍ବଳିତ ଏହି ପୁସ୍ତକର ମୂଲ୍ୟ ଟ. ୪୦୦ ମାତ୍ର ।

ପୁସ୍ତକଟି ପାଇବା ପାଇଁ ଉତ୍ସୁକ ଥିଲେ ନିମ୍ନ ଠିକଣାରେ ଯୋଗାଯୋଗ କରିପାରନ୍ତି :
SABDA : ଶ୍ରୀଅରବିନ୍ଦ ଆଶ୍ରମ ପଣ୍ଡିଚେରୀ - ୬୦୫ ୦୦୨;
ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩
ମାତୃବିହାର, ଖଣ୍ଡଗିରି ଏବଂ ଶ୍ରୀଅରବିନ୍ଦ ଭବନ, ୟୁନିଟ୍ - ୩, ଭୁବନେଶ୍ୱର
ମୋବାଇଲ ନଂ. : ୯୯୩୭୪୯୪୩୨୧, ୭୯୭୮୨୩୭୨୩୯

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୯୭)

## ମହେନ୍ଦ୍ରନାଥ ସ୍ୱାଇଁ

**ପ୍ରେମ ଓ ଆନନ୍ଦ :**

ମାର୍ଚ୍ଚ ୪, ୧୯୧୪ ପ୍ରାର୍ଥନାଟିରେ ମା' ଲେଖୁଛନ୍ତି –

''IT is likely to be the last time for a long while that I am writing at this table, in this calm room all charged with Thy Presence. For the next three days I shall probably not be able to write. ... In an indrawn state I contemplate this turning page, vanishing into the dream of the past and look at the new page all full potentially of the dream of the future. ... And yet how trifling this seems, how childish and unimportant, when seen in the light of Thy eternity. The only thing that is important is to obey Thy law with love and joy.

"O Lord, grant that everything in us may adore and serve Thee.

"May Peace be with all !"

ଅର୍ଥାତ୍, ''ବୋଧହୁଏ, ଏହା ହେଉଛି ଶେଷଥର ଯେତେବେଳେ ମୁଁ ବହୁ ସମୟ ହେଲା ଏହି ଟେବୁଲ ପାଖରେ ବସି ଲେଖୁଛି, ଏହି ନୀରବ ନିଶ୍ଚଳ ପ୍ରକୋଷ୍ଠ ଭିତରେ ସବୁକିଛି ତୁମର ଉପସ୍ଥିତି ଦ୍ୱାରା ପୂର୍ଣ୍ଣ ହୋଇ ରହିଛନ୍ତି । କାରଣ ଆସନ୍ତା ତିନିଦିନ ପର୍ଯ୍ୟନ୍ତ ସମ୍ଭବତଃ ମୁଁ ଲେଖିବାକୁ ସମର୍ଥ ହୋଇ ପାରିବି ନାହିଁ ... । ଏକ ଅନ୍ତର୍ମୁଖୀ ଏକାଗ୍ରତା ନେଇ ଯେତେବେଳେ ଏହି ପଛ ପୃଷ୍ଠାଟି ଉପରେ ମୁଁ ଧ୍ୟାନମଗ୍ନ ହୋଇ ଯାଉଛି, ଅତୀତର ସ୍ୱପ୍ନ ଭିତରେ ହଜି ଯାଉଛି ଏବଂ ଏକ ନୂତନ ପୃଷ୍ଠା ଉପରେ ଦୃଷ୍ଟି ଦେଲେ ଦେଖୁଛି ତାହା ଯଦିଓ ଶୂନ୍ୟ, କିନ୍ତୁ ଭବିଷ୍ୟତର ସ୍ୱପ୍ନ ସମ୍ଭାବନାରେ ପରିପୂର୍ଣ୍ଣ ଏବଂ ତଥାପି ଏହାକୁ ତୁମର ଦିବ୍ୟ ଚିରନ୍ତନ ଆଲୋକରେ ଦେଖିଲେ ତାହା କେଡ଼େ ନଗଣ୍ୟ, କେଡ଼େ ପିଲାଳିଆ ଓ ମୂଲ୍ୟହୀନ ତାହା ପ୍ରତୀୟମାନ ହେଉଛି । କେବଳ ଏକ ମାତ୍ର କଥା ଗୁରୁତ୍ୱ ବହନ କରୁଛି, ତାହାହେଲା ତୁମର ଦିବ୍ୟ ବିଧାନକୁ ପ୍ରେମ ଓ ଆନନ୍ଦର ସହିତ ମାନି ଚଳିବା ।

''ହେ ପ୍ରଭୁ, ଏହାହିଁ କର, ଯେପରି ଆମ ଭିତରେ ଥିବା ସବୁକିଛି ତୁମର ଆରାଧନା ଏବଂ ସେବାରେ ନିଜକୁ ନିଯୁକ୍ତ କରେ ।

''ବିଶ୍ୱ ଯେପରି ଲାଭ କରେ ତୁମର ଶାନ୍ତି ।''

ମା' ମୀରା ପ୍ରକାଶ କରିଛନ୍ତି – ତା'ଙ୍କ ସହିତ ବାସ କରୁଥିବା ଅସଂଖ୍ୟ କ୍ଷୁଦ୍ର କ୍ଷୁଦ୍ର ବସ୍ତୁ, ଯେଉଁମାନେ ତାଙ୍କ ଚତୁଃପାର୍ଶ୍ୱରେ ବର୍ଷ ବର୍ଷ ଧରି ଘୂରି ବୁଲୁଥିଲେ, ସାହଚର୍ଯ୍ୟ ପ୍ରଦାନ କରୁଥିଲେ, ଯେଉଁମାନଙ୍କ ଭିତରେ ସେ ବଢ଼ିଛନ୍ତି, ସାହଚର୍ଯ୍ୟ ଓ ବନ୍ଧୁତାର ଆଲୋକର ଉଷ୍ମତା ଭିତରେ ସ୍ନାନ କରି ଉଦ୍ଦୀପିତ ହୋଇଛନ୍ତି, ଯେଉଁମାନଙ୍କଠାରୁ ପ୍ରେରଣା ପ୍ରାପ୍ତ ହୋଇଛନ୍ତି, ସେହି ଅତି ଆପଣାର ବନ୍ଧୁମାନଙ୍କୁ ପଛରେ ଛାଡ଼ି ବହୁ ଦୂରକୁ ଚାଲି ଯିବାକୁ ହେଉଛି; ତାଙ୍କ ପ୍ରକୋଷ୍ଠରେ ବିରାଜିତ ପରମ ପ୍ରଭୁଙ୍କର ଉପସ୍ଥିତି ଏବଂ ତାଙ୍କଠାରୁ ବିଚ୍ଛୁରିତ ହେଉଥିବା ଦିବ୍ୟ ଆଲୋକର ଶକ୍ତିରେ ସକଳ ଶକ୍ତିମୟ ହୋଇ ଯାଇଛି । ପଣ୍ଡିଚେରୀ ଆଶ୍ରମର ଅନ୍ତେବାସୀମାନେ ଯେତେବେଳେ ଜଡ଼ ପଦାର୍ଥମାନଙ୍କ ପ୍ରତି ତାହା ଛୋଟ ହେଉ ବା ବଡ଼ ହେଉ, ଅଶ୍ରଦ୍ଧାଭାବ ପୋଷଣ କରନ୍ତି, ଶ୍ରୀମା ତାଙ୍କର ଦିବ୍ୟ ବାଣୀ ମାଧ୍ୟମରେ ସେମାନଙ୍କୁ ସଚେତନ କରାଇ ଦିଅନ୍ତି । ସେ ସମସ୍ତ ବାଣୀ ଶ୍ରୀମାଶ୍ରୀଅରବିନ୍ଦଙ୍କର ଅଗଣିତ ଭକ୍ତ-ସାଧକ ତଥା ଅନୁଗାମୀମାନଙ୍କ ନିମନ୍ତେ ବର୍ତ୍ତମାନ ସୁଦ୍ଧା ପଥ ପ୍ରଦର୍ଶକ ହୋଇ ରହି ଆସିଅଛି ଏବଂ ଅନନ୍ତକାଳ ପର୍ଯ୍ୟନ୍ତ ମଧ୍ୟ ତାହା ଅନୁପ୍ରାଣିତ କରୁଥିବ । ତାହା ହେଲା –

"(i) Not to take care of material things which one uses is a sign of inconscience and ignorance.

"(ii) You have no right to use any

material object whatsoever if you do not take care of it.

"(iii) You must take care of it not because you are attached to it, but it manifests something of the Divine Consciousness."

(*On The Mother*, by K. R. Srinivas Iyengar, p. 78)

ଅର୍ଥାତ୍, ''ଯେଉଁମାନେ ସେମାନେ ବ୍ୟବହାର କରୁଥିବା ଜିନିଷପତ୍ରମାନଙ୍କର ଯତ୍ନ ନିଅନ୍ତି ନାହିଁ ତାହା ହେଉଛି ସେମାନଙ୍କର ନିଶ୍ଚେତନା ଓ ଅଜ୍ଞାନତାର ସୂଚନା ।

''ତୁମ ପାଖରେ ଥିବା ଜିନିଷପତ୍ର, ଜଡ଼ ପଦାର୍ଥ ଯେଉଁ ପ୍ରକାରର ହୁଅନ୍ତୁ ନା କାହିଁକି, ଯଦି ତୁମେ ସେମାନଙ୍କର ଯତ୍ନ ନ ନିଅ ତେବେ ସେମାନଙ୍କୁ ବ୍ୟବହାର କରିବାର ଅଧିକାର ତୁମର ନାହିଁ ।

''ତୁମେ ନିଶ୍ଚିତ ଭାବରେ ଏହାର ଯତ୍ନ ନେବା ଉଚିତ, ଏହାର କାରଣ ନୁହେଁ ଯେ ତୁମେ ଏହା ପ୍ରତି ଆସକ୍ତ ହୋଇ ରହିଅଛ, କିନ୍ତୁ ଅନ୍ୟ କାରଣଟି ହେଉଛି ଏହି ଜିନିଷ ଦିବ୍ୟ ଭଗବତ୍ ଚେତନାର କିଛି କଥା ପ୍ରକାଶ କରୁଛି ।''

୧୯୧୪ ମାର୍ଚ୍ଚ ୪ ତାରିଖରୁ ଶ୍ରୀମା ପ୍ରସ୍ତୁତ ହେଉଛନ୍ତି ଭାରତକୁ ଆସିବା ପାଇଁ । ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ସେ ଜେନେଭା ସହରରେ ଅବସ୍ଥାନ କରିଛନ୍ତି । ଭାରତକୁ ଜଳ ପଥରେ ଯାତ୍ରା ଆରମ୍ଭ କରିଛନ୍ତି ୭ ତାରିଖରେ – ''କାଗାମାରୁ'' ନାମକ ଜାପାନୀ ଜାହାଜରେ । ସେଥିପାଇଁ ୪ ତାରିଖ ପ୍ରାର୍ଥନାରେ ମା' ଲେଖିଛନ୍ତି "For the next three days I shall probably not be able to write ..."

ଅର୍ଥାତ୍, ''ଆସନ୍ତା ତିନିଦିନ ନିମନ୍ତେ ସମ୍ଭବତଃ ମୁଁ ଲେଖିବାକୁ ସମର୍ଥ ହୋଇ ପାରିବି ନାହିଁ ।''

ତପ୍ତରେ ମା' ଅନ୍ତର୍ମୁଖୀ ହୋଇ ଯାଇଛନ୍ତି ... । ଅତୀତର ପୃଷ୍ଠାଟି କୁଆଡ଼େ ମିଳାଇ ଯାଇଛି, ଅର୍ଥାତ୍ ସେହି ଦିବସ ପର୍ଯ୍ୟନ୍ତ ପ୍ୟାରିସରେ ମା' ଯାହା ଯାହା ସବୁ କରିଛନ୍ତି – ସବୁକିଛି ସ୍ୱପ୍ନ, ଅତୀତର କଥାବସ୍ତୁ ହୋଇ ଯାଇଛି । ସମ୍ମୁଖରେ ଭବିଷ୍ୟତର ସ୍ୱପ୍ନ ସଦୃଶ ଏକ ନୂତନ ପୃଷ୍ଠା ଖୋଲି ଯାଇଛି । ଏହି ପୁରାତନ ପୃଷ୍ଠା ଏବଂ ନୂତନ ପୃଷ୍ଠା ମଝିରେ ଥିବା ରେଖାଟି ଦିବ୍ୟଜନନୀ ମା' ମୀରାଙ୍କ ପାର୍ଥିବ ଲୀଳାର ମଧ୍ୟ ଭାଗରେ ଏକ ସୀମାରେଖା ଟାଣି ଦେଇଛି । ଏଥିରୁ ସୂଚୀତ ହେଉଛି ଶ୍ରୀମା ଆଉ ପଛକୁ ଫେରି ପାରିବେ ନାହିଁ, ସମ୍ମୁଖରେ ବିସ୍ତୃତ କ୍ଷେତ୍ର, ବିଶ୍ୱ ତଥା ସମଗ୍ର ମାନବଜାତିର ରୂପାନ୍ତରର କାର୍ଯ୍ୟ । ଏହି କାର୍ଯ୍ୟ କିପରି ହେବ ତା'ର ଏକ ଫର୍ମୁଲା ମଧ୍ୟ ମା' ମୀରା ପ୍ରକାଶ କରିଛନ୍ତି – ଆଲୋଚ୍ୟ ପ୍ରାର୍ଥନାର ଶେଷ ଭାଗରେ । ଶ୍ରୀମା କହୁଛନ୍ତି, "The only thing that is important is to obey Thy law with love and joy."

ରୂପାନ୍ତର କାର୍ଯ୍ୟ କିପରି ସମ୍ପାଦିତ ହେବ ସେଥିପାଇଁ ପ୍ରଭୁ ଏକ ବିଧାନ ତିଆରି କରିଛନ୍ତି । ସେହି ବିଧାନକୁ ମାନିଲେ କାର୍ଯ୍ୟ ସମ୍ପାଦାନର ପ୍ରକ୍ରିୟା କ୍ଷିପ୍ରତର ହେବ, କିନ୍ତୁ ଏହାକୁ ମାନିବା ବା ସେଥିରେ ଜୀବନ ବଞ୍ଚିବାର ଏକ ସୂତ୍ର ରହିଛି । ଶ୍ରୀମା କହୁଛନ୍ତି 'ପ୍ରେମ ଏବଂ ଆନନ୍ଦ' ଏହି ସୂତ୍ରର ମୂଳମନ୍ତ୍ର । ପ୍ରଭୁଙ୍କୁ ଭଲପାଇବା ଏବଂ ତନ୍ମଧ୍ୟରୁ ଆନନ୍ଦ ରସ ଆସ୍ୱାଦାନ କରିବା ଏତେ ସହଜ କାମ ନୁହେଁ । ଦିବ୍ୟଜନନୀ ଶ୍ରୀମା ଯେତେବେଳେ କହୁଛନ୍ତି ଏହି ଦୁଇଟି 'instrument' ବା ଯନ୍ତ୍ରକୁ ରୂପାନ୍ତର ଯୋଗ ପ୍ରକ୍ରିୟାରେ ବ୍ୟବହାର କରିବାକୁ ହେବ, ପ୍ରାର୍ଥନା କରିବାକୁ ହେବ, ସତେ ଯେପରି ମା ଆମ ହୃଦୟରେ ଏହି ଦୁଇଟି ଯନ୍ତ୍ର ଖଞ୍ଜି ଦେବେ । ମା' କରୁଣାମୟୀ, ତାଙ୍କର କରୁଣା ଓ କୃପା ସମସ୍ତଙ୍କ ଉପରେ ଅଜାଡ଼ି ହୋଇ ପଡୁଛି, କେବଳ ତାଙ୍କୁ ନିବେଦନ କରି ଜଣାଇ ଦେବାକୁ ହେବ । ଏହି ପରିପ୍ରେକ୍ଷୀରେ ନିମ୍ନ ବିଷୟଟିକୁ ଆଲୋଚନା କଲେ ଆମେ ଜାଣିବାକୁ ପାଇବା ଯେ ମା'ଙ୍କର କୃପା କିପରି ସର୍ବତ୍ର କ୍ରିୟାଶୀଳ –

'ଡି' ନାମକ ଜନୈକ ସାଧକ-ଭକ୍ତ ପଣ୍ଡିଚେରୀ ଆଶ୍ରମକୁ ନିଜର ଜନ୍ମଦିନ ପାଳନ କରିବାକୁ ଆସିଥା'ନ୍ତି । ସେ ମନେ ମନେ ସଂକଳ୍ପ କରିଥା'ନ୍ତି ଦର୍ଶନ ସମୟରେ ମା'ଙ୍କୁ ଏକ ପ୍ରାର୍ଥନା ନିବେଦନ କରିବେ ତାଙ୍କୁ ରୂପାନ୍ତର କରି ଦେବା ପାଇଁ । କିନ୍ତୁ ମା'ଙ୍କ ପ୍ରକୋଷ୍ଠ ମଧ୍ୟରେ ପ୍ରବେଶ କରିବା ମାତ୍ରକେ ସେ ଦେଖିଲେ ଦିବ୍ୟଜନନୀ ତାଙ୍କ ଆଡ଼କୁ ଚାହିଁ ରହିଛନ୍ତି ଏବଂ ଉତ୍ସୁକ ହୋଇ ଉଠୁଛନ୍ତି ତାଙ୍କୁ ପାଖକୁ ଡାକିବା ପାଇଁ; ସେ ଶୁଣିବାକୁ ପାଇଲେ ମା' ଅତି କୋମଳ ସ୍ୱରରେ ତାଙ୍କ ନାମ ଧରି ଡାକୁଛନ୍ତି, ଖାଲି ଡାକୁ ନାହାନ୍ତି ବାରଂବାର ତାହା ଏକ ମାନ୍ତ୍ରିକ ଉଚ୍ଚାରଣ ଶବ୍ଦ ସଦୃଶ 'ଡି'ଙ୍କର ଶ୍ରୁତିଗୋଚର ହେଉଛି । ମା'ଙ୍କର ଅପୂର୍ବ ଦିବ୍ୟ ଶ୍ରଦ୍ଧାପୂର୍ଣ୍ଣ ସ୍ୱର ଓ ଚାହାଣିକୁ ସେ ତାଙ୍କ ଚକ୍ଷୁ ଦ୍ୱୟରେ ଦର୍ଶନ କରି ଏବଂ କର୍ଣ୍ଣପଥରେ ଶ୍ରବଣ କରି ତାଙ୍କ ହୃଦୟ ଆନନ୍ଦର ଆତିଶଯ୍ୟରେ ଆନ୍ଦୋଳିତ ହେବାକୁ

ଲାଗିଲା । ସେ ଅବଲୀଳା କ୍ରମେ ଦିବ୍ୟଜନନୀଙ୍କ ଦିବ୍ୟ ପଦଯୁଗଳକୁ ତାଙ୍କର ଦୁଇ ହାତରେ ଜାବୁଡ଼ି ଧରି ସଜ୍ଞାହୀନ ପ୍ରାୟ ହୋଇଗଲେ; କେବଳ ତାଙ୍କ ମୁଖରୁ ନିଃସୃତ ହେଉଥିଲା, "Mother make me Thy child." ''ମା' ମୋତେ ତୁମର ସନ୍ତାନ ଭାବରେ ପ୍ରସ୍ତୁତ କର ।'' ମା'ଙ୍କ ଆଡ଼କୁ ଭକ୍ତିର ସହିତ ସେ ଚାହିଁ ରହିଥିଲେ ସେହି ଅବସ୍ଥାରେ । ଶ୍ରୀମା ତାଙ୍କୁ ଯେତିକି ସମୟ ଦର୍ଶନ ପାଇଁ ପ୍ରଦାନ କରିଥିଲେ ତାହାଠାରୁ ଯଥେଷ୍ଟ ଅଧିକ ସମୟ ନତଜାନୁ ହୋଇ ସେ ତାଙ୍କ ନିକଟରେ ବସି ରହିଥିଲେ ।

'ଡି'ଙ୍କର ଆନ୍ତର ଚେତନା ସୂକ୍ଷ୍ମଭୂମି ବା subtle plane ଆଡ଼କୁ ଉନ୍ମୁକ୍ତ ହୋଇ ଯାଇଥିଲା, ତେଣୁ ସର୍ବଦା ମା'ଙ୍କ ସାନ୍ନିଧ୍ୟରେ ଅଛନ୍ତି ବୋଲି ତାଙ୍କର ମନେ ହେଉଥିଲା । ତାଙ୍କର ବହୁତ ଅନୁଭୂତି ପ୍ରାପ୍ତ ହୋଇଥିଲା ଏବଂ ହେଉଥିଲା ମଧ୍ୟ । ଥରେ ତାଙ୍କର ବନ୍ଧୁମାନେ ଆଶ୍ରମକୁ ଆସିବା ନିମନ୍ତେ ଟିକଟ କରିଥା'ନ୍ତି, କିନ୍ତୁ 'ଡି' ଯାଇପାରି ନଥିଲେ, କାରଣ ତାଙ୍କ ପାଖରେ ଆବଶ୍ୟକ ହେଉଥିବା ଅର୍ଥ ନଥିଲା, ସେ ଭିତରେ ଭିତରେ ଖୁବ୍ ଦୁଃଖିତ ଥିଲେ । ସେହି ଦିନ ଅପରାହ୍ଣରେ ତାଙ୍କୁ ଏକ ଶକ୍ତିଶାଳୀ ସୂକ୍ଷ୍ମଦର୍ଶନ ପ୍ରାପ୍ତ ହେଲା, ଯାହା ଖୁବ୍ ସ୍ୱଚ୍ଛ ଏବଂ ସେଇ ପ୍ରକାରର ଦର୍ଶନ ପୂର୍ବରୁ ସେ କେବେହେଲେ ଦେଖି ନଥିଲେ । ସେ ଦେଖିଲେ ମା' ଗୋଟିଏ ସୁନ୍ଦର ସୁଶୋଭିତ ରଥରେ ବସି ତାଙ୍କ ଆଡ଼କୁ ଆସୁଛନ୍ତି । 'ଡି' ଚତୁଃପାର୍ଶ୍ୱକୁ ଦୃଷ୍ଟି ପକାଇଲେ, ଦେଖିଲେ ନିକଟରେ ଗୋଟିଏ ବେଞ୍ଚ ଅଛି, ତାହା ଉପରେ ଗୋଟିଏ ଖୁବ୍ ବଡ଼ ଫୁଲଦାନୀରେ ବିଭିନ୍ନ ପ୍ରକାର ଫୁଲ ସଜା ହୋଇ ଥୁଆ ହୋଇଛି; ଏହା ଦେଖି ସେ ଖୁବ୍ ଖୁସି ହୋଇଗଲେ ଏବଂ ଫୁଲଦାନୀ ଓ ଫୁଲ ସହିତ ଲମ୍ବା ବେଞ୍ଚଟିକୁ ଦୁଇ ହାତରେ ଉଠାଇ ମା'ଙ୍କର ରଥ ସମ୍ମୁଖରେ ଥୋଇ ଦେଲେ । ମା' ଏହା ଦେଖି ଖୁବ୍ ହସିଲେ । 'ଡି' ମା'ଙ୍କୁ ସାଷ୍ଟାଙ୍ଗ ପ୍ରଣାମ ନିବେଦନ କରି କହିଲେ, "Why don't you come often ?" 'ମା' ଆପଣ କାହିଁକି ଅଧିକ ଥର ଆସୁ ନାହାନ୍ତି ?'' The Mother answered jokingly, "But who would pay my fare ?" ମା' ଥଟ୍ଟା କରି ହସି ହସି କହିଲେ, ''କିନ୍ତୁ ମୋ ଯାତ୍ରା ଖର୍ଚ୍ଚ କିଏ ଦେବ ?''

ନଭେମ୍ବର ୧୯୭୩ରେ 'ଡି' ଆଶ୍ରମରେ ପହଞ୍ଚିଲେ, ମା'ଙ୍କର ଦିବ୍ୟ-ଶରୀରକୁ ଦର୍ଶନ କରିବା ନିମନ୍ତେ । କିନ୍ତୁ ସେ ପହଞ୍ଚିଲା ବେଳକୁ ମା'ଙ୍କ ପାର୍ଥିବ ଶରୀରକୁ ସମାଧି ଭିତରେ ସ୍ଥାପନ କରାଯାଇ ସାରିଥିଲା । ପଣ୍ଡିଚେରୀ ଯାତ୍ରା ସମୟରେ ସେ ସମ୍ପୂର୍ଣ୍ଣ ସୁସ୍ଥ ଥିଲେ, ତାଙ୍କର ଅବସ୍ଥା ସାଧାରଣ ଥିଲା । କିନ୍ତୁ ଯେତେବେଳେ ସେ ଆଶ୍ରମରେ ପହଞ୍ଚିଲେ ଏବଂ ଦେଖିଲେ ମା'ଙ୍କର ଦିବ୍ୟ ଶରୀରକୁ ଭିତରେ ରଖାଯାଇ ସମାଧିକୁ ସିଲ୍ କରି ଦିଆଯାଇଛି, ତେଣୁ ମା'ଙ୍କର ଦର୍ଶନ ଆଉ ହୋଇ ପାରିବ ନାହିଁ । ସେ ଦୁଃଖରେ ଭାଙ୍ଗି ପଡ଼ିଲେ ଏବଂ ସ୍ଥିର କଲେ ଆତ୍ମହତ୍ୟା କରିଦେବେ । ମା'ଙ୍କ ସହିତ ତାଙ୍କର ସ୍ୱର୍ଗୀୟ ବାସସ୍ଥାନ (heavenly abode)ରେ ଯୋଗ ଦେବେ, ସେଠାରେ ଆନନ୍ଦରେ ବାସ କରିବେ । 'ଡି' ଏକ ନିଭୃତ ସ୍ଥାନ ଖୋଜିବାକୁ ଲାଗିଲେ । ସେହି ସମୟରେ ଜଣେ ପରିଚିତ ଲୋକ ପାଖକୁ ଆସି କହିଲେ, ''ତୁମେ ମେଡ଼ିଟେସନ୍ ହଲ୍'କୁ ଯାଇ ମା'ଙ୍କର ବ୍ୟବହୃତ ସୋଫା ବେଡ୍‌କୁ ଦର୍ଶନ କରି ଆସିବା ଉଚିତ ।'' କିନ୍ତୁ ତାଙ୍କ ଦୁଇ ଚକ୍ଷୁରୁ ଲୋତକର ନିର୍ଝର ବନ୍ଦ ହେବାର ନାଁ ଧରୁ ନଥାଏ, ସେ ସମାଧି ପାଖ ଛାଡ଼ି ଯିବା ପାଇଁ ଇଚ୍ଛା କରୁ ନଥିଲେ ।

ତତ୍‌ପରେ କୌଣସି ପ୍ରକାରର ସଚେତନ ପ୍ରଚେଷ୍ଟା ନକରି ସେ ଅନୁଭବ କଲେ ଯେ ତାଙ୍କ ପାଦଦ୍ୱୟ ଅବଲୀଳା କ୍ରମେ 'ମେଡ଼ିଟେସନ୍ ହଲ୍' ଆଡ଼କୁ ଚାଲିବାକୁ ଲାଗିଛି । ସେଠାରେ ପହଞ୍ଚି ସେ ଯାହା ଦେଖିଲେ ସେଥିରେ ତାଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ; ସେ ଦେଖିଲେ, ମା' ତାଙ୍କର ଶଯ୍ୟା ଉପରେ ବସିଛନ୍ତି । ଏହି ଦିବ୍ୟ ଦୃଶ୍ୟ (vision) ଏତେ ଜୀବନ୍ତ ଏବଂ ଶକ୍ତିଶାଳୀ ଥିଲା ଯେ ତାଙ୍କର ମଥା ଘୂରିବାକୁ ଲାଗିଲା । ସେ ଆଶ୍ଚର୍ଯ୍ୟଚକିତ ହୋଇ ଭାବୁଥିଲେ ଯେ ଆଶ୍ରମ ଲୋକମାନେ ମା'ଙ୍କ ଦେହ ରକ୍ଷା କଥା କହି ଏକ ମିଥ୍ୟା ପ୍ରଚାର କରୁଛନ୍ତି ଏବଂ ପରେ ସୁବିଧା ଦେଖି ପୁନଃପ୍ରଚାର କରି କହିବେ ଯେ ମା' ପୁନର୍ବାର ତାଙ୍କ ଦିବ୍ୟ ଶରୀରକୁ ଫେରି ଆସିଛନ୍ତି । ତାଙ୍କ ମନରେ ବହୁତ ଦୁଃଖ ହେଲା ଏବଂ ସେ ହାତଯୋଡ଼ି ମା'ଙ୍କୁ କହିଲେ, ''ମା' ଏହି ଲୋକମାନଙ୍କୁ କ୍ଷମା କରି ଦିଅନ୍ତୁ ।'' ('Mother pardon these people.') ପୁନଶ୍ଚ ସେ ଦେଖିଲେ ଶ୍ରୀମା ତାଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରି କିଛି କହୁଛନ୍ତି । ପରେ ପରେ ମା'ଙ୍କର ସେହି ଦିବ୍ୟମୂର୍ତ୍ତି ଆସ୍ତେ ଆସ୍ତେ ଉଭାଇ ଯିବାକୁ ଲାଗିଲା, ମା' ଅନ୍ତର୍ଦ୍ଧାନ ହୋଇଗଲେ । ସେତେବେଳକୁ 'ଡି' ଆତ୍ମହତ୍ୟା କରିବା କଥା ସମ୍ପୂର୍ଣ୍ଣ ଭୁଲି ଯାଇଥା'ନ୍ତି । ସେ ବୁଝି ଯାଇଥା'ନ୍ତି ଯେ ମା' ଯଦ୍ୟପି ତାଙ୍କର ଦେହରକ୍ଷା କରିଥା'ନ୍ତି ତଥାପି ସେ ଯେତେବେଳେ ଇଚ୍ଛା କରିବେ

ସେତେବେଳେ ତାଙ୍କ ସନ୍ତାନମାନଙ୍କ ସମ୍ମୁଖରେ ଉଭା ହୋଇ ପାରିବେ, ଆଶୀର୍ବାଦ ଦେଇ ପାରିବେ ।

ପରବର୍ତ୍ତୀ ସମୟରେ 'ଡି' ତାଙ୍କ ଅଞ୍ଚଳର ଏକ ଆଶ୍ରମ ଏବଂ ତତ୍ ସଂଲଗ୍ନ ସ୍କୁଲ ଏବଂ ପବିତ୍ର ଦେହାଂଶ କେନ୍ଦ୍ର, 'Relics centre'ର ଦାୟିତ୍ୱରେ ରହିଲେ । ସେଠାରେ ମା'ଙ୍କର ଅଲୌକିକ ଘଟଣାମାନ ଘଟିବା ନିତିଦିନିଆ କଥା ହୋଇ ଯାଇଥିଲା । ଯେଉଁ କାମ ସେ ହାତକୁ ନେଉଥିଲେ ସେଥିରେ ମା'ଙ୍କ କୃପା ଓ କରୁଣାର ଅଦୃଶ୍ୟ ଶକ୍ତି କାମ କରୁଥିଲା ।

(How they came to Sri Aurobindo and The Mother by Shyam Kumari, Vol-II, p. 95-96)

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା :**

(୧) Prayers and Meditations – The Mother

(୨) Musing on the Mother's Prayers and Meditations, Vol. 1, Shyam Kumari

## ରାଜାଙ୍କ ପରାମର୍ଶଦାତା

ଜଣେ ଶାସ୍ତ୍ରଜ୍ଞ ପଣ୍ଡିତ ଥିଲେ । ସେ ରହୁଥିବା ରାଜ୍ୟର ରାଜା ଥିଲେ ଅତି ଗୁଣୀ । ଏକଦା ପଣ୍ଡିତ ଭାବିଲେ ରାଜାଙ୍କ ନିକଟରେ କୌଣସି ବିଦ୍ୱାନ୍ ପରାମର୍ଶଦାତା ନାହାନ୍ତି । ତେଣୁ ନିଜ ଜ୍ଞାନର ପରାକାଷ୍ଠା ଦେଖାଇ ରାଜାଙ୍କ ପରାମର୍ଶଦାତା ହେବେ ।

ରାଜାଙ୍କ ଦରବାରରେ ପହଞ୍ଚି ପଣ୍ଡିତ ମହାଶୟ ଆହ୍ୱାନ ଦେଲେ – ଯଦି କାହାର ସାହସ ଅଛି ତାଙ୍କୁ ଜ୍ଞାନରେ ପରାସ୍ତ କରି ଦେଖାନ୍ତୁ । ସଙ୍ଗେ ସଙ୍ଗେ ରାଜାଙ୍କ ଦରବାରରେ ଥିବା ପଣ୍ଡିତବର୍ଗ ଚଳଚଞ୍ଚଳ ହୋଇ ଉଠିଲେ । କିନ୍ତୁ ସମସ୍ତେ ପଣ୍ଡିତଙ୍କ ଦ୍ୱାରା ପରାସ୍ତ ହେଲେ । ଏବେ ପଣ୍ଡିତ କହିଲେ – ''ମହାରାଜ, ଆପଣଙ୍କ ଦରବାରରେ ଆଜି ମୋ ଭଳି ଜଣେ ଜ୍ଞାନୀ ବିଦ୍ୟମାନ । ଆପଣ ମୋତେ ଆପଣଙ୍କ ପରାମର୍ଶଦାତା ଭାବେ ଗ୍ରହଣ କରନ୍ତୁ ।'' ରାଜା କହିଲେ, ''ଆପଣଙ୍କ ଜ୍ଞାନ ଚମତ୍କାର । କିନ୍ତୁ ମୋ ବୁଦ୍ଧିରେ ମୁଁ କହିବି ଯେ ଆପଣ ପ୍ରକୃତରେ ଜଣେ ନିର୍ବୋଧ ।'' ପଣ୍ଡିତ ଚମକି ପଡ଼ିଲେ । ରାଜା କହିଲେ – ''ବୁଝାଇ ଦେଉଛି । ଆପଣ ଜଣେ ପଣ୍ଡିତ, ବିଭିନ୍ନ ସ୍ରୋତରୁ ଜ୍ଞାନ ଆହରଣ କରି ଆପଣ ମହାଜ୍ଞାନୀ । କିନ୍ତୁ ଆପଣଙ୍କ ପାଖରେ କ'ଣ ଅଭାବ ରହିଛି ସେ ସମ୍ପର୍କରେ ଆପଣଙ୍କର ଧାରଣା ନାହିଁ । ଯେଉଁମାନେ ନିଜ ପାଖରେ ଥିବା ଅଭାବଟିକୁ ଜାଣି ପାରନ୍ତି ନାହିଁ, ସେମାନେ ଯେତେ ଜ୍ଞାନୀ ହେଲେ ବି ନିର୍ବୋଧ ଶ୍ରେଣୀର । ଆପଣଙ୍କ ଅସଲ ଜ୍ଞାନ ବା ବୋଧ ସେତିକି ବେଳେ ଉଦୟ ହେବ ଯେତେବେଳେ ଆପଣଙ୍କର ହୃଦ୍‌ବୋଧ ହୋଇଯିବ ଯେ ଆପଣଙ୍କ ଠାରେ ଆଦୌ କୌଣସି ଜ୍ଞାନ ନାହିଁ; ଯାହା ଅଛି ତାହା କେବଳ ଜ୍ଞାନର ଅହଙ୍କାର । ଏହି ବୋଧ ଉଦୟ ହେବା ପରେ ଆପଣ ନଇଁ ଯିବେ । ସେତିକି ବେଳେ ଆପଣ ମୂଢ଼ତାରୁ ମୁକ୍ତ ହେବେ ଓ ଜ୍ଞାନର ପରାକାଷ୍ଠା ନ ଦେଖାଇଲେ ସୁଦ୍ଧା ଆପଣଙ୍କ ଉପଦେଶକୁ ସମସ୍ତେ ଲୋଡ଼ିବେ ।''

(ସୌଜନ୍ୟ : ସମ୍ବାଦ) ❑

# କାରା-ଜୀବନୀ

## (୨)

## ଉଲ୍ଲାସକର ଦତ୍ତ

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

ବର୍ତ୍ତମାନ ବୋଧହୁଏ ଆମମାନଙ୍କର ପ୍ରାରମ୍ଭିକ ବିବରଣ ଗ୍ରହଣ କରାଯାଇପାରେ । କଳାପାଣି ଚାଲାଣ ପରେ ସେଠାକାର ସେଣ୍ଟ୍ରାଲ ଜେଲରେ ଆମକୁ ପ୍ରାୟ ଅଢ଼େଇ ବର୍ଷରୁ ଅଧିକ କାଳ ଆବଦ୍ଧ ରଖା ଯାଇଥିଲା । ଅନ୍ୟାନ୍ୟ କଏଦୀମାନଙ୍କୁ ସାଧାରଣତଃ ସେଠାରେ ପହଞ୍ଚିବା ପରେ ଛଅ ମାସରୁ ଅଧିକ କାଳ ଜେଲରେ ଆବଦ୍ଧ ରଖା ହୁଏ ନାହିଁ; ଏପରିକି ଆମମାନଙ୍କ ନ୍ୟାୟ ହିସାବରେ ଯେଉଁମାନଙ୍କୁ 'D' Ticket, ଅର୍ଥାତ୍ Dangerous Criminal ଆଖ୍ୟା ଦିଆ ହୁଏ, ସେମାନଙ୍କୁ ବି ଖୁବ୍ ବେଶୀରେ ଏକ ବର୍ଷ କାଳ ଆବଦ୍ଧ ରଖି ବାହାରେ 'Settlement'ରେ ରହିବାକୁ ଓ କାମ କରିବାକୁ ଦିଆଯାଏ । ଆମ ଉପରେ ସରକାର ବାହାଦୁରର କାହିଁକି ଯେ ଏପରି କୃପା ଦୃଷ୍ଟି ପଡ଼ିଲା ଭଗବାନ୍ ଜାଣନ୍ତି । ଆମେ ଯେପରି ଖୁନୀ, ଡକାୟତ, ଏପରିକି ବାଘ, ଭାଲୁ ଅପେକ୍ଷା ବି ଭୀଷଣ ଓ ହିଂସ୍ର; ତେଣୁ କରି ଅନ୍ୟମାନଙ୍କ ଉପରେ ଯେଉଁ କ୍ଷେତ୍ରରେ ଛଅ ମାସ, ଆମକୁ ସେ ସ୍ଥଳରେ ଅଢ଼େଇ ବର୍ଷରୁ ବି ଅଧିକ କାଳ ଜେଲରେ ବାସ କରିବାକୁ ହେଲା । କେବଳ ତାହା ବି ନୁହେଁ, ଜେଲର ଯାହା ସର୍ବାପେକ୍ଷା କଠିନ ପରିଶ୍ରମ ଆମ ପାଇଁ ତାହାହିଁ ବ୍ୟବସ୍ଥା ହେଲା, ଶିକ୍ଷିତ ଶ୍ରେଣୀ (literate class) ବୋଲି କିଛି ବି ବିବେଚନା କରା ହେଲାନି । ଆମେ ମନେ ମନେ ଆଲୋଚନା କଲୁ ଯେତେଦିନ ପର୍ଯ୍ୟନ୍ତ ଦେହରେ ବଳ ଅଛି ସେତେଦିନ ଭଲ ମଣିଷ ପରି ଗୋଡି ଖଟିବା କାମ କରିବୁ ଓ ଯେପରି ହୁକୁମ ହୁଏ ସେହିପରି କରି ଚାଲିବୁ, ଦେଖାଯାଉ ବ୍ୟାପାରଟା କେଉଁଆଡ଼େ ଯାଉଛି । ଏହି ପ୍ରକାରରେ ଛଅ ମାସ, ଏକ ବର୍ଷ, ଦେଢ଼ ବର୍ଷ କରି କଟିବାକୁ ଲାଗିଲା, ଅପରାପର ନୂତନ ନୂତନ କଏଦୀର ଦଳ କେତେ ଆସିବାକୁ ଲାଗିଲେ ଓ ନିୟମିତ ଛଅମାସ ପରେ ବାହାରକୁ ଯିବାକୁ ଲାଗିଲେ । ଆମର ଆଉ ବାହାରକୁ ଯିବାର ହୁକୁମ ଆସିଲା ନାହିଁ ।

ଏହିପରି କମିଟି ପରେ କମିଟିକୁ ଅପେକ୍ଷା କରି କରି ଯେତେବେଳେ ଏକେବାରେ ହାଡ଼ ଜଳିଗଲାଣି, ସେଇ ସମୟରେ ଦିନେ ଶୁଭ ପ୍ରଭାତରେ ସମ୍ବାଦ ଆସିଲା, ଆମର ବାହାରକୁ ଯିବାର ହୁକୁମ ଆସିଛି । ଆମେ ଆମର ଯଥା ସର୍ବସ୍ୱ – ଥାଳି, ବାଟି, କମ୍ବଳ ପ୍ରଭୃତିକୁ ଗୋଟାଇ ଧରି ଜେଲର ଫାଟକରେ ଆସି ହାଜିର ହେଲୁ । କହିବାକୁ ଭୁଲି ଗଲି, ଇତି ମଧ୍ୟରେ ମୋର ଶାରୀରିକ ଅକ୍ଷମତା କାରଣରୁ ବାଧ୍ୟ ହୋଇ ଥରେ କାର୍ଯ୍ୟ କରିବାକୁ ଅସ୍ୱୀକାର କରିଥିଲି । ଜେଲର୍ ମୋତେ କାରଣ ପଚାରିବାରୁ ମୁଁ ତାଙ୍କୁ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରିଲି ନାହିଁ, କେବଳ କହିଲି, କାମ କରି ପାରୁନି, ଶରୀର ସହ୍ୟ କରି ପାରୁନି । ସୁତରାଂ ସେ ଆଉ କ'ଣ କହିବେ । ସୁପରିନ୍‌ଟେଣ୍ଡେଣ୍ଟ୍ ସାହେବଙ୍କର ଡାକ୍ତର ପାଖକୁ ମୋତେ ପଠାଇ ଦେଲେ । ସେ ଓଜନ କରି ଦେଖିଲେ ଏବଂ ଗୋଟେ ଦୁଇଟା ପ୍ରଶ୍ନ ପରେ ଦିନେ ଦୁଇଦିନ ବିଶ୍ରାମର ହୁକୁମ ଦେଲେ । ଇତିମଧ୍ୟରେ ଆମର ବାହାରକୁ ଯିବାର ହୁକୁମ ଆସିଲା । ଆମେ କୋଳାହଳ କରି ସଦଳବଳେ ନିଜ ନିଜର ନିର୍ଦ୍ଦିଷ୍ଟ ଗନ୍ତବ୍ୟ ପଥରେ ଯାତ୍ରାରମ୍ଭ କଲୁ । ମୋର ସ୍ଥାନ ନିର୍ଦ୍ଦିଷ୍ଟ ହେଲା ପ୍ରଥମେ ପୋର୍ଟ ମୋୟାଟ୍‌ରେ । ଅପରାପର ସମସ୍ତଙ୍କୁ ଭିନ୍ନ ଭିନ୍ନ ସ୍ଥାନରେ ଅଥବା stationରେ ଭର୍ତ୍ତି କରା ହେଲା, ଯେପରିକି ଆମେ ସହଜରେ ପରସ୍ପର ଦେଖା ସାକ୍ଷାତ୍ ନକରି ପାରୁ । ମୋତେ ପୋର୍ଟ ମୋୟାଟ୍ ନେଇଯିବା ପାଇଁ ଯେଉଁ ଲୋକଟିକୁ ଦିଆ ଯାଇଥିଲା ତା' ସହ କିଛି ଦୂର ଚାଲିବା ପରେ ଗୋଟିଏ ଛୋଟ ବସ୍ତି ଦେଖିବାକୁ ପାଇଲି । ସେଠାରେ ଲୋକଟି କିଛି ସମୟ ଛିଡ଼ା ହେଲା ଏବଂ ମୋତେ ବି ଅପେକ୍ଷା କରିବାକୁ କହିଲା । ଏଠାରେ ପୁଣି ସେହି ଅତିଲୌକିକ ଭେଲିକି !

ମୋ ସଙ୍ଗରେ ଥିବା ଲୋକଟି ମୋର ସମ୍ମୁଖସ୍ଥ ଏକ ମୁସଲମାନ ticket of leaveର ସଙ୍ଗେ ଆଳାପ କରିବାକୁ ଲାଗିଲା । ତା' କଥାର ଢଙ୍ଗରୁ ବୁଝିଲି ଲୋକଟି ଆମରି ଦେଶର ମୁସଲମାନ । ଘର ତା'ର ତ୍ରିପୁରା ଅବା ମଇମନ୍‌ସିଂ ଏମିତି କେଉଁଠି ହେବ । ତା' ସହ କଥା ହେଉଛି ଏଇ ସମୟରେ ହଠାତ୍ ଯେପରି ନିକଟସ୍ଥ ଗୋଟିଏ କୁଡ଼ିଆ ଘରୁ ମୋର ଜଣେ

ଅତି ପରିଚିତା ଆତ୍ମୀୟାର ସ୍ୱର ଶୁଣିବାକୁ ପାଇଲି । ସେ ଯେମିତି ମୋତେ ଡାକି କିଛି କହୁଛି । ତା' ସ୍ୱର ଶୁଣି ଏମିତି ବୋଧ ହେଲା ଯେପରି ତାକୁ ମୁଁ ସ୍ପଷ୍ଟ ଦେଖି ପାରୁଛି । ରଞ୍ଜନରଶ୍ମି ଦ୍ୱାରା ଯେପରି ଗୋଟିଏ ବାକ୍ସ ଭିତରର ଜିନିଷ ଦେଖିହୁଏ, ଏହାକୁ ବି ଯେପରି ଠିକ୍ ସେଇଭାବେ ଦେଖୁଛି — ଯଦିଓ ସେ ଘର ଭିତରୁ କଥା କହୁଥାଏ ତେବେ ବି — ବେଶ୍ ସ୍ପଷ୍ଟ ଦେଖିବାକୁ ପାଇଲି । ମୁଁ ତ ଏକେବାରେ ଅବାକ୍ ! ସେତେବେଳକୁ ବି ଏଇ ସମସ୍ତ ଅତିଲୌକିକ ଘଟଣା ସମ୍ବନ୍ଧରେ ମୋର ସ୍ମୃତି ପୂର୍ଣ୍ଣ ସଜାଗ ହୋଇ ନାହିଁ; ମୁଁ ସେଥିରେହିଁ ଭୁଲିଗଲି ଏବଂ ସତକୁ ସତ ମନେ କଲି ଯେ, ସେ କୌଣସି ଉପାୟରେ ସକଳ ଆତ୍ମୀୟ ସ୍ୱଜନଙ୍କୁ ଛାଡ଼ି ମୋର ପଶ୍ଚାତ୍‌ଧାବନ କରିଛି ଓ ଏହି ସ୍ଥାନରେ ଏଇ ବୃଦ୍ଧ ମୁସଲମାନର ଘରେ ରହିବାର ବନ୍ଦୋବସ୍ତ କରି ନେଇଛି । ଏହିପରି ମନ ମଧ୍ୟରେ କେତେ କ'ଣ ଆକାଶ ପାତାଳ କଳ୍ପନା ଜଳ୍ପନା କରି ମୋର ମନର ଅବସ୍ଥା ଯେ କ'ଣ ହେଲା ତାହା ପାଠକବୃନ୍ଦ ଅନୁମାନ କରୁଥିବେ । ଅତି ଅଳ୍ପ କ୍ଷଣ ଲାଗି ଏଇ ଦୃଶ୍ୟ ଦେଖିଲି । ବୋଧହୁଏ ଏକ ମିନିଟ ଅବା ଅଧ ମିନିଟ ହେବ; ପରକ୍ଷଣରେ ମୋ ସହ ଥିବା ଲୋକଟି ପଥ ଚାଲିବାକୁ କହିଲା ଏବଂ ମୁଁ ବି ଯେପରି ଘଟଣାଟିକୁ ସେତିକିବେଳେହିଁ ଭୁଲିଗଲି । ଏହା ମୋର ସୌଭାଗ୍ୟ ବୋଲି କହିବାକୁ ହେବ, ନଚେତ୍ ଏପରି ଅବସ୍ଥାରେ ଉନ୍ମାଦ ହୋଇ କେଉଁ ପ୍ରହେଳିକାର ପଶ୍ଚାଧାବନ କରି ଥାଆନ୍ତି କିଏ କହିପାରେ ?

ମୋଟ ଉପରେ ଏହା ବେଶ୍ ସହଜରେ ଅନୁମିତ ହୋଇପାରେ ଯେ ଆମର ଲୌକିକ ଜଗତରେ ଗୃହ, ସମାଜ, ଜାତି ଏବଂ ପରିଶେଷରେ ବିଶ୍ୱମାନବ ମଣ୍ଡଳୀ ମଧ୍ୟରେ ଯେପରି ପ୍ରତ୍ୟେକେ ନିଜ ନିଜର ବୈଶିଷ୍ଟ୍ୟ ରକ୍ଷା କରିବା ନିମନ୍ତେ ନିଜ ନିଜ ସୀମାରେଖା ଟାଣି ନିର୍ଦ୍ଦିଷ୍ଟ ଓ ଅନତିକ୍ରମଣୀୟ ନିୟମର ଅଧୀନ ହୋଇ ଚାଲିଛନ୍ତି ଅଥବା ଚାଲି ପାରିଲେ ନିଜକୁ ଭାଗ୍ୟବାନ୍ ବୋଧ କରନ୍ତି, ଅତିଲୌକିକ ଜଗତରେ ବି ତାହାହିଁ ହେଉଥିବ, ସନ୍ଦେହ ନାହିଁ; ନଚେତ୍ ଯଥେଷ୍ଟ ଭାବରେ ପରସ୍ପରର ସୀମା ଅତିକ୍ରମ କରି ଲୌକିକ ଓ ଅତିଲୌକିକ ଦୁଇଟିହିଁ ବିନଷ୍ଟ ହେବାର ପରିଣତି ଲାଭ କରନ୍ତା । କିନ୍ତୁ ତାହା ହୁଏ ନାହିଁ ବୋଲି ଆମେ ଆମର ଦୈନନ୍ଦିନ କର୍ମ ପ୍ରବାହ ଭିତରେ ଏକ ସହଜ ଓ ସୁଶୃଙ୍ଖଳ ଅବସ୍ଥା ଦେଖିଥାଉ । ତେବେ ଏହା ବି କହି ରଖିବା ଉଚିତ ଯେ ଗାର୍ହସ୍ଥ୍ୟ, ସାମାଜିକ, ଜାତୀୟ ଓ ମାନବୀୟ ପ୍ରତ୍ୟେକ ନିୟମହିଁ ଅନ୍ୟ କୌଣସି ଉନ୍ନତତର ଓ ବ୍ୟାପକତର ନିୟମର ଅଧୀନ ହୋଇ କାର୍ଯ୍ୟ କରୁଛି । ଠିକ୍ ଏହି ପ୍ରକାରର ଦୁଇ ନିୟମର ସୀମାରେଖାରେ ଅଥବା ଗୋଟିଏ ନିୟମ ଅନ୍ୟ ଏକ ନିୟମରେ ପର୍ଯ୍ୟବସିତ ହେବାର ଠିକ୍ ପୂର୍ବାବସ୍ଥାରେ ଯେତେ ଗୋଳମାଳ, ଯେତେ ସନ୍ଦେହ । ଜଳର ବେଙ୍ଗଫୁଲା ବେଙ୍ଗ ହେବାର ଠିକ୍ ପୂର୍ବାବସ୍ଥାରେ ଏହା ବେଙ୍ଗ କି ବେଙ୍ଗଫୁଲା ଏହାକୁ ନେଇ ତର୍କ ଉଠିପାରେ, କିନ୍ତୁ ପରିଣତ ଅବସ୍ଥାରେ ନୁହେଁ । ଯା' ହେଉ, ପୂର୍ବେ କହିଛି ଯେ ଏଇ ପ୍ରକାରର ଅତିଲୌକିକ କଥା ସେତେବେଳେ ମୋର ସ୍ମୃତିପଟରେ ସ୍ଥାୟୀ ଭାବରେ ଅଙ୍କିତ ହେବାକୁ ଆରମ୍ଭ କରିନି; ସୁତରାଂ ତା'ର କ୍ରିୟାକଳାପ ସମ୍ବନ୍ଧରେ ବିଶଦ ଆଲୋଚନା କରିବାର ସମୟ ବର୍ତ୍ତମାନ ନୁହେଁ, ପରେ ଏହାର ବାରଂବାର ଆବିର୍ଭାବ ଓ ତିରୋଭାବ ଦ୍ୱାରା ଯେତେବେଳେ ସ୍ମୃତିପଟରେ ସ୍ଥାୟୀ ଭାବରେ ଏସବୁ ଅଙ୍କିତ ହୋଇଯିବ, ସେତେବେଳେହିଁ ତା'ର କାର୍ଯ୍ୟ ପ୍ରଣାଳୀ ଭିତରେ କୌଣସି ପ୍ରକାରେ ତା'ର କାର୍ଯ୍ୟକାରଣ-ଶୃଙ୍ଖଳା ଆବିଷ୍କାର କରିବା ଅପେକ୍ଷାକୃତ ସହଜ ଓ ସୁଗମ ହୋଇ ଉଠିବ ବୋଲି ଆଶା କରାଯାଏ ।

ଏହାପରେ ମୋର ଗନ୍ତବ୍ୟ ସ୍ଥାନ ପୋର୍ଟମୋୟାଟରେ ପହଞ୍ଚି କିଛି ଦିନ ରହିଲି । ସେଠାରେ ସାଧାରଣ କଏଦୀମାନଙ୍କ ସହିତ ମୋତେ ବି ପଥରଭଙ୍ଗା, ରାସ୍ତା ତିଆରି, କାଠଗଡ଼ ଚାଞ୍ଛିବା ଇତ୍ୟାଦି କାର୍ଯ୍ୟ ଦିଆଗଲା । ସେଠାରେ ରହିବା ସମୟରେ ଦିନେ ସକାଳେ ଆମକୁ କୁହାଗଲା ଯେ ସେଇଦିନ ସେଠାକାର ବେଙ୍ଗଲୀ ଆସିଷ୍ଟାଣ୍ଟ୍ ସର୍ଜନ ଆମର 'ଟାପୁ' ଅର୍ଥାତ୍ ଦ୍ୱୀପ ପରିଦର୍ଶନ କରିବାକୁ ଆସିବେ । ତଦନୁଯାୟୀ ଆମେ ସମସ୍ତେ ପରିଷ୍କୃତ ବସ୍ତ୍ର ପରିଧାନପୂର୍ବକ parade କରି ଦଣ୍ଡାୟମାନ ରହିଲୁ ଓ କିଛି କ୍ଷଣ ପରେ ସମସ୍ତେ ଯେପରି ''ଏଇ ଆସୁଛନ୍ତି'' ବୋଲି ଏକ ରବ ଉଠାଇଲେ । ପରକ୍ଷଣରେ ଦେଖିଲି କେତେଗୁଡ଼ିଏ ବାହକ ଚାଳିତ ଗୋଟିଏ ରିକ୍ସାରେ ଦୁଇଜଣ ବେଙ୍ଗଲୀ ଭଦ୍ରଲୋକ ଆସି ପହଞ୍ଚିଲେ । ମୋତେ ଦେଖି ମୋ ବିଷୟରେ ଗୋଟିଏ ଦୁଇଟି ପ୍ରଶ୍ନ କରି ଏପରିକି ମୋର ଭବିଷ୍ୟତ୍ ସମ୍ବନ୍ଧରେ ବି ଗୋଟିଏ ଦୁଇଟି କଥା କହି କୁଆଡ଼େ ଅଦୃଶ୍ୟ ହୋଇଗଲେ । ଯାହା କହିଲେ ତନ୍ମଧ୍ୟରୁ ଗୋଟିଏ କଥା ମୋର ବେଶ୍ ସ୍ପଷ୍ଟ ମନେ ଅଛି, ତାହା ହେଉଛି — ପୂର୍ବେ ଯେଉଁ ଆତ୍ମୀୟାର କଥା ଉଲ୍ଲେଖ କରିଥିଲି, ତାଙ୍କ ମାଧ୍ୟମରେ ମୁଁ ଖଣ୍ଡିଏ ପତ୍ର ପାଇବି ଏବଂ ସେଥିରୁ ଗୋଟିଏ

ଧାଡ଼ି ବିଶେଷ ଭାବେ ଉଲ୍ଲେଖ କରି ମୋତେ ଶୁଣାଇ ଦିଆଗଲା । ତାହାକୁ ଠିକ୍ ଭାବେ ଉଦ୍ଧୃତ କରି ଦେଉଛି, ''ତୁମର ଅତି ଆଦରର ଭଉଣୀ ପୁଟୁରାଣୀ ଓ କରୁଣାକଣା (ମୋର ଭ୍ରାତୃଷ୍ପୁତ୍ରୀ) ସ୍ୱର୍ଗର ବଗିଚାରେ ଦୁଇଟି ଫୁଲ, ସ୍ୱର୍ଗ ବଗିଚାରେ ଫୁଟିବାକୁ ଗଲେ ।'' ଏଇ ଘଟଣାର ପ୍ରାୟ ପନ୍ଦର କୋଡ଼ିଏ ଦିନ ପରେ ଠିକ୍ ସେଇ ପତ୍ରଟି ପାଇଲି ଏବଂ ତା' ମଧ୍ୟରେ ଏଇ ଧାଡ଼ିଟିକୁ ଦେଖିବାକୁ ପାଇଲି ।

ଛାଡ଼ ସେକଥା । ଏଇ ଆଗନ୍ତୁକ ଭଦ୍ରଲୋକ ଅଦୃଶ୍ୟ ହୋଇଯିବାର ପ୍ରାୟ କେତୋଟି ମିନିଟ ପରେ ଅବିକଳ ସେଇ ଆକୃତିର ଏବଂ ସେଇ ରୂପ ଓ ସେଇ ଏକଭାବେ ରିକ୍ସାରେ ବସି ଆସିଷ୍ଟାଣ୍ଟ୍ ସର୍ଜନ ଓ ସବ୍ ଆସିଷ୍ଟାଣ୍ଟ୍ ସର୍ଜନ ଆସି ଉପସ୍ଥିତ ହେଲେ । ମୁଁ ପୂର୍ବଥର ପରି ଏଥର ବି ଯେପରି ହତଭମ୍ବ ହୋଇଗଲି । ଏଇ ଘଟଣାର ଆଦିଅନ୍ତ କିଛି ବି ଠଉରେଇ ପାରିଲିନି । ତେବେ ପୂର୍ବର ଘଟଣାରୁ ଏହାର ପାର୍ଥକ୍ୟ ଏଇୟା ଥିଲା ଯେ, ଅନ୍ୟସବୁ ଥର ଯେପରି ଏଇ ଭାବରେ ଆବିର୍ଭାବ, ସେତେବେଳେ ଏହା ଯେ କୌଣସି ଆବିର୍ଭାବ ଅଥବା ଅତିଲୌକିକ ଘଟଣା ଏପରି ଧାରଣା ମୋତେ ବି ହୋଇ ନାହିଁ । ମନେ ହୋଇଛି, ଯାହାଙ୍କୁ ଦେଖିଛି ଓ ଯାହାଙ୍କର କଥାବାର୍ତ୍ତା ଶୁଣିଛି, ସତକୁ ସତ ସେ ମୋ ଆଗରେ ଉପସ୍ଥିତ । ଏପରି ସ୍ଥଳରେ ଜଣେ ଲୋକ ଏତେ ଅଳ୍ପ ସମୟ ବ୍ୟବଧାନ ମଧ୍ୟରେ ଦୁଇଥର ଗୋଟିଏ ଦିଗରୁହିଁ ଆସି ଏପରି ଉପସ୍ଥିତ ହେବେ ଏହା ଭିତରେ ଯେ କିଛି ଗୂଢ଼ ରହସ୍ୟ ଅଛି, ତାହା ମୁଁ କିଛି ବି ବୁଝି ପାରିଲିନି । ଏ ସ୍ଥଳରେ ମଧ୍ୟ ଏଇ ଘଟଣାର ସ୍ମୃତି ସ୍ଥାୟୀ ହୋଇ ରହିଲା ବୋଲି ବି କହିପାରୁନି । କେବଳ ଅତୀତ ଘଟଣା ଅପେକ୍ଷା ସେହି ସମୟ ପାଇଁ ମନକୁ କିଛି ଆଲୋଡ଼ିତ କଲା ମାତ୍ର । ତା'ପରେ ପୁଣି ଦୈନନ୍ଦିନ କର୍ମ ମଧ୍ୟରେହିଁ ବ୍ୟାପୃତ ରହିବାକୁ ଲାଗିଲି, ଏଇ ସମୟରେ କୌଣସି ପ୍ରକାରର ଚିନ୍ତା ମନରେ ସ୍ଥାନ ପାଇଲା ନାହିଁ । କିଛି ଦିନ ପରେ ପୋର୍ଟ ମୋୟାଟ୍‌ରୁ Dundas Pt ନାମକ ସ୍ଥାନକୁ ମୋର ସ୍ଥାନ ପରିବର୍ତ୍ତନର ହୁକୁମ ହେଲା ଓ ମୁଁ ସେଠାକୁ ଚାଲିଗଲି ।

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ ❑


**At last a pimple / acne treatment that *REALLY* works *!!***

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies, Lewis Road,

Mfr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

# ନୂତନ ଶିକ୍ଷାର ଆହ୍ୱାନ

## (୨୦)

**ଗୟାଧର ଦାଶ**

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

ସବୁ ସ୍ତରରେ ଶିକ୍ଷାର୍ଥୀମାନଙ୍କର ସାମଗ୍ରିକ ବିକାଶ ପାଇଁ ପାଠ୍ୟକ୍ରମ ପ୍ରସ୍ତୁତ କରାଯିବାକୁ ସ୍ଥିର କରାଯାଇଛି । ଗଭୀର ଚିନ୍ତାଧାରା ଏବଂ ଅଧିକ ସାମଗ୍ରିକ, ଅନୁସନ୍ଧାନ-ଆଧାରିତ, ଆବିଷ୍କାର-ଆଧାରିତ; ଆଲୋଚନା-ଆଧାରିତ ଏବଂ ବିଶ୍ଳେଷଣ-ଭିତ୍ତିକ ଶିକ୍ଷଣ ପାଇଁ ପାଠ୍ୟ ବିଷୟବସ୍ତୁକୁ ହ୍ରାସ କରାଯିବାକୁ ସ୍ଥିର କରାଯାଇଛି । ସମସ୍ତ ସ୍ତରରେ ଅଭିଜ୍ଞତାମୂଳକ ଶିକ୍ଷଣକୁ ପ୍ରାଧାନ୍ୟ ଦିଆଯାଇଛି । ପାଠ୍ୟକ୍ରମ, ଅତିରିକ୍ତ-ପାଠ୍ୟକ୍ରମ କିଂବା ସହ-ପାଠ୍ୟକ୍ରମ ଯଥା – କଳା, ବିଜ୍ଞାନ ମଧ୍ୟରେ କିଂବା ଧନ୍ଦାମୂଳକ କିଂବା ଶୈକ୍ଷିକ (Academic) ବିଭାଗ ମଧ୍ୟରେ କୌଣସି ଦୃଢ଼ ପୃଥକୀକରଣ ରହିବ ନାହିଁ । ବିଜ୍ଞାନ, ଗଣିତ ଏବଂ କଳା (Humanities) ବିଷୟ ବ୍ୟତୀତ ଶାରୀରିକ ଶିକ୍ଷା, ଚାରୁକଳା ଓ ହସ୍ତଶିଳ୍ପ ଏବଂ ଧନ୍ଦାମୂଳକ ବିଷୟଗୁଡ଼ିକ ବିଦ୍ୟାଳୟ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି । ଶିକ୍ଷାର୍ଥୀ ନିଜ ପସନ୍ଦର ବିଷୟ ନେଇ ଅଧ୍ୟୟନ କରିପାରିବ । ସେଥିପାଇଁ ବିଷୟଗୁଡ଼ିକୁ ବାଛିବାରେ ଅଧିକ ନମନୀୟତା ରଖା ଯାଇଛି ।

ଏଥିରେ ବହୁଭାଷା ଶିକ୍ଷାର ସୁଯୋଗ ପ୍ରଦାନ କରାଯାଇଛି । ବିଶେଷତଃ ତ୍ରି-ଭାଷାକୁ ପ୍ରାଧାନ୍ୟ ଦିଆଯାଇଛି । ମାତୃଭାଷା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି । ମାତୃଭାଷାରେ ପାଠ୍ୟପୁସ୍ତକ ପ୍ରସ୍ତୁତ କରାଯିବା ସହ ତିନୋଟି ଭାଷା ମଧ୍ୟରୁ ଦୁଇଟି ଭାରତୀୟ ଭାଷା ରହିବାର ବ୍ୟବସ୍ଥା ରହିଛି । ମାତୃଭାଷାକୁ ଶିକ୍ଷଣର ମାଧ୍ୟମ ରୂପେ ଅତିକମ୍‌ରେ ୫ମ ଶ୍ରେଣୀ ପର୍ଯ୍ୟନ୍ତ ରଖାଯିବାର ବ୍ୟବସ୍ଥା ରହିଛି ଏବଂ ୮ମ ଶ୍ରେଣୀ ବା ତା'ଠାରୁ ଅଧିକ ଶ୍ରେଣୀ ପର୍ଯ୍ୟନ୍ତ ମାତୃଭାଷାକୁ ଶିକ୍ଷଣର ମାଧ୍ୟମ ରୂପେ ବ୍ୟବହାର କରିପାରିଲେ ଶିକ୍ଷାଦାନ କାର୍ଯ୍ୟ ଉତ୍ତମ ହେବ ବୋଲି କୁହାଯାଇଛି ।

ଶିକ୍ଷାର୍ଥୀମାନଙ୍କୁ ବ୍ୟକ୍ତିଗତ ପାଠ୍ୟକ୍ରମ ଚୟନ କରିବାର ସୁଯୋଗ ଦିଆଯାଇଛି । ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାର୍ଥୀଙ୍କୁ ଧନ୍ଦାମୂଳକ ଶିକ୍ଷା ଛୁଟିଦିନମାନଙ୍କରେ ଉପଲବ୍ଧ ହୋଇ ପାରିବ । ଷଷ୍ଠରୁ ଅଷ୍ଟମ ଶ୍ରେଣୀର ପିଲାମାନଙ୍କ ପାଇଁ ଦଶଦିନର ବ୍ୟାଗରହିତ ଧନ୍ଦାମୂଳକ କାର୍ଯ୍ୟର ସୁଯୋଗ ମଧ୍ୟ ପ୍ରଦାନ କରାଯାଇଛି । ଶିକ୍ଷାର୍ଥୀମାନଙ୍କୁ ଅଳ୍ପ ବୟସରେ ''ଯାହା ଠିକ୍ ତାହା କରିବା'' ଉପରେ ଗୁରୁତ୍ୱ ଦିଆଯିବାର ବ୍ୟବସ୍ଥା ରହିଛି ଏବଂ ନୈତିକ ଶିକ୍ଷାକୁ ସୁସଂଗଠିତ ଓ ସଂପ୍ରସାରିତ କରିବାର ବ୍ୟବସ୍ଥାମାନ ମଧ୍ୟ ରହିଛି । ବିଦ୍ୟାଳୟ ଶିକ୍ଷା ପାଇଁ ଜାତୀୟ ପାଠ୍ୟକ୍ରମ ଆଧାର (National Curriculum Framework for School Education) NCERT ଓ SCERT ର ମିଳିତ ଉଦ୍ୟମରେ ପ୍ରସ୍ତୁତ କରାଯିବାର ବ୍ୟବସ୍ଥା ମଧ୍ୟ ରହିଛି । ମୂଲ୍ୟାୟନ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଓ ସଂସ୍କାର ଅଣାଯାଇଛି । ପ୍ରଗତି କାର୍ଡ଼ରେ ପ୍ରତ୍ୟେକ ଶିକ୍ଷାର୍ଥୀର ଶିକ୍ଷା ପ୍ରଗତି ସହିତ ଜ୍ଞାନାତ୍ମକ, ଭାବାତ୍ମକ ଓ କ୍ରିୟାତ୍ମକ ଦିଗର ଅନନ୍ୟତା ବିସ୍ତୃତ ଭାବରେ ପ୍ରତିଫଳନ କରାଯିବାର ବ୍ୟବସ୍ଥା ମଧ୍ୟ ରହିଛି ।

ଦଶମ ଓ ଦ୍ୱାଦଶ ଶ୍ରେଣୀ ପାଇଁ ବୋର୍ଡ଼ ପରୀକ୍ଷା ଜାରି ରହିବ । ପ୍ରତ୍ୟେକ ଶିକ୍ଷାର୍ଥୀ ଗୋଟିଏ ଶିକ୍ଷାବର୍ଷରେ ଦୁଇଥର ବୋର୍ଡ଼ ପରୀକ୍ଷା ଦେବାର ବ୍ୟବସ୍ଥା ରହିଛି । ଏହି ମୂଲ୍ୟାୟନ ସମ୍ପର୍କରେ SCERT, ମୂଲ୍ୟାୟନ ବୋର୍ଡ଼ (Board of Assessment) ପ୍ରସ୍ତାବିତ ଜାତୀୟ ମାନନିର୍ଦ୍ଧାରଣ କେନ୍ଦ୍ର (National Assessment Centre)ଙ୍କ ସହିତ ପରାମର୍ଶ କରି NCERT ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିପାରିବ । ଏତତ୍ ବ୍ୟତୀତ ତୃତୀୟ, ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ବିଦ୍ୟାଳୟ ସ୍ତରରେ ପରୀକ୍ଷା କରାଯିବାର ବ୍ୟବସ୍ଥା ମଧ୍ୟ ରହିଛି । ଜାତୀୟମାନ-ନିର୍ଦ୍ଧାରଣ ପାଇଁ 'ପରଖ' (PARAKH – Performance Assessment Review and Analysis of Kowledge for Holistic Development) ଏବଂ ଶିକ୍ଷଣ ଫଳାଫଳ ଉପରେ ନଜର ରଖିବା ସକାଶେ ରାଜ୍ୟ ଉପଲବ୍ଧି ସର୍ବେକ୍ଷଣ (State Achievement Survey – SAS) ଓ ଜାତୀୟ ଉପଲବ୍ଧି ସର୍ବେକ୍ଷଣ (National Achievement Survey –

NAS) ଆଦି ସଂସ୍ଥାମାନ ଗଠନ କରାଯିବାର ବ୍ୟବସ୍ଥା ରହିଛି । ଜାତୀୟ ପରୀକ୍ଷା ସଂସ୍ଥା (National Testing Agency – NTA) ଦ୍ୱାରା ବିଶ୍ୱବିଦ୍ୟାଳୟ ପ୍ରବେଶ ପରୀକ୍ଷାମାନ କରାଯିବାକୁ ବ୍ୟବସ୍ଥା ମଧ୍ୟ ରହିଛି ।

ବିଶେଷ ପ୍ରତିଭା ଥିବା ମେଧାବୀ ଶିକ୍ଷାର୍ଥୀମାନଙ୍କ ପାଇଁ ସହାୟତା ଓ ଉତ୍ତମ ଶିକ୍ଷକ ନିଯୁକ୍ତି ଓ ଶିକ୍ଷକ ପ୍ରଶିକ୍ଷଣ ଉପରେ ଗୁରୁତ୍ୱ ଦିଆଯାଇଛି । ଶିକ୍ଷକ ନିଯୁକ୍ତି ପାଇଁ ଶିକ୍ଷକ ଯୋଗ୍ୟତା ପରୀକ୍ଷଣ (Teacher Eligibility Test – TET)କୁ ସୁସଂଗଠିତ କରିବାର ଯୋଜନା ମଧ୍ୟ ରହିଛି । ବୃତ୍ତିଗତ ବିକାଶ ପାଇଁ ଶିକ୍ଷକମାନଙ୍କ ସକାଶେ ନିରନ୍ତର ପ୍ରଶିକ୍ଷଣ ଦିଆଯିବାର ବ୍ୟବସ୍ଥା ରହିଛି । ଶିକ୍ଷକମାନଙ୍କୁ ବିଦ୍ୟାଳୟ ଭିତରେ ରହିବାର ସୁବିଧା ସହିତ ଉତ୍ତମ ଶିକ୍ଷକମାନଙ୍କୁ ପ୍ରୋତ୍ସାହିତ କରାଯିବାର ଯୋଜନା ମଧ୍ୟ ରହିଛି । ଦିବ୍ୟାଙ୍ଗ ଓ ବାଧିତ ଶିକ୍ଷାର୍ଥୀମାନଙ୍କ ପାଇଁ ବିଶେଷଜ୍ଞ ଯୋଗାଇ ଦେବାର ବ୍ୟବସ୍ଥା ମଧ୍ୟ ନୂତନ ଜାତୀୟ ଶିକ୍ଷାନୀତିରେ ରହିଛି ।

ଶିକ୍ଷକ ପ୍ରଶିକ୍ଷଣ ପାଇଁ ପ୍ରଶିକ୍ଷଣ ଅନୁଷ୍ଠାନ BIET ଓ DIET ଗୁଡ଼ିକୁ ସୁସଙ୍ଗଠିତ କରାଯିବ । ନ୍ୟୂନତମ ଶୈକ୍ଷିକ ଯୋଗ୍ୟତା ୪ ବର୍ଷିଆ ସମ୍ମିଳିତ B. Ed. ଡିଗ୍ରୀ ରଖାଯାଇଛି ଯାହା ୨୦୩୦ ମସିହା ସୁଦ୍ଧା ଉପଲବ୍ଧ ହୋଇ ପାରିବ ବୋଲି ନିର୍ଦ୍ଧାରଣ କରାଯାଇଛି ।

ବିଦ୍ୟାଳୟ ଶିକ୍ଷାର ମୌଳିକ ଉଦ୍ଦେଶ୍ୟ ହେଲା ସମତା ଏବଂ ଅନ୍ତର୍ନିବେଶୀ ଶିକ୍ଷା ଯାହା ସମସ୍ତଙ୍କ ପାଇଁ ଶିକ୍ଷା ଅଟେ । ସମସ୍ତଙ୍କ ପାଇଁ ସମାନ ଶିକ୍ଷା ସହିତ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସାମଗ୍ରିକ ନାମଲେଖାକୁ ସାର୍ବଜନୀନ କରିବାର ଲକ୍ଷ୍ୟ ରଖାଯାଇଛି । ଯେଉଁ ଅଞ୍ଚଳରେ ବହୁ ସଂଖ୍ୟକ ଅନଗ୍ରସର ଗୋଷ୍ଠୀ ରହିଥିବେ ସେହି ଅଞ୍ଚଳଗୁଡ଼ିକୁ ସ୍ୱତନ୍ତ୍ର ଶିକ୍ଷା କ୍ଷେତ୍ର (Special Educational Zone – SEZ) ଭାବେ ଘୋଷଣା କରାଯାଇ ବିଶେଷ ଧ୍ୟାନ ଦିଆଯିବାର ଯୋଜନା କରାଯାଇଛି । ସାମାଜିକ, ଅର୍ଥନୈତିକ ଅନଗ୍ରସର ଶ୍ରେଣୀର ପିଲା, ସମସ୍ତ ବାଳିକା ଓ ତୃତୀୟ ଲିଙ୍ଗୀ ଶିକ୍ଷାର୍ଥୀମାନଙ୍କର ବିକାଶ ନିମିତ୍ତ ଅନ୍ତର୍ଭୁକ୍ତିକରଣ ପାଣ୍ଠିର (Gender Inclusion Fund) ବ୍ୟବସ୍ଥା ରଖାଯାଇଛି ।

ମାଧ୍ୟମିକ ସ୍ତରରେ NCC ଶାଖା ଖୋଲାଯିବାକୁ ପ୍ରୋତ୍ସାହନ ଦେବା ସହ ସମସ୍ତ ଶିକ୍ଷାର୍ଥୀଙ୍କ ସଚେତନତା ପାଇଁ 'ଏକକ ଗବାକ୍ଷ ବ୍ୟବସ୍ଥା' (Single Window System)ର ଯୋଜନା ମଧ୍ୟ ରହିଛି । ବିଦ୍ୟାଳୟ ସଂଗମ (Cluster School) ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରାଯିବାର ଲକ୍ଷ୍ୟ ମଧ୍ୟ ରଖାଯାଇଛି । ଏହି ସବୁ ବିଦ୍ୟାଳୟ ସଂଗମ ବିଦ୍ୟାଳୟ ଶିକ୍ଷା ନିର୍ଦ୍ଦେଶାଳୟ ଦ୍ୱାରା ପ୍ରାଧିକରଣ କରାଯିବ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ (DEO) ଓ ବ୍ଲକ ଶିକ୍ଷା ଅଧିକାରୀ (BEO) ମାନେ ଏହାର କାର୍ଯ୍ୟକ୍ରମକୁ ତଦାରଖ କରିବେ । ରାଜ୍ୟର ଶୈକ୍ଷିକ ମାନଦଣ୍ଡ ଓ ପାଠ୍ୟକ୍ରମ ସମେତ ଶୈକ୍ଷିକ ବିଷୟଗୁଡ଼ିକ NCERTର ବ୍ୟାପକ ପରାମର୍ଶ ଓ ସହଯୋଗରେ SCERT ଦ୍ୱାରା ପରିଚାଳିତ ହେବାର ଯୋଜନା କରାଯାଇଛି । ସେଥିପାଇଁ SCERT ଏକ ବିଦ୍ୟାଳୟ ଗୁଣବତ୍ତା ମୂଲ୍ୟାୟନ ଏବଂ ସ୍ୱୀକୃତି ରୂପରେଖ (School Quality and Accreditation Framework – SQAAF) ପ୍ରସ୍ତୁତ କରିବ ଏବଂ CRC, BRC, DIETଗୁଡ଼ିକୁ ସମୃଦ୍ଧ କରିବା ପାଇଁ ଏକ ପରିବର୍ତ୍ତନ ପରିଚାଳନା ପ୍ରକ୍ରିୟା (Change Management Process)କୁ ଆଗେଇ ନେବାର ବ୍ୟବସ୍ଥା ନୂତନ ଜାତୀୟ ଶିକ୍ଷାନୀତିରେ ରହିଛି ।

ମାଧ୍ୟମିକ ସ୍ତରରେ ଦୁଇଟି ସ୍ତର ରହିବ ଯଥା – ମୌଳିକ ସ୍ତର (Basic Level) ଓ ଉଚ୍ଚତର ସ୍ତର (Higher Level) । ପିଲାଟିଏ ଯେଉଁ ବିଷୟରେ ଦୁର୍ବଳ କିଂବା ସବଳ ଥିବ ସେ ସେହି ସ୍ତରରେ ପଢ଼ିପାରିବ । ଅର୍ଥାତ୍, ଗଣିତରେ ମୌଳିକ ସ୍ତରରେ ପଢ଼ିପାରେ ଏବଂ ଇଂରାଜୀରେ ଉଚ୍ଚତର ସ୍ତରରେ ପଢ଼ିପାରେ । ପାଠ କମାଇ ଦିଆଯିବ ଏବଂ ଶ୍ରେଣୀରେ ସୃଜନାତ୍ମକ ବାତାବରଣ ସୃଷ୍ଟି କରାଯିବ । ପିଲାଟି ସାଥୀମାନଙ୍କ ସହିତ ଏବଂ ସାଥୀମାନଙ୍କ ଦ୍ୱାରା ଶିଖିବ । ତା'ର ଶିକ୍ଷା ପାଇଁ ସେ ନିଜେ ଦାୟୀ ରହିବ । ସେ କିପରି ଶିଖିବ ତା'ର ବାଟ ସେ ଖୋଜିବ । ଏପରିକି ତୃତୀୟ ଶ୍ରେଣୀ ପିଲାଟି ଇଂରାଜୀ ଶବ୍ଦର ଅର୍ଥ ଜାଣି ନଥିଲେ ସେ ଅଭିଧାନ ଖୋଜିବ । ବିଶେଷତଃ Rote learning କୁ ବର୍ଜନ କରାଯିବ ଏବଂ Skill learning ଉପରେ ଗୁରୁତ୍ୱ ଦିଆଯିବାର ବ୍ୟବସ୍ଥା ରହିଛି । ଏପରିକି ପିଲାଟି ବିଦ୍ୟାଳୟରେ ଶୈକ୍ଷିକ ବିଷୟ ସହିତ ଅନ୍ୟ ଧନ୍ଦାମୂଳକ ବିଷୟକୁ ବାଛି ନେଇ ଶିକ୍ଷା କରିପାରିବ ।

ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ସମନ୍ୱିତ B. Ed. ରହିବ ଏବଂ ସର୍ବ ଭାରତୀୟ ସ୍ତରର ପ୍ରବେଶ ପରୀକ୍ଷାରେ ଉତ୍ତୀର୍ଣ୍ଣ ପିଲାମାନେ ଏପରି ସମନ୍ୱିତ B. Ed. ପାଠ ପଢ଼ିପାରିବେ; କିନ୍ତୁ ଚାକିରିରେ ରହିଥିବା ଶିକ୍ଷକଙ୍କ ପାଇଁ

ପ୍ରତିବର୍ଷ ୫୦ ଘଣ୍ଟାର ତାଲିମ ସହ Online trainingର ମଧ୍ୟ ବ୍ୟବସ୍ଥା ରହିଛି । ଏପରିକି ଶିକ୍ଷକର ଶିକ୍ଷାଦାନ କୌଶଳକୁ ପରୀକ୍ଷା କରାଯିବ ଏବଂ ଦୃଶ୍ୟ, ଶ୍ରାବ୍ୟ ପ୍ରଣାଳୀରେ ଶିକ୍ଷକର ଯୋଗ୍ୟତା ମଧ୍ୟ ମୂଲ୍ୟାୟନ କରାଯିବାର ବ୍ୟବସ୍ଥା ରହିଛି । State School Standard Authority ମାଧ୍ୟମରେ ବିଦ୍ୟାଳୟର ମାନ ବା ଗୁଣ ପରୀକ୍ଷା କରାଯିବ । ଯେଉଁ ବିଦ୍ୟାଳୟ ନିର୍ଦ୍ଧାରିତ ମାନ ରକ୍ଷା କରି ପାରିବେ ସେଗୁଡ଼ିକ ରହିବ ଏବଂ ଅନ୍ୟ ବିଦ୍ୟାଳୟଗୁଡ଼ିକୁ ବନ୍ଦ କରିଦେବାର ଯୋଜନା ମଧ୍ୟ ରହିଛି । ଏହା Website ରେ ଉପଲବ୍ଧ ହେବ ଏବଂ ସାଧାରଣ ଜନତା ତାହା ଦେଖି ନିଜର ମନ୍ତବ୍ୟ ଦେଇପାରିବେ ।

ସର୍ବୋପରି ବିଦ୍ୟାଳୟ ସ୍ତରର ଶିକ୍ଷାକୁ ସାର୍ବଜନୀନ, ଗୁଣାତ୍ମକ, ସୃଜନାତ୍ମକ, ଧନ୍ଦାମୂଳକ ଓ ଅଧିକ ନମନୀୟ କରିବାର ଲକ୍ଷ୍ୟ ରଖି ଜାତୀୟ ଶିକ୍ଷାନୀତି ପ୍ରସ୍ତୁତ କରାଯାଇଛି ।

(କ୍ରମଶଃ)

❑❑❑

# ସେଇ ଦୃଶ୍ୟ

## ଶରତ କୁମାରୀ ସ୍ୱାଇଁ

ମନ ଆକାଶରେ ମୋର
ସପ୍ତରଙ୍ଗି ସ୍ୱପ୍ନର ବାଦଲ, ଛାଇ ଯାଏ ଯେବେ
ତୁମେ ଆସ ବଧୂଲିର ହସେ
ଆସ ପୁଣି ସଜଫୁଟା ଶେଫାଳିର ବାସେ ।

ବିଭୋର ଗୀତର ସୁରେ, ଅମାବାସ୍ୟା ବହଳ ଅନ୍ଧାରେ,
ଚଇତ୍ର ଚମ୍ପାର ହସେ, ଜ୍ୟୋସ୍ନାଭିଜା ଶରତ ସଞ୍ଜରେ ।
ମାୟାର ଝଲକେ ଆସ, କେବେ ପୁଣି ପ୍ରାଣର ପୁଲକେ
ସମଗ୍ର ସତ୍ତାରେ ମୋର ଯନ୍ତ୍ରଣାର ଅଚିହ୍ନା ମୁଲକେ ।

କୋମଳ ଶୀତଳ ସ୍ପର୍ଶ ଶରୀରକୁ ଭେଦି ଯାଏ
ଯେବେ ଚେତନାର ରୁଦ୍ଧ ଇଲାକାରୁ
କୃଷ୍ଣ ଆବରଣ ଯେତେ ପ୍ରସ୍ତ ପ୍ରସ୍ତ ଫିଟି ପଡ଼େ ସେବେ —
ଆନ୍ଦୋଳିତ ହୁଏ ପ୍ରାଣ, ଅପସରେ ବିଷଣ୍ଣ ଅନ୍ଧାର,
ସମ୍ମୁଖେ ଉଦ୍‌ଭାସେ ସତେ !! ଆଲୋକର ମୁଗ୍ଧ କଳେବର ।

ଦୃଷ୍ଟି ଅନ୍ତରାଳେ ରହି — ଚହଲାଇ ହିରଣ୍ମୟ ପାତ୍ର,
ଢାଳି ଦେଇ ଶାଶ୍ୱତ ବିଭବ ନିରବତା ମଧ୍ୟେ
ଆତ୍ମାର-ସ୍ପନ୍ଦନେ ମୋର ଭରିଦିଅ ଦିବ୍ୟ ଅନୁଭବ ।
ବେଳେ ବେଳେ କରୁଣାର ମୁକ୍ତ ହସ୍ତ
ଲମ୍ବି ଆସି ପୁଲକିତ କରେ
ଅନୁଭବେ ତୁମରି ସାନ୍ନିଧ୍ୟ, — ମୋ ସତ୍ତାର ପ୍ରତିଟି ଅଣୁରେ ।

ମନେ ଜାଗେ ଶତ ପ୍ରଶ୍ନବାଚୀ
ସେ ବନ୍ଧନେ, ନାହିଁ ମୁଁ ତ ଏକା ??
ବିସ୍ତୃତ ସେ ବାହୁ ବେଷ୍ଟନୀରେ —
ନିର୍ଭୟରେ ପୁଲକେ ଏ ଧରା
ଚେତନାର ତରଙ୍ଗ ଭଙ୍ଗରେ
ଊର୍ଦ୍ଧ୍ୱର ଆଲୋକ ଝରେ ସୂର୍ଯ୍ୟୋଦୟ-ସୂର୍ଯ୍ୟାସ୍ତ ରଙ୍ଗରେ ।

ସ୍ୱର୍ଗର ପୀୟୂଷ ଧାରା ଝରି ପଡ଼େ ମରତ ବୁକୁରେ
ନନ୍ଦନର ପାରିଜାତ ଫୁଟି ଉଠେ ପଲ୍ଲବିତ ଜୀବନ ବୃକ୍ଷରେ ।
ପୁଣି କେବେ — ତବ ପ୍ରେମ ପ୍ରସ୍ରବଣେ
ବରଫ-ଶୀତଳ ସ୍ପର୍ଶ ସ୍ମୃତିକୁ ଜଗାଏ
ଭରସାକୁ ଦୃଢ଼ କରି
ଶ୍ରାବଣ ମେଘର ଆସ୍ଥା ମନେ ଭରିଦିଏ ।

କେବେ ଯଦି ସନ୍ଦେହର ବାଦଲ ଉହାଡ଼େ
ଅବସାଦ-ଘନଘେରା ଅନ୍ଧାରି ମୁଲକେ
ଖୋଜେ ମୁହିଁ ସେଇ ହସ ଚପଳା ଚମକେ,
ସେତେବେଳେ ମାଗୋ !
ଝରିପଡ଼େ କରୁଣାର ବାରି
ମାନସ-ଚକ୍ଷୁରେ ମୋର ଭାସି ଉଠେ
ସେଇ ସ୍ମୃତି, ସେଇ ଦୃଶ୍ୟ, ସେଇ ସ୍ପର୍ଶ, ସେଇ ହସ
ଅନ୍ତରକୁ ଜ୍ୟୋତିର୍ମୟ କରି ।

❑❑❑

# ଦଶକର୍ମଧାରା

## (୫)

## ପ୍ରସାଦ ତ୍ରିପାଠୀ

[**ପୂର୍ବାଭାଷ :** ଦଶକର୍ମଧାରା ସମ୍ପର୍କରେ ଏହି ନିବନ୍ଧଗୁଡ଼ିକ ଲେଖିବାର ଅନେକ ଆଗରୁ ଓଡ଼ିଶାରେ ଦଶକର୍ମଧାରା ପ୍ରବର୍ତ୍ତିତ ହୋଇ ସାରିଥିଲା । ହଠାତ୍ ଦିନେ ମାମୁଁ (ଶ୍ରୀ ଗଦାଧର ମିଶ୍ର) ଡାକି କରି କହିଲେ, ''ଆମେ ଓଡ଼ିଶାରେ ଶ୍ରୀଅରବିନ୍ଦ ପାଠଚକ୍ର କମିଟି ତରଫରୁ **ଦଶକର୍ମଧାରା** ପ୍ରଚଳନ କରିବା । ଆମ ସମାଜରେ ବିଭିନ୍ନ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କୁ ସଙ୍ଗଠିତ କରି ବିଭିନ୍ନ କାର୍ଯ୍ୟଧାରା ମାଧ୍ୟମରେ ଓଡ଼ିଶାରେ ଶ୍ରୀମାଶ୍ରୀଅରବିନ୍ଦଙ୍କ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବାକୁ ଚେଷ୍ଟା କରିବା । ସେଥିପାଇଁ ପାଠଚକ୍ର, ମହିଳା ପାଠଚକ୍ର, ଶିକ୍ଷାରେ ଗବେଷଣା, ଡାକ୍ତର, ଇଞ୍ଜିନିୟର, ସାହିତ୍ୟ, କଳା, ବ୍ୟବସାୟ, ଆଇନ, କୃଷି ଏବଂ ଆଲୋକସେନା – ଏହିପରି ଭାବରେ ଦଶଟି ବିଭାଗକୁ ନେଇ ସେମାନଙ୍କୁ ସଙ୍ଗଠିତ କରିବା । ମୁଁ ପଚାରିଲି ମାମୁଁ, ''ଏହି ଦଶଟିରୁ କ'ଣ ଆଉ ଅଧିକ ନାହାନ୍ତି ?'' ମାମୁଁ କହିଲେ, ''ଏବେ ଏତିକି କରିବା, ପରେ ପୁଣି ଦରକାର ପଡ଼ିଲେ ଅନ୍ୟ କର୍ମଧାରା ସବୁ ଆରମ୍ଭ କରିବା ।'' 'ତା'ପରେ ମୋତେ ୨୦୦୬ ମସିହାରେ କହିଲେ, ''ଏଇ ଦଶକର୍ମଧାରାଗୁଡ଼ିକ ସମ୍ପର୍କରେ ତୁ ଗୋଟିଏ ଗୋଟିଏ ନିବନ୍ଧ ଲେଖ ଏବଂ ସେଗୁଡ଼ିକ ସବୁ ମାତୃଭବନ ପତ୍ରରେ ନିୟମିତ ଭାବରେ ପ୍ରକାଶ ପାଇବ । ପ୍ରତ୍ୟେକ ମାସରେ ଗୋଟିଏ କର୍ମଧାରା ।'' ମୁଁ ୨୦୦୬ ଅଗଷ୍ଟ ମାସରୁ ଏହା ଲେଖିବାକୁ ଆରମ୍ଭ କଲି । ପ୍ରଥମ ଦୁଇଟି ନିବନ୍ଧ ଉପକ୍ରମ, ତା' ପରବର୍ତ୍ତୀ ପ୍ରତି ସଂଖ୍ୟାରେ ଗୋଟିଏ ଗୋଟିଏ କର୍ମଧାରା ସମ୍ପର୍କରେ ଆଲୋଚନା । ମାତ୍ର ଜାଣିବା କଥା ଯେ, ମୁଁ ଏସବୁ ଲେଖିଲା ବେଳେ ଯେଉଁଠାରେ ବି ମାମୁଁଙ୍କ ନାମ ଉଲ୍ଲେଖ କରିଥିଲି, ମାମୁଁ ସବୁ କାଟି ଦେଇଛନ୍ତି । ସବୁଗୁଡ଼ିକର ସୂତ୍ରଧର ସିଏ ଥିଲେ । ପରବର୍ତ୍ତୀ ସମୟରେ ସେ ଆମ ଭିତରୁ ଜଣକୁ କହିଲେ, ''ଦଶକର୍ମଧାରା ବିଷୟଟି ସିଧା ଉର୍ଦ୍ଧ୍ୱରୁ ଆସିଲା । ମୁଁ ଆଦୌ ଭାବି ନାହିଁ ।'' ବାସ୍ତବରେ ଏବେ ସବୁ ଅତି ପ୍ରାଞ୍ଜଳ ଭାବରେ ବୁଝି ହେଉଛି । ମାତ୍ର ସେତେବେଳେ ହୁଏତ ଏତେ ସହଜରେ ବୁଝି ହେଉ ନଥିଲା ।

ଏହି ନିବନ୍ଧଗୁଡ଼ିକ ୨୦୦୬ ମସିହାରେ ଲେଖା ହୋଇଛି । ଏହା ମଧ୍ୟରେ ପ୍ରତି କର୍ମଧାରାରେ କିଛି କିଛି ପୁରାତନ ଲେଖା ସହିତ କର୍ମଧାରାରେ କିଛି କିଛି ନୂଆ କାର୍ଯ୍ୟକ୍ରମ ମଧ୍ୟ ଆଗେଇ ଗଲାଣି । ପ୍ରତ୍ୟେକ ନିବନ୍ଧରେ ପୁରାତନ ଲେଖା ସହିତ ବର୍ତ୍ତମାନର ଅଗ୍ରଗତି ସମ୍ବନ୍ଧରେ କିଛି ସୂଚନା ଦେବା ପାଇଁ ଚେଷ୍ଟା କରିବି । – ଲେଖକ]

**ଶ୍ରୀଅରବିନ୍ଦ ଇଞ୍ଜିନିୟରିଂ ଏବଂ ଟେକ୍‌ନିକାଲ ଗ୍ରୁପ୍ :** ଦଶକର୍ମଧାରାର ଏହି ବିଭାଗଟି ମଧ୍ୟ ଅନେକ ଆଗରୁ ଆରମ୍ଭ ହୋଇଛି । ସେତେବେଳେ ଅବଶ୍ୟ ଏହାର ନାମ ଥିଲା ଶ୍ରୀଅରବିନ୍ଦ ଇଞ୍ଜିନିୟରିଂ ଆସୋସିଏସନ୍ । ପରେ ପୂଜ୍ୟ ପ୍ରଣବଦା'ଙ୍କ ପରାମର୍ଶ ଅନୁସାରେ ତାହାର ନାମ ଉପରୋକ୍ତ ମତେ ପରିବର୍ତ୍ତିତ କରାଗଲା । ଇଞ୍ଜିନିୟରିଂ ସଂସ୍ଥାରେ ଯୋଗ ଦେବା ପାଇଁ ଗୋଟିଏ ଟେକ୍‌ନିକାଲ ଜ୍ଞାନ ଅନିବାର୍ଯ୍ୟ ନୁହେଁ, ବରଂ ନିହାତି ଆବଶ୍ୟକ ଗୋଟିଏ ଇଞ୍ଜିନିୟରିଂ ମନୋଭାବ । ପ୍ରତ୍ୟେକ ବସ୍ତୁକୁ ଗୋଟିଏ ଇଞ୍ଜିନିୟର ଆଖିରେ ଦେଖିଲେ ସେଇ ମନୋଭାବ ଆସିଥାଏ । ସେଥିପାଇଁ ଯୋଗ୍ୟତା, ସାର୍ଟିଫିକେଟ ଇତ୍ୟାଦି ଆଦୌ ଅପରିହାର୍ଯ୍ୟ ହୋଇ ନଥାଏ ।

ପ୍ରଥମରୁ ଆରମ୍ଭ ହେବା ସମୟରେ ଯେଉଁମାନେ ସବୁ Life member ହୋଇଥିଲେ ସେମାନଙ୍କ ମଧ୍ୟରୁ ଅନେକ ଅଛନ୍ତି ଯେଉଁମାନେ କି ଆଦୌ ଇଞ୍ଜିନିୟର ନୁହନ୍ତି । ଏକ ଇଞ୍ଜିନିୟରିଂ ମନୋଭାବ ବା ଟେକ୍‌ନିକାଲ ମନୋଭାବ ପ୍ରତ୍ୟେକ ବସ୍ତୁକୁ ବା ସମସ୍ୟାକୁ ଖୁବ୍ ଗଭୀର ଭାବରେ ପର୍ଯ୍ୟବେକ୍ଷଣ କରେ । ଏହା କେବେ ବି ଅଳ୍ପକରେ ସନ୍ତୁଷ୍ଟ ରହେ ନାହିଁ । ସେଇ ଟିକିନିଖି କରି ପର୍ଯ୍ୟବେକ୍ଷଣ କରିବାର ଧାରା, ହୋଇ ନ ପାରିବାକୁ ଅସ୍ୱୀକାର କରିବାର ମନୋଭାବହିଁ ଇଞ୍ଜିନିୟରିଂ ଗ୍ରୁପକୁ ବୁଝାଏ । ଯଥେଷ୍ଟ ସାହସ, ଧୈର୍ଯ୍ୟର ସହିତ ଯେକୌଣସି ସମସ୍ୟାକୁ ସମ୍ମୁଖୀନ ହେବା ପାଇଁ ଶ୍ରୀଅରବିନ୍ଦ ଇଞ୍ଜିନିୟରିଂ ଏବଂ ଟେକ୍‌ନିକାଲ ଗ୍ରୁପ୍‌ର ଏକ ନିର୍ଦ୍ଦିଷ୍ଟ ଭୂମିକା ରହିଛି ।

ତେଣୁ ଶ୍ରୀଅରବିନ୍ଦ ଇଞ୍ଜିନିୟରିଂ ଏବଂ ଟେକ୍ନିକାଲ ଗ୍ରୁପ୍ ଆରମ୍ଭ କରି ଆମେ ନିମ୍ନଲିଖିତ କାର୍ଯ୍ୟକ୍ରମ ସବୁ ଗ୍ରହଣ କରିପାରିବା ।

୧. ଓଡ଼ିଶାର ସମସ୍ତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ନିର୍ମାଣ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରି ରଖି ପାରିବା ।

୨. ସମସ୍ତ ଶ୍ରୀଅରବିନ୍ଦ ରେଲିକ୍ସ କେନ୍ଦ୍ରର ମଧ୍ୟ ନିର୍ମାଣ-ଜନିତ ଆବଶ୍ୟକତା କିଂବା ଯଦି କିଛି ସମସ୍ୟା ଥାଏ ତା'ର ସମାଧାନ କରିବାରେ ସାହାଯ୍ୟ କରିବା ।

୩. ପ୍ରତ୍ୟେକ କେନ୍ଦ୍ରକୁ ଗୋଟିଏ ମାଷ୍ଟର ପ୍ଲାନ୍ ତିଆରି କରିବାରେ ସାହାଯ୍ୟ କରିବା । ହୁଏତ କେତେକଙ୍କର ଥାଇପାରେ, ମାତ୍ର ଆଗରୁ ଥିବା ମାଷ୍ଟର ପ୍ଲାନର ସୁବିଧା ଅସୁବିଧା ସମ୍ପର୍କରେ ମତାମତ ଦେଇ ପାରିବା ।

୪. ରକ୍ଷଣାବେକ୍ଷଣ ତଥା ମରାମତିର ଦାୟିତ୍ୱ ନେଇ ପାରିବା ।

୫. ସଚରାଚର ଯେପରି ନୂତନ ନିର୍ମାଣ ଅତ୍ୟନ୍ତ ବ୍ୟୟ ବହୁଳ ହୋଇ ଚାଲିଛି ତା'ର ଯେପରି ଏକ ସୁନ୍ଦର ସମାଧାନ ଏହି ଗ୍ରୁପ୍ ନିକଟରେ ଥିବ । ଆଖିକୁ ଖୁବ୍ ସୁନ୍ଦର ଲାଗିବ ବୋଲି ଅନୁଷ୍ଠାନ ନିକଟରେ ଅର୍ଥ ମହଜୁଦ ନଥାଇ ମଧ୍ୟ ଏକ ଅତ୍ୟନ୍ତ ବ୍ୟୟ ବହୁଳ ଘରଟିଏ ଗଢ଼ି ଦେଇ ଶେଷକୁ କର୍ତ୍ତୃପକ୍ଷଙ୍କୁ ଅନେକ ଅସୁବିଧାର ସମ୍ମୁଖୀନ କରାଇ ଦେବାର ମଧ୍ୟ ଅନେକ ଉଦାହରଣ ଅଛି । ଅନ୍ତତଃ ସେସବୁରୁ ଏହି ଗ୍ରୁପ୍ ଅନୁଷ୍ଠାନଗୁଡ଼ିକୁ ସାହାଯ୍ୟ କରିବାରେ କାର୍ପଣ୍ୟ କରିବ ନାହିଁ ।

୬. ଏକ ବୈଜ୍ଞାନିକ ମନୋଭାବ ସୃଷ୍ଟି କରିବାର ଆବଶ୍ୟକତା ପୂରଣ ପାଇଁ ଏହା ପ୍ରତ୍ୟେକ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶ୍ରୀଅରବିନ୍ଦ ବିଜ୍ଞାନ ପରିଷଦ ଗଠନ କରିବା ପାଇଁ ଦାୟିତ୍ୱ ଗ୍ରହଣ କରିପାରିବ । ଏହି ପରିଷଦ ଜରିଆରେ ସାପ୍ତାହିକ ବିଜ୍ଞାନ କ୍ଲବ ସଂଗଠିତ କରିବା, ବାର୍ଷିକ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ କରାଇବା, ଜିଲ୍ଲା ସ୍ତରୀୟ, ଜୋନ୍ ସ୍ତରୀୟ ଏବଂ ରାଜ୍ୟ ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ କରାଇବା ଏବଂ ବିଜ୍ଞାନ ସମ୍ପର୍କରେ ଆଲୋଚନା ଚକ୍ର ମଧ୍ୟ ଅନୁଷ୍ଠିତ କରାଇ ପାରିବା ।

୭. ଆମର ଅନୁଷ୍ଠାନମାନଙ୍କରେ ବିଶେଷ କରି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଗୁଡ଼ିକରେ ବର୍ଜ୍ୟ ବସ୍ତୁର ବିନିଯୋଗ, ଅନାବଶ୍ୟକ ବସ୍ତୁରୁ ଉପଯୋଗୀ ବସ୍ତୁ ତିଆରି, ବର୍ଷା ପାଣିର ରକ୍ଷଣାବେକ୍ଷଣ ଓ ବିନିଯୋଗ, ବିଦ୍ୟୁତ୍‌ର ଉପଯୁକ୍ତ ବିନିଯୋଗ ତଥା ଦୈନନ୍ଦିନ ଜୀବନରେ ନିରାପତ୍ତା ସମ୍ପର୍କରେ ମଧ୍ୟ ଆଲୋଚନାଚକ୍ର ସବୁ ଅନୁଷ୍ଠିତ କରାଇ ହେବ ।

୮. ଏହା ବ୍ୟତୀତ ପ୍ରତ୍ୟେକ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରମାନଙ୍କରେ ଟଙ୍କା ପଇସାର ଉପଯୁକ୍ତ ହିସାବ ରଖିବା ଏକାନ୍ତ ଆବଶ୍ୟକ । ମାତ୍ର ଯାହା ଆମର ଅନୁଭୂତି, ସେଥିରୁ ଜଣାଯାଏ ଯେ ଅଧିକାଂଶ ସ୍ଥାନରେ ଆୟବ୍ୟୟର ଏକ ଆନୁଷ୍ଠାନିକ ହିସାବ ରହିଥାଏ । ମାତ୍ର ତାହା ସମ୍ପୂର୍ଣ୍ଣ ଆବଶ୍ୟକ ମୁତାବକ ହୋଇ ନଥାଏ । ଅର୍ଥ ବିଷୟ ଆଲୋଚନା ବେଳେ ଶ୍ରୀଅରବିନ୍ଦ ଆମକୁ ଟିକିନିଖି ହିସାବ ରଖିବାକୁ କହିଛନ୍ତି । ଆମର ଧାରଣା, ଆମେ ତ କୌଣସି ଖରାପ କର୍ମରେ ଏହାକୁ ଖର୍ଚ୍ଚ କରୁ ନାହୁଁ କିଂବା ବ୍ୟକ୍ତିଗତ ଖର୍ଚ୍ଚ କରୁ ନାହୁଁ ତେବେ ଏତେ କଡ଼ାକଡ଼ି ହିସାବ କ'ଣ ଦରକାର ?

ହିସାବ କେବଳ ଯେଉଁମାନେ ପଇସାପତ୍ରରେ ଗୋଳମାଳ କରନ୍ତି ସେମାନଙ୍କ ପାଇଁ ନୁହେଁ, ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ । ଯଦି ପୃଥିବୀର ସମସ୍ତ ଅର୍ଥ ମା'ଙ୍କର ତେବେ ଆମେ ଯେଉଁ ଅର୍ଥ ଖର୍ଚ୍ଚ କରିବୁ ତାହା ମା'ଙ୍କର, ଆମର ନୁହେଁ । ମା'ଙ୍କର ଅର୍ଥ ଖର୍ଚ୍ଚ କରୁଚୁ ମନେ କରି ହିସାବ ରଖିବା ଦରକାର । ତେଣୁ ଏକ ସମ୍ପୂର୍ଣ୍ଣ ସରଳ ତଥା ଗ୍ରହଣୀୟ ହିସାବ ରଖିବା ପଦ୍ଧତି ସମସ୍ତଙ୍କୁ ଶିଖାଇ ଦେବା ପାଇଁ ଆକାଉଣ୍ଟସ୍ ଟ୍ରେନିଂର ବ୍ୟବସ୍ଥା କରିବା ଆବଶ୍ୟକ । ଏହା ଜରିଆରେ ଆମ ଅନୁଷ୍ଠାନମାନେ କିପରି ସରକାରଙ୍କର ଇନ୍‌କମ୍ ଟ୍ୟାକ୍ସ ବିଭାଗରୁ 80 (G)ରେ ରେଜିଷ୍ଟ୍ରେସନ୍ କରି ଟ୍ୟାକ୍ସ ଫ୍ରି କରାଯାଇ ପାରିବ ସେଥିପାଇଁ ମଧ୍ୟ ଉଦ୍ୟମ କରି ପାରିବେ ।

ସର୍ବୋପରି ଏକ ସୁନ୍ଦର, ସରଳ, ସହଜ ତଥା ସାବଲୀଳ ଜୀବନ ଧାରାର ମଧ୍ୟ ପଦ୍ଧତି ବତାଇବାରେ ଏହି ଅନୁଷ୍ଠାନ ସାହାଯ୍ୟ କରିବ ।

ପ୍ରତ୍ୟେକ ବର୍ଷ ଏହି ଅନୁଷ୍ଠାନ ଜରିଆରେ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ କରାଯାଇ ଭିନ୍ନ ଭିନ୍ନ ବିଷୟରେ ଆଲୋଚନା କରାଯିବା ସଙ୍ଗେ ସଙ୍ଗେ ସ୍ମରଣିକା ପ୍ରକାଶ କରାଯାଉଛି ଏବଂ ବିଭିନ୍ନ ସ୍ଥାନରେ ଉପରୋକ୍ତ ବର୍ଣ୍ଣିତ ଭିନ୍ନ ଭିନ୍ନ କାର୍ଯ୍ୟର ଦାୟିତ୍ୱ ମଧ୍ୟ ଗ୍ରହଣ କରାଯାଉଛି । ପ୍ରତ୍ୟେକ ଜିଲ୍ଲାର କନ୍‌ଭେନରଙ୍କ ସହିତ ରାଜ୍ୟସ୍ତରୀୟ କର୍ମୀମାନଙ୍କର ବୈଠକ ଅନୁଷ୍ଠିତ କରାଇ ପ୍ରତ୍ୟେକ ଜିଲ୍ଲାରେ ମଧ୍ୟ ଏହି ଧାରାରେ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଛି ।

ଆରମ୍ଭରୁ ଖୁବ୍ ବେଶୀ କିଛି Achieve କରିବାର

ଅଭିପ୍ରାୟ ନରଖି ଆମେ ଧୀରେ ଧୀରେ ଏଇ ଧାରାରେ ଅଗ୍ରଗତି କରୁଛୁ ।

ବର୍ତ୍ତମାନ ପରିସ୍ଥିତିରେ ଯଦିଓ ଏହା ମେଡ଼ିକାଲ୍ ଆସୋସିଏସନ୍ ଭଳି ଏତେ ଗଭୀରତାର ସହିତ କାର୍ଯ୍ୟ କରୁ ନାହିଁ ତଥାପି ସେମାନେ ଆଦୌ ନୀରବ ରହି ନାହାନ୍ତି । ଆଗରୁ ଲେଖିଛି ଇଞ୍ଜିନିୟରିଂ ଗ୍ରୁପର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ହେଲା ଶ୍ରୀଅରବିନ୍ଦ ବିଜ୍ଞାନ ପରିଷଦ । ଆମର ସମସ୍ତ ସ୍କୁଲ କଲେଜମାନଙ୍କରେ ବିଜ୍ଞାନକୁ ପ୍ରୋତ୍ସାହନ ଦେବା ପାଇଁ କିଂବା ବିଜ୍ଞାନକୁ ଅଧିକ ବ୍ୟାବହାରିକ ତଥା ଅଧ୍ୟାତ୍ମଭିତ୍ତିକ କରିବା ପାଇଁ ଇଞ୍ଜିନିୟରିଂ ଏବଂ ଟେକ୍‌ନିକାଲ ଗ୍ରୁପ୍ କାର୍ଯ୍ୟ କରୁଛନ୍ତି । ରାଜ୍ୟସ୍ତରୀୟ ଶ୍ରୀଅରବିନ୍ଦ ବିଜ୍ଞାନ ପରିଷଦ ସମ୍ମିଳନୀ ପ୍ରତ୍ୟେକ ବର୍ଷ ଅନୁଷ୍ଠିତ ହେଉଅଛି । ସେହି ସମ୍ମିଳନୀର ସ୍ୱତନ୍ତ୍ରତା ହେଉଛି ସେମାନେ ଯେଉଁ ବିଜ୍ଞାନ ପ୍ରଦର୍ଶନୀ କରନ୍ତି ସେଗୁଡ଼ିକ ପ୍ରତ୍ୟେକ ବର୍ଷ ଭିନ୍ନ ଭିନ୍ନ Theme ଉପରେ ପର୍ଯ୍ୟବସିତ । ଯେପରିକି ଗତ ବର୍ଷର Theme ଥିଲା – "In Matter shall be lit the spirit's glow," (Savitri, p. 55)

ଏହି ତତ୍ତ୍ୱକୁ ସେମାନେ ବୈଜ୍ଞାନିକ ତଥ୍ୟ ଅନୁସାରେ ପ୍ରମାଣ କରିବାକୁ ଚେଷ୍ଟା କରିଥିଲେ । ଏଥିରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଛାତ୍ରଛାତ୍ରୀମାନଙ୍କର ବକ୍ତବ୍ୟ ପରିବେଷଣ ଖୁବ୍ ଚମତ୍କାର ହୋଇଥିଲା ।

ଇଞ୍ଜିନିୟରିଂ ଏବଂ ଟେକ୍‌ନିକାଲ ଗ୍ରୁପ୍ ଏହା ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଯେପରି Solar Energy, Alternate Energy, Waste Management, Rain Water Conservation, Emergency technical Knowledge, କମ୍ପ୍ୟୁଟର ବ୍ୟବହାର, ମୋବାଇଲର ସଦୁପଯୋଗ ପ୍ରଭୃତି ଅନେକ ବିଷୟରେ ସେମିନାର, କାର୍ଯ୍ୟଶାଳା ପ୍ରଭୃତି କରି ଯାହା ମାଧ୍ୟମରେ ଏକ ବୈଷୟିକ ସଚେତନତା ସୃଷ୍ଟି କରିବାରେ ସହାୟତା କରୁ ଅଛନ୍ତି ।

ଭବିଷ୍ୟତରେ ଏହି କାର୍ଯ୍ୟକୁ ଆହୁରି ବିଭିନ୍ନ ଦିଗରେ କରିବା ପାଇଁ ଚେଷ୍ଟା କରାଯାଉଛି । ଏହା ବ୍ୟତୀତ ଏହି କାର୍ଯ୍ୟଶାଳାକୁ ପ୍ରତ୍ୟେକ ବର୍ଷ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ କରିବା ପାଇଁ ଚେଷ୍ଟା ମଧ୍ୟ କରାଯାଉଛି ।

(କ୍ରମଶଃ)

❑❑❑

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:

**donations.sriaurobindoashram.org**

Donations to Sri Aurobindo Ashram Trust

ସହାୟତାରେ ପ୍ରଣାମୀ ଦାଖଲ କରି ପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।

ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।

ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

– ନବଜ୍ୟୋତି କାର୍ଯ୍ୟାଳୟ

ଶ୍ରୀ ପ୍ରପତ୍ତିଙ୍କର ଜନ୍ମଶତବାର୍ଷିକୀ ଶ୍ରଦ୍ଧାଞ୍ଜଳି :

# ବୀର ସୈନିକ ପ୍ରପତ୍ତି

## ବେଲା ଘୋଷ

"O Captain! my Captain!
our fearful trip is done,
The ship has weather'd every rack,
the prize we sought is won,
The port is near, the bells I hear,
the people all exulting,
While follow eyes the steady keel,
the vessel grim and daring;
But O heart! heart! heart!
O the bleeding drops of red,
Where on the deck my Captain lies,
Fallen cold and dead."

(Walt Whitman, 1865)

ସୈନିକ ଚାଲିଛି ଯୁଦ୍ଧକ୍ଷେତ୍ରକୁ । ଦୁର୍ଗମ ଅରଣ୍ୟ, ଗିରି କାନ୍ତାର ପାର ହୋଇ, ଅନ୍ଧକାର ପଥ ପାର ହୋଇ – ଭୟ ନାହିଁ, ଭାବନା ନାହିଁ, ସମସ୍ତ ବାଧାବିଘ୍ନ ଅତିକ୍ରମ କରି । ସେ ଜାଣେ ତା'ର ଦାୟିତ୍ୱ କେତେ ଗୁରୁତ୍ୱପୂର୍ଣ୍ଣ । ତା'ର ସାଫଲ୍ୟ ଉପରେ ନିର୍ଭର କରୁଛି ଦେଶର ମୁକ୍ତି, ଦେଶର ନିରାପତ୍ତା, ଦେଶର ନବଜୀବନ ।

ଆଜି ଆମ ସାମନାରେ ବୀର ସୈନିକ ପ୍ରପତ୍ତି ଶୋଇଛନ୍ତି ଚିର ନିଦ୍ରାରେ – ଯେପରିକି ଏକ ମହାସଂଗ୍ରାମ ପରେ ଶ୍ରାନ୍ତ, କ୍ଲାନ୍ତ ହୋଇ ଶୋଇ ପଡ଼ିଛନ୍ତି । (୧୯୮୯ ମସିହା, ଜୁନ୍ ୨୮ରେ ଲିଖିତ ।)

କିନ୍ତୁ ତାଙ୍କର କର୍ମ କ'ଣ ସମାପ୍ତ ?

ନା, ତା' ହୋଇ ପାରେନା – କର୍ମ ସମାପ୍ତ ହୁଏ ନାହିଁ । ଭଗବତ୍‌ମୁଖୀ ସତ୍ତା ଭିତରଦେଇ ଭଗବାନ୍ ନିରନ୍ତର କର୍ମ କରି ଚାଲିଛନ୍ତି – ସେ କର୍ମର ଫଳ ସାଧାରଣ ମନୁଷ୍ୟ ଉପଭୋଗ କରନ୍ତି ।

ଭାରତର ସ୍ୱାଧୀନତା ସଂଗ୍ରାମରେ ଶତ ଶତ ସୈନିକ ଜୀବନଦାନ ଦେଲେ । ଆଜିର ଜନସାଧାରଣ ତା'ର ଫଳ ଭୋଗ କରୁଛନ୍ତି ।

ପ୍ରପତ୍ତିଙ୍କର ସମଗ୍ର ଜୀବନ ଏକ ନିରବଚ୍ଛିନ୍ନ ସଂଗ୍ରାମ । ସଂଗ୍ରାମୀ-ଚେତନା ନେଇ ଯେପରି ସେ ଜନ୍ମ ଗ୍ରହଣ କରିଥିଲେ ।

କିଏ ଏ ସୈନିକ – ଏ କ'ଣ ପୂର୍ବଜନ୍ମର ସଂସ୍କାର ? ଅତୀତରେ ସେ କ'ଣ ଆଲେକ୍‌ଜାଣ୍ଡାରଙ୍କ ବିରୋଧରେ ଯୁଦ୍ଧ କରିଥିଲେ ? ପାଣ୍ଡବମାନଙ୍କ ପକ୍ଷରେ, କୌରବମାନଙ୍କ ବିପକ୍ଷରେ ଅସ୍ତ୍ର ଧାରଣ କରିଥିଲେ ? କିଂବା ହଳଦୀଘାଟ ଯୁଦ୍ଧରେ ମୋଗଲ ସୈନିକ ବିରୋଧରେ ? କିଏ ଜାଣେ ?

କିନ୍ତୁ ଏ ଜନ୍ମରେ ଦେଖିବାକୁ ପାଇଲୁ ପ୍ରପତ୍ତି ମାତୃପତାକା ଧରି ଓଡ଼ିଶାର ଏ କୋଣରୁ ସେ କୋଣ ବୁଲି ଚାଲୁଥିଲେ । ତାଙ୍କର ଚିନ୍ତାଧାରା ଚିରାଚରିତ ଚିନ୍ତାଧାରାଠାରୁ ଏକେବାରେ ପୃଥକ୍ ଥିଲା – ଯାହାସବୁ ଜରାଜୀର୍ଣ୍ଣ, ଯାହାର ଗତିଶୀଳତା ନାହିଁ, ତାକୁ ସେ ଭାଙ୍ଗିଚୂରି, ନୂତନ କରି ଗଢ଼ିବାକୁ ବଦ୍ଧପରିକର ଥିଲେ ।

ଗୋଟିଏ ବିରାଟ ଅଗ୍ନିସ୍ଫୁଲିଙ୍ଗ ତାଙ୍କ ଭିତରେ ସବୁବେଳେ ଜଳୁଥିଲା – କେବେ ବି ନିର୍ବାପିତ ହୋଇ ନାହିଁ ।

ପ୍ରପତ୍ତି – ସାଧକ, କର୍ମବୀର, ଭାରତ ସନ୍ତାନ – କିନ୍ତୁ ଉତ୍କଳ ସନ୍ତାନ ମଧ୍ୟ ।

ଯେଉଁ ଦେଶରେ ରାଜା ଭଗବାନଙ୍କର ପ୍ରତିନିଧି ହୋଇ ରାଜ୍ୟ ଶାସନ କରୁଥିଲେ, ସେ ଦେଶରେ ଜନସାଧାରଣଙ୍କ ମନରେ ଏହି ଚିନ୍ତା ପ୍ରତିଷ୍ଠିତ ଥିଲା – "ମନୁଷ୍ୟର ସାମଗ୍ରିକ ଜୀବନ ଭଗବାନଙ୍କ ଆଦେଶରେ ପରିଚାଳିତ ହେବ"– ଏହି ସତ୍ୟ, ଏହି ଆଧ୍ୟାତ୍ମିକ ସମ୍ପଦ ଜନମାନସରେ ପ୍ରାୟ ଅସ୍ତମିତ ହୋଇ ଆସୁଥିଲା – ପ୍ରପତ୍ତି ତାକୁ ପୁନର୍ଜୀବିତ କଲେ ।

ସେ ଥିଲେ ଓଡ଼ିଶାର ନବ ଭଗୀରଥ । ତାଙ୍କ ଭିତରେ ଥିଲା ବ୍ରାହ୍ମଣର ଜ୍ଞାନତୃଷା ଓ କ୍ଷତ୍ରିୟର ପରାକ୍ରମ – ଜ୍ଞାନ ଓ ଶକ୍ତିର ଅପୂର୍ବ ସମନ୍ୱୟ । ଯାହା ଫଳରେ ସେ ଆଧୁନିକ ଓଡ଼ିଶାରେ ପ୍ରତାପରୁଦ୍ରଙ୍କ ଭୂମିକାରେ କାମ କରିଗଲେ । ମାତୃପତାକା ବହନ କରି ସେ ସାରା ଓଡ଼ିଶାରେ ଭ୍ରମଣ କଲେ – ଓଡ଼ିଶାକୁ ତା'ର ଜାତୀୟ ସତ୍ୟରେ ପ୍ରତିଷ୍ଠିତ କରି ।

ତା'ର ଅଧ୍ୟାତ୍ମ ସମ୍ପଦ ବିଷୟରେ ଜାତିକୁ ଜାଗରୂକ କରି ସେ
ଏ ଜନ୍ମର କର୍ମ ସମାପ୍ତ କଲେ ।
''ବନ୍ଧୁ –
ଯେ ଗୀତ ଗାଇଲ ତୁମେ ମହାନଦୀ କୂଳେ ।
ତା'ର ପ୍ରତିଧ୍ୱନି, ଦୂରେ ଦୂରାନ୍ତରେ ।
ବ୍ୟାପୀ ଯିବ ଋଷିକୂଲ୍ୟା ତୀରେ ।
ହେବ ତା'ର ନବ ଉଦ୍‌ବୋଧନ ।
ବ୍ରାହ୍ମଣୀ ଆଣିବ ବୋହି ସେ ବାର୍ତ୍ତା ତୁମର
ବିତରିବ ନୂତନ ଉତ୍କଳେ ।
ଶାଳନ୍ଦୀର କୂଳେ କୂଳେ କୁଳବଧୂଗଣ,
କରି କଳଧ୍ୱନି, ସ୍ମରିବେ ତୁମରି ନାମ ।
ବୈତରଣୀ ବକ୍ଷେ – ଶୁଭିବ ତୁମରି ନାମ –
ନାଉରୀର ନୂତନ ସଂଗୀତେ ।
ତୁମ ନାମ ବ୍ୟାପୀ ଯିବ ପ୍ରତି ଗୁହାବନେ,
ଦୂରେ ଦୂରାନ୍ତରେ ନୂତନ ଉତ୍କଳେ ।''
(୨୮ ଜୁନ୍, ୧୯୯୦ରେ ମାତୃଭବନ ଦ୍ୱାରା ପ୍ରକାଶିତ
'A Flame of Gratitude' ଶୀର୍ଷକ ସ୍ମରଣିକାରୁ ସଂଗୃହୀତ)

❑❑❑

# ନିର୍ବାଣ

## ଶ୍ରୀଅରବିନ୍ଦ



ବିଲୁପ୍ତ ସକଳ ଆଜି – ଅଛି ଖାଲି ମୌନୀ **ଅଦ୍ୱିତୀୟ** ।
ଚିନ୍ତା ଠାରୁ ମୁକ୍ତ ମନ, ଦୁଃଖ ମଧ୍ୟୁ ବିମୁକ୍ତ ହୃଦୟ
ପରମ ଅନସ୍ତି ମଧ୍ୟେ ହୋଇ ଲୀନ ନାହିଁ ଚିହ୍ନ ତା'ର;
ନାହିଁ ମୁହିଁ, ନାହିଁ ତ **ପ୍ରକୃତି**, ଗୋଚର ବା ଅଗୋଚର ।
ଜନପଦ, ଛାୟା ଛବି ତହିଁ ନାହିଁ ବର୍ଣ୍ଣର ଲହର,
ଭାସମାନ, କମ୍ପିତ ଅବାସ୍ତବ; ଆକୃତି ଅସହାୟ
ବହମାନ, ଚଳଚ୍ଚିତ୍ରେ ଶୂନ୍ୟ ଆକାର-ନିଚୟ;
ଅଗାଧ ସାଗରେ ମଗ୍ନଶୈଳ ସମ ସଙ୍ଗେ ଚରାଚର ।

ଖାଲି ସୀମାହୀନ **ଚିରନ୍ତନ** ତହିଁ ବିଦ୍ୟମାନ ।
ପରିଚୟହୀନ ଜାଗେ ଅଚଞ୍ଚଳ **ଶାନ୍ତି** ସୁମହାନ,
ବିଶ୍ୱେ ଅପସାରି, – ମୁଁ ବୋଲି ଯାହା କିଛି ଥିଲା,
ତନ୍ମଧ୍ୟେ ନିବସେ ଏକ ନାମହୀନ ନିସ୍ପନ୍ଦ ରିକ୍ତତା
ସକଳ ସମାନ ତା'ର ହୋଇ ସର୍ବହରା
ଅବଲୁପ୍ତ ହୁଏ ଯଦି ଗର୍ଭେ **ଅଜ୍ଞେୟର**
ଅବା ତଲ୍ଲୀନ ଜ୍ୟୋତିଃ-ସିନ୍ଧୁ ମଧ୍ୟେ **ଅସୀମର** ।

[ଶ୍ରୀଅରବିନ୍ଦଙ୍କ ରଚିତ "**Nirvana**" କବିତାର ଭାଷାନ୍ତର]
ଅନୁବାଦ : ଜ୍ୟୋସ୍ନା ମହାନ୍ତି ❑

# ନୂତନ ଶିକ୍ଷାର ଅନ୍ୱେଷାରେ

## ଗୀତାଞ୍ଜଳି ଦାଶ

ସେଦିନ ଥିଲା ସୂର୍ଯ୍ୟଙ୍କର ସୁନେଲି କିରଣରେ ଝଲସି ଉଠୁଥିବା ଏକ ସୁନ୍ଦର ସକାଳ, ଯାହା ସୃଷ୍ଟିକୁ କମନୀୟ ତଥା ମହନୀୟ କରି ତୋଳୁଥିଲା । ଏହାରି ମଧ୍ୟରେ ଭିଜି ଭିଜି ଆମେ କେତେଜଣ ଆସ୍ପୃହାଶୀଳ ଶିକ୍ଷାପ୍ରେମୀ 'ଅରୋଭିଲ୍' (ଉଷାନଗରୀ) ଅଭିମୁଖେ ଯାତ୍ରା ଆରମ୍ଭ କଲୁ । ସେଇ ତାପସୀ ଭୂଇଁର ମାଟିକୁ ସ୍ପର୍ଶ କଲା ମାତ୍ରେ ଶରୀର, ପ୍ରାଣ ଓ ମନ ଅପୂର୍ବ ପୁଲକରେ ଶିହରିତ ହୋଇ ଉଠିଲା । ସେହି ପରିବେଶ ସତେ ଯେପରି ଅବିରତ ପରମ ଚେତନାରେ ଉଦ୍‌ବୁଦ୍ଧ ହୋଇ ଆପଣାର କାର୍ଯ୍ୟ ମଧ୍ୟରେ ବାରଂବାର ନିଜକୁ ଉତ୍ସର୍ଗ କରିଚାଲିଛି । ଏଇ ବୋଧ ନେଇ ଆମେ ସମ୍ପୂର୍ଣ୍ଣ ଏକାଗ୍ର ହୋଇ ସମଗ୍ର ପରିବେଶଟିକୁ ତନ୍ନ ତନ୍ନ ପର୍ଯ୍ୟବେକ୍ଷଣ କରି ସେସବୁରୁ ଯେତେ ପାରିବୁ ସେତେ ଚିତ୍ତ ଭଣ୍ଡାରରେ ସଜେଇ ସାଇତି ରଖିବାକୁ ପଣ କଲୁ, ଯେପରିକି ଚାହିଁଲା ମାତ୍ରେ ଆମେ ସେସବୁର ସନ୍ଧାନ ପାଇ ଉପଯୋଗ କରିପାରିବୁ ।

ଅରୋଭିଲ୍‌ସ୍ଥ 'Sri Aurobindo International Institute of Educational Research' (SAIIER)ର ସଭାକକ୍ଷର ଏକ ସ୍ୱାଗତ ସମ୍ଭାଷଣରେ ଆମେ ଆପ୍ଳୁତ ହୋଇଗଲୁ । ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବ୍ୟକ୍ତି ଜଣକ ଥିଲେ 'ଅରେଭାନ୍' (Aurevan) ଯେ କି ଅରୋଭିଲ୍‌ରେ ଜନ୍ମ ନେଇ,ଏଠାରେ ଅଧ୍ୟୟନ ଶେଷ କରି ଶିକ୍ଷୟିତ୍ରୀ ଭାବେ ମାତୃଚରଣରେ ସମର୍ପିତା ଜଣେ ମାତୃକର୍ମୀ । ତାଙ୍କ ଉପସ୍ଥିତି ଏବଂ ଅଭିଭାଷଣରେ ଜଣେ ଯଥାର୍ଥ ଶିକ୍ଷକର ଭୂମିକା କ'ଣ ତାହା ବେଶ୍ ବାରି ହୋଇ ପଡୁଥିଲା । ଏ ଆଲୋଚନା ଏକପାକ୍ଷିକ ନଥିଲା ବରଂ ସେ ଦକ୍ଷତାର ସହ ପ୍ରଶ୍ନୋତ୍ତର ଛଳରେ ଆମ ଚିନ୍ତାର ଗଭୀରତା ଓ ଆଦର୍ଶ ପ୍ରତି ଆନୁଗତ୍ୟ ସମ୍ପର୍କରେ ଅନେକ କଥା ଆଦାୟ କରି ଚାଲିଥିଲେ; ଠିକ୍ ଯେପରି ଶ୍ରେଣୀରେ ଶିକ୍ଷକ ଛାତ୍ରଛାତ୍ରୀଙ୍କ ଆଗ୍ରହ ଓ ସାମର୍ଥ୍ୟକୁ ଆଲୋଚନା ମାଧ୍ୟମରେ ତଉଲି ନିଅନ୍ତି । 'ପୂର୍ଣ୍ଣାଙ୍ଗ ଶିକ୍ଷା' ଆନ୍ତର ସତ୍ତାର ଆବିଷ୍କାର କରାଇ ନୂତନ ଜଗତର ପ୍ରତିଷ୍ଠା ନିମନ୍ତେ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ତଥା ଅଭିଭାବକଙ୍କୁ ପ୍ରସ୍ତୁତ କରାଇବ – ଏ କ୍ଷେତ୍ରରେ ଶିକ୍ଷକର ଭୂମିକା କ'ଣ ତାହା ସେ ବେଶ୍ ଆକର୍ଷଣୀୟ ଢଙ୍ଗରେ ବୁଝାଇ ଥିଲେ । ଆମେ ଶିକ୍ଷକବୃନ୍ଦ କୌଣସି ଜଡ଼ ପଦାର୍ଥ – ମାଟି, କାଠ କି ପଥର ସହିତ କାର୍ଯ୍ୟ କରୁ ନାହୁଁ । ଆମ କାର୍ଯ୍ୟ ବିକାଶଶୀଳ ଆତ୍ମାମାନଙ୍କ ସହିତ । ଅତୀତକୁ ଜାଣି, ବର୍ତ୍ତମାନର ଭୂମିରେ ପାଦ ଥାପି ଭବିଷ୍ୟତ୍ ଆଡ଼କୁ ଲମ୍ଫ ପ୍ରଦାନ କରିବା ଆମର କାର୍ଯ୍ୟ । ଆମେ ଅଗ୍ନିବୀର, ଭିତରେ ଆମର ଆସ୍ପୃହାର ଅଗ୍ନି ନିରନ୍ତର ଜଳୁଛି । ଅରେଭାନ୍‌ଙ୍କ କଥାରେ ଏପରି ସବୁ ବିଷୟ ଅନୁଭୂତ ହେଉଥିଲା । ପୁନଶ୍ଚ ସେହି ଅଧିବେଶନରେ ସେ ମନୁଷ୍ୟର ଚାରିଟି ପ୍ରଭାବଶାଳୀ ବିଭାବ ଉପରେ ଅଧିକ ଗୁରୁତ୍ୱ ଦେଇଥିଲେ । ସେଗୁଡ଼ିକ ହେଲା – ଆମର ଶକ୍ତି (strength), ଆମ ଆଶା (hope), ଆମ ଦୁର୍ବଳତା (weakness) ଏବଂ ଆମ ଭୟ (fear) ।

ନିଜକୁ ଚିହ୍ନି ଭିତରର ଶକ୍ତିକୁ କଳିବା ଆଉ ଏ ଶକ୍ତିକୁ କାର୍ଯ୍ୟକ୍ଷମ କରିବାକୁ ଗଲାବେଳେ ଆମର ଯେଉଁ ଦୁର୍ବଳତାଗୁଡ଼ିକ ଆମକୁ ପଛରୁ ଟାଣି ଧରୁଛନ୍ତି ସେଗୁଡ଼ିକୁ ତନ୍ନ ତନ୍ନ କରି ଚିହ୍ନଟ କରିବା; ପୁଣି ଆମ ମଧ୍ୟରେ ଆଶା ଓ ବିଶ୍ୱାସ ଏପରି ଭରପୂର ହୋଇ ରହିଥିବ ଯେ ନିଶ୍ଚିତ ଭାବରେ ପଛକୁ ଟାଣୁଥିବା ଜିନିଷଗୁଡ଼ିକୁ ଆମେ ଅତିକ୍ରମ କରି ଆଗକୁ ବଢ଼ି ଚାଲିବା । ଆମ ଭିତରର କେଉଁ କେଉଁ ଜିନିଷ ଆମର ଆଶା ଓ ବିଶ୍ୱାସକୁ ପ୍ରକାଶ କରୁଛନ୍ତି ସେଗୁଡ଼ିକୁ ଅନୁଧ୍ୟାନ କରିବା । କେଉଁସବୁ ବିଷୟ, ପରିବେଶ, ପରିସ୍ଥିତି ଆମକୁ ଭୟଭୀତ କରୁଛି ଓ ପଛକୁ ହଟାଇ ଆଣୁଛି ସେଗୁଡ଼ିକୁ ମଧ୍ୟ ଚିହ୍ନିବା । ଆମେ ସଚେତନ ଥାଉ ବା ନଥାଉ ଏହି ଚାରୋଟି ଜିନିଷ Strength, Weakness, Hope and Fear (SWHF) ଆମ ଭିତରେ ସେମାନଙ୍କର ଶକ୍ତିକୁ ନେଇ ଆମ କାର୍ଯ୍ୟକଳାପ ଓ ନିଷ୍ପତ୍ତିମାନଙ୍କୁ ପ୍ରଭାବିତ କରିଥା'ନ୍ତି । ତେଣୁ ଆମେ ଏଗୁଡ଼ିକ ବିଷୟରେ ସଚେତନ ହେଲେ ସେମାନଙ୍କୁ ନିୟନ୍ତ୍ରଣ କରିପାରିବା ଏବଂ ଆମ ଅଗ୍ରଗତି ଲାଗି ଉପାଦାନ ଭାବେ ବ୍ୟବହାର କରିପାରିବା । ପ୍ରତ୍ୟେକ ଶିକ୍ଷାବର୍ଷର ଆରମ୍ଭରେ ଅପା-ଭାଇମାନେ ସାରାବର୍ଷ ପାଇଁ ଯୋଜନାମାନ ପ୍ରସ୍ତୁତ କରିବା ସମୟରେ ବ୍ୟକ୍ତିଗତ ଭାବେ ଏବଂ ସାମୂହିକ ଭାବେ ଆମ

ଭିତରର SWHFକୁ ଠାବ କରି ତଦନୁସାରେ ଯୋଜନା କଲେ ତାହା ପ୍ରଭାବଶାଳୀ ବା ଫଳବତୀ ହୋଇଥାଏ । ଶିକ୍ଷାକେନ୍ଦ୍ରର ପ୍ରତ୍ୟେକ ଶ୍ରେଣୀରେ ପିଲାମାନଙ୍କୁ ସେମାନଙ୍କ ସଂଗୁପ୍ତ ଗୁଣାବଳୀର କର୍ଷଣ ତଥା ଅଭିବୃଦ୍ଧି ପାଇଁ ଏପରି ପ୍ରକ୍ରିୟାରେ ଭାଗୀ କରିବା ଭାରି ଉପାଦେୟ ହେବ ବୋଲି ବୋଧ ହେଲା । ବର୍ଷ ମଧ୍ୟରେ ବି ଏହି ପ୍ରକ୍ରିୟା ଦୁଇ ତିନିଥର ପ୍ରୟୋଗ କରିବା ବିଧେୟ ।

ପୁନଶ୍ଚ ଜଣେ ବ୍ୟକ୍ତି ନିଜକୁ ଏପରି ମନେ କରିବ ଯେ ସେ କୌଣସି ନିର୍ଦ୍ଦିଷ୍ଟ ସାମାଜିକ ଗୋଷ୍ଠୀ, ଜାତି, ଧର୍ମ, ବଂଶ ପରମ୍ପରା କି ସମ୍ପ୍ରଦାୟର ନୁହେଁ, ସେ ଜଣେ ସଦାଜାଗ୍ରତ୍ ବିକାଶୋନ୍ମୁଖୀ ସତ୍ତା ଯିଏକି କେବଳ ଭଗବାନଙ୍କର, ଭଗବାନଙ୍କ ପାଇଁ ଏବଂ ଭଗବାନଙ୍କ ଦ୍ୱାରା ପ୍ରଦତ୍ତ ନିର୍ଦ୍ଦେଶ ପାଇଁ ଅପେକ୍ଷାରତ । ତାଙ୍କୁହିଁ ପାଇବାକୁ ସଦା ଜାଗ୍ରତ୍ । ଅରେଭାନ୍‌ଙ୍କ ସହ ଏହି ଆଲୋଚନାଟି ହୃଦୟ କଳିକାର ପାଖୁଡ଼ାଗୁଡ଼ିକ ଖୋଲି ହେଉଥିବା ଭଳି ଅନୁଭୂତ ହେଉଥିଲା ।

ଓଡ଼ିଶାର ଡେରା, ଭୁବନେଶ୍ୱର ଓ ପାରଳାଖେମୁଣ୍ଡି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରମାନଙ୍କରୁ ଏହି 'Teacher's Orientation Programme'(TOP)ରେ ସମୁଦାୟ ୧୮ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ଭାଗ ନେଇଥିଲେ । ବ୍ୟାବହାରିକ ଦୃଷ୍ଟିରୁ ଏହି ୧୮ ଜଣଙ୍କୁ ୩ ଭାଗରେ ବିଭକ୍ତ କରିଦିଆ ଯାଇଥିଲା । ଗୋଟିଏ ଭାଗରେ ଛଅ ଜଣ ଅପାଭାଇ ଅରୋଭିଲ୍‌ର ମାଧ୍ୟମିକ ସ୍ତରର ଶିକ୍ଷା ବ୍ୟବସ୍ଥା ଥିବା 'Transition-School'କୁ ସେଠାରେ ପ୍ରୟୋଗାତ୍ମକ ଦିଗକୁ ପର୍ଯ୍ୟବେକ୍ଷଣ ଓ ତା'ର ଅନୁଭୂତି ଲାଭ କରିବା ପାଇଁ ଯାଇଥିଲେ । ଦ୍ୱିତୀୟ ଦଳର ଛଅ ଜଣ 'Centre-Field Kindergarten' ଓ ତୃତୀୟ ଦଳର ଛଅ ଜଣ 'Nandanam Kindergarten'କୁ ଯାଇଥିଲେ ।

ସମସ୍ତ ଦଳର ଅନୁଭୂତିରୁ ଜଣା ପଡ଼ିଲା ଯେ ଅରୋଭିଲ୍‌ର କୌଣସି ଶିକ୍ଷାଳୟରେ ଅଧ୍ୟକ୍ଷ ବା ଅଧ୍ୟକ୍ଷା ଦାୟିତ୍ୱରେ କେହି ନଥାଇ ମଧ୍ୟ ଏହି ଶିକ୍ଷାକେନ୍ଦ୍ରଗୁଡ଼ିକର କାର୍ଯ୍ୟ ସୂଚାରୁ ରୂପେ ସମ୍ପାଦିତ ହୋଇ ଚାଲିଛି । ପ୍ରତ୍ୟେକ ଶିକ୍ଷାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମିଳିତ ଭାବେ ବିଭିନ୍ନ ନିଷ୍ପତ୍ତି ନିଅନ୍ତି ଏବଂ ପ୍ରତ୍ୟେକ ପ୍ରକଳ୍ପ ସମସ୍ତଙ୍କୁ ଅବଗତ ହୋଇଥାଏ । ସାପ୍ତାହିକ ସଭାରେ ସମସ୍ତ ପାଠ୍ୟଗତ ଓ ପରିଚାଳନାଗତ ଆଲୋଚନାମାନ ହୋଇଥାଏ ।

Transition School ପରିଦର୍ଶନ କରି ଜାଣିବାକୁ ପାଇଲୁ ଯେ ଶିକ୍ଷକକୁଳ ପୂର୍ଣ୍ଣାଙ୍ଗ ଶିକ୍ଷାକୁ ଗଭୀର ଭାବେ ହୃଦୟଙ୍ଗମ କରି ବିଭିନ୍ନ ଆନନ୍ଦପ୍ରଦ କାର୍ଯ୍ୟକ୍ରମ ଦ୍ୱାରା ଶିକ୍ଷଣୀୟ ବାତାବରଣ ସୃଷ୍ଟି କରି ପିଲାଙ୍କ ଅଧ୍ୟୟନରେ ସହାୟତା କରି ପାରୁଛନ୍ତି । ଏଠାରେ କୌଣସି ନିର୍ଦ୍ଦିଷ୍ଟ ପାଠ୍ୟକ୍ରମ, ପାଠ୍ୟ ପୁସ୍ତକ, ପାଠ୍ୟ ଖସଡ଼ା ଇତ୍ୟାଦି ନଥାଇ ବିଭିନ୍ନ ସମୟରେ ପ୍ରକଳ୍ପ ମାଧ୍ୟମରେ କାମ କରି କରି ପିଲାଏ ଶିଖୁଛନ୍ତି ।

ମାନବିକ ମୂଲ୍ୟବୋଧ ଏ ଅନୁଷ୍ଠାନମାନଙ୍କର ଆଉ ଏକ ଗୁରୁତ୍ୱ-ଆରୋପକ ବିଷୟ । ମଣିଷ କାହିଁକି ଜନ୍ମ ନେଇଛି, ଏ ଜଗତ୍ ଓ ସମାଜ ପ୍ରତି ତା'ର କି କର୍ତ୍ତବ୍ୟ ରହିଛି, ସମଗ୍ର ପ୍ରକୃତି ତଥା ଜୀବଜଗତକୁ ସେ କେଉଁ ଦୃଷ୍ଟିରେ ମୂଲ୍ୟାୟନ କରି ପାରୁଛି – ଏହି ବିଷୟଟି ହୃଦୟର ଖୁବ୍ ଗଭୀରକୁ ସ୍ପର୍ଶ କରିଥିଲା ।

ATB ଅର୍ଥାତ୍ 'Awarness Through Body' ଶରୀର ଦେଇ ନିଜ ଭିତରର ସମସ୍ତ କ୍ରିୟାକଳାପ ତଥା ଆନ୍ତର ସତ୍ତା ବିଷୟରେ ସଚେତନ ହେବା – ଏହି କାର୍ଯ୍ୟକଳାପ ଭାରି ଆଗ୍ରହପ୍ରଦ ତଥା କୌତୁକପ୍ରଦ ବୋଧ ହୋଇଥିଲା । ଏଠାରେ ଛୋଟରୁ ବଡ଼ ପିଲା ସମସ୍ତେ ଏ ସଂକ୍ରାନ୍ତୀୟ ବିଭିନ୍ନ କ୍ରିୟାକଳାପ ମାଧ୍ୟମରେ ନିଜକୁ ସଙ୍ଗଠିତ କରିବାର ସୁଯୋଗ ପାଇଥା'ନ୍ତି । ATB ଏକ ତଥ୍ୟଭିତ୍ତିକ ମୌଳିକ ବ୍ୟବସ୍ଥା ଯାହାକି ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ନିଜ ସମ୍ବନ୍ଧରେ ସଚେତନ ହୋଇ ଶକ୍ତି-ସାମର୍ଥ୍ୟଯୁକ୍ତ ହେବାରେ ସହଯୋଗ କରିଥାଏ । ଏହାର ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ବିଶଦ ଭାବରେ ଯୋଜନା କରାଯାଇଛି । ଏଥିଲାଗି ଏଠାକାର ପ୍ରାୟ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ସ୍ୱତନ୍ତ୍ରଭାବେ ଏକ ଏକ ପ୍ରଶସ୍ତ କକ୍ଷ (Hall)ର ବ୍ୟବସ୍ଥା କରାଯାଇଛି । Transition Schools, ATB Hallରେ ଏ ସଂକ୍ରାନ୍ତୀୟ ଯାହାସବୁ ଆସବାବପତ୍ର ରହିଥିଲା ସେସବୁ ଦେଖିବାର ସୁଯୋଗ ମିଳିଥିଲା । ସେହି କକ୍ଷର ଚଟାଣ, ଛାତ ଓ କାନ୍ଥମାନଙ୍କରେ ବିଭିନ୍ନ ପ୍ରକାର ବ୍ୟବସ୍ଥାମାନ ରଖା ଯାଇଥିଲା ଏବଂ ତତ୍‌ସଂଲଗ୍ନ ଏକ କୋଠରିରେ ଅବଶିଷ୍ଟ ଚଳନ୍ତି ଉପକରଣମାନ ଗଚ୍ଛିତ ଥିବା ଦୃଷ୍ଟିଗୋଚର ହୋଇଥିଲା । ଏହି ଅନନ୍ୟ କାର୍ଯ୍ୟକ୍ରମ ଅରୋଭିଲ୍‌ରୁ ଉଦ୍ଭାବିତ ହୋଇ ବର୍ତ୍ତମାନ ପୃଥିବୀର ଅନେକ ଦେଶକୁ ବ୍ୟାପୀଲାଣି ଏବଂ ତତ୍‌ସଂକ୍ରାନ୍ତୀୟ ପୁସ୍ତକ ଅନେକ ଭାଷାରେ ପ୍ରକାଶିତ ହେଲାଣି ।

ସାଢ଼େ ଛଅ ବର୍ଷରୁ ସାଢ଼େ ତେର ବର୍ଷ ବୟସର

ଅରୋଭିଲିଆନ୍ (Aurovilian) ଓ ନବାଗତ (New-comer) ମାତାପିତାଙ୍କ ପିଲାମାନେ Transition Schoolରେ ଅଧ୍ୟୟନ କରିଥା'ନ୍ତି । ମାସିକ, ତ୍ରୈମାସିକ, ଅର୍ଦ୍ଧବାର୍ଷିକ, ଏପରିକି କୌଣସି ବାର୍ଷିକ ପରୀକ୍ଷାର ବ୍ୟବସ୍ଥା ଏଠାରେ ନାହିଁ । ଏଠାରେ ସାମଗ୍ରିକ ମୂଲ୍ୟାୟନର ବ୍ୟବସ୍ଥା ଅଛି । ଏହାକୁ 'Portfolio Assesment in Education' କୁହାଯାଏ । ଏହି ମୂଲ୍ୟାୟନ ଧାରାରେ ପିଲା ସେ ନିଜେ କରିଥିବା ବିଦ୍ୟୋଚିତ କାର୍ଯ୍ୟକଳାପମାନଙ୍କ ମଧ୍ୟରୁ ଯେଉଁଥିରେ ସେ କିଛି ଅଗ୍ରଗତି କରିଛି ବୋଲି ଅନ୍ୟକୁ ଦେଖାଇ ପାରିବ ସେସବୁ ବାଛେ । ଗୋଟିଏ ଶିକ୍ଷା ବର୍ଷ ମଧ୍ୟରେ ତା'ର ଗଣିତ, ଭାଷାଶିକ୍ଷା, ବିଜ୍ଞାନପାଠ, ସାମାଜିକପାଠ, କଳା, ସଙ୍ଗୀତ ଇତ୍ୟାଦି କ୍ଷେତ୍ରରୁ ଯେଉଁସବୁ ବୃତ୍ତି ମାଧ୍ୟମରେ ସେ ତା'ର ବିକାଶକୁ ପ୍ରଦର୍ଶନ କରିପାରିବ ସେସବୁ ସଂଗ୍ରହ କରି ଗୋଟିଏ ମୋଟା ବକ୍ସ ଫୋଲଡ଼ର୍ (Box Folder) ଭିତରେ ଗୁଛି ରଖେ । ପ୍ରତ୍ୟେକ ଦସ୍ତାବିଜ ଉପରେ ପିଲାଟି ତାହାକୁ କାହିଁକି ବାଛିଲା ନିଜର ମତାମତ ଲେଖିଥାଏ । ପ୍ରତିବର୍ଷ ଏପରି କିଛି କିଛି ଦସ୍ତାବିଜ ସଂଗୃହୀତ ହୋଇ ତେର, ଚଉଦ ବର୍ଷ ବୟସରେ ଶିକ୍ଷାନୁଷ୍ଠାନ ଛାଡ଼ିଲା ବେଳକୁ ଏହା ଏକ ବଡ଼ ସଂଗ୍ରହ ହୋଇ ଯାଇଥାଏ । ପ୍ରତିବର୍ଷ ଶେଷରେ ଶିକ୍ଷକଙ୍କ ଦ୍ୱାରା ପ୍ରସ୍ତୁତ ବର୍ଣ୍ଣନାତ୍ମକ ମୂଲ୍ୟାୟନ ପତ୍ର (Progress Report Card) ମଧ୍ୟ ଏହି Portfolioରେ ସ୍ଥାନିତ ହୋଇଥାଏ । ଏହାକୁ ଆଧାର କରି ଯାବତୀୟ ନିଷ୍ପତ୍ତି ନିଆଯାଇଥାଏ । Transition Schoolରେ ଏହି ମୂଲ୍ୟାୟନ ଧାରାର ପ୍ରୟୋଗକୁ ବାସ୍ତବ ରୂପରେ ଦେଖିବାର ସୁଯୋଗ ମିଳିଥିଲା । ଅଧିକାଂଶ ବିକଶିତ ଦେଶମାନଙ୍କରେ ଏହି ମୂଲ୍ୟାୟନର ମାନ୍ୟତା ରହିଛି ।

'ଦୀପାନମ୍ ସ୍କୁଲ' ଶିକ୍ଷା-ଅନୁଷ୍ଠାନର ଦ୍ୱିତୀୟ ଅଧିବେଶନ ସମୟରେ ଆମେ ପହଞ୍ଚିଥିଲୁ । ସେଠାରେ ସକାଳେ ବିଷୟଗତ (Academic) ଶ୍ରେଣୀରେ ପାଠ ପଢ଼ାଯାଏ ଆଉ ଦ୍ୱିପ୍ରହରରେ Puppet show, Craft, Painting, Clay work ଇତ୍ୟାଦି ହୁଏ । ଆମେ ପ୍ରଥମେ Puppet show ଶ୍ରେଣୀକୁ ଗଲୁ, ଅତି ସୁନ୍ଦର ଏକ ଗଳ୍ପ ମାଧ୍ୟମରେ ଜଣେ ୭୦ରୁ ଊର୍ଦ୍ଧ୍ୱ ବୟସ୍କା ଶିକ୍ଷୟିତ୍ରୀ ପିଲାଙ୍କୁ ଅଭିନୟ ମାଧ୍ୟମରେ ଗଳ୍ପ କହି କହି କଣ୍ଢେଇ ଖେଳକୁ ଉପସ୍ଥାପନ କରୁଥିଲେ । ପିଲାଏ ବିଭିନ୍ନ ଦଳରେ ଭାଗ ହୋଇ ହସ୍ତକର୍ମ, ମାଟି କାମ ଇତ୍ୟାଦି କରୁଥିଲେ । ଖୁବ୍ ଖୁସିରେ ସେଠାରୁ ଫେରିଲୁ ।

ଏଠାକାର STEM Landରେ ଗୋଟିଏ ଅପରାହ୍ଣ ବିତାଇବାର ସୁଯୋଗ ଆମକୁ ମିଳିଥିଲା । Science, Technology, Engineering and Mathematics (STEM) ଶବ୍ଦଟି ଆମ ପାଇଁ ନୂଆ ଥିଲା, ପ୍ରବଳ ଉତ୍ସାହ ଓ ଆଗ୍ରହ ସହକାରେ ସେଠାରେ ପହଞ୍ଚି ଥିଲୁ । ପ୍ରଥମ କାର୍ଯ୍ୟକ୍ରମରେ ଆମ ମଧ୍ୟରେ ରହିଥିବା ସୃଜନୀଶକ୍ତି ଓ ସ୍ୱତନ୍ତ୍ର ବିଚାରଧାରାକୁ ପରିପ୍ରକାଶ କରିବାରେ ଏକ ସୁନ୍ଦର ପ୍ରୟାସ କରାଯାଇଥିଲା । ଆମ ପାଇଁ ପ୍ରଥମ ପ୍ରଶ୍ନଟି ଥିଲା, ''ମୁଁ କାହାକୁ ମୋ ଜୀବନର ଆଦର୍ଶ ରୂପେ ଗ୍ରହଣ କରିଛି ଏବଂ ମୋର ମୂଳଭୂତ ଗୁଣ ବା ଗୁଣାବଳୀଗୁଡ଼ିକ କ'ଣ ?'' ଏଥିରେ ନିଜକୁ ନିଜର ଅନ୍ତର୍ଦୃଷ୍ଟିରେ ବିଶ୍ଳେଷଣ କରିବା ଭଳି ଏକ ପରିବେଶ ସୃଷ୍ଟି ହୋଇଗଲା । ପ୍ରତ୍ୟେକେ ବିନା ଦ୍ୱିଧାରେ ନିଜ କଥା ତଥା ଗୁଣାବଳୀ ପ୍ରକାଶ କରିବାରେ ଲାଗିଲେ । ନିଜ ଭିତରର ସାହସ, ଧୈର୍ଯ୍ୟ, ଆତ୍ମସଚେତନତା, ଆନ୍ତରିକତା, ସମାନତା, ମାନବିକତା, ମାନବଐକ୍ୟ, ନିଷ୍ଠା, ଅଖଣ୍ଡତା, ଦୟା ଆଦି ଅନେକ ଗୁଣ ଆଲୋଚନା ହେଲା ଓ ସମ୍ମୁଖକୁ ଆସିଲା । ଏହି ଅନୁଷ୍ଠାନକୁ ପରିଚାଳନା କରୁଥିବା ସଞ୍ଜୀବ ରଙ୍ଗନାଥନ୍ ଆମକୁ ନିଜଠାରୁ ଆରମ୍ଭ କରି ସମଗ୍ର ବିଶ୍ୱ ପର୍ଯ୍ୟନ୍ତ ବ୍ୟାପ୍ତ କରିଦେଲେ । ନିଜକୁ ଚିହ୍ନିବା ସହିତ ପରମଙ୍କ ପ୍ରୀତ୍ୟାର୍ଥେ କାର୍ଯ୍ୟ କରି କିପରି ସହଯୋଗୀଟିଏ ହୋଇ ପାରିବୁ ତା'ର ବିସ୍ତୃତ ଆଲୋଚନା କରାଗଲା । ନିଜ ସହିତ ସମ୍ପର୍କ ଯୋଡ଼ି ସମଗ୍ର ବିଶ୍ୱ ସହିତ ଯୋଡ଼ି ହୋଇଯିବାର ପ୍ରୟାସ ଏବଂ ଆତ୍ମ-ସଚେତନତା ଖୁବ୍ ସୁନ୍ଦର ଭାବରେ ଅନୁଭୂତ ହେଲା ।

STEM Landରେ କାର୍ଯ୍ୟରତ କର୍ମୀଗଣ ସାମାଜିକ ମୂଲ୍ୟବୋଧ, ଆତ୍ମ-ସଚେତନତା ତଥା ଉନ୍ନତ ଚରିତ୍ର ଗଠନ ଦିଗରେ କାର୍ଯ୍ୟ କରି ନିଜକୁ ଯଥାର୍ଥ ଭାବରେ ଗଢ଼ି ତୋଳୁଥିବାର ସୂଚନା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜାଣି ହେଉଥିଲା । ଏହା ସହିତ ଆଧୁନିକ ବୈଷୟିକ ଜ୍ଞାନକୌଶଳ କିପରି ସମାଜର ଆର୍ଥିକ ଅନଗ୍ରସର ଛାତ୍ରଛାତ୍ରୀଙ୍କ ପାଖରେ ପହଞ୍ଚି ପାରିବ ସେଥିଲାଗି ସଫଳ ପ୍ରଚେଷ୍ଟା ଚାଲିଛି ଏବଂ ସେଠାକାର ଅନେକ ଶିକ୍ଷାର୍ଥୀ ଏଥିରେ କାର୍ଯ୍ୟରତ ରହିଛନ୍ତି । 3D Printer ଠାରୁ ଆରମ୍ଭ କରି ନୂତନ ଜ୍ଞାନ କୌଶଳରେ ନିର୍ମିତ ରୋବର୍ଟ କଣ୍ଢେଇ, ଗଣିତ ମ୍ୟାଜିକ୍ ଓ ହସ୍ତକର୍ମଆଦି ପ୍ରତ୍ୟେକ କ୍ଷେତ୍ରରେ ବିଜ୍ଞାନ ଓ ବୈଷୟିକ ଜ୍ଞାନ ସ୍ପଷ୍ଟ ବାରି ହେଉଥିଲା । ସର୍ବୋପରି ଭାରତୀୟ ପାରମ୍ପରିକ ପୋଷାକ (ଧୋତି, କୁର୍ତ୍ତା) ପରିହିତ

ସଞ୍ଜୀବ ଭାଇ ହସ ହସ ମୁଖରେ ସମସ୍ତଙ୍କୁ ଆପଣାର କରି ନିକଟରୁ ଦୂରଦୂରାନ୍ତ ପର୍ଯ୍ୟନ୍ତ ନେଇ ଯାଇ ପାରିଥିଲେ । ତାହା ଖୁବ୍ ଆନନ୍ଦପ୍ରଦ ତଥା ପ୍ରେରଣାଦାୟକ ଥିଲା ।

ମାଆ ତାଙ୍କ ସନ୍ତାନମାନଙ୍କୁ ଆଧାତ୍ମିକ ସ୍ନାନ କରାଇ ଶୁଦ୍ଧପୂତ କରି ଦିଅନ୍ତି । ଏଇ ଅନୁଭବଟି ମାତୃ ମନ୍ଦିର ପରିସରକୁ ସଫା କରିବା ସମୟରେ ହୋଇଥିଲା । ମାତୃମନ୍ଦିର ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖିବାରେ ସହାୟତା କରିବା ଭାଗ୍ୟରେ ଥିଲେ ମିଳେ; ଆମେ ଏଇ ସୌଭାଗ୍ୟଟି ପାଇଥିଲୁ । ମାତୃମନ୍ଦିର ଭିତରେ ଧ୍ୟାନସ୍ଥ ହେବା ଏକ ସ୍ୱର୍ଗୀୟ ଅନୁଭବ; ସ୍ୱର୍ଗ ଅନ୍ୟ କେଉଁଠି ନାହିଁ, ଏହାରି ମଧ୍ୟରେ ଧ୍ୟାନ କରିବା ବେଳେ ବାରଂବାର ଏହି କଥାଟି ହୃଦୟରୁ ଉଚ୍ଚାରିତ ହେଉଥିଲା । ଏହିସବୁ ଅନ୍ତରର କଥା ପାଇଁ ଶବ୍ଦ ବା ବାକ୍ୟ ନାହିଁ ।

'ଐକ୍ୟମ୍' (Aikiyam) ଶିକ୍ଷାକେନ୍ଦ୍ରଟି ନିଜସ୍ୱ ମୌଳିକ ଚିନ୍ତାଧାରା ଅନୁଯାୟୀ ପରିଚାଳିତ ହେଉଛି । ନିଜର ସ୍ୱତନ୍ତ୍ର ପାଠ୍ୟପୁସ୍ତକ, ଅଭ୍ୟାସ ପୁସ୍ତିକା ମାଧ୍ୟମରେ ଶିକ୍ଷା କାର୍ଯ୍ୟକ୍ରମକୁ ଶିଶୁ ଉପଯୋଗୀ କରାଇ ପାରୁଛି । ପିଲାଙ୍କ ଶିକ୍ଷଣ କାର୍ଯ୍ୟଟି କିପରି ପିଲାଙ୍କ ପାଇଁ ଆନନ୍ଦପ୍ରଦ ହୋଇ ପାରିବ ତାହାକୁ ପ୍ରତ୍ୟେକ ମୁହୂର୍ତ୍ତରେ ଏଠାରେ ବିଚାରକୁ ନିଆଯାଉଛି । ଏହା ସେଠାର Activity Room ନାମକ ଏକ ଶ୍ରେଣୀରୁ ଜାଣି ହେଲା । ବିଭିନ୍ନ ବିଷୟକୁ ଆଗ୍ରହପ୍ରଦ କରିବା ପାଇଁ Activity Classରେ ପିଲାମାନେ ନିଜ ନିଜ ବିଷୟକୁ ଅଭ୍ୟାସ କରନ୍ତି । ଆଉ ସବୁଠାରୁ ଆକର୍ଷଣୀୟ ବ୍ୟବସ୍ଥା ଥିଲା ଏଠାକାର ପୁସ୍ତକାଗାର । Nursery ଠାରୁ ମାଧ୍ୟମିକ ବିଦ୍ୟାଳୟ ପର୍ଯ୍ୟନ୍ତ ବ୍ୟବହାର ହେଉଥିବା ପାଠ୍ୟ ପୁସ୍ତକ ସମେତ ସେହି ସ୍ତରର ଉଦ୍ଦିଷ୍ଟ ବହି ଯେଉଁଥିରେ ତତ୍‌ସଂଲଗ୍ନ ସବିଶେଷ ତଥ୍ୟ ଗଚ୍ଛିତ ହୋଇଥାଏ, ଅର୍ଥାତ୍ reference books, ଏପରି ଭାବରେ ସଜ୍ଜିତ କରାଯାଇଛି ଯେ ଜଣେ K.G. ଶ୍ରେଣୀର ପିଲା ମଧ୍ୟ ସିଧା ନିଜ ଶ୍ରେଣୀର ଥାକ ପର୍ଯ୍ୟନ୍ତ ଅକ୍ଲେଶରେ ଯାଇ ବହି ବାହାର କରି ଆଣି ପାରିବ । ଶ୍ରେଣୀ, ବିଭାଗ ସବୁ ଅଲଗା କରି ପ୍ରତ୍ୟେକଙ୍କୁ ଅଲଗା ରଙ୍ଗ ଦେଇ ଅତି ସୁନ୍ଦର ଭାବରେ ସଜ୍ଜିତ କରି ରଖାଯାଇଛି । ଏହି ପାଠାଗାରର ତତ୍ତ୍ୱାବଧାରକ Mr. Vincent ଏକ ଉତ୍ସାହୀ ବ୍ୟକ୍ତି ଯିଏକି ଆମ୍ଭମାନଙ୍କୁ ସେହି ପାଠାଗାରର ବ୍ୟବହାର ଓ ସୁଚାରୁ ପରିଚାଳନା ବିଷୟରେ ଅବଗତ କରାଇଥିଲେ ।

ଜୟା ଏଠାକାର ଆଉ ଏକ ନିଷ୍ଠାପର ମାତୃକର୍ମୀ । ସେ ମାତୃମନ୍ଦିରର ଗଠନରୀତି ଓ ମାତୃପ୍ରତୀକ ସମ୍ପର୍କରେ ଅତ୍ୟନ୍ତ ଆଗ୍ରହର ସହ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ମାତୃ ପ୍ରତୀକର ବିଭିନ୍ନ ପାଖୁଡ଼ାର ରଙ୍ଗ ଓ ଗୁଣ ଯାହା ଆମକୁ ଅନ୍ତର୍ମୁଖୀ କରିବାରେ ସହାୟ ହୁଏ – ଏହିସବୁ ଗୁଣକୁ ବିକଶିତ କରିବା ଆମ ଯାତ୍ରାର ଏକ ଏକ ମାଇଲ ଖୁଣ୍ଟ ପରି । ଏହି କଥାକୁ ଅତି ଚମତ୍କାର ଭାବରେ ସେ ଉପସ୍ଥାପନ କରିଥିଲେ । 'ମାତୃମନ୍ଦିର' ସ୍ଥାପତ୍ୟର ପରିକଳ୍ପନାରୁ ପ୍ରତିଷ୍ଠା ଯାଏ କିପରି ଭିନ୍ନ ଭିନ୍ନ ପର୍ଯ୍ୟାୟ ଦେଇ ପରିପୂର୍ଣ୍ଣ ସ୍ତରକୁ ଆସିଥିଲା ସେ ତା'ର ଏକ ଐତିହାସିକ ଚିତ୍ର ମଧ୍ୟ ପ୍ରଦାନ କରିଥିଲେ ।

'ଇସାଇ ଅମ୍ବଲମ୍ ସ୍କୁଲ' ('Isai Ambalam School') ଶିକ୍ଷାନୁଷ୍ଠାନରେ ପାଠପଢ଼ାର ଚାପ ନଥିଲା । ବିଭିନ୍ନ ପ୍ରକଳ୍ପ ଦ୍ୱାରା ପିଲାମାନେ ହସ୍ତକର୍ମ, ଚିତ୍ରାଙ୍କନ, ରଞ୍ଜନକଳା, ବିଭିନ୍ନ କ୍ଷୁଦ୍ର ଉତ୍ତର, ଦୀର୍ଘ ଉତ୍ତରମୂଳକ ପ୍ରଶ୍ନମାନଙ୍କ ମାଧ୍ୟମରେ ଶିକ୍ଷା କରୁଥିଲେ । ପ୍ରକୃତି ସହିତ ଏକାତ୍ମ ହୋଇ ବିଭିନ୍ନ ବୃକ୍ଷ, ଫୁଲ, ଫଳ, ପଶୁପକ୍ଷୀଙ୍କ ସମ୍ପର୍କରେ ଅନେକ ବିଷୟ ଶିକ୍ଷା କରୁଥିଲେ । ଶ୍ରେଣୀରେ ବିଭିନ୍ନ ବିଷୟର ଚାର୍ଟ, କାଗଜମାନ ପ୍ରସ୍ତୁତ କରି ଟାଙ୍ଗି ଦିଆଯାଇଥିଲା, ସେଥିରେ ଅନେକ ପ୍ରାକୃତିକ ବିଷୟବସ୍ତୁ ସଂଗ୍ରହ କରି ସୁନ୍ଦରଭାବେ ସଜେଇ ରଖା ଯାଇଥିଲା । ଜଣା ପଡୁଥିଲା ଏହା ଯେପରି ପ୍ରକୃତି ଶିକ୍ଷାର ଏକ ଗନ୍ତାଘର, ସେଠାରେ ଯିଏ ଯେପରି ଭାବରେ ଚାହିଁଲା ସେପରି ଶିଖି ପାରିଲା । ଏହିସବୁ କାର୍ଯ୍ୟ ଅନ୍ୟତ୍ର ହେଉଛି କିନ୍ତୁ ଏଠାରେ ପୂର୍ଣ୍ଣାଙ୍ଗ ଶିକ୍ଷାକୁ ଭିତ୍ତି କରି ଚେତନାକୁ ବିକାଶ କରିବା ଉଦ୍ଦେଶ୍ୟ ରଖି କାର୍ଯ୍ୟକ୍ରମମାନ ପ୍ରସ୍ତୁତ ହେଉଥିଲା । ବହି, କାଗଜ, କଲମ, କମ୍ପ୍ୟୁଟର ଇତ୍ୟାଦି ମାଧ୍ୟମରେ ପ୍ରକୃତିର ରହସ୍ୟ, ଏ ଜଗତର ମୂଳ କାରଣ ଇତ୍ୟାଦି ସମ୍ପର୍କରେ ଅନେକ କିଛି ବିଷୟ ଶିକ୍ଷା କରାଯାଉଥିଲା । ଉଭୟେ ଛାତ୍ର ଓ ଶିକ୍ଷକ ଶିକ୍ଷାର୍ଥୀର ଭୂମିକା ତୁଲାଉ ଥିବାର ମନେ ହେଉଥିଲା ।

ଦୀପ୍ତି ତିୱାରିଙ୍କର 'ଭବିଷ୍ୟତର ଶିକ୍ଷା' ବିଷୟକ ଏକ ସ୍ୱତନ୍ତ୍ର ଅଧିବେଶନ ଥିଲା । ଆଲୋଚନା ମାଧ୍ୟମରେ ଶିକ୍ଷା ଓ ଶିକ୍ଷକଙ୍କର ଗଭୀର ସମ୍ପର୍କ କିପରି ଆତ୍ମ ଆବିଷ୍କାରର ବାଟଟିକୁ ଖୋଲିଦିଏ ଏବଂ ଶିକ୍ଷା କିପରି ମଣିଷର ସହାୟକ ହୁଏ ସେ ସମ୍ପର୍କରେ ସେ ଆଲୋକପାତ କରିଥିଲେ । ଆମେ ଶିକ୍ଷାକେନ୍ଦ୍ରରେ ଗଣିତ, ଇଂରାଜୀ, ବିଜ୍ଞାନ, ସାମାଜିକ ପାଠ ଇତ୍ୟାଦି ପାଠ୍ୟକ୍ରମ ମାଧ୍ୟମରେ ଯୌଗିକ ମନୋଭାବ ସହ ବିଭିନ୍ନ କାର୍ଯ୍ୟକଳାପ ଦ୍ୱାରା ଶିକ୍ଷା କରିପାରିବା ଯାହାକି ଆମ

ମଧ୍ୟରେ ରହିଥିବା ସମ୍ଭାବନାର ପରିପ୍ରକାଶ ଘଟାଇବ । ଏପରିକି ଗଣିତ ମଧ୍ୟ ବହୁ ଜଟିଳ ସମସ୍ୟାର ସମାଧାନ କରିଦିଏ । ଏହା ସମାଜର ନାନା ସମସ୍ୟାକୁ ଅତି ସହଜରେ ସମାଧାନ କରି ପ୍ରତ୍ୟେକ ସମସ୍ୟାର ସମ୍ମୁଖୀନ ହେବାର ପ୍ରେରଣା ଦେଇପାରେ । ଏହିପରି ଏକ ଆହ୍ୱାନମୂଳକ ଶିକ୍ଷା ସମ୍ପର୍କରେ ସେ ସୂଚନା ଦେଇଥିଲେ ।

'ଶ୍ରଦ୍ଧାଞ୍ଜଳି' ଅନୁଷ୍ଠାନଟି ବାସ୍ତବିକ ସ୍ନେହ ତଥା ଶ୍ରଦ୍ଧାର ଏକ ମୂର୍ତ୍ତିମନ୍ତ ପ୍ରତୀକ । ଏଠାରେ ପ୍ରତ୍ୟେକ ବସ୍ତୁ ମଧ୍ୟରେ ସୌନ୍ଦର୍ଯ୍ୟ ଓ ସଙ୍ଗତି ପରିପୂର୍ଣ୍ଣ ହୋଇ ରହିଥିଲା । ଏହି ଅନୁଷ୍ଠାନରେ ଯେପରି ଦିବ୍ୟଚେତନା ସଙ୍ଗତି ଓ ସୌନ୍ଦର୍ଯ୍ୟ ରୂପରେ ନିଜକୁ ପରିପ୍ରକାଶ କରୁଥିଲା । ଭଗବାନଙ୍କ ସୃଷ୍ଟିରେ କେହି ନୀଚ କି ହୀନ ନୁହନ୍ତି । ଫୁଲ, ଫଳ, ଗଛର ଖୋଳପା, ଫୁଲ ପାଖୁଡ଼ା ଆଦି ବସ୍ତୁ ସୁସଜ୍ଜିତ ହୋଇ ହସ୍ତକର୍ମ ମାଧ୍ୟମରେ ସତେଅବା ଯାଦୁକରର ଯାଦୁ ସ୍ପର୍ଶରେ ଅପୂର୍ବ ଶୋଭାଶ୍ରୀ ଧାରଣ କରିଥିଲା । ସେଠାରେ କର୍ମରତ କର୍ମୀଗଣ ଏକାଗ୍ରତାର ସହ ବିଭିନ୍ନ କାର୍ଯ୍ୟ କରି ନିଜ ନିଜ ଗୃହ ଏପରିକି ଗ୍ରାମକୁ ମଧ୍ୟ ସୁସଜ୍ଜିତ କରି ରଖି ଦିବ୍ୟ ସଙ୍ଗତିମୟ କରି ପାରିଥିବାର ଅନୁଭବ ହେଲା । ନିଷ୍ଠାପର କର୍ମୀଟିଏ ପ୍ରତ୍ୟେକ କର୍ମରେ ପ୍ରଭୁଙ୍କର ସ୍ପର୍ଶକୁ ଅନୁଭବ କରି ତାଙ୍କ ନିର୍ଦ୍ଦେଶିତ ପଥରେ ଅଗ୍ରସର ହୋଇଥାଏ । ଏହିପରି ଏକ ପରିବେଶରେ ଆମେ କିଛି ସମୟ ଅତିବାହିତ କରି ଶ୍ୱାସ-ପ୍ରଶ୍ୱାସରେ ସେହି ଦିବ୍ୟ ଚେତନାକୁ ଗ୍ରହଣ କରୁଥିଲୁ; ଏଥିପାଇଁ ସମସ୍ତେ ପ୍ରଫୁଲ୍ଲିତ ଥିଲୁ । ଏହାର ମୁଖ୍ୟ ପରିଚାଳିକା ଆଭା ତିୱାରୀଙ୍କର ଦୀର୍ଘ ଦିନର ଶ୍ରମ ଓ ସମର୍ପଣ ଫଳରେ ଏପରି ଏକ ଅନୁଷ୍ଠାନ ଏକ ଗ୍ରହଣଶୀଳ ଆଧାର ରୂପେ ଗଢ଼ି ଉଠିଛି ।

'ସ୍ୱରମ୍' ସଙ୍ଗୀତର ବଗିଚା, ଏଠି ଶବ୍ଦର ପ୍ରକାର ଭେଦ, ଶବ୍ଦର ସ୍ପନ୍ଦନ ଏବଂ ଶବ୍ଦର ଯାଦୁମନ୍ତ୍ର ହୃଦୟ-ତନ୍ତ୍ରୀକୁ ସ୍ପନ୍ଦିତ କରିବା ସହ ମନରେ ବିସ୍ମୟ ଭାବ ସୃଷ୍ଟି କରୁଥିଲା । ବିଭିନ୍ନ ପଥରରେ ସୂକ୍ଷ୍ମ ସ୍ନିଗ୍ଧ କୋମଳ ସଙ୍ଗୀତ ସୃଷ୍ଟି କରା ଯାଇଥିଲା । ତାହା ଅପୂର୍ବ ମନେ ହେଲା । ଏସବୁ କେମିତି ହୋଇ ପାରୁଛି ! ଏସବୁ ଏତେ କୋମଳ ଏବଂ ସ୍ନିଗ୍ଧ ଯେ ଖାଲି ପଥର ବୋଲି ଭାବି ହେଲା ନାହିଁ । ପଥର ତଥା ଅନ୍ୟାନ୍ୟ ପଦାର୍ଥରୁ ବିଭିନ୍ନ ବାଦ୍ୟଯନ୍ତ୍ର, ସ୍ୱରଯନ୍ତ୍ର ପ୍ରସ୍ତୁତ କରିବାର ସୃଜନଶୀଳତା ଖୁବ୍ ଆଶ୍ଚର୍ଯ୍ୟଜନକ ଥିଲା । ଆମେ ପ୍ରତ୍ୟେକେ ଏହାର ଗୁରୁତ୍ୱକୁ ଅନୁଭବ କରିପାରୁଥିଲୁ ଏବଂ ଏ ରହସ୍ୟମୟ ପରିବେଶକୁ କେବଳ ନୀରବତା ମଧ୍ୟରେହିଁ ବୁଝିବାକୁ ଚେଷ୍ଟା କରୁଥିଲୁ ।

ରଞ୍ଜନ କଳାର ଖେଳ (Play of Painting) ରଙ୍ଗର ରଙ୍ଗିନ ପସରା ଖୁବ୍ ଆକର୍ଷଣୀୟ ଓ ଚମତ୍କାର ଥିଲା । ରଙ୍ଗ ଓ ତୂଳୀର ମାଧ୍ୟମରେ ପିଲାଏ ନିଜକୁ ସୁନ୍ଦର ଭାବରେ ପ୍ରକାଶ କରିଥିଲେ । ସବୁପ୍ରକାର ଚିତ୍ର ତଥା ରଞ୍ଜନ କଳାକୁ ସ୍ୱତନ୍ତ୍ର ଭାବରେ ଏଠାରେ ସ୍ଥାନିତ କରାଯାଇଥିଲା । ଜଣେ ଛାତ୍ର ଅବା ଛାତ୍ରୀ ପିଲା ଦିନରୁ ଯେଉଁସବୁ ଛବି ଆଙ୍କି ବଡ଼ ହୋଇଛି ସେସବୁ ଛବିକୁ ସୁନ୍ଦର ଭାବରେ ସାଇତି ରଖା ଯାଇଥିଲା । ସେଥିରୁ ଗୋଟିଏ ବି ଚିତ୍ରପଟ କି କାଗଜ ଅଲୋଡ଼ା ନଥିଲା । ବୁଝି ହେଉଥିଲା ଯେ ପ୍ରତ୍ୟେକ ପିଲାର ଏକ ସ୍ୱତନ୍ତ୍ର ବ୍ୟକ୍ତିସତ୍ତା ରହିଛି ଏବଂ ତାହା ଧୀରେ ଧୀରେ ବିକଶିତ ହୋଇ ଚାଲିଛି । ଏହାର ବିକାଶରେ କେବଳ ଆମେ ସହାୟ ହେବା ଦରକାର ।

'ଉଦବି ସ୍କୁଲ' (Udavi School)ରେ ଗାଁ ଗହଳର ଛାତ୍ରଛାତ୍ରୀଙ୍କର ଆନନ୍ଦମୟ କୋଳାହଳ ପରିବେଶଟିକୁ ମୁଖରିତ କରୁଥିଲା । ଗଳ୍ପ, କବିତା, ସଙ୍ଗୀତ ଓ ବିଭିନ୍ନ ପ୍ରକଳ୍ପହିଁ ଏହି ଛାତ୍ରଛାତ୍ରୀଙ୍କ ଶିକ୍ଷାର ଗୋଟିଏ ଗୋଟିଏ ଅଂଶ ଥିଲା । ପଞ୍ଚମ ଶ୍ରେଣୀ ଯାଏ କୌଣସି ପ୍ରକାର ପରୀକ୍ଷା କିଂବା ପ୍ରଶ୍ନ କାଗଜର ଚାପ ନଥିଲା । ବିଭିନ୍ନ ପ୍ରକାର ଶ୍ରେଣୀ କାର୍ଯ୍ୟକ୍ରମ ଦ୍ୱାରା ପିଲାଏ ଖୁସିରେ ପାଠ ପଢୁଥିଲେ । ଜଣେ ପିଲା ଗଣିତରେ ନବମ ଶ୍ରେଣୀରେ ପଢୁଛି ତ ଇଂରାଜୀରେ ତା'ର ହୁଏତ ପଞ୍ଚମ ହୋଇପାରେ, ନହେଲେ ଦଶମ କି ତା'ଠୁ ଊର୍ଦ୍ଧ୍ୱକୁ ମଧ୍ୟ ଯାଇ ଥାଇପାରେ । ଏହି ସୁଯୋଗ ସେଠାକାର ଶିକ୍ଷାର୍ଥୀମାନଙ୍କୁ ପ୍ରାପ୍ତ ହେଉଥିବା କଥା ଜାଣି ହେଲା । ସମୁଦାୟ ପରିବେଶଟିରେ ନିଷ୍ଠା ଓ ଆନ୍ତରିକତାର ଭାବଟି ସମସ୍ତଙ୍କୁ ଏକାଠି ବାନ୍ଧି ରଖି ପାରିଥିଲା ।

'ଭାରତ ନିବାସ' ଆମ ସମସ୍ତଙ୍କୁ ସସମ୍ମାନର ସହିତ ନିମନ୍ତ୍ରଣ କରି ଏକ ନୈଶ ଭୋଜନର ବ୍ୟବସ୍ଥା କରିଥିଲେ । ଜନ୍ମେଜୟ ଭାଇ ଭାରତ ନିବାସର ସ୍ୱତନ୍ତ୍ରତା, 'ବସୁଧୈବ କୁଟୁମ୍ବକମ୍' ଭାବନାଟିକୁ ଅତି ସୁନ୍ଦର ଭାବରେ ଉପସ୍ଥାପନା କରିଥିଲେ । ଏକ ସ୍ୱତନ୍ତ୍ର ବୈଠକରେ ସମସ୍ତଙ୍କୁ ମାତୃରଚନାବଳି ଦ୍ୱାଦଶ ଖଣ୍ଡ (ଶିକ୍ଷା ପ୍ରସଙ୍ଗ) ବହି ସହିତ ଅନ୍ୟାନ୍ୟ ବହି ଓ ଅନେକ ସୁଦୃଶ୍ୟ ପଦାର୍ଥ ଉପହାର ରୂପେ ପ୍ରଦାନ କରିଥିଲେ ।

ବର୍ତ୍ତମାନ ପୃଥିବୀରେ ସଦା କ୍ରିୟାରତ ନୂତନ ଚେତନାର ପ୍ରଭାବରେ ପ୍ରଭାବିତ ହୋଇ ଶ୍ରୀମାଶ୍ରୀଅରବିନ୍ଦଙ୍କ ଶିକ୍ଷା ବିଚାରକୁ ଆଧାର କରି ବିଭିନ୍ନ ସ୍ଥାନ-କାଳ-ପାତ୍ର ଅନୁସାରେ ଏହାର ଅନନ୍ୟ ପ୍ରୟୋଗମାନ ହେଉଛି । ଏକହିଁ ଉଚ୍ଚତର ଶିକ୍ଷା ବିଚାରକୁ

ଆଧାର କରି ବିଭିନ୍ନ ପ୍ରୟୋଗାତ୍ମକ ଦିଗକୁ ପର୍ଯ୍ୟବେକ୍ଷଣ କଲେ ସଂଗୁପ୍ତ ଚେତନାର ମହନୀୟତା ଅନୁଭୂତ ହୁଏ ଏବଂ କୃତଜ୍ଞତାରେ ହୃଦୟ ଭରି ଉଠେ । ଏଥିସହ ନିଜ ନିଜ ଶିକ୍ଷାକେନ୍ଦ୍ର ରୂପୀ ପ୍ରୟୋଗଶାଳାରେ ନୂତନ ପ୍ରୟୋଗମାନ କରିବା ପାଇଁ ସ୍ୱତଃ ପ୍ରେରଣା ଓ ଉତ୍ସାହ ଜାଗ୍ରତ୍ ହୁଏ ।

ଆମର ଏହି ଶିକ୍ଷଣୀୟ ଅଭିଯାନରୁ ଆମେ ଯେଉଁସବୁ ପ୍ରେରଣା ଓ ନୂତନ ଦିଗ୍‌ଦର୍ଶନମାନ ପାଇଲୁ, ସେଠାରୁ ଫେରି ଆମ ନିଜ ନିଜ ଶିକ୍ଷାକେନ୍ଦ୍ରମାନଙ୍କରେ ଅପେକ୍ଷାରତ ଅନ୍ୟ ଅପାଭାଇଙ୍କ ସାଙ୍ଗରେ ବ୍ୟକ୍ତିଗତ ତଥା ଦଳଗତଭାବେ ବିତରଣ କଲୁ । ଆସନ୍ତା ଶିକ୍ଷା ବର୍ଷ ମଧ୍ୟରେ ଆମେ କି କି ନୂତନ ପ୍ରୟୋଗମାନ କରିବୁ ସେଥିପାଇଁ ଯୋଜନାମାନ କଲୁ ଏବଂ ଆମେ ଯେ କିଛି ନୂଆ କରିବୁ ସେଥିଲାଗି ମନ ସ୍ଥିର କଲୁ । ଏହା ଉଲ୍ଲେଖଯୋଗ୍ୟ ଯେ ସ୍ଥାନୀୟ ପରିଚାଳନା ସମିତିମାନ ଉତ୍ସାହପୂର୍ଣ୍ଣ ସହଯୋଗର ହାତ ମଧ୍ୟ ବଢ଼ାଇ ଦେଲେ ।

ଆମକୁ ଏପରି ମନେ ହେଲା ଯେପରି ଆମେ ଆହୁରି ଏପରି ଶିକ୍ଷାନୁଷ୍ଠାନମାନଙ୍କୁ ପରିଦର୍ଶନ କରି ନୂତନ ପ୍ରୟୋଗମାନଙ୍କୁ ପର୍ଯ୍ୟବେକ୍ଷଣ କରି ଆମ ବିଚାରଧାରାକୁ ବିସ୍ତୃତ ଓ ଗଭୀର କରି ଚାଲିବୁ ଏବଂ ସେସବୁରୁ କିଛି କିଛି ଆମ ଶିକ୍ଷାକେନ୍ଦ୍ରରେ ତଥା ନିଜ ଜୀବନରେ ପ୍ରୟୋଗ କରି ଆନନ୍ଦିତ ହେବୁ । ❑

# ଆଗମନୀ

**ଗୋପାଳକୃଷ୍ଣ ପଟ୍ଟନାୟକ**

ଦୁନିଆ ଆଖିର ଲୁହ ପୋଛିବାକୁ
ମାନବ ଶରୀର ଧରି,
ଦିବ୍ୟ ଜନନୀ ଗୋ ଏ ମର-ଭୁବନେ
ଆସିଥିଲ ଅବତରି ।
ପ୍ରାଚୀ ନଭ ଚିରି ଆଲୋକ ବିସ୍ତାରି
ଉଇଁଲ ଅରୁଣ ରଥେ,
ବିହଙ୍ଗମଗଣ ଶୁଭ ଆଗମନୀ
ଗାଇଲେ ହରଷ ଚିତ୍ତେ ।

ବୀଣା ଜିଣା ସୁର ସଙ୍ଗୀତର ତାଳେ
ନାଚିଲା ମନ୍ଦ ମରୁତ,
ରମଣୀୟ ବେଶେ ସାଜି ଧରାରାଣୀ
କଲା ତୁମକୁ ସ୍ୱାଗତ ।
ବିକଶିଲା ଅତିମାନସ ଚେତନା –
କୁସୁମ ଭବ କାନନେ,
ସେହି କୁସୁମର ମହକର ସ୍ରୋତ
ପ୍ରସରିଲା ବିଶ୍ୱାଙ୍ଗନେ ।

ପ୍ରଜ୍ୱଳିତ କଲ ନବ ଚେତନାର
ମଶାଲ ଏହି ଧରାରେ,



ଅମା ଅନ୍ଧାରର କାଳିମା ହଟିଲା
ତା' ସ୍ୱର୍ଣ୍ଣମୟ ବିଭାରେ ।
ନବୀନ-ଅଧ୍ୟାତ୍ମ-ଚେତନା ସ୍ଫୁଲିଙ୍ଗ
ସ୍ପର୍ଶେ ବିଶ୍ୱ ବିଭାସିତ,
ପୁଲକ ବନ୍ୟାରେ ଉବୁଟୁବୁ ହୁଏ
ନିଖିଳ ମର-ଜଗତ ।

ଅବନୀ, ଗଗନ ସ୍ପନ୍ଦିତ ହୋଇଲା
ତବ ଦିବ୍ୟ ବାଣୀ ସ୍ୱନେ,
ନାଚିଲା ଅନ୍ତର ଆଶୁ ରୂପାନ୍ତର
ଆସ୍ପୃହାର ଶିହରଣେ ।
କେତେ ଯେ ଅମୃତ ବାଣୀ ବିତରିଲ
ନାହିଁ ତା'ର ପଟାନ୍ତର,
ସେ ବାଣୀ ଶ୍ରବଣେ ବିମୋହିତ ହେଲା
ଅନୁଗାମୀଙ୍କ ଅନ୍ତର ।

କର୍ଣ୍ଣ କୁହରରେ ସେହି ମଧୁବାଣୀ
ସଦା ଗୁଞ୍ଜରିତ ହେଉ,
ତୁମରି ଆଶିଷ-ପୀୟୂଷ ଝରଣା
ଅବାରିତ ବହୁ ଥାଉ । ❑

କାହାଣୀ :

# ବିସ୍ମୃତ ବ୍ରତ

## ମନୋଜ ଦାସ

ଗୋଦାବରୀ ତୀରରେ ଛୋଟ ତୋଟାଟିଏ । ତହିଁ ଭିତରେ ଏକ କୁଟୀର । ସେଥିରେ ରହନ୍ତି ଜଣେ ସାଧୁ । ପାଖ ଗାଁଟିର ସମସ୍ତେ ଭାରି ଶ୍ରଦ୍ଧା କରନ୍ତି ସାଧୁଙ୍କୁ – କେବଳ ଜଣକୁ ଛାଡ଼ି । ସେ ବ୍ୟକ୍ତିଜଣକ ଗାଁର ଜଣେ ଧନୀ ଜମିଦାର । ତାଙ୍କର ଭାରି ଲୋଭ ସେ ତୋଟା ଉପରେ । କିନ୍ତୁ ଯେଉଁ କୃଷକଟି ସେ ତୋଟାର ମାଲିକ, ସେ ସେଖଣ୍ଡିକ ବିକିବାକୁ ନାମଙ୍ଗ । କାରଣ ସେଠି ରହନ୍ତି ସାଧୁ । ଜମିଦାରଙ୍କ ହାତକୁ ତୋଟା ଚାଲିଗଲେ ସେଠି ସାଧୁଙ୍କ ପାଇଁ ଠାଇଁ ହେବ ନାହିଁ । ଜମିଦାର ତାଙ୍କୁ ତଡ଼ି ତୋଟାକୁ ବନାଇବେ ପ୍ରମୋଦ ଉଦ୍ୟାନ ।

''ଆରେ ମୂର୍ଖ, ତୋତେ ମୁଁ ନ୍ୟାଯ୍ୟ ମୂଲ୍ୟଠୁଁ ଅଧିକ ଦେବି ।'' – ଜମିଦାର କେତେଥର କୃଷକକୁ କହିଛନ୍ତି ।

''ଦେବେ ଯେ, କିନ୍ତୁ ସାଧୁଙ୍କ ଆଶୀର୍ବାଦକୁ ତ ଆଉ ମୁଁ ଟଙ୍କା ଦ୍ୱାରା ତଉଲିବି ନାହିଁ ! ସାଧୁ ସେଠି ଅଛନ୍ତି ବୋଲି ଗାଁଯାକ ଲୋକଙ୍କ ମନରେ ଗୋଟାଏ ହିମ୍ମତ ଅଛି !'' – କୃଷକ କହେ ।

ଦିନେ ଜମିଦାର ଖପା ହୋଇ କହିଲେ, ''ଚୋପ୍ ! ଲୋକଟାକୁ ସାଧୁ ସାଧୁ ବୋଲି କହନା । ସେ ତୋ ଭଳି, ଆଉ ଦଶଜଣଙ୍କ ଭଳି ଜଣେ ସାଧାରଣ ମଣିଷ । ଅସାଧୁ ବି ହୋଇପାରେ !''

''ନା ଆଜ୍ଞା, ସେ ସାଧୁ । ମୁଁ ଜାଣେ ।''

''ଚୋପ୍ ! ମୋ କଥା ଉପରେ କଥା ! ଖାଲି ଦାଢ଼ି ରଖିଲେ ଓ ଗେରୁଆ ପିନ୍ଧିଲେ ଜଣେ ସାଧୁ ହୋଇଯାଏ ? ସେତକ ତ ମୁଁ ବି କରିପାରେ !'' – ଜମିଦାର ଆଖି ଲାଲ କରି ରାଗରେ ଥରି ଥରି କହିଲେ ।

''ଆଜ୍ଞା, ଆପଣ ସିନା ଗେରୁଆ ପିନ୍ଧିପାରିବେ, ଦାଢ଼ି ବି ଛାଡ଼ି ପାରିବେ, କ୍ରୋଧ ଛାଡ଼ି ପାରିବେ କି ? ସାଧୁଙ୍କୁ କିନ୍ତୁ ମୁଁ କେବେହେଲେ ରାଗିବାର ଦେଖି ନାହିଁ ।''

''ତୁ ଦେଖି ନାହୁଁ ବୋଲି ଲୋକଟା ରାଗେ ନାହିଁ, ଏକଥା ପ୍ରମାଣ ହୋଇଗଲା ?'' – ପ୍ରଶ୍ନଟି କରି ଦେଇ ଜମିଦାର ଚଟାପଟ ଗୋଟାଏ ଯୋଜନା ସ୍ଥିର କରିନେଲେ । କହିଲେ, ''ଆଚ୍ଛା, କାଲି ବେଳ ପହରେ ସରିକି ତୁ ତୋଟାରେ ଥିବୁ । ସେ ରାଗିପାରେ କି ନା ମୁଁ ଦେଖାଇଦେବି । ଦେଖାଇଦେଲେ ତୁ ତୋଟା ବିକିବୁ ତ ?''

''ଆଗେ ଦେଖାନ୍ତୁ ଆଜ୍ଞା, ତା'ପରେ ଦେଖିବା ।'' – କହିଲା କୃଷକ ।

ପରଦିନ ଯଥାସମୟରେ ତୋଟା ମାଲିକ ସାଧୁଙ୍କ କୁଡ଼ିଆ ପାଖରେ ପହଞ୍ଚି ଦେଖିଲା ସାଧୁ ମନଧ୍ୟାନ ଦେଇ ତାଳପତ୍ରରେ କିଛି ଲେଖୁଛନ୍ତି । ସେ ଆହୁରି ବି ଦେଖିଲା, ସେ ମୂଳକରେ ନିହାତି ଲଫଙ୍ଗା ଭାବରେ ଜଣାଶୁଣା ଟୋକାଟାଏ ଯାଇ ସାଧୁଙ୍କ ପଛରେ ଠିଆ ହେଲା ।

କୃଷକକୁ ସେ କଥା ଭାରି ଅଡୁଆ ଲାଗିଲା । କିନ୍ତୁ ସେ ଅପେକ୍ଷା କଲା ।

ଟୋକା ହଠାତ୍ ସାଧୁଙ୍କ ଉପରକୁ ଛେପ ପକାଇଲା ।

ସାଧୁ ପଛକୁ ଅନାଇଲେ । ବୁଝିଲେ, ଟୋକା ଇଚ୍ଛା କରି ସେମିତି କରିଛି । କିନ୍ତୁ ସେ ଉଁ ଚୁଁ ନ କରି ନୀରବରେ ନଈକୁ ଓହ୍ଲାଇଗଲେ । ବୁଡ଼ ପକାଇ ଆସି ପୁଣି ନିଜ ସ୍ଥାନରେ ଲେଖା ଉପରେ ଏକାଗ୍ର ହେଲେ ।

ସେ ଭଡ଼ାଟିଆ ଟୋକା ପୁନର୍ବାର ତାଙ୍କ ଉପରେ ଛେପ ପକାଇଲା । ପୁନର୍ବାର ବିନା ବାକ୍ୟ ବ୍ୟୟରେ ସାଧୁ ଯାଇ ନଈରେ ବୁଡ଼ ପକାଇ ଆସିଲେ । ଟୋକା କିନ୍ତୁ ପୁଣି ଥରେ ତା ଦୁଷ୍କର୍ମଟି କଲା ଓ ପୁଣି ଥରେ ସାଧୁ ନଈରେ ବୁଡ଼ ପକାଇ ଆସିଲେ । ଏମିତି ଚାଲିଲା – ବାରଂବାର, ବାରଂବାର ।

କୃଷକଟି ଅନୁତାପ କଲା । କାହିଁକି ସେ ଜମିଦାରର ସର୍ତ୍ତରେ ରାଜିହେବା ଭଳି ଭାବ ଦେଖାଇଲା ? କାହିଁକି ମୂଳରୁ ସେ କହି ନ ଦେଲା ଯେ ତୋଟା ସେ ବିକିବ ନାହିଁ କଦାପି ?

ତେଣେ ଗୋଟାଏ ଗଛ ଆଢୁଆଳରେ ଠିଆ ହୋଇ ଜମିଦାର ଏ ନିଷ୍ଠୁର ନାଟକ ଦେଖୁଥା'ନ୍ତି । ସେ ଆଶା କରୁଥା'ନ୍ତି ସାଧୁ ରାଗିଯିବେ । କିନ୍ତୁ ତାଙ୍କ ଆଶା ଫଳବତୀ ହେବ ବୋଲି ମନେ ହେଉ ନଥାଏ । ପ୍ରତିଥର ସାଧୁ ହସିଦେଇ ପୁଣି ଚୁପ୍‌ଚାପ୍ ନଈକୁ ଚାଲି ଯାଆନ୍ତି ।

ଜମିଦାର ଗମ୍ଭୀର ଦେଖାଗଲେ । ନିଜେ ପରାଜିତ ଅନୁଭବ କରୁଥିଲେ ସେ । ଟୋକାର ମୁହଁ ମଧ୍ୟ କଳା ପଡ଼ିଯାଇଥାଏ ।

ସାଧୁ ଶହେ ସାତଥର ନଈରେ ବୁଡ଼ ଦେଇ ଆସିବା ବେଳକୁ ଟୋକା ଆଉ ଦୁଷ୍କର୍ମର ପୁନରାବୃତ୍ତି କରିପାରିଲା ନାହିଁ । ଥରି ଥରି ସେ ତାଙ୍କ ଗୋଡ଼ ତଳେ ପଡ଼ିଗଲା ଓ କହିଲା, ''ହେ ମହାତ୍ମା ! ଏ ପାପୀକୁ କ୍ଷମା କର । ଟଙ୍କା ଲୋଭରେ ତୁମକୁ ଏମିତି କଲବଲ କଲି ସିନା, ଏ ପାପର ଫଳ ତ ମୋତେହିଁ ଭୋଗିବାକୁ ପଡ଼ିବ । ତୁମ ଭଳି ମହାପୁରୁଷଙ୍କ ଅଭିଶାପରୁ ମୁଁ ବର୍ତ୍ତିବି କେମିତି ?''

''ବାବୁ, ତୁମେ ଆଉ ଥରୁଟିଏ ମୋ ଉପରେ ଛେପ ପକାଇପାର ।'' – ସାଧୁ କହିଲେ ।

''ମୁଁ ବରଂ ମରିବି, କିନ୍ତୁ ଆଉ ସେ ପାପ କରିବି ନାହିଁ ।'' – କହିଲା ଟୋକା ।

ସାଧୁ ତା' ବାହୁଯୁଗଳ ଧରି ତାକୁ ଉଠାଇ କହିଲେ,

''ବାବୁ, ମୁଁ ତୁମକୁ ଧନ୍ୟବାଦ ଦେବା କଥା । କେଇବର୍ଷ ତଳେ ମୁଁ ଥରେ ମାନସିକ କରିଥିଲି, ଦିନେ ପୁଣ୍ୟତୋୟା ଗୋଦାବରୀରେ ଏକକାଳୀନ ଶହେଆଠ ବୁଡ଼ ପକାଇବି । ପ୍ରଥମେ ହେଳା ଯୋଗୁଁ ତାହା କରି ନ ଥିଲି । ପରେ କିନ୍ତୁ ସେ ସିଦ୍ଧାନ୍ତ କଥା ପାସୋରି ଦେଲି । ଆଜି ତୁମେ ମୋତେ ମୋ ନିଜ ପ୍ରତିଜ୍ଞା ପାଳନ କରାଇଲ । ମୁଁ ଯାଏଁ, ଆଉ ଥରେ ବୁଡ଼ ପକାଏଁ । ଏଥର ତୁମ ପାଇଁ ମା ଗୋଦାବରୀଙ୍କୁ ପ୍ରାର୍ଥନା କରିବି ।''

ଶତୋତ୍ତର ଅଷ୍ଟମଥର ଗୋଦାବରୀରେ ବୁଡ଼ ପକାଇ ସାଧୁ ତାଙ୍କ କୁଡ଼ିଆକୁ ଫେରିବା ମାତ୍ରେ ଖୋଦ୍ ଜମିଦାର ଯାଇ ତାଙ୍କ ଗୋଡ଼ ତଳେ ପଡ଼ିଲେ । ''ହେ ମହାତ୍ମା, ପ୍ରକୃତ ଅପରାଧୀ ମୁଁ । ମୁଁ ଟୋକାକୁ ଏଭଳି ଦୁଷ୍କର୍ମରେ ଲଗାଇଥିଲି । ତୁମେ କ୍ରୋଧ ପ୍ରକଟ କରିଥିଲେ ମୋର ଜୟ ହୋଇଥା'ନ୍ତା ।'' – ସେ କହିଲେ ଏବଂ ତୋଟାମାଲିକ ସହ ତାଙ୍କର ପୂର୍ବଦିନର କଥାବାର୍ତ୍ତାର ବିବରଣୀ ଶୁଣାଇଲେ ।

''ଜାଣିଥିଲେ ମୁଁ ରାଗିବାର ଛଳନା କରିଥା'ନ୍ତି !'' – ସାଧୁ ହସି ହସି କହିଲେ ।

ତୋଟା ମାଲିକ ଜମିଦାରଙ୍କୁ କହିଲା, ''ଟୋକା କିନ୍ତୁ ତା' ସାଧ୍ୟ ମୁତାବକ ଆପଣଙ୍କ ଆଦେଶ ପାଳନ କରିଛି । ତେଣୁ ତା'ର ପ୍ରାପ୍ୟରୁ ଆପଣ ତାକୁ ବଞ୍ଚିତ କରିବେ ନାହିଁ ।''

''ନା, ନା, ତା କରିବି ନାହିଁ କି ତୋଟା ମୋତେ ବିକ୍ରି କରିବାକୁ ତୁମକୁ ପ୍ରବର୍ତ୍ତାଇବି ନାହିଁ ।'' – ଜମିଦାର କହିଲେ ।

ସେ ସାଧୁ ହେଲେ ସନ୍ଥ ଏକନାଥ ।

(ମନୋଜ ଦାସ ପରିବେଷିତ 'ଉପକଥା ଶତକ'ରୁ
ସଂଗୃହୀତ, ପୃ. ୧୯୭-୨୦୦)

❑❑❑

---

'ଉପକଥା ଶତକ' କାହାଣୀମାଳା ପରିବେଷଣ ଅବସରରେ ମନୋଜ ଦାସ ପ୍ରତ୍ୟେକ କାହାଣୀର ତାତ୍ପର୍ଯ୍ୟ ଉପରେ କିଛି ଆଲୋକପାତ କରିଛନ୍ତି । ଉପରୋକ୍ତ '**ବିସ୍ମୃତ ବ୍ରତ**' କାହାଣୀ ସମ୍ପର୍କରେ ତାଙ୍କର ଅଭିମତ ଏହିପରି :

''ଏକ ମହତ୍ ଆତ୍ମା ପ୍ରତି ନିର୍ଦ୍ଦୟ ବ୍ୟବହାର ସେ ମହତ୍ ବ୍ୟକ୍ତିଙ୍କୁ କଷ୍ଟ ଦେଇ ନପାରେ – ସେ ନିଜକୁ ନିରାସକ୍ତ ରଖିପାରିବା ଯୋଗୁଁ କିଂବା ତାଙ୍କ ଭାଗ୍ୟର ବିଧାନ ଭିତରେ ତାଙ୍କରି ପ୍ରତି ମଙ୍ଗଳପ୍ରଦ କୌଣସି କର୍ମ ତା' ଦ୍ୱାରା ସାଧିତ ହୋଇଯିବା ଯୋଗୁଁ । ଏହାର ଅର୍ଥ ନୁହେଁ ଯେ ମନ୍ଦ ଲୋକଙ୍କ ଦ୍ୱାରା ଭଲ ଲୋକ ପ୍ରପୀଡ଼ିତ ହୁଅନ୍ତି ନାହିଁ ।''

(ତତ୍ରୈବ : ପୃଷ୍ଠା : ୩୩୫)

''ପରମେଶ୍ୱର କହିଲେ ଆମେ କ'ଣ ବୁଝିବା ? ସେ ହେଉଛନ୍ତି ଜଣେ ଶାଶ୍ୱତ ଶିଶୁ, ଯିଏକି ଶାଶ୍ୱତ ଉଦ୍ୟାନଟିରେ ଏକ ଶାଶ୍ୱତ କ୍ରୀଡ଼ାରେ ମଗ୍ନ ହୋଇ ରହିଛନ୍ତି ।''

– ଶ୍ରୀଅରବିନ୍ଦ

# ମହାରାଜ ଅମ୍ବରୀଷ

## ବନମାଳୀ ଆଚାର୍ଯ୍ୟ

ପୁରାଣ ଆମ ଆଦି ସଂସ୍କୃତିର କଥା କହେ । ସେଥିରେ ଯେଉଁ ପ୍ରତୀକାତ୍ମକ ସତ୍ୟ ନିହିତ ଥାଏ, ତାହା ବ୍ୟକ୍ତି ଜୀବନକୁ ସତ୍ୟମାର୍ଗରେ ପରିଚାଳିତ କରେ । ଆଧ୍ୟାତ୍ମିକତା ଅନୁଭବ କ୍ଷେତ୍ରରେ ଆଗକୁ ବଢ଼ିବାର ପ୍ରେରଣା ଦିଏ । ଚେତନାର ଏକ ଆଲୋକସ୍ତମ୍ଭ ହୋଇ ବିଶ୍ୱାସ ଓ ଭକ୍ତିଭାବକୁ ଜାଗ୍ରତ୍ କରାଏ । ସାଧନା ପଥରେ ସହାୟକ ହୁଏ । ମହାରାଜ ଅମ୍ବରୀଷ ଜଣେ ମହାନ୍ ପୌରାଣିକ ଚରିତ୍ର । ସେ ଥିଲେ ଭଗବାନ୍ ଶ୍ରୀବିଷ୍ଣୁଙ୍କର ଜଣେ ଏକନିଷ୍ଠ ଉପାସକ ଓ ଭକ୍ତ । ଭାଗବତ ସେବା ଓ ସତ୍ୟାନୁସରଣ ତାଙ୍କ ଜୀବନର ବ୍ରତ ଥିଲା । ସେ ଇକ୍ଷ୍ୱାକୁ ରାଜବଂଶରେ ଜନ୍ମଗ୍ରହଣ କରିଥିଲେ । ପରବର୍ତ୍ତୀ କାଳରେ ତ୍ରେତୟାଯୁଗରେ ସେହି ରାଜବଂଶରେ ଭଗବାନ୍ ଶ୍ରୀବିଷ୍ଣୁଙ୍କର ଅବତାର ପ୍ରଭୁ ଶ୍ରୀରାମଙ୍କର ଜନ୍ମ ହୋଇଥିଲା । କଥିତ ଅଛି ଯେ ମହାରାଜ ଅମ୍ବରୀଷ ସପ୍ତଦ୍ୱୀପବତୀ ପୃଥିବୀର ନରପତି ଥିଲେ । ତାଙ୍କ ସେବା ଓ ଭକ୍ତିରେ ସନ୍ତୁଷ୍ଟ ହୋଇ ଭଗବାନ୍ ଶ୍ରୀବିଷ୍ଣୁ ତାଙ୍କର ସୁରକ୍ଷା ସକାଶେ ନିଜର ଅତିପ୍ରିୟ ସୁଦର୍ଶନ ଚକ୍ରକୁ ନିଯୁକ୍ତ କରିଥିଲେ । ମହାରାଜ ସେହି ଦିବ୍ୟାସ୍ତ୍ରର ଯଥାବିଧି ପୂଜାର୍ଚ୍ଚନା କରୁଥିଲେ । ଦିବ୍ୟାସ୍ତ୍ରର ଉପସ୍ଥିତି ଓ ତାହା ଦୃଷ୍ଟିଭିତରେ ରହିଥିବା କାରଣରୁ ରାଜାଙ୍କର ଆନ୍ତର ସାଧନାରେ ଅଗ୍ରଗତି ହେଉଥିଲା । ଭୂମଣ୍ଡଳର ଏକଚ୍ଛତ୍ର ଅଧୀଶ୍ୱର ହୋଇଥିଲେ ମଧ୍ୟ ତାଙ୍କ ମନରେ ଲେଶମାତ୍ର ଅହଂଭାବ ନଥିଲା । ତାଙ୍କ ହୃଦୟରେ ନିବାସ କରିଥିଲା ପ୍ରଭୁ ଭକ୍ତି । ତେଣୁ ବ୍ୟାସଦେବ ତାଙ୍କ ପାଇଁ 'ମହାଭାଗ' ଶବ୍ଦଟି ପ୍ରୟୋଗ କରି ତାଙ୍କ ମହାନ୍ ବ୍ୟକ୍ତିତ୍ୱର ପରିଚୟ ଦେଇ ସାରିଛନ୍ତି । ସମସ୍ତ ବସ୍ତୁ ଓ ଜୀବ ମଧ୍ୟରେ ସେ କରୁଣାମୟ ଭଗବାନ୍ ଶ୍ରୀବିଷ୍ଣୁଙ୍କ ଉପସ୍ଥିତିକୁ ଅନୁଭବ କରୁଥିଲେ । ସର୍ବତ୍ର ଏକ ଆତ୍ମାଙ୍କୁ ଦର୍ଶନ କରୁଥିଲେ । ତାଙ୍କ ବ୍ୟକ୍ତିତ୍ୱର ସୂଚନା ତାଙ୍କ ନାମରୁ ମିଳୁଥିଲା ଯାହାର ଅର୍ଥ ଥିଲା 'ସାରା ଆକାଶର ରାଜା' ।

ଋଷି ଦୁର୍ବାସା ତ୍ରିକାଳଦର୍ଶୀ ଥିଲେ । ସେ ଥିଲେ ମହର୍ଷି ଅତ୍ରୀ ଓ ଅନସୂୟାଙ୍କ ପୁତ୍ର । ସାଧାରଣଭାବେ ଏହା ବିଶ୍ୱାସ କରାଯାଉଥିଲା ଯେ ଭଗବାନ୍ ଶିବଙ୍କ କ୍ରୋଧରୁ ତାଙ୍କର ଜନ୍ମ ଏବଂ ସେ ତାଙ୍କର ଅବତାର ଥିଲେ । ମାତ୍ର ଦୁର୍ବାସା ମୁନିଙ୍କର ବ୍ୟକ୍ତିତ୍ୱରେ ଗୋଟିଏ ତ୍ରୁଟି ଥିଲା । ବେଳେବେଳେ ସେ ଭୟଙ୍କର ଭାବରେ କ୍ରୋଧ ପ୍ରକାଶ କରୁଥିଲେ ଓ ଅଭିଶାପ ଦେଉଥିଲେ । ଅଧିକ ସନ୍ତୁଷ୍ଟ ହେଲେ ଲୋକମାନଙ୍କୁ ଆଶୀର୍ବାଦ ଦେଉଥିଲେ । ତାଙ୍କ ଆଶୀର୍ବାଦରେ ଜ୍ଞାନ ଓ ଐଶ୍ୱର୍ଯ୍ୟ ଲାଭ କରି ବ୍ୟକ୍ତିର ଭାଗ୍ୟ ବଦଳି ଯାଉଥିଲା । ତପଃଶକ୍ତି ବଳରେ ସେ ତ୍ରିଲୋକ ଗମନ କରିପାରୁଥିଲେ । ତାଙ୍କର ବହୁ ଅନୁଗତ ଶିଷ୍ୟ ଥିଲେ । ଦିନେ ସେ ଦେବର୍ଷି ନାରଦଙ୍କ ସହ ଆଳାପ କରୁଥିଲେ । କଥାଛଳରେ ନାରଦ ତାଙ୍କୁ ମହାରାଜ ଅମ୍ବରୀଷଙ୍କ ମହାନତା ବିଷୟରେ କହିଲେ ଏବଂ ତାଙ୍କର ଭକ୍ତିଭାବ ଓ ଆଚରଣର ଉଚ୍ଚ ପ୍ରଶଂସା କଲେ । ମାତ୍ର ଦୁର୍ବାସା ମୁନି ନାରଦଙ୍କ କଥାକୁ ଗ୍ରହଣ କରିପାରିଲେ ନାହିଁ । ତାଙ୍କ ମନରେ ରାଜା ଅମ୍ବରୀଷଙ୍କ ପ୍ରତି ଈର୍ଷା ସୃଷ୍ଟି ହେଲା । ଦିନେ ସେ ରାଜା ଅମ୍ବରୀଷଙ୍କ ରାଜଧାନୀକୁ ଗମନ କଲେ । ପ୍ରଜାଗଣ ରାଜାଙ୍କର ଗୁଣଗାନ କରୁଥିବାର ଶୁଣି ସେ ଅସହିଷ୍ଣୁ ହୋଇ ପଡ଼ିଲେ । ସମସ୍ତକିଛି ତାଙ୍କୁ ଅସହ୍ୟ ବୋଧହେଲା । ସେ ନିଜେ ଯାଇ ରାଜାଙ୍କର ମହାନତାର ପରୀକ୍ଷା ନେବେ ଭାବି ନିଜକୁ ଶାନ୍ତ କଲେ ।

ପରମଭକ୍ତ ରାଜା ଅମ୍ବରୀଷ ରାଜକାର୍ଯ୍ୟ ଓ ଭଗବାନ୍ ଶ୍ରୀବିଷ୍ଣୁଙ୍କ ପୂଜା ଓ ଆରାଧନାରେ ଦିନ ବିତାଉ ଥିଲେ । ବିଶ୍ୱକଲ୍ୟାଣ ଓ ପ୍ରଜାମାନଙ୍କର ମଙ୍ଗଳ ପାଇଁ ପ୍ରାର୍ଥନା କରୁଥିଲେ । ଶ୍ରୀବିଷ୍ଣୁଙ୍କ ପ୍ରସନ୍ନତା ପାଇଁ ସେ ସପତ୍ନୀକ ଏକାଦଶୀବ୍ରତ ପାଳନ କରୁଥିଲେ । ଥରେ ସେ ବର୍ଷଭରି ଏକାଦଶୀ ବ୍ରତ ପାଳନ କରିବାର ସଙ୍କଳ୍ପ ନେଲେ । ବ୍ରତର ନିୟମ ମାନି ଏକାଦଶୀ ଦିନ ନିର୍ଜଳା ଉପବାସ କରୁଥିଲେ । ଦ୍ୱାଦଶୀ ଦିନ ନିର୍ଦ୍ଦିଷ୍ଟ ସମୟ ଭିତରେ ଶ୍ରୀବିଷ୍ଣୁଙ୍କ ପୂଜାର୍ଚ୍ଚନା ସମାପନ କରୁଥିଲେ । ଅତିଥି ଓ ବ୍ରାହ୍ମଣମାନଙ୍କୁ ଭକ୍ତି ଓ ସମ୍ମାନର ସହ ଭୋଜନ ଦେଉଥିଲେ । ତା'ପରେ ଭୋଗ ଗ୍ରହଣ କରି ବ୍ରତ ପାରଣା କରୁଥିଲେ । ଏହିପରି ଭାବେ ବର୍ଷର ଏକାଦଶୀ ଦିନ ଅଖଣ୍ଡବ୍ରତ ପାଳନ କରିବା ପରେ କାର୍ତ୍ତିକ ଶୁକ୍ଳପକ୍ଷ ପ୍ରବୋଧନୀ ଏକାଦଶୀ ଦିନ ନିର୍ଜଳାବ୍ରତ କରି ବିଧିବିଧାନ ସହ ରାତ୍ରି ଜାଗରଣ କଲେ । ଦ୍ୱାଦଶୀ ଦିନ ପୂଜାପାଠ ସାରି ଅତିଥି ଓ ବ୍ରାହ୍ମଣମାନଙ୍କର ଯଥାବିଧି ସତ୍କାର କଲେ ।

ତା'ପରେ ବ୍ରତ ପାରଣା ପାଇଁ ସ୍ୱୟଂ ବିରାଜମାନ ହେଲେ । ଠିକ୍ ସେହି ସମୟରେ ଋଷି ଦୁର୍ବାସା ନିଜର ଶିଷ୍ୟମାନଙ୍କ ସହ ମହାରାଜଙ୍କ ନିକଟରେ ଉପସ୍ଥିତ ହେଲେ । ମହାରାଜ ଆସନ ତ୍ୟାଗ କରି ଋଷିଙ୍କୁ ପ୍ରଣାମ କଲେ ଏବଂ ଯଥୋଚିତ ସମ୍ମାନର ସହ ସମସ୍ତଙ୍କୁ ଭୋଜନ ପାଇଁ ନିମନ୍ତ୍ରଣ କଲେ ।

ଦୁର୍ବାସା ମୁନି ମହାରାଜଙ୍କ ନିମନ୍ତ୍ରଣକୁ ସ୍ୱୀକାର କଲେ । ତା'ପରେ ନଦୀରେ ସ୍ନାନ କାର୍ଯ୍ୟ ସମାପନ କରିବା ଉଦ୍ଦେଶ୍ୟରେ ଶିଷ୍ୟମାନଙ୍କ ସହ ବାହାରି ଗଲେ । ରାଜାଙ୍କୁ ପରୀକ୍ଷା କରିବା ପାଇଁ ସେ ସେଠାରେ ଜାଣିଶୁଣି ବିଳମ୍ବ କଲେ । ରାଜା ଋଷିଙ୍କର ଫେରିବା ବାଟକୁ ଚାହିଁ ରହିଲେ । ଦ୍ୱାଦଶୀର ବ୍ରତ ପାରଣା ସମୟ ଗଡ଼ି ଯାଉଥିଲା । ଋଷିଙ୍କୁ ଭୋଜନ ଦାନ ନକରି ସେ କିପରି ନିଜେ ଭୋଜନ କରି ବ୍ରତର ପାରଣା କରିବେ ? ଶେଷରେ ବ୍ରତର ମର୍ଯ୍ୟାଦା ରକ୍ଷା କରିବାକୁ ଯାଇ ବିଦ୍ୱାନ୍ ବ୍ରାହ୍ମଣମାନଙ୍କର ପରାମର୍ଶ କ୍ରମେ ସେ ଶ୍ରୀବିଷ୍ଣୁଙ୍କ ଚରଣାମୃତ ଜଳ ଓ ତୁଳସୀ ସେବନ କଲେ ଓ ବ୍ରତ ପାରଣା କଲେ । ଜଳ ଓ ତୁଳସୀ ସେବନ କରିବା ଦ୍ୱାରା ତାଙ୍କର ବ୍ରତ ସମ୍ପୂର୍ଣ୍ଣ ହେଲା । ଏହା ବ୍ୟତୀତ ସେପରି କରିବା ଦ୍ୱାରା କୌଣସି ଭୋଜନ କାର୍ଯ୍ୟ ହୋଇ ନଥିବାରୁ ସେ ଋଷିଙ୍କ ଠାରେ ଦ୍ରୋହୀ ହେଲେ ନାହିଁ । ତ୍ରିକାଳଦର୍ଶୀ ଋଷି ଏକଥା ଜାଣି ପାରିଲେ । ଏପରି କିଛି କରିବା ଦ୍ୱାରା ରାଜା ତାଙ୍କ ପ୍ରତି ବଡ଼ ଅପରାଧ କରିଛନ୍ତି ବୋଲି ତାଙ୍କର ମନେ ହେଲା । ସେ ହଠାତ୍ କ୍ରୋଧାନ୍ୱିତ ହୋଇ ପଡ଼ିଲେ ଏବଂ ତାଙ୍କୁ ଦଣ୍ଡିତ କରିବାକୁ ବାହାରି ପଡ଼ିଲେ । ପ୍ରଚଣ୍ଡ କ୍ରୋଧରେ ଅସ୍ଥିର ଋଷି ରାଜାଙ୍କ ସମ୍ମୁଖରେ ଉପସ୍ଥିତ ହେଲେ ଏବଂ ଗାଳିବର୍ଷଣ କଲେ । ସେ କାହାରି କଥା ଶୁଣିଲେ ନାହିଁ । ନିଜ କେଶରୁ ଏକ କୃତ୍ୟା ସୃଷ୍ଟି କରି ରାଜାଙ୍କୁ ନିଧନ କରିବାକୁ ପ୍ରେରଣ କଲେ । କୃତ୍ୟା ଏକ ଦାନବୀୟ ସତ୍ତା ଯାହାର ଆକ୍ରମଣରୁ ବର୍ତ୍ତିବା ଅସମ୍ଭବ । ବିକଟାଳ ରୂପ କରି କୃତ୍ୟା ରାଜାଙ୍କର କ୍ଷତି କରିବାକୁ ଆଗେଇ ଆସିଲା । ରାଜା କିନ୍ତୁ ସ୍ଥିର ଓ ଗମ୍ଭୀର ଭାବରେ ହାତଯୋଡ଼ି ଠିଆ ହୋଇଥିଲେ । ତାଙ୍କ ଭିତରେ କୌଣସି ପ୍ରତିକ୍ରିୟା ନଥିଲା । ବରଂ ସେ ମନେ ମନେ ଭାବୁଥିଲେ, – ''ମୋର ତ୍ରୁଟି ଯୋଗୁଁ ଋଷିଙ୍କ ମନରେ କ୍ରୋଧ ଜାତ ହେଲା । ମୁଁ ଅପରାଧୀ । ଏଥିପାଇଁ ମୋତେ ଦଣ୍ଡ ମିଳିବା ଦରକାର । ଏହି କୃତ୍ୟା ମୋତେ ବିନାଶ କଲେ ଋଷିଙ୍କ ମନ ଶାନ୍ତ ହେବ । ମୋ ଭୁଲ୍‌ର ମଧ୍ୟ ପ୍ରାୟଶ୍ଚିତ ହେବ ।'' ପ୍ରକୃତରେ ରାଜା ଅମ୍ବରୀଷଙ୍କର କୌଣସି ଦୋଷ ନଥିଲା । ଦୁର୍ବାସା ମୁନିଙ୍କର ଈର୍ଷା, କ୍ରୋଧ ଓ ଅହଂକାର ସବୁ ଅନର୍ଥର କାରଣ ଥିଲା । ସରଳ ମନରେ ରାଜା ତାହା ଜାଣି ପାରିଲେ ନାହିଁ ।

ରାଜାଙ୍କ ନିରାପତ୍ତା ଉପରେ ଦୃଷ୍ଟି ରଖିଥିବା ସୁଦର୍ଶନ ଚକ୍ର ଅବିଳମ୍ବେ କୃତ୍ୟାକୁ ଆକ୍ରମଣ କଲା ଏବଂ ନିମିଷକରେ ଧ୍ୱଂସ କରିଦେଲା । ତା'ପରେ ଋଷିଙ୍କ ଆଡ଼କୁ ଅଗ୍ରସର ହେଲା । ଅପ୍ରତ୍ୟାଶିତ ଆକ୍ରମଣରେ ବିବ୍ରତ ଋଷି ନିଜକୁ ରକ୍ଷା କରିବା ପାଇଁ ଭୟରେ ସେ ସ୍ଥାନ ଛାଡ଼ି ପଳାୟନ କଲେ । ମାତ୍ର ସୁଦର୍ଶନର ଦୃଷ୍ଟି ସମକ୍ଷରୁ ନିଜକୁ କୌଣସି ସ୍ଥାନରେ ଲୁଚାଇ ରଖି ପାରିଲେ ନାହିଁ । ଅର୍ଦ୍ଧଦଗ୍ଧ ଅବସ୍ଥାରେ ମୁନି ପ୍ରାଣ ବିକଳରେ ବ୍ରହ୍ମଲୋକକୁ ଗମନ କଲେ । ବ୍ରହ୍ମଦେବଙ୍କ ଦ୍ୱାରସ୍ଥ ହୋଇ ଜୀବନରକ୍ଷା ସକାଶେ ପ୍ରାର୍ଥନା କଲେ । ବ୍ରହ୍ମଦେବ ଋଷି ଦୁର୍ବାସାଙ୍କୁ କହିଲେ,– ''ବତ୍ସ ଦୁର୍ବାସା ! ଶ୍ରୀବିଷ୍ଣୁଙ୍କ ଭକ୍ତ ପ୍ରତି ଦ୍ରୋହ ଆଚରଣ କରିଥିବା ଅପରାଧୀକୁ ମୁଁ ସୁରକ୍ଷା ଦେଇପାରିବି ନାହିଁ । ସେ ସାମର୍ଥ୍ୟ ମୋର ନାହିଁ । ମୁଁ ତୁମକୁ ସାହାଯ୍ୟ କରି ପାରିବି ନାହିଁ ।'' ଏହା ପରେ ମୁନି କୈଳାସରେ ପହଞ୍ଚିଲେ ଏବଂ ଭଗବାନ୍ ସଦାଶିବଙ୍କୁ ପ୍ରାଣରକ୍ଷା ପାଇଁ ନିବେଦନ କଲେ । ମାତ୍ର ସେଠାରେ ବି ତାଙ୍କୁ ନିରାଶ ହେବାକୁ ପଡ଼ିଲା । କୈଳାସ ଛାଡ଼ି ସେ ବୈକୁଣ୍ଠଧାମକୁ ଗଲେ । ଭଗବାନ୍ ଶ୍ରୀବିଷ୍ଣୁ ତାଙ୍କୁ ସହାସ୍ୟ ବଦନରେ ଓ କୋମଳ ସ୍ୱରରେ କହିଲେ, ''ମୁଁ ଭକ୍ତର ଅଧୀନ । ରାଜା ଅମ୍ବରୀଷ ମୋର ଅତିପ୍ରିୟ ଭକ୍ତ । ସୁଦର୍ଶନ ମୋର ଆଜ୍ଞାନୁବର୍ତ୍ତୀ, ରାଜା ଅମ୍ବରୀଷଙ୍କ ସୁରକ୍ଷା ଦାୟିତ୍ୱରେ ଅଛି । ତୁମେ ଅମ୍ବରୀଷଙ୍କ ପ୍ରତି ଘୋର ଅନ୍ୟାୟ କରିଛ । ଈର୍ଷାରେ ତାଙ୍କୁ ଚିହ୍ନି ନପାରି ଅପରାଧୀ ସଜାଇଛ । କୃତ୍ୟା ପ୍ରେରଣ କରି ତାଙ୍କର ସର୍ବନାଶ କାମନା କରିଛ । ତାଙ୍କ ପାଦତଳେ ପଡ଼ି କ୍ଷମାଭିକ୍ଷା କଲେ ବି ତୁମ ପାପର ପ୍ରାୟଶ୍ଚିତ ହେବ ନାହିଁ । କେବଳ ତାଙ୍କର ଉଦାର ହୃଦୟ ତୁମକୁ ରକ୍ଷା କରିପାରେ ।''

ଗଭୀରଭାବେ ଅନୁତପ୍ତ ଦୁର୍ବାସା ମୁନି କରିଥିବା ଭୁଲ୍ ପାଇଁ ଭକ୍ତ ଅମ୍ବରୀଷଙ୍କ ପାଦତଳେ ପଡ଼ି କ୍ଷମାଭିକ୍ଷା କଲେ । ଋଷିଙ୍କର ଏପରି ଆଚରଣରେ ମହାରାଜ ଅମ୍ବରୀଷ ଲଜ୍ଜିତ ଅନୁଭବ କଲେ । ତାଙ୍କ ନୟନଯୁଗଳରୁ ଲୋତକଧାର ଗଡ଼ି ଆସିଲା । ସେ ଋଷିଙ୍କୁ ସମ୍ମାନର ସହ ନିଜ ଆସନରେ ବସାଇ ତାଙ୍କର ପାଦପୂଜା କଲେ । ଋଷିଙ୍କର ଦୁଇହାତ ଆଶୀର୍ବାଦ ଦେବା ମୁଦ୍ରାରେ ମହାରାଜଙ୍କ ମସ୍ତକ ଉପରକୁ ଲମ୍ବି ଆସୁଥିଲା ।

ତାଙ୍କ ଚକ୍ଷୁରେ କ୍ରୋଧଭାବ ନଥିଲା, ସେଥିରୁ ସ୍ୱର୍ଗୀୟ କରୁଣାର ବାରି ଯେପରି ବର୍ଷା ହେଉଥିଲା !

ରାଜାଙ୍କର ଆନ୍ତରିକ ପ୍ରାର୍ଥନା ସୁଦର୍ଶନ ଚକ୍ରକୁ ଶାନ୍ତ ଓ ସ୍ଥିର କରି ପାରିଥିଲା ।

କାହାଣୀରେ ଭକ୍ତିଭାବର ଉତ୍କର୍ଷ ବର୍ଣ୍ଣିତ ହୋଇଛି । ରାଜା ଅମ୍ବରୀଷଙ୍କର ଭଗବାନ୍ ଶ୍ରୀବିଷ୍ଣୁଙ୍କ ପ୍ରତି ଆନ୍ତରିକ ଭକ୍ତି, ନିଷ୍ଠା ଓ ଆତ୍ମନିବେଦନ ତାଙ୍କ ଅହଂଶୂନ୍ୟ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱର ଆଧାର ଥିଲା । ସମସ୍ତ ପ୍ରକାର ବାସନା, ଆସକ୍ତି ଓ ମୋହରୁ ସେ ମୁକ୍ତ ଥିଲେ । ସର୍ବତ୍ର ସେ ଭଗବାନ୍ ଶ୍ରୀବିଷ୍ଣୁଙ୍କୁ ଦର୍ଶନ କରୁଥିଲେ ଏବଂ ତାଙ୍କର ମହିମମୟ ଦିବ୍ୟ ଉପସ୍ଥିତିକୁ ଅନୁଭବ କରୁଥିଲେ । ଋଷି ଦୁର୍ବାସାଙ୍କର ପ୍ରଚଣ୍ଡ କ୍ରୋଧ ସମକ୍ଷରେ ବି ସେ ଶାନ୍ତ ଥିଲେ । ଏସବୁ ଆତ୍ମାର ସମତା ଗୁଣକୁ ବୁଝାଉଛି ।

ପୂର୍ଣ୍ଣଯୋଗରେ ପରମପ୍ରଭୁ ଶ୍ରୀଅରବିନ୍ଦ ଓ ଦିବ୍ୟଜନନୀ ଶ୍ରୀମା ସମତା ଓ ତା'ର ଉପଲବ୍ଧି ବିଷୟରେ କହିଛନ୍ତି । ରୂପାନ୍ତର ସକାଶେ ଏହା ଅପରିହାର୍ଯ୍ୟ । ପ୍ରଭୁ ଶ୍ରୀଅରବିନ୍ଦ ଯୋଗ-ପତ୍ରାବଳିର ଦ୍ୱିତୀୟ ଖଣ୍ଡରେ ଉଲ୍ଲେଖ କରିଛନ୍ତି, ''ସମତା ବ୍ୟତିରେକେ ସାଧନାର ଭିତ୍ତିଭୂମି ଦୃଢ଼ ହୋଇ ପାରିବ ନାହିଁ । ପରିସ୍ଥିତି ଯେତେ ଖରାପ ହେଉ, ଅନ୍ୟମାନଙ୍କର ଆଚରଣ ଯେତେ କଷ୍ଟଦାୟକ ହେଉ, ତୁମେ ସେସବୁକୁ ଶାନ୍ତ ଭାବରେ ଗ୍ରହଣ କରିନେବାକୁ ଶିଖିବା ଉଚିତ । ତୁମେ ଆଦୌ ପ୍ରତିକ୍ରିୟାଶୀଳ ହେବ ନାହିଁ । ଏ ସମସ୍ତ କିଛି ସମତାର ପରୀକ୍ଷା । ...'' ❑

## ଅପମାନ ଆଗରେ ନିଶ୍ଚଳ ରୁହ

ମନେକର କେହି ଜଣେ ତୁମକୁ ଅପମାନିତ କରୁଛି; ଯଦି ଏହି ଅବସ୍ଥାରେ ତୁମେ ନିଶ୍ଚଳ ହୋଇ ରହିବ, (କେବଳ ବାହ୍ୟତଃ ନୁହେଁ, ଭିତରେ ମଧ୍ୟ) ଆଦୌ ହଲଚଲ ହେବ ନାହିଁ, କେଉଁ ଭାବରେ ବି ବିଚଳିତ ହେବ ନାହିଁ, ସେତେବେଳେ ତୁମେ ଏକ ଶକ୍ତିରେ ପରିଣତ ହୋଇଗଲ, ସେହି ଶକ୍ତି ବିରୋଧରେ କେହି କିଛି କରିପାରିବେ ନାହିଁ । ତା'ପରେ ତୁମେ କିଛି ମଧ୍ୟ ଉତ୍ତର ଦିଅ ନାହିଁ, କିଛିମାତ୍ର ପ୍ରତିକ୍ରିୟାର ଭାବଭଙ୍ଗୀ ଦେଖାଅ ନାହିଁ, ଗୋଟାଏ ଶବ୍ଦ ବି ଉଚ୍ଚାରଣ କର ନାହିଁ । ଏବେ ତୁମ ଉପରକୁ ଯେଉଁ ଅପମାନ ନିକ୍ଷିପ୍ତ କରାହେଲା, ତାହା ତୁମକୁ ଆଦୌ ସ୍ପର୍ଶ ବି କରୁ ନାହିଁ – ଭିତରେ କରୁ ନାହିଁ କି ବାହାରେ ବି କରୁ ନାହିଁ – ତୁମେ ତୁମର ହୃତ୍-ସ୍ପନ୍ଦନକୁ ପ୍ରଶାନ୍ତ ରଖ, ତୁମ ମୁଣ୍ଡ ଭିତରେ ଯାହାକିଛି ଚିନ୍ତା ବା ଭାବନା ଆସୁଥାଏ, ସେଗୁଡ଼ିକୁ ନିଶ୍ଚଳ ଓ ଶାନ୍ତ ରଖ, ସେଗୁଡ଼ିକୁ ଆଦୌ ଆନ୍ଦୋଳିତ କର ନାହିଁ, ତୁମର ମୁଣ୍ଡ ଭିତରୁ ଯେପରି ତଦ୍ରୂପ ସ୍ପନ୍ଦନସବୁ ପ୍ରତ୍ୟୁତ୍ତର ସ୍ୱରୂପ ସୃଷ୍ଟି ନ ହୁଏ । ଏବଂ ତୁମର ସ୍ନାୟୁଗୁଡ଼ିକ ଯେପରି ସମାନ ପ୍ରତ୍ୟୁତ୍ତର ସ୍ୱରୂପ କିଛି ଆଘାତ ଦେବା ଲାଗି ଉନ୍ମୁଖ ହୋଇ ନ ଉଠନ୍ତି, ଯଦି ତୁମେ ଏପରି ରହି-ପାରିବ, ତା'ହେଲେ ଜଣାଯିବ ଯେ ତୁମର ଧୃତିଶକ୍ତି ରହିଛି ବା ଅପ୍ରତିହତ କ୍ଷମତା ରହିଛି । ଏବଂ ମନେରଖ, ଏହି ଶକ୍ତିର କ୍ଷମତା, ଅପମାନକୁ ଅପମାନ ଦେଇ ଶୁଝାଇ ଦେବାର ଶକ୍ତିର କ୍ଷମତାଠାରୁ ନିଶ୍ଚୟ ବହୁ ପରିମାଣରେ ଅଧିକ । ଆଘାତକୁ ଆଘାତ ଦେବାର ଶକ୍ତିଠାରୁ ଏବଂ ବିଦ୍ରୋହକୁ ବିଦ୍ରୋହ ଦ୍ୱାରା ସାବାଡ଼ କରିଦେବାର ଶକ୍ତିଠାରୁ ମଧ୍ୟ ଏହା ନିଶ୍ଚୟ ଖୁବ୍ ଅଧିକ ।

– ଶ୍ରୀମା

# କୁହୁକ-ବର୍ଗରେ ୨୦୨୫

## ଧର୍ମକୁମାର ଶତପଥି

ଜାନୁଆରୀ ୨୬ ତାରିଖ, ରବିବାର । ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଭୋର ୫ଟାରୁ ପ୍ରଭାତ ପ୍ରଦକ୍ଷିଣ ଠାରୁ ବିଦ୍ୟାଳୟରେ ପତାକା ଉତ୍ତୋଳନ ତଥା ଚିରାଚରିତ ଜାତୀୟ ଦିବସ ପାଳନ କରି ମୁଁ ଢେର୍ ହାଲିଆ ହୋଇ ଘରକୁ ଫେରିଲି । ହାତ ଗୋଡ଼ ଧୋଇ ବିଶ୍ରାମ ନେଲି । ଆଜିର ଏମିତି ଏକ ବ୍ୟସ୍ତବହୁଳ ଅବସର ସମୟ କିପରି ଚାଲିଗଲା, ଜଣା ପଡ଼ିଲା ନାହିଁ । ଏବେ ସମୟ ୩ଟାରୁ ଉତ୍ତୀର୍ଣ୍ଣ ହୋଇ ଗଲାଣି । ସନ୍ଧ୍ୟାରେ ପୁଣି ଟାଉନ୍‌ହଲରେ ବରିଷ୍ଠ ନାଗରିକମାନଙ୍କର ଏକ ସଭା ଅଛି । ଉକ୍ତ ସଭାରେ ମୋତେ ଉପସ୍ଥିତ ରହି ସଭା ପରିଚାଳନା କରିବାକୁ ହେବ । ''ଓଃ ! ଆଗକୁ ପଡ଼ିଛି ପଥ ବହୁଦୂର, ଆହୁରି କେତେ ଯେ ବାକି... !'' ଏକ ଦୀର୍ଘଶ୍ୱାସ !

ପଙ୍ଖା ଚଳାଇ ଚିତ୍ ହୋଇ ମୁଁ କେତେ କ'ଣ କଥା ଭାବି ହେଉଛି । ଝିଅ ଆମର କୁଆଡୁ ଆସି ଅତ୍ୟନ୍ତ ଆନନ୍ଦ ଗଦ୍‌ଗଦ ହୋଇ କହିଲା, ''ବାପା, ଆଜି ମୁଁ ତର୍କ ପ୍ରତିଯୋଗିତା ଓ ଦେଶାତ୍ମବୋଧକ ସଙ୍ଗୀତ ଆବୃତ୍ତିରେ ପ୍ରଥମ ସ୍ଥାନ ଅଧିକାର କରି ମୁଖ୍ୟ ଅତିଥିଙ୍କ ଠାରୁ ପୁରସ୍କାର ପାଇଛି । ଏଇ ଦେଖ !'' ସିଏ ସିଧା ଆସି ମୋ ଆଗରେ ହାଜର । ମୁଁ ଦେଖିଲି ସୁନ୍ଦର cursive style ଅକ୍ଷରରେ ତା' ନାଁ ଲେଖା ଯାଇଛି ସାର୍ଟିଫିକେଟରେ । ଅକ୍ଷର ତ ନୁହେଁ, ଧାଡ଼ି ହୋଇ ଦଳେ ପକ୍ଷୀ ଏକାଥରକେ ଚିଲିକା ଜଳରୁ ଉଡ଼ି ଯାଉଛନ୍ତି କେଉଁ ଅଜଣା ଟାପୁ ଆଡ଼କୁ । ତା' ସହିତ ସୁନେଲି ରଙ୍ଗରେ ଚକଚକ କରୁଥିବା ଦୁଇଟି ଟ୍ରଫି । ଟ୍ରଫି ତ ନୁହେଁ ''ଝିଅ ପାଇଁ, ସରଗ ଚାନ୍ଦ ପଡ଼ିଛି ଖସି ସତେ କି ତା' ହାତେ !!'' ଝିଅର ଆନନ୍ଦ ଯେପରି ଆକାଶକୁ ଛୁଇଁବ ଛୁଇଁବ ହେଉଛି ! ''ଧନ୍ୟବାଦ ଝିଅ ! ତୁ ଆଜି ବହୁତ ଖୁସି ଅଛୁନା ?'' ମୁଁ କହିଲି । ସେ ଉତ୍ସାହିତ ହୋଇ ନାଚିଲା ପରି ଉତ୍ତର ଦେଲା, ''ହଁ, ବାପା ! ପୁରସ୍କାର ବିତରଣ ବେଳେ ଯେତେବେଳେ ତର୍କ ପ୍ରତିଯୋଗିତାରେ ମୋ ନାମ ପ୍ରଥମେ ଡକାଗଲା, ମୁଁ ମୋ କାନକୁ ସୁଦ୍ଧା ବିଶ୍ୱାସ କରି ପାରିଲି ନାହିଁ । କେମିତି କିପରି ମଞ୍ଚକୁ ଗଲି ଓ ପୁରସ୍କାର ଗ୍ରହଣ କଲି ତାହା ବି ମୁଁ ଜାଣି ପାରିଲି ନାହିଁ । ଆମ ବିଦ୍ୟାଳୟର ଛାତ୍ରୀମାନଙ୍କ କରତାଳି ଓ ସ୍ଲୋଗାନରେ ଉତ୍ସବ ସ୍ଥାନଟି କମ୍ପି ଉଠିଲା । ପୁଣି ଯେତେବେଳେ ସଙ୍ଗୀତରେ ମୋର ନାମ ସେଇ ପ୍ରଥମ ପୁରସ୍କାରରେ ଘୋଷଣା ହେଲା, ମୁଁ ବିଲକୁଲ ଜାଣି ପାରିଲି ନାହିଁ; ମୁଁ କ'ଣ ଶୁଣୁଛି, ମୁଁ କ'ଣ ଭାବୁଛି !'' – ସେ ଗୋଟିଏ ନିଃଶ୍ୱାସରେ କହିଗଲା, କରମଣ୍ଡଳ ଏକ୍ସପ୍ରେସ୍ ମାଡ଼ି ଚାଲିବା ପରି !

ମୁଁ ତା'ର ଆନନ୍ଦର ପରିପ୍ରକାଶକୁ ଦେଖି ଖୁବ୍ ସନ୍ତୋଷ ହେଲି । ତା' ଖୁସି ହେବାର ଆବେଗରେ ହଠାତ୍ ମୋ ମନକୁ ଏକ ଧାରଣା ଆସିଲା । ଖୁସି ସମୟରେ ଖୁସିର କଥା ପରଶିଲେ ଖୁସି ଦ୍ୱିଗୁଣିତ ହୋଇଥାଏ । ଏଇ ପରିପ୍ରେକ୍ଷୀରେ ଝିଅକୁ ଏକ ନିଆରା କୌତୁକ ଗଣିତ ପରଶି ଦେବା ! ଝିଅର ଆନନ୍ଦକୁ ବହୁଗୁଣିତ କରିଦେବା ! ପଚାରିଲି – ''ଝିଅ, ମୋ ପାଖରେ ଦୁଇଘଣ୍ଟା ସମୟ ଅଛି । ତେବେ ଏଇ ସମୟ ମଧ୍ୟରେ ଏକ କୌତୁକ ଗଣିତ କଥା ଆଲୋଚନା କରିବା ?'' ଝିଅର ଆଖି ଦୁଇଟି ବଡ଼ ବଡ଼ ହୋଇଗଲା । ମୁହଁଟି ଆହୁରି ଉଜ୍ଜ୍ୱଳ ଦେଖାଗଲା । କହିଲା, ''ହଁ, ବାପା ! କୌତୁକ ଗଣିତ ସବୁବେଳେ ଆନନ୍ଦ ଦେଇ ଆସୁଛି । କୁହ ! କୁହ ! ଗୋଟିଏ ସଂଖ୍ୟାର କୌତୁକ କଥା କୁହ ! ଆଜିର ଦିନଟି ସ୍ମରଣୀୟ ହୋଇ ରହିବ !'' ମୁଁ କହିଲି – ''ଯା', ତୋ' ଖାତା କଲମ ଆଣିବୁ । ମୁଁ ଏଇଠି ବସିଛି ।'' ସିଏ ତା'ର ଟ୍ରଫି ଓ ସାର୍ଟିଫିକେଟ୍ ଧରି ଚଟାପଟ୍ ଧାଇଁଗଲା । ଆଖି ପିଛୁଳାକେ ଖାତା କଲମ ଧରି ପୁଣି ହାଜର, ମୋ ପାଖରେ ।

ପଚାରିଲି – ''ଆଚ୍ଛା, ଝିଅ ! ତୁ କୁହୁକ ବର୍ଗ ବିଷୟରେ କ'ଣ ଜାଣୁ ?'' ଝିଅ କିଛି ଧରି ପାରିଲା ନାହିଁ । ସେ ଆକାଶରୁ ଖସିବା ପରି ଓଲଟି ପ୍ରଶ୍ନ କଲା, ''କୁହୁକ ବର୍ଗ କ'ଣ ବାପା ? ସେଥିରେ କି କୁହୁକ ଥାଏ ? ତାହା ସଂଖ୍ୟା ସମ୍ପର୍କିତ ନା ଅଲଗା କିଛି ? ମୋତେ ସେକଥା ମୋଟେ ଜଣା ନାହିଁ ।''

ମୁଁ ବୁଝାଇଲି – ''ଶୁଣ୍, ତା' ହେଲେ ! କୁହୁକ ବର୍ଗ ହେଉଛି ଏକ ବର୍ଗାକାର କ୍ଷେତ୍ର । ଏହା ୩ x ୩, ୪ x ୪, ୫ x ୫ ବା ଆହୁରି ବେଶୀ ବର୍ଗକ୍ଷେତ୍ର ବିଶିଷ୍ଟ ବୃହତ୍ ବର୍ଗକ୍ଷେତ୍ର । ୩ x ୩ କୁହୁକ ବର୍ଗରେ ୯ଟି ସଂଖ୍ୟା, ୪ x ୪ କୁହୁକ ବର୍ଗରେ ୧୬ଟି ସଂଖ୍ୟା, ୫ x ୫ କୁହୁକ ବର୍ଗରେ ୨୫ଟି ସଂଖ୍ୟା ଥାଏ । ଯହିଁରେ କ୍ରମିକ ସଂଖ୍ୟା ବା କ୍ରମିକ ହୋଇ ନଥିବା ସଂଖ୍ୟାମାନଙ୍କୁ ଏପରି ସ୍ଥାପନ କରାଯାଇଥାଏ, ଯେପରି ଉକ୍ତ ସଂଖ୍ୟାମାନଙ୍କର

ସମଷ୍ଟି ସ୍ତମ୍ଭ ଭାବରେ ହେଉ, ଧାଡ଼ି ଭାବରେ ହେଉ ଅଥବା କର୍ଣ୍ଣ ଭାବରେ ହେଉ, ସେଇ ଗୋଟିଏ ସଂଖ୍ୟା ହୋଇଥାଏ ।''

ଝିଅ ନୀରବ । ବାରଂବାର ବୁଝିବାକୁ ଚେଷ୍ଟା କରୁଛି, ମାତ୍ର କ'ଣ ସେ ଜିନିଷ ଜାଣିପାରୁ ନାହିଁ । ସତେ ଯେମିତି ସେ ଏକ ଅଦ୍ଭୁତ ଇଲାକାର ଅଦ୍ଭୁତ ଅଧିବାସୀ ପାଲଟି ଯାଇଛି । ''କ'ଣ କହିଲ, ବାପା ! ବୁଝି ପାରିଲି ନାହିଁ ! ଟିକେ ବୁଝାଇ ଏଇ କୁହୁକ ବର୍ଗ କଥା କହିବ !'' – ଝିଅ ଅନୁନୟ କଲା ।

ମୁଁ ତା' ମନରେ କେମିତି ଭାବରେ ଏ ଧାରଣାଟିକୁ ଦେଇ ପାରିବି ଚିନ୍ତା କଲି । ଯେହେତୁ ଝିଅ ପାଇଁ ଏ କୁହୁକ ବର୍ଗ ବିଷୟଟି ସମ୍ପୂର୍ଣ୍ଣ ଏକ ନୂଆ ବିଷୟ, ତେଣୁ ଏ ନୂଆ ବିଷୟକୁ ତା' ମୁଣ୍ଡରେ ପୂରାଇବା ପାଇଁ ଏକ ସହଜ ଓ ସରଳ ଉଦାହରଣଟିଏ ଭାବି ହେଲି । ଝିଅର ଆଖି ଦୁଇଟି ଖାତା ଉପରେ ଅଟକି ରହିଛି । ମୁଁ ତା'ର ଖାତା ଟାଣି ଆଣି ଏକ ୩ x ୩ ର ବର୍ଗ କ୍ଷେତ୍ର ଅଙ୍କନ କରିଦେଲି । ତା' ମଧ୍ୟରେ ୧ ରୁ ୯ ପର୍ଯ୍ୟନ୍ତ ସଂଖ୍ୟାକୁ ପ୍ରତ୍ୟେକ ବର୍ଗ କ୍ଷେତ୍ରରେ ଗୋଟିଏ ସଂଖ୍ୟା କରି ଲେଖିଦେଲି । କହିଲି – ''ଏଇ ପାର୍ଶ୍ୱରେ ଦିଆ ଯାଇଥିବା କୁହୁକ ବର୍ଗକୁ ଲକ୍ଷ୍ୟ କର । ଏଠାରେ ଛୋଟ ଛୋଟ ୯ଟି ବର୍ଗକ୍ଷେତ୍ର ଅଛି । ତା' ମଧ୍ୟରେ ୧ ରୁ ୯ ପର୍ଯ୍ୟନ୍ତ ସଂଖ୍ୟାକୁ ଥରେ ମାତ୍ର ବ୍ୟବହାର କରି ରଖା ଯାଇଛି । ତେବେ ଏହା ମଧ୍ୟରେ ସଂଖ୍ୟାମାନଙ୍କୁ ଏପରି ରଖା ଯାଇଛି ଯେ ପ୍ରତ୍ୟେକ ଧାଡ଼ି/ସ୍ତମ୍ଭ/କର୍ଣ୍ଣ ଦିଗରେ ଯେଉଁ ୩ଟି ସଂଖ୍ୟା ଅଛନ୍ତି, ସେମାନଙ୍କର ମିଶାଣଫଳ ଗୋଟିଏ ସଂଖ୍ୟାହିଁ ହେବ । ଏହାହିଁ କୁହୁକ ବର୍ଗରେ ସଂଖ୍ୟାର ସଜ୍ଜୀକରଣ, ସଂଖ୍ୟାର କୁହୁକ ! ବୁଝିଲୁ ?''

| | | |
|---|---|---|
| ୮ | ୧ | ୬ |
| ୩ | ୫ | ୭ |
| ୪ | ୯ | ୨ |

ଝିଅ ଯେମିତି ଏକ ସୁନ୍ଦର କୌଶଳ, ସଂଖ୍ୟାର ସଜ୍ଜୀକରଣର ଅଭିନବ ଢଙ୍ଗଟିଏ ପାଇଗଲା । ''ଆରେ ବାପ୍‌ରେ ! ଏମିତି କଥା । ବେଶ୍ କୌତୂହଳଭରା ! ଖୁବ୍ ମଜାଦାର ବି !'' ମନେ ମନେ ସିଏ ସ୍ତମ୍ଭ, ଧାଡ଼ି ଓ କର୍ଣ୍ଣର ସଂଖ୍ୟାମାନଙ୍କୁ ମିଶାଇଲା । ୮+୧+୬ = ୮+୩+୪ = ୪+୫+୬ = ୬+୭+୨ = ୨+୫+୮ = ୧୫ । ଏମିତି ପ୍ରତ୍ୟେକ ମିଶାଣଫଳ ୧୫ ହେଲା, ସେ ଜାଣିଲା । ତା'ର ଖୁସି ଦେଖେ କିଏ ! କହିଲା – ''ବାପା ! ଏଇ କୁହୁକ ବର୍ଗରେ ଏତେ ଯାଦୁ ! ଆମ ସାର୍ କିଂବା ଆମ ଶ୍ରେଣୀର କେହି ବି ଏକଥା ଜାଣିଥିବେ କି ନାହିଁ ସନ୍ଦେହ । କାଲି ଆମ ଶ୍ରେଣୀରେ ଏ ବିଷୟ କହି ସମସ୍ତଙ୍କୁ ଚମକାଇ ଦେବି ।''

ମୁଁ ନୀରବରେ ଝିଅର ପ୍ରତିକ୍ରିୟାକୁ ନିରେଖୁ ଥାଏ । କିଛି ସମୟ ଅତିକ୍ରାନ୍ତ ହୁଅନ୍ତେ ମୁଁ କହିଲି – ''ଏଥର ବୁଝିଲୁ ତ ! କୁହୁକ ବର୍ଗର କୁହୁକ ଗୁଣ କେତେ କୁହୁକରେ ଭରା ! ଏହାକୁ ମିଶର ଦେଶର ଅଧିବାସୀ ଅଥବା ବେବିଲୋନ୍‌ର ଅଧିବାସୀମାନେ ପ୍ରାଚୀନ କାଳରୁ ଜାଣିଥିଲେ । ତାଙ୍କ ଠାରୁ ଏହା ଆମ ଦେଶକୁ ଆସିଛି ।'' ସେ ମୁଣ୍ଡ ଟୁଙ୍ଗାରି 'ହଁ'ର ଇସାରା କଲା ।

ଏଥର ମୁଁ ଆଗକୁ ଅଗ୍ରସର ହେଲି ।

କହିଲି – ''ଇତି ମଧ୍ୟରେ ମୁଁ ତୋତେ ୨୦୨୫ ସଂଖ୍ୟାର କୌତୁକଗୁଣ ବାବଦରେ ଏଇ ନୂଆ ବର୍ଷରେ ଓ ଗତ ମକର ସଂକ୍ରାନ୍ତି ଦିନ କହି ସାରିଛି । ଏହାର ବିସ୍ତୃତ କୌତୁକ କଥାରେ ତୁ ବେଶ୍ ମଜା ଓ କୌତୁକ ପାଇଛୁ । ଆଜି ଏଇ ୨୦୨୫ ସଂଖ୍ୟା କୌତୁକ ବର୍ଗ ଭିତରେ କିପରି ଲୁକ୍‌କାୟିତ ହୋଇ ରହିଛି ତାକୁ ସନ୍ଧାନ କରିବା ।''

ଝିଅର ଆଗ୍ରହ କହିଲେ ନ ସରେ । ସେ ଆନନ୍ଦ ଓ ଆଶ୍ଚର୍ଯ୍ୟ ମିଶ୍ରିତ ଭାବରେ ଉତ୍ତେଜିତ ହୋଇ କହିଲା, ''ବାପା, ଏଇ ୨୦୨୫କୁ ନେଇ ତୁମେ ଗତ ଦୁଇଥର ମୋତେ କେତେ କୌତୁକ କଥା କହି ସାରିଛ । ସେସବୁ ମୁଁ ମୋ ଖାତାରେ ଟିପି ରଖିଛି । ଏବେ ପୁଣି ୨୦୨୫ର କୁହୁକ ବର୍ଗର କୌତୁକ ଭାରି ମଜାଦାର ହେବ ! Oh ! my papa is great ! ଉତ୍‌ଫୁଲ୍ଲ ସାଗର ଲହରୀ ପୂର୍ଣ୍ଣିମା ତିଥିରେ ନାଚି ଉଠିବା ପରି ସିଏ ନାଚି ଉଠିଲା କେତେ ଗଦ୍‌ଗଦ ହୋଇ ।

ମୁଁ କହିଲି – ''କୁହୁକ ବର୍ଗ ୩ x ୩ରେ ଆମେ ୬୭୧ରୁ କ୍ରମିକ ଭାବରେ ୬୭୯ ପର୍ଯ୍ୟନ୍ତ ସଂଖ୍ୟାମାନଙ୍କୁ ଥରେ ବ୍ୟବହାର କରି ଏକ କୁହୁକ ବର୍ଗ ତିଆରି କରି ପାରିବା, ଯାହାର ସ୍ତମ୍ଭ/ ଧାଡ଼ି/କର୍ଣ୍ଣର ମିଶାଣଫଳ ୨୦୨୫ ହେବ । ସେହିପରି ୬୬୭ରୁ ଆରମ୍ଭ କରି ସମାନ୍ତର ଭାବେ ୨ ସଂଖ୍ୟା ଲେଖାଏଁ ବୃଦ୍ଧି କରି କରି ୬୮୩ ପର୍ଯ୍ୟନ୍ତ ସଂଖ୍ୟାମାନଙ୍କୁ ୩ x ୩ କୁହୁକ ବର୍ଗରେ ସ୍ଥାପନ କରି ପାରିବା ଯାହାର ଯେକୌଣସି ଦିଗରୁ ସଂଖ୍ୟାମାନଙ୍କର ସମଷ୍ଟି ୨୦୨୫ ହେଉଥିବ । ଏଇ ତଳର ଉଦାହରଣକୁ ଲକ୍ଷ୍ୟ କର :

| | | |
|---|---|---|
| ୬୭୮ | ୬୭୧ | ୬୭୬ |
| ୬୭୩ | ୬୭୫ | ୬୭୭ |
| ୬୭୪ | ୬୭୯ | ୬୭୨ |

| | | |
|---|---|---|
| ୬୮୧ | ୬୬୭ | ୬୭୭ |
| ୬୭୧ | ୬୭୫ | ୬୭୯ |
| ୬୭୩ | ୬୮୩ | ୬୬୯ |

(କ) ଏହିପରି ଆମେ ସଂଖ୍ୟା ସୂତ୍ର ପ୍ରୟୋଗ କରି ୧୬୮ ପ୍ରକାରରେ ୩ x ୩ କୁହୁକ ବର୍ଗ ତିଆରି କରିପାରିବା ।

''୧୬୮ ପ୍ରକାରରେ ହୋଇ ପାରିବ ?'' – ସେ ମୋ ଠାରୁ କଥା ଛଡ଼ାଇ ନେଇ କହି ଉଠିଲା ! ମୁଁ ଉତ୍ତର ଦେଲି – ''ହଁ ! ଏଠାରେ ଆମେ ଦୁଇଟି ଦୃଷ୍ଟାନ୍ତ ନେଲେ ! ଅନ୍ୟ ପ୍ରକାରର ସଂଖ୍ୟାକୁ ନେଇ ତୁ ଚେଷ୍ଟା କରିବୁ ।''

(ଖ) ଠିକ୍ ସେହିପରି ୫ x ୫ କୁହୁକ ବର୍ଗ ମଧ୍ୟରେ ଆମେ ୩୩ ପ୍ରକାରରେ ସଂଖ୍ୟା ସ୍ଥାପନ କରି ପାରିବା ଯେପରି କି ପ୍ରତ୍ୟେକ ଧାଡ଼ି/ସ୍ତମ୍ଭ/କର୍ଣ୍ଣରେ ଥିବା ସଂଖ୍ୟା ସବୁର ମିଶାଣଫଳ ୨୦୨୫ ହେଉଥିବ । ମାତ୍ର ଏଠାରେ ଆମେ ଦୁଇଟି ଉଦାହରଣ ନେବା । ଲକ୍ଷ୍ୟ କର : ପ୍ରଥମଟି ୩୮୧ରୁ ୨ ବ୍ୟବଧାନରେ ୪୨୯ ପର୍ଯ୍ୟନ୍ତ ୨୫ଟି ସଂଖ୍ୟା ଓ ଦ୍ୱିତୀୟଟି ୩୯୩ରୁ କ୍ରମିକ ଭାବେ ୪୧୭ ପର୍ଯ୍ୟନ୍ତ ୨୫ଟି ସଂଖ୍ୟାର କୁହୁକ ସଜ୍ଜୀକରଣ ।

| | | | | |
|---|---|---|---|---|
| ୪୧୩ | ୪୨୭ | ୩୮୧ | ୩୯୫ | ୪୦୯ |
| ୪୨୫ | ୩୮୯ | ୩୯୩ | ୪୦୭ | ୪୧୧ |
| ୩୮୭ | ୩୯୧ | ୪୦୫ | ୪୧୯ | ୪୨୩ |
| ୩୯୯ | ୪୦୩ | ୪୧୭ | ୪୨୧ | ୩୮୫ |
| ୪୦୧ | ୪୧୫ | ୪୨୯ | ୩୮୩ | ୩୯୭ |

(୧ମ)

| | | | | |
|---|---|---|---|---|
| ୪୦୯ | ୪୧୬ | ୩୯୩ | ୪୦୦ | ୪୦୭ |
| ୪୧୫ | ୩୯୭ | ୩୯୯ | ୪୦୬ | ୪୦୮ |
| ୩୯୬ | ୩୯୮ | ୪୦୫ | ୪୧୨ | ୪୧୪ |
| ୪୦୨ | ୪୦୪ | ୪୧୧ | ୪୧୩ | ୩୯୫ |
| ୪୦୩ | ୪୧୦ | ୪୧୭ | ୩୯୪ | ୪୦୧ |

(୨ୟ)

(ଗ) ଆହୁରି ମଧ୍ୟ ୯ x ୯ କୁହୁକ ବର୍ଗ ମଧ୍ୟରେ ଆମେ ୫ଟି ପ୍ରକାରରେ ସଂଖ୍ୟା ସ୍ଥାପନ କରି ଅନୁରୂପ ଭାବେ ସଂଖ୍ୟାମାନଙ୍କର ମିଶାଣଫଳ ୨୦୨୫କୁ ପାଇ ପାରିବୁ । ତୁ ଜାଣି ପାରୁଥିବୁ ୯ x ୯ କୁହୁକ ବର୍ଗରେ ଆମେ ୮୧ଟି ସଂଖ୍ୟା ସ୍ଥାପନ କରିବା । ତେବେ ତୋର ବୁଝିବାକୁ ସହଜ ହେବା ପାଇଁ ଏଠାରେ ଆମେ ଗୋଟିଏ ଉଦାହରଣ ନେବା । ଏଇ ଉଦାହରଣରେ ସବୁଠାରୁ ସାନ ସଂଖ୍ୟା ୨୫ ଓ ସବୁଠାରୁ ବଡ଼ ସଂଖ୍ୟା ୪୨୫ । ଆଉ ଗୋଟିଏ କଥା ଲକ୍ଷ୍ୟ କର, ସବୁ ସଂଖ୍ୟା ମଧ୍ୟରେ ସମାନ୍ତର ୫ ରହୁଛି; ଅର୍ଥାତ୍, ସମସ୍ତେ ୫ର ଗୁଣିତକ ଅଟନ୍ତି ।

ଝିଅ କ୍ରମଶଃ ଜଟିଳ ଅବସ୍ଥା ଆଡ଼କୁ ଯାଉଥିବାର ମୁଁ ଠିକ୍ ଠଉରାଇଲି । ସେ ନୀରବରେ ନିରୀକ୍ଷଣ କରୁଥାଏ । କିଛି ସମୟ ପରେ ମୁଁ ତାକୁ ଚମତ୍କୃତ କରିବା ପାଇଁ କହିଲି ମୋର ଚତୁର୍ଥ ବିଷୟ ।

(ଘ) ମୁଁ କହିଲି – ''ଖାଲି ସେତିକି ନୁହେଁ, ୧୫ x ୧୫ କୁହୁକ ବର୍ଗରେ ଆମେ ୨୨୫ଟି ସଂଖ୍ୟାକୁ ସ୍ଥାପନ କରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ କର୍ଣ୍ଣକୁ ଯୋଗ କଲେ ପ୍ରତ୍ୟେକ କ୍ଷେତ୍ରରେ ଯୋଗଫଳ ୨୦୨୫ ହିଁ ପାଇବା । ଏଠାରେ ଆମେ ୧୫ x ୧୫ର ଏକ ବଡ଼ କୁହୁକ ବର୍ଗଟିରେ ତାହାକୁ ପରୀକ୍ଷା କରିପାରିବା । ମାତ୍ର ଏତେ ବଡ଼ ବର୍ଗକ୍ଷେତ୍ରରେ ୨୨୫ଟି ସଂଖ୍ୟା ସ୍ଥାପନ କରିବା ତୋ ପକ୍ଷରେ ଯେତିକି କଷ୍ଟସାଧ୍ୟ, ସେତିକି ସମୟ ସାପେକ୍ଷ ଓ ଧୈର୍ଯ୍ୟ ସାପେକ୍ଷ ।

କେବଳ ଜାଣିରଖ ୨୩ ଠାରୁ ୨୪୭ ପର୍ଯ୍ୟନ୍ତ ସଂଖ୍ୟାକୁ କ୍ରମିକ ଭାବେ ୧୫ x ୧୫ କୁହୁକ ବର୍ଗରେ ରଖାଯାଇ ପାରିବ । ଏଇଠି ରହିବା ।

ଝିଅ ଚୁପ୍‌ଚାପ୍ ରହିଲା । ପାଟିରେ ତା'ର ଭାଷା ନାହିଁ । ମୁଁ ବୁଝିନେଲି, ''ମୌନଂ ସମ୍ମତିଲକ୍ଷଣମ୍'' ନ୍ୟାୟରେ ସେ ମୋ କଥାରେ ରାଜି ଅଛି । କହିଲି – ''ଯା', ତୁ ଆରାମ କରିବୁ । ମୁଁ ବି ପ୍ରସ୍ତୁତ ହେବି ସନ୍ଧ୍ୟା କାର୍ଯ୍ୟକ୍ରମରେ ଯୋଗ ଦେବାକୁ । କାନ୍ଥ ଘଣ୍ଟାରେ ୫ଟା ବାଜିବାର ଢ଼ଂ... ଢ଼ଂ... ଢ଼ଂ... ୫ଥର ସୂଚାଇ ଦେଲା । ମୁଁ ମୋ ଆସନରୁ ଉଠି ପଡ଼ିଲି ।

| | | | | | | | | |
|---|---|---|---|---|---|---|---|---|
| ୨୫୫ | ୩୧୦ | ୩୬୫ | ୪୨୦ | ୨୫ | ୮୦ | ୧୩୫ | ୧୯୦ | ୨୪୫ |
| ୩୦୫ | ୩୬୦ | ୪୧୫ | ୬୫ | ୭୫ | ୧୩୦ | ୧୮୫ | ୨୪୦ | ୨୫୦ |
| ୩୫୫ | ୪୧୦ | ୬୦ | ୭୦ | ୧୨୫ | ୧୮୦ | ୨୩୫ | ୨୯୦ | ୩୦୦ |
| ୪୦୫ | ୫୫ | ୧୧୦ | ୧୨୦ | ୧୭୫ | ୨୩୦ | ୨୮୫ | ୨୯୫ | ୩୫୦ |
| ୫୦ | ୧୦୫ | ୧୧୫ | ୧୭୦ | ୨୨୫ | ୨୮୦ | ୩୩୫ | ୩୪୫ | ୪୦୦ |
| ୧୦୦ | ୧୫୫ | ୧୬୫ | ୨୨୦ | ୨୭୫ | ୩୩୦ | ୩୪୦ | ୩୯୫ | ୪୫ |
| ୧୫୦ | ୧୬୦ | ୨୧୫ | ୨୭୦ | ୩୨୫ | ୩୮୦ | ୩୯୦ | ୪୦ | ୯୫ |
| ୨୦୦ | ୨୧୦ | ୨୬୫ | ୩୨୦ | ୩୭୫ | ୩୮୫ | ୩୫ | ୯୦ | ୧୪୫ |
| ୨୦୫ | ୨୬୦ | ୩୧୫ | ୩୭୦ | ୪୨୫ | ୩୦ | ୮୫ | ୧୪୦ | ୧୯୫ |

❑❑❑

ଚେତନାର ଦିଗ୍‌ବଳୟ :

# ଅତୀନ୍ଦ୍ରିୟ ଜଗତର ଏକ ବିମର୍ଷକର ବାସ୍ତବତା

କେତେକ ସଚେତନ ପାଠକଙ୍କ ମନରେ ଆସିଛି ଅଦମ୍ୟ କୌତୂହଳ । ଜଣେ ଭୂତଗ୍ରସ୍ତ ହେଲା ଭଳି ଆମେ କ୍ରୋଧଗ୍ରସ୍ତ, ହିଂସା ବା ପ୍ରତିହିଂସାଗ୍ରସ୍ତ ହୋଇପଡୁ – ଏହା ଉପରେ ସେମାନଙ୍କର ଲୋଡ଼ା ବିଶେଷ ବ୍ୟାଖ୍ୟା ।

ଜଣେ ପ୍ରାଜ୍ଞ ପାଠକଙ୍କ ବକ୍ତବ୍ୟର ବିଷୟବସ୍ତୁ ହେଲା : ସେ ମହାଶୟ ଏ ଲେଖକର ଉପନ୍ୟାସ 'ତନ୍ଦ୍ରାଲୋକର ପ୍ରହରୀ' ପଢ଼ିଛନ୍ତି ଏକାଧିକ ଥର । ଓଝା ବା ଗୁଣୀମାନଙ୍କ ଜୀବନ-ଦର୍ଶନ ଏବଂ କର୍ମପ୍ରଣାଳୀ ଉପରେ ପର୍ଯ୍ୟବସିତ ସେ କାହାଣୀ ପାଠ କଲାବେଳେ ସ୍ୱତଃସ୍ଫୂର୍ତ୍ତ ଭାବରେ ତାଙ୍କ ଚିତ୍ତରେ ଭୂତପ୍ରେତଙ୍କ ଅସ୍ତିତ୍ୱ ବାସ୍ତବ ବୋଲି ବିଶ୍ୱାସ ଜାତ ହୋଇଥିଲା । କିନ୍ତୁ ବର୍ତ୍ତମାନ ତାଙ୍କର ଜିଜ୍ଞାସା ହେଲା, ବହୁ ମଣିଷଙ୍କୁ ଏକାଥରକେ ଆୟତ୍ତ କରିନେଇ ପାରୁଥିବା କୁଶକ୍ତିସବୁ କ'ଣ ସେହି ଭୂତପ୍ରେତଙ୍କୁ ବୁଝାଉଛି ?

### ଅତୀନ୍ଦ୍ରିୟ ଜଗତର ବିଚିତ୍ର ସତ୍ତାସମୂହ

ଏମନ୍ତ ପ୍ରଶ୍ନ ଯଥାର୍ଥ । କିନ୍ତୁ ଏହାର ଯଥାର୍ଥ ଉତ୍ତର ଦେବାକୁ ହେଲେ, ଅର୍ଥାତ୍ ବିଷୟଟି ଉପରେ ସର୍ବନିମ୍ନ ଆଲୋକପାତ କରିବାକୁ ହେଲେ ଏକ ଗ୍ରନ୍ଥ ରଚନା ଆବଶ୍ୟକ । ଉପନ୍ୟାସ ହେଲେ ମଧ୍ୟ 'ତନ୍ଦ୍ରାଲୋକର ପ୍ରହରୀ' ବର୍ଣ୍ଣିତ ପ୍ରତ୍ୟେକ ଘଟଣା ତାତ୍ତ୍ୱିକ ଦୃଷ୍ଟିରୁ ବାସ୍ତବ ।

ଏକ ଦିଗରେ ଭୟ-ଭିତ୍ତିକ କଳ୍ପନା ଏବଂ ଅନ୍ୟ ଦିଗରେ କୁସଂସ୍କାର, ଅତିରଞ୍ଜନ ଏବଂ ଅନ୍ଧବିଶ୍ୱାସ ଅତିଭୌତିକ ବା ଅତୀନ୍ଦ୍ରିୟ (Occult) ଜଗତର ବହୁ ବ୍ୟାପାରକୁ ବିକୃତ ଭାବରେ ଉପସ୍ଥାପନ କରିଥାଏ । ସେ ବ୍ୟାପକ ରହସ୍ୟମୟ ଜଗତର ସୀମାନ୍ତ ମାତ୍ର ସ୍ପର୍ଶ କରିଥିବା ଓଝା ଏବଂ ଗୁଣୀ ନାମରେ ବିଦିତ ସଂପ୍ରଦାୟ ଭିତରେ ଜଣେ ସତ୍ ହୋଇଥିଲେ, ନଅଜଣ ଥିଲେ ଅସତ୍ । ବିଡ଼ମ୍ବନା ହେଲା, ଆଜି ସେହି ଜଣେ ସତ୍ ମଧ୍ୟ ସମ୍ଭବତଃ ଆଉ ଅବଶିଷ୍ଟ ନାହାନ୍ତି ।

ମାତ୍ର କେତେ ବର୍ଷ ତଳଯାଏ ମାନସିକ ଚିକିତ୍ସାର ପ୍ରଚଳନ ହୋଇ ନଥିଲା । ହାସପାତାଳମାନଙ୍କରେ ମନୋଚିକିତ୍ସକ (psychiatrist) ନଥିଲେ । ସେତେବେଳେ ମଧ୍ୟ ଲୋକେ ମାନସିକ ବୈକଲ୍ୟର ଶିକାର ହେଉଥିଲେ । ସତ୍ ଓଝାମାନେ ଥିଲେ ସେମାନଙ୍କ ଚିକିନୋ (chicane) । କାହାର ମାନସିକ ବୈକଲ୍ୟର ହେତୁ କୌଣସି ଅଶରୀରୀର ପ୍ରଭାବ, କାହାର ବା ସାମୟିକ ପ୍ରାଣ-ମନୋଗତ ଅସଂହତି ମାତ୍ର, ଏକଥା ବୁଝିପାରିବାର ଦକ୍ଷତା ସେମାନେ ଅର୍ଜନ କରିଥିଲେ । ସେ ବିଲୁପ୍ତ ସଂପ୍ରଦାୟ ଭିତରେ ସେ ଦିଗରେ ଏକ ବିଶେଷ ତାଲିମ-ବ୍ୟବସ୍ଥା, ଏକ ବିଶେଷ ଶୃଙ୍ଖଳା ଚାଲୁ ରହିଥିଲା । ଆଜି ଆମେ ଯିଏ ମନକରିବୁ psychiatry ଅଧ୍ୟୟନ କରିପାରିବୁ; ଉପାଧି ହାସଲ କରି ତାକୁ ଜୀବିକା କରି ପାରିବୁ । କିନ୍ତୁ ଜଣେ ନିଜର ଗଣତାନ୍ତ୍ରିକ ଅଧିକାର ପ୍ରୟୋଗ କରି ଓଝା ହୋଇ ପାରୁ ନଥିଲା । ସେ ଦିଗରେ ଯିଏ ଅଭୀପ୍ସୁ ତାହା ଭିତରେ କେତେକ ବିଶେଷ ଭାବଗତ ପ୍ରସ୍ତୁତି ଓ ମହତ୍ ସାହସ ନଥିଲେ ଗୁରୁ ଓଝା ତାକୁ ସେ ପଥକୁ ଆଣୁ ନଥିଲେ ।

ସେ ଯାହାହେଉ, ଭୂତାବେଶ ଏବଂ କୁଶକ୍ତି-କବଳାୟନ ଏକା କଥା ନୁହେଁ । ଜଣେ ମୃତ ବ୍ୟକ୍ତିର ପ୍ରାଣସତ୍ତା (ଆତ୍ମା ନୁହେଁ) କେତେକ କାରଣରୁ ସାମୟିକ ଭାବରେ ଜଣେ ଜୀବିତ ବ୍ୟକ୍ତିକୁ ଆୟତ୍ତ କରିପାରେ । କିଛିଦିନ ପରେ ସେ ପ୍ରାଣସତ୍ତା ଅପସରି ଯାଏ ବା ନିଶ୍ଚିହ୍ନ ହୋଇ ଯାଏ । ଆବିଷ୍ଟ ବ୍ୟକ୍ତିଜଣକ ସ୍ୱାଭାବିକ ଅବସ୍ଥା ପ୍ରାପ୍ତ ହୁଏ । ତେବେ ସେ ଅନ୍ୟ କାରଣରୁ ଦୁର୍ବଳ ବ୍ୟକ୍ତିତ୍ୱଟିଏ ହୋଇଥିଲେ ସେହି ସାମୟିକ କବଳାୟନ (possession) ପରେ ମଧ୍ୟ ସେ ସମ୍ପୂର୍ଣ୍ଣ ସ୍ୱାଭାବିକ ଅବସ୍ଥାକୁ ନ ଆସିପାରେ । ତାକୁ ଆୟତ୍ତ କରିଥିବା ନିର୍ଦ୍ଦିଷ୍ଟ ପ୍ରାଣଶକ୍ତିଟି କବଳରୁ ସେ ମୁକ୍ତ ହେବା ପରେ ମଧ୍ୟ ବାତାବରଣରେ ଥିବା ଅସଂଖ୍ୟ କୁଶକ୍ତି ତା' ଦୁର୍ବଳତାର ସୁଯୋଗ ନେଇ ତାକୁ ବିକଳ କରି ରଖିପାରନ୍ତି ।

ଜଣେ ମୃତ ବ୍ୟକ୍ତିର ପ୍ରାଣସତ୍ତାର ଯେପରି ଏକ ପରିଚୟ ଥାଏ, ଏହିସବୁ କୁଶକ୍ତିମାନଙ୍କର ସେଭଳି ନିର୍ଦ୍ଦିଷ୍ଟ ପରିଚୟ ନାହିଁ । ଏମାନଙ୍କର ବହୁସ୍ତର । କୁନି କୁନି କୁଶକ୍ତିମାନେ ଆମକୁ ଟିକିଏ ଟିକିଏ ହଇରାଣ ହରକତ କରି ତୃପ୍ତ ରହନ୍ତି ।

ବହୁ ବହୁ କାରଣରୁ ଏମାନେ ଅଦୃଶ୍ୟ ବାତାବରଣରେ ସୃଜିତ ହେଉଥା'ନ୍ତି, ବିଲୁପ୍ତ ହେଉଥା'ନ୍ତି ।

## ଭୟାବହ ବିରୋଧୀ ଶକ୍ତି

କିନ୍ତୁ ଏମାନଙ୍କ ତୁଳନାରେ ପ୍ରଚଣ୍ଡ ବିପଜ୍ଜନକ କୁଶକ୍ତିମାନେ ବି ରହିଛନ୍ତି – ଯେଉଁମାନେ ଖାଲି ବ୍ୟକ୍ତିବିଶେଷ ନୁହେଁ, ଥରେ ଥରେ ଏକ ସମାବେଶକୁ, ଏପରିକି ଏକ ଏକ ଦେଶକୁ ମଧ ଆୟତ୍ତ କରିନେଇ ପାରନ୍ତି । ଜଣେ ବ୍ୟକ୍ତିକୁ ଏ ଶକ୍ତି ଉଦ୍ଦଣ୍ଡ ହିଂସାଚାରୀ, ଦୁରାଚାରୀ, ମିଥ୍ୟାଚାରୀ ଓ ପାଷଣ୍ଡରେ ପରିଣତ କରିପାରେ । ଏକ ନିର୍ଦ୍ଦିଷ୍ଟ ଜନତାକୁ କରିପାରେ ବିବେକଶୂନ୍ୟ । ଦୟାକରି ମନେରଖନ୍ତୁ, ଏଠାରେ ମଣିଷର ସ୍ୱଭାବ-ଚରିତ୍ରଗତ ସାଧାରଣ ଦୋଷ-ଦୁର୍ବଳତା କଥା କୁହାଯାଉ ନାହିଁ । ପ୍ରତ୍ୟେକ ମଣିଷ ଭିତରେ ଅଜ୍ଞାନପ୍ରସୂତ, ଅଜ୍ଞାନ-ପ୍ରଯୋଜିତ ଭ୍ରାନ୍ତି ଓ ଉଦ୍‌ଭ୍ରାନ୍ତି ରହିଛି ଏବଂ ସଚେତନ ବ୍ୟକ୍ତିଟିଏ ସେସବୁରୁ ଉତ୍ତୀର୍ଣ୍ଣ ହେବାର ପ୍ରୟାସ ଅବ୍ୟାହତ ରଖିଥିବ – ନିଜ ସଂକଳ୍ପ ଯୋଗୁଁ ହେଉ ବା ସାମାଜିକ ଆଦର୍ଶ ଯୋଗୁଁ ହେଉ – ଏହା ପ୍ରତ୍ୟେକ ମଣିଷର ଆତ୍ମ-ବିକାଶର ଧାରା । କିନ୍ତୁ ଯେତେବେଳେ ସେ ହୋଇଉଠେ ଅସ୍ୱାଭାବିକ ହିଂସ୍ର, ସ୍ୱାର୍ଥ-ସର୍ବସ୍ୱ, ଯେତେବେଳେ ସେ କରିପାରେ ବିଶ୍ୱାସଘାତକତା, ଅବାରିତ ନିର୍ମମ କର୍ମ, ସେତେବେଳେ ସେ ଏହି ପ୍ରଚଣ୍ଡ ପର୍ଯ୍ୟାୟର କୁଶକ୍ତି ଦ୍ୱାରା ପରିଚାଳିତ ହେଉଥାଏ ବୋଲି ବୁଝିବାକୁ ହେବ ।

ଏହିସବୁ କୁଶକ୍ତିକୁ କୁହାଯାଏ Hostile forces, ବିରୋଧୀ ବା ପ୍ରତିକୂଳ ଶକ୍ତି । ଏମାନେ କାହାର ବିରୋଧ, କାହାର ପ୍ରତିକୂଳତା କରନ୍ତି ? – ଭଗବାନଙ୍କର ଏବଂ ପୃଥିବୀରେ ଅବ୍ୟାହତ ଥିବା ବିବର୍ତ୍ତନ ପ୍ରକ୍ରିୟାର । ଯେଉଁ ମଣିଷ ଆଧ୍ୟାତ୍ମିକତା ଦିଗରେ ସଚେତନ ଭାବରେ ଉନ୍ମୁଖ ହୋଇଥିବ ବା ଯୋଗବ୍ରତୀ ହୋଇଥିବ, ସେମାନଙ୍କ ଚେତନାରେ ଏ ଶକ୍ତି ବିଭ୍ରାଟ ଉପୁଜାଇବା ଅନିବାର୍ଯ୍ୟ । ଦିବ୍ୟଶକ୍ତି ଓ ଦିବ୍ୟକରୁଣା ଉପରେ ପ୍ରଗାଢ଼ ଆସ୍ଥା ନଥିଲେ, ନିଜ ଅହଂ ବିରୋଧରେ ନିଜେ ସଂଗ୍ରାମ କରୁ ନଥିଲେ, ଏ ଶକ୍ତି ଜଣକୁ ବିପଥଗାମୀ କରିବହିଁ କରିବ । (ଏକ ଚିଠିରେ ଶ୍ରୀଅରବିନ୍ଦ ଲେଖିଥିଲେ, The hostile forces are those which try to pervert everything and are in revolt against the Divine and opposed to the Yoga.) ବ୍ୟକ୍ତିଗତ ସାଧକ କଥା ଛାଡ଼ି ଦେଲେ ମଧ ସାରା ପୃଥିବୀରେ ଚାଲୁ ରହିଛି ଏକ ନୀରବ ବିବର୍ତ୍ତନ-ଯୋଗ ।

ଏ ଶକ୍ତି ଏଡ଼େ ପ୍ରବଳ ଯେ ଜଣେ ବ୍ୟକ୍ତିଠାରୁ ଆରମ୍ଭ କରି ଗୋଟାଏ ଦେଶକୁ ମଧ ଏହା ଆୟତ୍ତ କରିନେଇପାରେ । ବ୍ୟକ୍ତିକୁ ଏହା ଧୂଳିସାତ୍ କରିଦିଏ; ଦେଶକୁ ସାମୟିକଭାବେ ବିଧ୍ୱସ୍ତ କରିଦେଇପାରେ ।

ଏ ଦିଗରେ ଗୋଟାଏ ଦୃଷ୍ଟାନ୍ତ ଯଥେଷ୍ଟ । ବହୁ ବୟସ୍କ ପାଠକଙ୍କ ସ୍ମୃତିରେ ଏହା ସଜୀବ ରହିଥିବ । ଅନ୍ୟମାନେ ଅନ୍ତତଃ ଏହା ସାଂପ୍ରତିକ ଇତିହାସ ହୋଇଥିବା ଦୃଷ୍ଟିରୁ ଏ ସମ୍ପର୍କରେ ଅବହିତ ଥିବେ ।

ବିଂଶ ଶତାବ୍ଦୀର ପ୍ରଥମରେ ୟୁରୋପୀୟ ଦେଶମାନଙ୍କ ଭିତରେ ବିଶେଷ ସଂସ୍କୃତିସମ୍ପନ୍ନ ଦେଶ ଥିଲା ଜର୍ମାନୀ । ଶତାବ୍ଦୀର ଚତୁର୍ଥ ଦଶକ ବେଳକୁ କ'ଣ ହେଲା ସେ ଦେଶର ଚରିତ୍ର ? କାହିଁ କେତେ କାଳ ଧରି ଇତିହାସ କେତେ ବର୍ବରତାର ସାକ୍ଷୀ ହୋଇ ରହିଛି । କିନ୍ତୁ ସେସବୁ ଅନୁଷ୍ଠାନର କର୍ତ୍ତା ଜଣେ ଜଣେ ବ୍ୟକ୍ତିଗତ ଅତ୍ୟାଚାରୀ ଏକଚ୍ଛତ୍ରବାଦୀ ବା ଏକ ଏକ ବିଚିତ୍ର ଗୋଷ୍ଠୀ ବା ବିକଳ ଧର୍ମାନ୍ଧ ସଂପ୍ରଦାୟ । ଧରନ୍ତୁ ଆଜ୍‌ଟେକ୍ ରାଜାମାନଙ୍କ କଥା । ପ୍ରତ୍ୟେକ ରାଜା କେତେ ହଜାର ମଣିଷଙ୍କ ବକ୍ଷ ବିଦୀର୍ଣ୍ଣ କରି ସେମାନଙ୍କ ହୃତ୍‌ପିଣ୍ଡଟିମାନ ସେମାନଙ୍କ ଆରାଧ୍ୟ ସୂର୍ଯ୍ୟଦେବଙ୍କୁ ଭେଟି ଦେବା ଥିଲା ପ୍ରଥା । ଆଖପାଖର ସବୁ ରାଜ୍ୟକୁ ବିଜୟ ବଳରେ ଏକତ୍ର କରି ଚୀନଦେଶ ଗଢ଼ିଥିବା ପ୍ରଥମ ସମ୍ରାଟ ସି ହ୍ୱାଂ ତି ଅସଂଖ୍ୟ ବ୍ୟକ୍ତିଙ୍କୁ ନିର୍ମାଣମୁଖୀ ବିଶାଳ ପ୍ରାଚୀର ଭିତରେ ଜୀବନ୍ତ ସମାଧି ଦେଉଥିଲେ, ମୃତ୍ୟୁ ପରେ ଶାସନ କରିବା ଯୋଜନାରେ ଏକ ଭୂଗର୍ଭ ନଗରୀ ପ୍ରସ୍ତୁତ କରି ସଂପୃକ୍ତ ସମସ୍ତ ଯନ୍ତ୍ରୀ, କାରିଗର ଏବଂ ଶିଳ୍ପୀଙ୍କୁ ହତ୍ୟା କଲେ । ଆଲେକ୍‌ଜାଣ୍ଡାର୍, ନିରୋ, ଚେଙ୍ଗିଜ୍ ଖାଁ, ତୈମୁର୍‌ଲଙ୍ଗ୍, ଆଇଭାନ୍ ଦି ଟେରିବ୍‌ଲ୍, ବ୍ଲାଡ଼ି ମେରୀ, କ୍ରୋମ୍‌ୱେଲ୍ ସମସ୍ତଙ୍କ କୃତିତ୍ୱ ଏ ଦିଗରେ ବିପୁଳ ।

କିନ୍ତୁ ଏମାନେ ସମସ୍ତେ ଅତୀତର ଅତ୍ୟାଚାରୀ, ସମସ୍ତେ ନିଜ ନିଜ ନିର୍ମମତା ପାଇଁ ବ୍ୟକ୍ତିଗତଭାବେ ଦାୟୀ । ଏମାନେ ରାକ୍ଷସ ବା ପିଶାଚ ଶକ୍ତି ଦ୍ୱାରା ପରିଚାଳିତ ହୋଇଥାଇ ପାରନ୍ତି । କିନ୍ତୁ ଗୋଟାଏ ତଥାକଥିତ ସଭ୍ୟ ଦେଶ ସମ୍ପୂର୍ଣ୍ଣଭାବେ ଆପଣାକୁ ପିଶାଚଶକ୍ତିର ଯନ୍ତ୍ର ଭାବରେ ନିୟୋଜିତ କରିବ – ଏବଂ ବିଂଶ ଶତାବ୍ଦୀରେ – ଏହାର ଯାଥାର୍ଥ୍ୟ ଆପଣ କେଉଁ ଯୁକ୍ତି ସାହାଯ୍ୟରେ ପ୍ରତିପାଦିତ କରିବେ ?

ବିରୋଧୀ ଶକ୍ତିର ମୁଖ୍ୟତଃ ତିନୋଟି ସ୍ତର : ଅସୁର, ରାକ୍ଷସ ଏବଂ ପିଶାଚ । ଆମ ପ୍ରାଣ-ମନର ଠିକ୍ ବିପରୀତ ପାଖ ହେଲା ଅସୁର-ଚେତନା । ଅହଙ୍କାରହିଁ ତା'ର ଏକମାତ୍ର ଆଭିମୁଖ୍ୟ । କିନ୍ତୁ ସେହି ଅହଂ ତୁଷ୍ଟି ନିମନ୍ତେ ସେ ନିଜ ଉପରେ ଶୃଙ୍ଖଳା ମଧ୍ୟ ରଖିଥାଏ; ଦିବ୍ୟଶକ୍ତିର ବିକଳ୍ପ ରୂପେ ସେ ନିଜକୁ ଜାହିର କରେ ।

ରାକ୍ଷସର ଆଭିମୁଖ୍ୟ ମଧ୍ୟ ଅହଂ । ସେ ଅଧିକ ଉଚ୍ଛୃଙ୍ଖଳ, ଅମାର୍ଜିତ ଏବଂ ଘୃଣ୍ୟ । ପିଶାଚ ତାହାଠୁଁ ବିକୃତ ଏବଂ ଜଘନ୍ୟ — ଅହଂର ନିକୃଷ୍ଟତମ ପରିପ୍ରକାଶ ।

## ଦୁଷ୍ଟଶକ୍ତିର ମାନୁଷୀ ପ୍ରତିନିଧି

ହିଟ୍‌ଲର ସମ୍ଭବତଃ ଏ ତିନୋଟି ଯାକ କୁଶକ୍ତିର ଆୟୁଧ ବନି ଯାଇଥିଲା । ପ୍ରଥମ ମହାଯୁଦ୍ଧ ବେଳେ ସେ ସୈନ୍ୟ-ବାହିନୀରେ ଜଣେ ମାମୁଲି ବାର୍ତ୍ତାବାହକ ରୂପେ ଯୋଗ ଦେଇଥିଲା । ବଢ଼ି ବଢ଼ି କର୍‌ପୋରାଲ୍ (Corporal) ପଦଯାଏ ଯାଇଥିଲା । ତା' ପାଖରେ ''କୌଣସି ନେତୃତ୍ୱ ଗୁଣ'' ନାହିଁ — ତା' ଉପରେ ଥିବା ସର୍ଜେଣ୍ଟଙ୍କର ଏହି ମନ୍ତବ୍ୟ ଯୋଗୁଁ ସେ ଆଉ ପଦୋନ୍ନତିର ସମ୍ଭାବନା ନଦେଖି ଚାକିରିରୁ ଇସ୍ତଫା ଦେଇ ଏକ ଶ୍ରମିକ ସଂଗଠନ ମାଧ୍ୟମରେ ରାଜନୀତି ଆରମ୍ଭ କଲା ।

ତିନି, ଚାରି ଲମ୍ଫରେ ସେ ଯାଇ ପହଞ୍ଚିଲା କ୍ଷମତା-ସୋପାନର ଶୀର୍ଷରେ । ତା'ର ପ୍ରଥମ କାମ ହେଲା — ଯେଉଁ ବିଶ୍ୱସ୍ତ ବନ୍ଧୁ ଓ ସହକର୍ମୀମାନେ ତାକୁ ଦ୍ୱିଧାହୀନ ସାହାଯ୍ୟ ସହାୟତା ଦେଇ ସେଠାରେ ପହଞ୍ଚାଇ ଦେଇଥିଲେ, ସେମାନଙ୍କୁ ଅପସାରିତ କରିବା — ରାଜନୀତିରୁ ବା ସେମାନଙ୍କ ପଦପଦବୀରୁ ନୁହେଁ, ଜୀବନରୁ ।

ମିତ୍ର-ହତ୍ୟାର ସେ ପୈଶାଚିକ ନିଶାରୁ ସେ କେବେ ମଧ୍ୟ ଉତ୍ତୀର୍ଣ୍ଣ ହୋଇପାରିଲା ନାହିଁ । ସନ୍ଦେହ, ଆଶଙ୍କା ଓ ଆତଙ୍କରେ ସର୍ବଦା ଜର୍ଜରିତ ସେଇ ଦୁର୍ବଳ ମଣିଷଟିକୁ କୁଶକ୍ତି ତା'ର ନିର୍ମମ ଅସ୍ତ୍ରରେ ପରିଣତ କଲା ।

ଜର୍ମାନ୍ ମାଟିରୁ ଇହୁଦୀ(Jew)ମାନେ ନିର୍ମୂଳ ନହେଲେ ମୂଳ ବାସିନ୍ଦାମାନଙ୍କର ବିକାଶ ସମ୍ଭବପର ନୁହେଁ, ଏହା ହେଲା ତା'ର ମୁଖ୍ୟ ହୁଙ୍କାର । ନିଜ କର୍ମପ୍ରବଣତା ଓ ଧୀଶକ୍ତି ଯୋଗୁଁ ବ୍ୟବସାୟଠାରୁ ବିଜ୍ଞାନ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ବ୍ୟୁତ୍ପତ୍ତି ହାସଲ କରିଥିବା ଇହୁଦୀମାନଙ୍କ ପ୍ରତି ସାଧାରଣ ଜର୍ମାନ୍‌ମାନଙ୍କର ଯେଉଁ ପୁଞ୍ଜୀଭୂତ ଈର୍ଷା ଚାପି ହୋଇ ରହିଥିଲା, ସେହି ଦୁର୍ବଳତାର ସମ୍ପୂର୍ଣ୍ଣ ସୁଯୋଗ ନେଲା ହିଟ୍‌ଲର ।

କିନ୍ତୁ ବର୍ଷ କେତୋଟି ଭିତରେ ସମୃଦ୍ଧ ତଥା ବୁଦ୍ଧିମାନ୍ ଇହୁଦୀ ଜାତିରୁ ଷାଠିଏ ଲକ୍ଷ ନରନାରୀଙ୍କୁ ପ୍ରକାଶ୍ୟ ଦିବାଲୋକରେ ହତ୍ୟା କରିବା କୁଶକ୍ତି-କବଳିତ ଜଣେ ମାତ୍ର ମଣିଷ ପକ୍ଷରେ କ'ଣ ସମ୍ଭବପର ହୋଇପାରେ ? ସଇତାନ ଶକ୍ତି ହିଟ୍‌ଲରକୁ ମାଧ୍ୟମ କରି ସମଗ୍ର ଜର୍ମାନ୍ ଜାତିକୁ ନିଜ କବଳକୁ ନେଇ ଆସିଥିଲା । ଶାସନକଳର ସମସ୍ତ ଶିକ୍ଷିତ କର୍ମଚାରୀ, ସାମାଜିକ ସଂଗଠନସମୂହର ସମସ୍ତ କର୍ମୀ ହୁଏତ ତା'ର ସହଯୋଗୀ ହୋଇଥିଲେ, ନତୁବା ଆତଙ୍କରେ ସ୍ଥବିର ବନିଯାଇଥିଲେ ।

## ସେ ଦିନର ବାସ୍ତବତା : ଏକ ଝଲକ

ଏମିତି ଏକ ଦୃଶ୍ୟ ଆପଣଙ୍କ ମାନସ-ଚକ୍ଷୁରେ ଦେଖିବାର ଚେଷ୍ଟା କରନ୍ତୁ :

ପ୍ରଫେସର 'କ' ଥିଲେ ଜଣେ ପ୍ରଖ୍ୟାତ ବୈଜ୍ଞାନିକ । ବିଶ୍ୱବିଦ୍ୟାଳୟରେ ତାଙ୍କ ଦିଗ୍‌ଦର୍ଶନରେ ଯେଉଁ ଯୁବକ କେତେଜଣ ଗବେଷଣା କରୁଥିଲେ, ସେମାନଙ୍କ ଭିତରେ ସବୁଠାରୁ ମେଧାବୀ ଏବଂ ବୁଦ୍ଧିମାନ୍, କର୍ମଠ ଏବଂ ସାଧୁ ଯୁବକଙ୍କ ନାମ ଧରନ୍ତୁ ହାର୍‌ମ୍ୟାନ୍ ।

ଶିକ୍ଷା ଓ ଗବେଷଣାର ସେ ବାତାବରଣରେ ପ୍ରଫେସର ମହୋଦୟ ଇହୁଦୀ ଏବଂ ହାର୍‌ମ୍ୟାନ୍ ଜଣେ ଜର୍ମାନ୍, ସେକଥାର କୌଣସି ପ୍ରାସଙ୍ଗିକତା ନଥିଲା ।

''ହାର୍‌ମ୍ୟାନ୍ ! ତୁମେ କିନ୍ତୁ ଛାତ୍ର ଜୀବନ ଅନ୍ତେ ଏହି ବିଶ୍ୱବିଦ୍ୟାଳୟରେହିଁ ଅଧ୍ୟାପନା ତଥା ଗବେଷଣା କରିବ । ତୁମେ ହେବ ମୋର ଉତ୍ତରାଧିକାରୀ ।'' ଅଧ୍ୟାପକ ସେ ଯୁବକଙ୍କୁ କହୁଥା'ନ୍ତି । ବାଧ୍ୟ ଯୁବକ ନତମସ୍ତକରେ ସେ ପରାମର୍ଶ ସ୍ୱୀକାର କରୁଥା'ନ୍ତି ।

ହାର୍‌ମ୍ୟାନ୍ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ଉତ୍ତୀର୍ଣ୍ଣ ହେଲେ ।

ନିଜର ସବୁଠାରୁ ପ୍ରିୟ ଏବଂ କୃତୀ ଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ନିମନ୍ତେ ପ୍ରଫେସର ଏକ ଭୋଜିର ଆୟୋଜନ କଲେ । ଅତିଥିମାନେ ବିଦାୟ ନେବା ପରେ ସେ ଯୁବକଟିକୁ କହିଲେ, ''ଆଉ ମାସକ ପରେ ଆମ ବିଭାଗରେ ଗୋଟାଏ

ଅଧ୍ୟାପକ ପଦ ଖାଲି ହେବ । ତୁମେ ନେବ ସେ ସ୍ଥାନ । ଦେଢ଼ବର୍ଷ ଭିତରେ ମୋ ସମେତ ଅନ୍ୟ ଦୁଇଜଣ ବି ଅବସର ନେବେ । ତୁମେ ହେବ ବିଭାଗୀୟ ମୁଖ୍ୟ – ସବୁଠୁଁ କମ୍ ବୟସରେ । ଗୋଟାଏ ମାତ୍ର ସର୍ତ୍ତ : ଗବେଷଣା ଅବ୍ୟାହତ ରଖିବ ।''

କୃତଜ୍ଞତା ଜଣାଇ ଯୁବକ ବିଦାୟ ନେଲେ । ପ୍ରଫେସର ମହୋଦୟଙ୍କ ଉତ୍କଣ୍ଠିତ ଅପେକ୍ଷା ଓ ଅନୁସନ୍ଧାନ ସତ୍ତ୍ୱେ ଆଉ କିନ୍ତୁ ତାଙ୍କ ସାକ୍ଷାତ୍ ମିଳିଲା ନାହିଁ ।

ପାଞ୍ଚବର୍ଷ ବିତିଗଲା । ଇତି ମଧ୍ୟେ ଦ୍ୱିତୀୟ ମହାଯୁଦ୍ଧ ତା'ର ଘମାଘୋଟ ପର୍ଯ୍ୟାୟରେ ପହଞ୍ଚିଥାଏ । ଏକ ରବିବାସରୀୟ ସକାଳ । ପ୍ରଫେସର ତାଙ୍କ ବୈଠକ କକ୍ଷରେ ବସି ଖବରକାଗଜ ପଢୁଥା'ନ୍ତି ଏବଂ ତାଙ୍କୁ ମଧ୍ୟେ ମଧ୍ୟେ ସାନ୍ନିଧ ଦେବାକୁ ଆସୁଥିବା ତାଙ୍କ ପୂର୍ବତନ ବ୍ୟକ୍ତିଗତ ସହକାରୀ ଜର୍ମାନ୍ ଭଦ୍ରବ୍ୟକ୍ତିଙ୍କ ସହ ଗପସପ ହେଉଥା'ନ୍ତି ।

''ସାର୍, ଆପଣଙ୍କ ପୁଅ-ବୋହୂ ତ ଆମେରିକାରେ । ମୁଁ କହୁଥିଲି, ଯାହା ରାଜନୈତିକ ଆବହାଉଆ, ଆପଣ, ମାଡ଼ାମ୍ ଏବଂ ନାତି ସେମାନଙ୍କ ପାଖକୁ ଚାଲିଗଲେ କେମିତି ହୁଅନ୍ତା ?'' ସହକାରୀ ସୂଚନାଭରା କଣ୍ଠରେ ଆବେଦନ କଲେ ।

''ତୁମେ ଇହୁଦୀ-ବିଦ୍ୱେଷ କଥା କହୁଛ ତ ? ଆରେ ନାଃ, ଆମ ପ୍ରତିବେଶୀମାନେ ଅତି ସଦାଶୟ । ଆଉ, ପୁଅ-ବୋହୂ ତ ସହଳ ଲେଉଟି ଆସିବେ !''

ଏତିକିବେଳେ ଟିକି ନାତି ଆସି ପ୍ରଫେସରଙ୍କ କୋଳରେ ବସିପଡ଼ି କହିଲା, ''ଜେଜେ, ଆଜି ଆମେ ପାର୍କକୁ ଯିବାଟି ?''

''ନିଶ୍ଚୟ, ନିଶ୍ଚୟ ! ଜେଜେମା'ଙ୍କୁ କୁହ, ଶୀଘ୍ର ଜଳଖିଆ ଦେବେ । କହିଦିଅ, ଅଙ୍କଲ ବି ଆମ ସହ ବସିବେ !''

ପ୍ରଫେସର ଏତିକି କହିସାରିବା ବେଳକୁ ପୁଲିସ ୟୁନିଫର୍ମ ପରିହିତ ଜଣେ ଯୁବକ ପଶି ଆସି ତାଙ୍କୁ ସାଲ୍ୟୁଟ୍ ବଜାଇଲେ ।

''ହାର୍‌ମ୍ୟାନ୍ ! ତୁମେ ! ଅବଶେଷରେ ମୁଁ ମନେ ପଡ଼ିଗଲି ? ତୁମେ ମୋତେ ଏମିତି ପ୍ରତାରିତ କରିପାରିଲ ? ତୁମ ପାଇଁ ମୁଁ ସେ ପଦରେ ଆଉ କାହାକୁ ନ ନେଇ ତିନିମାସ ଅପେକ୍ଷା କଲି, ଜାଣିଛ ?''

''ସାର୍ ! ଆପଣ, ମାଡ଼ାମ୍ ଏବଂ ନାତିକୁ ବର୍ତ୍ତମାନ ମୁଁ ନେଇଯିବି । ବିଳମ୍ବ କରନ୍ତୁ ନାହିଁ !'' ଆଗନ୍ତୁକ କହିଲେ ।

''ତୁମେ ପୁଲିସ ବିଭାଗରେ ଯୋଗ ଦେଲ ? କୁଆଡ଼େ ଯିବା ? କିଛି କାର୍ଯ୍ୟକ୍ରମ ତ ? ଆଗରୁ ଖବର ଦେଲ ନାହିଁ ? ହଉ, ହଉ । ଯିବା ।''

''ନା, ଜେଜେ, ଆମେ ପାର୍କକୁ ଯିବା ।'' ନାତି କାନ୍ଦ କାନ୍ଦ ହୋଇ କହିଲା ।

''ଆରେ, ତୁ ହାର୍‌ମ୍ୟାନ୍‌କୁ ଚିହ୍ନି ନାହୁଁ ପରା ! ତୋ' ବାପା ଭଳି । ସିଏ ଆମର ଆଉ ଜଣେ ପୁଅ ।''

''ସାର୍, ମାଡାମ୍‌ଙ୍କୁ ଡାକନ୍ତୁ ନହେଲେ ...''

''ଡାକୁଛି, ଡାକୁଛି । ତୁମ ନିମନ୍ତ୍ରଣ ଆମେ ଅନ୍ୟଥା କରିପାରୁ ?''

''ନା, ଜେଜେ ...''

''ଚୁପ୍ ! ହାର୍‌ମ୍ୟାନ୍ ଅଙ୍କଲ କିଛି ବିଶେଷ କାର୍ଯ୍ୟକ୍ରମ ପାଇଁ ଆମକୁ ନେଇଯାଉଛନ୍ତି । ପାର୍କ ତ ଆଗାମୀ ରବିବାର ଯାଇ ପାରିବା !'' ସେ ସଂକ୍ଷେପରେ କହିଲେ ।

– ସଭିଏଁ ଘରୁ ବାହାରିଲେ । ସାମନାରେ ବିରାଟ ପୁଲିସ ଭ୍ୟାନ୍ । ଟିକିଏ କ୍ଷୁବ୍ଧ ହୋଇ ପ୍ରଫେସର ହାର୍‌ମ୍ୟାନ୍‌କୁ ପଚାରିଲେ, ''ତୁମ ନିଜ କାର୍ ଆଣିଲ ନାହିଁ ! ଏଇଟା ତ ଖୁବ୍ ସୁଖକର ହେବ ନାହିଁ । ...''

ହାର୍‌ମ୍ୟାନ୍ ସେତେବେଳକୁ ଡ୍ରାଇଭର ପାଖରେ ବସି ଗଲେଣି । ତାଙ୍କ ଅଧସ୍ତନ ପୁଲିସ ଦୁଇଜଣ ବ୍ୟାଟନ୍ ହଲାଇ ପ୍ରଫେସର, ମାଡାମ୍ ଓ ନାତିଙ୍କୁ ଭ୍ୟାନ୍‌ରେ ଭର୍ତ୍ତି କରିଦେଲେ ।

ଛଳ ଛଳ ଆଖିରେ ଅନାଇଥା'ନ୍ତି ପ୍ରଫେସରଙ୍କ ପ୍ରାକ୍ତନ ବ୍ୟକ୍ତିଗତ ସହକାରୀ ।

ଝରକା ଦେଇ ହତବାକ୍ ଦିଶୁଥିବା ପ୍ରଫେସର ତାଙ୍କୁ ଖାଲି ଏତିକି କହିପାରିଲେ – ''ତୁମେ ତା'ହେଲେ ସତରେ ମୋତେ ଚେତାବନୀ ଦେଉଥିଲ ...''

ଗାଡ଼ି ଛାଡ଼ି ଦେଲା । ବାଟରେ ଆହୁରି କେତେଜଣ ଇହୁଦୀ ନରନାରୀ ସେଥିରେ ଭର୍ତ୍ତିହେଲେ ।

ଗାଡ଼ି ସିଧା ଚାଲିଲା ନାଜି ନର୍କପୁରୀ ଆସଚଉଇଜ୍ କାରା ଶିବିରକୁ । ସେଠାରେ ଉନ୍ମୁକ୍ତ ଥିଲା ଗ୍ୟାସ୍ ଚାମ୍ବର୍ । ସେଦିନ ଅନ୍ୟ କେତେ ହଜାର ଇହୁଦୀଙ୍କ ସହ ପ୍ରଫେସର, ମାଡାମ୍ ଏବଂ ନାତି ତହିଁ ଭିତରକୁ ଠେଲା ହୋଇଗଲେ ।

ହାର୍‌ମ୍ୟାନ୍ ଫେରି ଆସିଲେ କର୍ତ୍ତବ୍ୟର ପୁନରାବୃତ୍ତି ପାଇଁ । ଏହିଭଳି ସହସ୍ର ହାର୍‌ମ୍ୟାନ୍ ସେତେବେଳେ ଏହି ଧରଣର ବୀଭତ୍ସ କର୍ମରେ ପ୍ରବୃତ୍ତ ହୋଇ ରହିଥିଲେ । ସେମାନେ ଏକଦା ଥିଲେ ମାର୍ଜିତ; ସେବେ ମଧ୍ୟ ଥିଲେ ଉଚ୍ଚଶିକ୍ଷିତ ।

କ'ଣ ସେ ଉଚ୍ଚ ଶିକ୍ଷାର ମୂଲ୍ୟ – କେତେ ତା'ର କରାମତି – ଯେତେବେଳେ ପ୍ରଚଣ୍ଡ କୁଶକ୍ତି ଜଣକ ଉପରେ ସବାର ହୁଏ ?

ସେ ଶକ୍ତି ସବାର ହୋଇପାରେ ଏକ ସମୟରେ ଅସଂଖ୍ୟ ବ୍ୟକ୍ତିଙ୍କ ଉପରେ – ଗୋଟାଏ ସମଗ୍ର ଜାତି ଉପରେ ।

ଯଦି ଜଣେ ନିଜର ଉନ୍ମୋଚିତ ଅନ୍ତର୍ଦୃଷ୍ଟି ଦ୍ୱାରା ବିରୋଧୀ ଶକ୍ତିର ଅସ୍ୱସ୍ତିକର ସଂସ୍ପର୍ଶରେ ଆସିଥିବ, ତେବେ ସେ ସେମାନଙ୍କ ବାସ୍ତବତା, ସେମାନଙ୍କ ଚରିତ୍ର ଓ ଭୂମିକା ସମ୍ପର୍କରେ କୌଣସି ସନ୍ଦେହ ପୋଷଣ କରିପାରିବ ନାହିଁ – କହିଛନ୍ତି ଶ୍ରୀଅରବିନ୍ଦ । ("The reality of the Hostile and the natue of their role and trend of their endeavour cannot be doubted by anyone who has had his inner vision unsealed and made their unpleasant acquaintance." – Sri Aurobindo)

ଦେବାସୁର ଯୁଦ୍ଧ ସମାପ୍ତ ହୋଇ ନାହିଁ । ଦ୍ୱିତୀୟ ମହାଯୁଦ୍ଧ ବେଳେ ଦିବ୍ୟଶକ୍ତିର ହସ୍ତକ୍ଷେପ ଫଳରେ ଅସୁର, ରାକ୍ଷସ, ପିଶାଚ ଶକ୍ତି ବହୁ ପରିମାଣରେ ଦୁର୍ବଳ ହୋଇଯାଇଛି । କିନ୍ତୁ ତା'ର ଦୁଷ୍କାମି ରହିଛି ଅବ୍ୟାହତ । କୌଣସି ବ୍ୟକ୍ତିକୁ କବଳିତ କରିବା ନିମନ୍ତେ ତା'ର ଅବଲମ୍ବନ ହେଲା ସେ ବ୍ୟକ୍ତିର ଅହଂ । ଆପାତତଃ ସେ ଅବଲମ୍ବନଟିର ଅଭାବ ନାହିଁ । ବ୍ୟକ୍ତିଗତ ଅହଂ ବ୍ୟକ୍ତିର କ୍ରମବିକାଶକୁ ପ୍ରତିହତ କରେ । କିନ୍ତୁ ଆଦର୍ଶ ନାମରେ, ଜାତି, ଗୋଷ୍ଠୀ ଓ ରାଜନୀତିଭିତ୍ତିକ ଅସଂଖ୍ୟ ଅହଂମେଣ୍ଟ ଆଜି ଭାରତବର୍ଷ ଭଳି ଅନନ୍ୟ ପ୍ରଜ୍ଞାସମୃଦ୍ଧ ଦେଶକୁ ହତଭାଗ୍ୟ ପର୍ଯ୍ୟାୟକୁ ଅବନମିତ କରିଛି ।

ଏହାହିଁ ଅବଶ୍ୟ ଶେଷ କଥା ନୁହେଁ – ଏହି ସତ୍ୟଟି ସାନ୍ତ୍ୱନା ।

– ମନୋଜ ଦାସ

❑❑❑

## ଶିକ୍ଷୟିତ୍ରୀ ଆବଶ୍ୟକ

ସଂପାଦକ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଭେଲୋରା, ବାଲେଶ୍ୱର ଜଣାଇଛନ୍ତି ଯେ ଏହି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ନିମ୍ନ ମାଧ୍ୟମିକ ଓ ମାଧ୍ୟମିକ ବିଭାଗରେ ଶିକ୍ଷାଦାନ ପାଇଁ ସର୍ବନିମ୍ନ ସ୍ନାତକ (Graduation) ଶିକ୍ଷାଗତ ଯୋଗ୍ୟତା ଥାଇ ଶିକ୍ଷୟିତ୍ରୀ ଆବଶ୍ୟକ । ଶିକ୍ଷୟିତ୍ରୀ ଚୟନ କ୍ଷେତ୍ରରେ ମାତୃଭକ୍ତ ପ୍ରାର୍ଥିନୀଙ୍କୁ ଅଗ୍ରାଧିକାର ଦିଆଯିବ । ଉପଯୁକ୍ତ ପ୍ରମାଣପତ୍ର ସହ ଆଗ୍ରହୀ ପ୍ରାର୍ଥିନୀ ଯଥାଶୀଘ୍ର ନିମ୍ନୋକ୍ତ ଠିକଣାରେ ଆବେଦନ କରିବାକୁ ଅନୁରୋଧ ।

ଯୋଗାଯୋଗ :

ଶ୍ରୀ ନରହରି ଭଦ୍ର, ସମ୍ପାଦକ
ଶ୍ରୀଅରବିନ୍ଦ ସାହିତ୍ୟ ମନ୍ଦିର ଓ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଭେଲୋରା
ସା./ପୋ. ଭେଲୋରା, ଭାୟା : ଅମର୍ଦ୍ଦାରୋଡ଼, ଜିଲ୍ଲା : ବାଲେଶ୍ୱର, ପିନ୍ : ୭୫୬ ୦୩୦
ଦୂରଭାଷ ଯୋଗାଯୋଗ : ସମ୍ପାଦକ : ୮୬୫୮୦ ୩୭୧୦୬
ଅଧ୍ୟକ୍ଷ : ୯୩୩୭୧ ୦୪୫୨୭

tarika

**AYURVEDIC HERBAL REMEDIES**

**Pimple / Acne Remover**

Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

**Night oil for face**

Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and*
*texture within 3 to 4 weeks.*

**Hair Vitaliser oil**

Controls hair loss and improves hair growth
*Regular use prevents hair thinning*
*and receding hair line*

**Gum oil**

Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**

Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,*
*Germany, Italy, Australia etc.*


Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com

**Vol. LVI, No. 5** **R.N.I. No. 18163/70.**
Navaprakash (Monthly), May, 2025 Registration No. PY/51/2024-26
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2024-26

**ବିଶେଷ ସୂଚନା :**

ଶ୍ରୀ ପ୍ରପତ୍ତିଙ୍କ ଜନ୍ମ ଶତବାର୍ଷିକୀ(୧୯୨୪-୨୦୨୪)ର ଶୁଭ ଅବସରରେ ପ୍ରକାଶିତ ହୋଇଛି



ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ, ଦର୍ଶନ, ଶିକ୍ଷା ତଥା ସମାଜରେ ପରିଦୃଷ୍ଟ ସମସ୍ୟାର ନିରାକରଣ ପାଇଁ ନୂତନ ଚେତନାରେ ସ୍ପନ୍ଦିତ ପ୍ରବନ୍ଧମାଳା ଉପରେ ଆଧାରିତ ଶ୍ରୀ ପ୍ରପତ୍ତିଙ୍କ ରଚନାବଳିର ଏହା ଏକ ଅଭିନବ ସଂକଳନ ।

୬୩୭ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **ଟ. ୭୦୦/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Gopal Chandra Mahana

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**